ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 43 ◆ISSUE-239 ◆TUESDAY ◆24 FEBRUARY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୩୯ ◆ମଙ୍ଗଳବାର ◆୨୪ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




'କକ୍‌ଟେଲ୍ ୨'ର କାହାଣୀ ଲିକ୍

▶ପୃଷ୍ଠା ୧୧ ଦେଖନ୍ତୁ...

## ବାଙ୍ଗିରିପୋଷିରେ ଲଜ୍ଜା

# ଗଣଦୁଷ୍କର୍ମ ପୀଡ଼ିତା ନାବାଳିକା ଗର୍ଭବତୀ

**୪ଜଣଙ୍କ ନାଁରେ ଏତଲା**

■ ବାରିପଦା, ୨୩।୨(ସମିସ): ଗଣଦୁଷ୍କର୍ମ ପୀଡ଼ିତା ଜଣେ ନାବାଳିକା ୪ ମାସର ଗର୍ଭବତୀ ହେବା ଘଟଣା ଆଜି ମୟୂରଭଞ୍ଜ ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ସୋମବାର ରାତିରେ ନାବାଳିକାଙ୍କ ପରିବାରଲୋକ ବାଙ୍ଗିରିପୋଷି ଥାନାରେ ଏନେଇ ଅଭିଯୋଗ କରିବା ପରେ ଏହି ସାଂଘାତିକ ଘଟଣା ପଦାକୁ ଆସିଛି। ପୁଲିସ ଏହାକୁ ଗୁରୁତ୍ୱର ସହ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କିନ୍ତୁ ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ଏ ସଂପର୍କରେ ବେଶି କିଛି କହିବାକୁ ମନା କରିଦେଇଛି। ନାବାଳିକାଙ୍କୁ ୪ଜଣ ଯୁବକ ଗଣଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ହୋଇଛି।

ସୂଚନାନୁଯାୟୀ, କିଛି ଦିନ ହେଲା ନାବାଳିକାଙ୍କ ମାନସିକ ଓ ଶାରୀରିକ ▶ପୃଷ୍ଠା-୭

## ଚାଷୀ ସମସ୍ୟାକୁ ନେଇ ବିଜେଡିର କଡ଼ା ପ୍ରତିବାଦ

# ଷଷ୍ଠ ଦିନରେ ବି ଗୃହ ଅଚଳ

- ରିପୋର୍ଟର ଟେବୁଲ ଉପରେ ଚଢ଼ି ବ୍ୟାନର ପ୍ରଦର୍ଶନ
- ସର୍ବଦଳୀୟ ବୈଠକରେ ବାହାରିଲାନି କୌଣସି ନିଷ୍କର୍ଷ
- ବଜେଟ ଆଲୋଚନାରେ ଭାଗ ନେଲେନି ବିରୋଧୀ



■ ଭୁବନେଶ୍ୱର, ୨୩।୨ (ସମିସ): ବିଧାନସଭାର ବଜେଟ ଅଧିବେଶନରେ ଷଷ୍ଠ ଦିନରେ ବି ଗୃହରେ ଅଚଳାବସ୍ଥା ଜାରି ରହିଛି। ରାଜ୍ୟରେ ଧାନ ବିକ୍ରି ଏବଂ ଚାଷୀ ସମସ୍ୟାକୁ ନେଇ ବିଜେଡି ଲଗାତାର ଭାବେ ନିଜର ପ୍ରତିବାଦ ଜାରି ରଖିଥିବା ବେଳେ ଏନେଇ ସମାଧାନ ରାସ୍ତା ବାହାରି ପାରୁନାହିଁ। ବିରୋଧୀ କଂଗ୍ରେସ ମଧ୍ୟ ଆଜି ଅନ୍ୟ ଏକ ପ୍ରସଙ୍ଗ ସହ ଧାନ ମଣ୍ଡି ସମସ୍ୟାକୁ ନେଇ ଗୃହରେ ହଟ୍ଟଗୋଳ କରିଛି। ସମସ୍ୟାର ସମାଧାନ ପାଇଁ ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକ ଡକାଇଥିଲେ ହେଁ ସମାଧାନର ରାସ୍ତା ବାହାରି ପାରିନାହିଁ। ସୋମବାର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନକାଳ, ଶୂନ୍ୟକାଳ, ମୁଲତବୀ ଆଲୋଚନା ହୋଇପାରି ନଥିବା ବେଳେ ବଜେଟ ଅଟକଳ ଉପରେ ସାଧାରଣ ଆଲୋଚନାରେ ବିରୋଧୀ ଭାଗ ନେଇ ନାହାନ୍ତି। ହଟ୍ଟଗୋଳ, ନାରାବାଜି, ହୋ ହଲ୍ଲା ମଧ୍ୟରେ ଗୃହ ଆଜି ମାତ୍ର ୨ ଘଣ୍ଟା ୬ ମିନିଟ ଚାଲିଥିବା ବେଳେ ବାଚସ୍ପତି ଗୃହକୁ ମଙ୍ଗଳବାର ସକାଳ ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି।

ସୋମବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡି ସଦସ୍ୟମାନେ ହାତରେ ପ୍ଲାକାର୍ଡ, ବ୍ୟାନର ଧରି ଗୃହ ମଧ୍ୟ ଭାଗକୁ ଚାଲିଆସିଥିଲେ। କଟନି ଛଟନି ବନ୍ଦ କର, ଚାଷୀ ମାରଣ ନୀତି ଚଳିବ ▶ପୃଷ୍ଠା-୭


ଭିତର ପୃଷ୍ଠାରେ...

- ଗୁଜରାଟରେ ପ୍ରେମ ବିବାହ ପାଇଁ ପିତାମାତାଙ୍କ ଅନୁମତି ଲୋଡ଼ା
- ପଶ୍ଚିମବଙ୍ଗ ରାଜନୀତିର ଚାଣକ୍ୟ ମୁକୁଲ ରୟଙ୍କ ପରଲୋକ
- ଟ୍ରାଫିକ୍ ଜାମ୍ ପାଇଁ ୧ ଲକ୍ଷ ଗାଡ଼ି ମାଲିକଙ୍କୁ ଫେରସ୍ତ ହେବ ୫ କୋଟି ଟୋଲ୍ ଟିକସ
- ଆମେରିକାରେ ତୁଷାର ଝଡ଼: ୫ ହଜାର ବିମାନ ବାତିଲ, ଅନ୍ଧାରରେ ୨ ଲକ୍ଷ ପରିବାର



SIKSHA 'O' ANUSANDHAN
SIKSHA 'O' ANUSANDHAN (DEEMED TO BE UNIVERSITY)

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ପିଲାଚୋର ସନ୍ଦେହରେ ଯୁବକଙ୍କୁ ପିଟିପିଟି ହତ୍ୟା

**ପିଲା ଚୋର ସନ୍ଦେହରେ ୨ ଅଟକ**

■ ମୋରଡ଼ା/ ରାଇରଙ୍ଗପୁର/ଗୋରୁମହିଷାଣୀ, ୨୩।୨ (ସମିସ): ପିଲା ଚୋର ସନ୍ଦେହରେ ଯୁବକଙ୍କୁ ପିଟିପିଟି ମାରିଦେଲେ। ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ଥାନା ଅଧୀନ ଡେଙ୍ଗାଷୋଳ ଲୋଧାସାହିରେ ଏହି ଘଟଣା ଘଟିଛି। ଖବର ଲେଖା ହେବା ସୁଦ୍ଧା ମୃତକଙ୍କ ପରିଚୟ ଜଣାପଡ଼ିନାହିଁ। ମୃତ ଯୁବକଜଣଙ୍କ ଜଣେ ମାନସିକ ବିକାରଗସ୍ତ ବୋଲି କୁହାଯାଉଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ୧୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ପର୍ଯ୍ୟାୟରେ ପୁଲିସ ୩ଜଣ ଗ୍ରାମବାସୀଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ▶ପୃଷ୍ଠା-୭

## ଚାଷୀଙ୍କୁ ମଣ୍ଡି ଯନ୍ତ୍ରଣା

# ଆଜି ରାଜଧାନୀରେ ଗର୍ଜିବ ବିଜେଡି

- ସମୁଦାୟ ଧାନ ଉତ୍ପାଦନର ମାତ୍ର ୩୧ ପ୍ରତିଶତ ହୋଇଛି ସଂଗ୍ରହ
- ୧୫୦ କ୍ୱିଣ୍ଟାଲରୁ ଅଧିକ ଧାନ ୩୧୦୦ ଟଙ୍କାରେ କିଣା ହେଉନି

■ ଭୁବନେଶ୍ୱର, ୨୩।୨ (ସମିସ): ରାଜ୍ୟରେ ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ପଡ଼ିଥିବା ବେଳେ ଚାଷୀକୁଳ ସମ୍ପୂର୍ଣ୍ଣ ହତାଶ ହୋଇପଡ଼ିଛନ୍ତି। ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ଓ ମହିଳା ସୁରକ୍ଷା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏନେଇ ସରକାରଙ୍କୁ ବିଜେଡି ବାରମ୍ବାର ଜବାବ ମାଗୁଥିଲେ ହେଁ ସରକାର ଉତ୍ତର ଦେବା ପରିବର୍ତ୍ତେ ନିଜର ମିଛ ସଫଳତା ବଖାଣୁଛନ୍ତି। ତେଣୁ, ଆସନ୍ତାକାଲି (ମଙ୍ଗଳବାର) ବିଜେଡି ପକ୍ଷରୁ ରାଜଧାନୀ ଭୁବନେଶ୍ୱରର ଲୋୟର ପିଏମଜିଠାରେ ଏକ ବିଶାଳ ବିକ୍ଷୋଭ କରାଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାନସଭାରେ ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ଦଳର ବରିଷ୍ଠ ▶ପୃଷ୍ଠା-୭




# ବଙ୍ଗ ରାଜନୀତିର 'ଚାଣକ୍ୟ' ମୁକୁଲ ରୟଙ୍କ ପରଲୋକ

କୋଲକାତା, ୨୩।୨(ଏଜେନ୍ସି): ପଶ୍ଚିମବଙ୍ଗ ରାଜନୀତିର ଚାଣକ୍ୟ କୁହାଯାଉଥିବା ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ପ୍ରତିଷ୍ଠାତା ସଦସ୍ୟ ତଥା ପୂର୍ବତନ କେନ୍ଦ୍ର ରେଳମନ୍ତ୍ରୀ ମୁକୁଲ ରୟ ରବିବାର ରାତିରେ ପରଲୋକଗମନ କରିଛନ୍ତି। ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ଅବସରରେ ୭୧ ବର୍ଷ ବୟସରେ ତାଙ୍କ ଦେହାନ୍ତ ହୋଇଛି। ରାତି ୧.୩୦ ସମୟରେ ହୃଦ୍‌ଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଛି। ସେ ଦୀର୍ଘଦିନ ଧରି କିଡନୀ ଜନିତ ସମସ୍ୟା ଓ ଅନ୍ୟାନ୍ୟ ଶାରୀରିକ ଅସୁସ୍ଥତା ଦେଇ ଗତି କରୁଥିଲେ। ତାଙ୍କୁ ବଙ୍ଗଳା ରାଜନୀତିର ଚାଣକ୍ୟ କୁହାଯାଉଥିଲା



ଓ ସେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅତି ନିକଟତର ଥିଲେ। ସେ ମଧ୍ୟ ତୃଣମୂଳ କଂଗ୍ରେସ ଗଠନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ସମୟରେ ଭାରତର ରେଳମନ୍ତ୍ରୀ ଓ ଜଳପଥ ପରିବହନ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୨୦୧୭ରେ ମମତାଙ୍କ ସହ ମତଭେଦ କାରଣରୁ ସେ ଟିଏମ୍‌ସି ଛାଡ଼ି ବିଜେପିରେ ଯୋଗ ଦେଇଥିଲେ। ୨୦୨୧ ନର୍ବାଚନରେ ବିଜେପି ଟିକଟ୍‌ରେ ନିର୍ବାଚନ ଲଢ଼ି ସେ କ୍ରିଷ୍ଣାନଗର ଉତ୍ତର ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତେବେ ସେ ପୁଣିଥରେ ଟିଏମ୍‌ସିକୁ ଫେରିଥିଲେ। କିନ୍ତୁ ବିଧାୟକ ପଦରୁ ଇସ୍ତଫା ଦେଇ ନଥିଲେ। ତାଙ୍କ ପୁଅ ଶୁଭ୍ରାଂଶୁ ରୟ ସୂଚନା ଦେଇଛନ୍ତି ଯେ, ସେ କିଛି ଦିନ ହେବ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ରବିବାର ବିଳମ୍ବିତ ରାତିରେ ତାଙ୍କୁ ଏକ ବଡ଼ ଧରଣର ହୃଦ୍‌ଘାତ ହୋଇଥିଲା। ଅନେକ ଚେଷ୍ଟା କରିବା ସତ୍ତ୍ୱେ ଡାକ୍ତରମାନେ ତାଙ୍କୁ ବଞ୍ଚାଇପାରି ନଥିଲେ। ମୁକୁଲ ଅନେକ ଦିନ ଧରି ସକ୍ରିୟ ରାଜନୀତିରୁ ଦୂରେଇ ରହିଥିଲେ। ତାଙ୍କ ମୃତ୍ୟୁରେ ପଶ୍ଚିମବଙ୍ଗ ରାଜନୀତିରେ ଏକ ଯୁଗର ଅନ୍ତ ଘଟିଛି ବୋଲି କହାଯାଉଛି।

# ଲାଲକିଲ୍ଲା, ଦିଲ୍ଲୀ ବିଧାନସଭାକୁ ବୋମା ଧମକ

ନୂଆଦିଲ୍ଲୀ, ୨୩।୨(ଏଜେନ୍ସି): ସୋମାବାର ଦିଲ୍ଲୀର ଦୁଇଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନ- ଲାଲକିଲ୍ଲା ଓ ବିଧାନସଭାକୁ ବୋମା ମାଡ଼ କରି ଉଡ଼ାଇ ଦେବା ପାଇଁ ଧମକପୂର୍ଣ୍ଣ ଇମେଲ୍ ଆସିଛି। ଏହି ଇମେଲ୍‌ଟି ଏକ ଖଲିସ୍ଥାନୀ ଗୋଷ୍ଠୀ ପକ୍ଷରୁ ପଠାଯାଇଥିବା ଅଭିଯୋଗ ହୋଇଛି। ଧମକ ମିଳିବା ପରେ ସୁରକ୍ଷା ଏଜେନ୍ସିଗୁଡ଼ିକ ସତର୍କତା ଅବଲମ୍ବନ କରି ବିଧାନସଭା ପରିସରରେ ବୋମା ନିଷ୍କ୍ରିୟକାରୀ ଦଳ ଓ ଡଗ୍ ସ୍କ୍ୱାଡ଼ ଦ୍ୱାରା ବ୍ୟାପକ ଯାଞ୍ଚ କରାଯାଇଛି। ବର୍ତ୍ତମାନ ସୁଦ୍ଧା କୌଣସି ସନ୍ଦେହଜନକ ବସ୍ତୁ ମିଳିନାହିଁ। ତଥାପି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏହାପୂର୍ବରୁ ଦିଲ୍ଲୀର ଧୌଲା କୁଆଁସ୍ଥିତ ଆର୍ମିକ ପବ୍ଲିକ ସ୍କୁଲ୍ ଏବଂ ଲୋଧୀ ରୋଡ୍‌ସ୍ଥିତ ଏୟାରଫୋର୍ସ ବାଲ ଭାରତୀ ସ୍କୁଲ୍‌କୁ ମଧ୍ୟ ସମାନ ଧରଣର ଧମକପୂର୍ଣ୍ଣ ଇମେଲ ମିଳିଥିଲା, ଯାହା ପରେ ସ୍କୁଲ ପରିସରକୁ ଖାଲି କରାଯାଇଥିଲା। ନିକଟ ଅତୀତରେ ଦେଶର ବିଭିନ୍ନ ସ୍ଥାନରେ ଏଭଳି ଅନେକ ମିଥ୍ୟା ବୋମା ଆତଙ୍କ ଦେଖିବାକୁ ମିଳିଛି। ସମସ୍ତ ଘଟଣାରେ ଯାଞ୍ଚ୍ କରିବା ପରେ କିଛି ମିଳି ନଥିଲେ ମଧ୍ୟ, ଏହା ସାଧାରଣ ଜନତା ଓ ପ୍ରଶାସନ ମଧ୍ୟରେ ବ୍ୟାପକ ଆତଙ୍କ ସୃଷ୍ଟି କରିଛି। ପୁଲିସ ଓ ସାଇବର ସେଲ୍‌ଫ ଏହି ଇମେଲଗୁଡ଼ିକର ଉତ୍ସ ଖୋଜିବା ପାଇଁ ତଦନ୍ତ ଜାରି ରଖିଛି।

# ଆମେରିକାରେ ପୁଣି ଶକ୍ତିଶାଳୀ ତୁଷାର ଝଡ଼

ନ୍ୟୁୟର୍କ, ୨୩।୨(ଏଜେନ୍ସି): ଆମେରିକାର ଉତ୍ତର-ପୂର୍ବ ଭାଗରେ ସୋମବାର ଏକ ଭୟଙ୍କର ଶୀତକାଳୀନ ଝଡ଼ ମାଡ଼ କରିଛି। ଫଳରେ ପାଖାପାଖି ୬ କୋଟି ଲୋକଙ୍କ ଜୀବନ ପ୍ରଭାବିତ ହୋଇଛି। ବିଶେଷ କରି ନ୍ୟୁୟର୍କ ସହର ଏହାଦ୍ୱାରା ସବୁଠାରୁ କ୍ଷତିଗ୍ରସ୍ତ ହୋଇଛି। ସ୍ଥିତିକୁ ଦୃଷ୍ଟିରେ ରଖି ମାସାଚୁସେଟ୍ସ, କନେକ୍ଟିକଟ୍, ଡେଲାୱେର, ନିଉ ଜର୍ସି ଓ ରୋଡ୍ ଆଇଲାଣ୍ଡ ଭଳି ରାଜ୍ୟଗୁଡ଼ିକରେ ଷ୍ଟେଟ୍ ଅଫ୍ ଇମରଜେନ୍ସି ଅର୍ଥାତ ଜରୁରୀ କାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ଏହି ତୁଷାର ଝଡ଼ ଦ୍ୱାରା ପ୍ରାୟ ୫, ୦୦୦ ବିମାନ ଉଡ଼ାଣ ବାତିଲ ହୋଇଛି। ନ୍ୟୁୟର୍କ ସିଟିରେ ଯାତ୍ରା ଉପରେ କଟକଣା ଲାଗୁ କରାଯାଇଛି। ଏହି ବରଫ ଝଡ଼ କାରଣରୁ ବିଦ୍ୟୁତ ସେବା ବିଚ୍ଛିନ୍ନ ହୋଇଛି। ଫଳରେ ୨ ଲକ୍ଷରୁ ଅଧିକ ପରିବାର ବିନା ବିଦ୍ୟୁତରେ ରହିବା ସହ ପ୍ରଭାବିତ ହୋଇଛନ୍ତି। ବିଶେଷଜ୍ଞମାନେ ଏହାକୁ ଗତ ଏକ ଦଶନ୍ଧିର ସବୁଠାରୁ ଶକ୍ତିଶାଳୀ ତୁଷାର ଝଡ଼ ବୋଲି ଉଲ୍ଲେଖ କରିଛି। ନ୍ୟୁୟର୍କ ସହରର ରାସ୍ତାଘାଟ ବରଫର ଏକ ମୋଟା ସ୍ତରରେ ଘୋଡ଼େଇ ହୋଇ ରହିଛ। ଅନେକ ସ୍ଥାନରେ ତୁଷାରପାତ ଜାରି ରହିଥିବାରୁ ପ୍ରଶାସନ ପକ୍ଷରୁ ଲୋକଙ୍କୁ ଘରୁ ବାହାରକୁ ନ ବାହରିବା ପାଇଁ ସତର୍କ କରାଯାଇଛି।

# ରବ୍ ଜେଟେନ୍ ନେଦରଲାଣ୍ଡସର ପ୍ରଥମ ସମଲିଙ୍ଗୀ ପ୍ରଧାନମନ୍ତ୍ରୀ

ଆମଷ୍ଟରଡମ, ୨୩।୨(ଏଜେନ୍ସି): ନେଦରଲାଣ୍ଡସ ରାଜନୀତିରେ ଐତିହାସିକ ପରିବର୍ତ୍ତନ ଘଟିଛି। ରବ୍ ଜେଟେନ ଦେଶର ସବୁଠାରୁ କମ୍ ବୟସ୍କ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ୩୮ ବର୍ଷୀୟ ଜେଟେନ ସୋମବାର ନେଦରଲାଣ୍ଡସର ପ୍ରଦାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ସେ କେବଳ ଦେଶର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ନୁହନ୍ତି; ବରଂ ଦେଶର ପ୍ରଥମ ସମଲିଙ୍ଗୀ ପ୍ରଧାନମନ୍ତ୍ରୀ। ତାଙ୍କ ପୂର୍ବରୁ ୧୯୮୨ରେ ରୁଡ ଲବର୍ସ ୪୩ ବର୍ଷ ବୟସରେ ପ୍ରଧାନମନ୍ତ୍ରୀ ହୋଇ ଏହି ରେକର୍ଡ କରିଥିଲେ। ଜେଟେନ ହେଉଛନ୍ତି, ମଧ୍ୟପନ୍ଥୀ ଓ ୟୁରୋପୀୟ



ସମର୍ଥକ ଦଳ ଡେମୋକ୍ରାଟ୍ସ ୬୬ର ନେତା। ସେ ୨୦୧୭ ମସିଆରେ ପ୍ରଥମଥର ପାଇଁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ଜେଟେନ ହେଉଛନ୍ତି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଯିଏ ନିଜକୁ ସମଲିଙ୍ଗୀ ଭାବେ ସର୍ବସମ୍ମୁଖରେ ଘୋଷଣା କରି ସମସ୍ତଙ୍କୁ ଚକିତ କରିଥିଲେ। ତାଙ୍କ ସାଥୀ ହେଉଛନ୍ତି ଆର୍ଜେଣ୍ଟିନା ହକି ତାରକା ନିକୋଲାସ କିନାନ୍, ଯିଏ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତିଥିଲେ। ନେଦରଲାଣ୍ଡସ ସଂସଦରେ ମୋଟ୍ ୧୫୦ଟି ଆସନ ଅଛି।



# ମୁମ୍ବଇ-ପୁଣେ ଏକ୍ସପ୍ରେସ ହାଇୱେରେ ୩୩ ଘଣ୍ଟାର ଟ୍ରାଫିକ ଜାମ୍

ମୁମ୍ବଇ, ୨୩।୨(ଏଜେନ୍ସି): ମୁମ୍ବଇ-ପୁଣେ ଏକ୍ସପ୍ରେସ ହାଇୱେରେ ଏକ ଗ୍ୟାସ ଟ୍ୟାଙ୍କର ଓଲଟିବା କାରଣରୁ ହୋଇଥିବା ଭୟଙ୍କର ଟ୍ରାଫିକ ଜାମ୍‌ରେ ଫସିଥିବା ପ୍ରାୟ ଏକ ଲକ୍ଷରୁ ଅଧିକ ଗାଡ଼ି ମାଲିକଙ୍କୁ ଟୋଲ ଟିକସ ଫେରସ୍ତ କରିବାକୁ ମହାରାଷ୍ଟ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଫେବୃଆରୀ ୩ରେ ଖୋପୋଲି ନିକଟରେ ଏକ ଗ୍ୟାସ ଟ୍ୟାଙ୍କର ଓଲଟି ପଡ଼ିବା କାରଣରୁ ଏକ୍ସପ୍ରେସ ହାଇୱେ ୩୩ ଘଣ୍ଟା ଧରି ଜାମ୍ ରହିଥିଲା ଓ ଯାନବାହାନ

**୧ ଲକ୍ଷ ଗାଡ଼ି ମାଲିକଙ୍କୁ ୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟୋଲ୍ ଟିକସ ଫେରସ୍ତ କରାଯିବ**

ଚଳାଚଳ ବନ୍ଦ ରହିଥିଲା। ଏହି ଜାମ୍ କାରଣରୁ ହଜାର ହଜାର ଯାତ୍ରୀ କିମି କିମି ଧରି ରାସ୍ତରେ ଫସି ରହିଥିଲେ। ଖାଦ୍ୟ ଓ ପାଣି ଭଳି ଅତି ଅତ୍ୟାବଶକୀୟ ଜିନିଷ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏଥିପାଇଁ ପ୍ରାୟ ଏକ ଲକ୍ଷ ଗାଡ଼ି ମାଲିକଙ୍କୁ ସମୁଦାୟ ୫ କୋଟି ୧୬ ଲକ୍ଷ ଟଙ୍କା ଟୋଲ ବାବଦକୁ ଫେରସ୍ତ କରାଯିବ। ଦୁର୍ଘଟଣା ପରେ ସରକାର ଟୋଲ ଆଦାୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ, କିନ୍ତୁ ଅନେକ ଯାତ୍ରୀଙ୍କ ଫାଷ୍ଟଟ୍ୟାଗ୍ ଆକାଉଣ୍ଟରୁ ସ୍ୱୟଂଚାଳିତ ଭାବେ ଟଙ୍କା କଟିଯାଇଥିଲା। ସରକାରଙ୍କ ଅନୁଯାୟୀ, ଆସନ୍ତା କିଛି ଦିନ ମଧ୍ୟରେ ଏହି ଟଙ୍କା ସିଧାସଳଖ ସମ୍ପୃକ୍ତ ଗାଡ଼ି ମାଲିକଙ୍କ ଫାଷ୍ଟଟ୍ୟାଗ୍ ଆକାଉଣ୍ଟରେ ଜମା ହୋଇଯିବ। ଏବେ କେଉଁ ସମୟରେ ଓ କେଉଁ ଗାଡ଼ିଗୁଡିକ ଜାମରେ ଫସିଥିବା ବେଳେ ଟୋଲ କଟିଛି ତାହାର ଯାଞ୍ଚ୍ କରାଯାଉଛି।

# ପ୍ରେମ ବିବାହ ପାଇଁ ପିତାମାତାଙ୍କୁ ସୂଚନା ଦେବାକୁ ବାଧ୍ୟ

ଅହମ୍ମଦାବାଦ, ୨୩।୨(ଏଜେନ୍ସି): ଗୁଜରାଟ ସରକାର ବିବାହ ପଞ୍ଜିକରଣ ନିୟମରେ ଏକ ବଡ଼ ପରିବର୍ତ୍ତନ ପାଇଁ ପ୍ରସ୍ତାବ ଦେଇଛନ୍ତି। ଏହି ନୂଆ ନିୟମ ଅନୁଯାୟୀ, ଯେକୌଣସି ପୁରୁଷ ଓ ମହିଳା ଯଦି ନିଜ ଇଚ୍ଛାରେ ଅର୍ଥାତ ପ୍ରେମ ବିବାହ କରିବାକୁ ଚାହୁଁଛନ୍ତି, ତେବେ ସେମାନଙ୍କୁ ନିଜ ପିତାମାତାଙ୍କୁ ଏ ବିଷୟରେ ଜଣାଇବାକୁ ପଡ଼ିବ। ବିବାହ ପଞ୍ଜିକରଣ ସମୟରେ ବର ଓ କନ୍ୟାଙ୍କୁ ଏକ ଶପଥ ପତ୍ର ଦେବାକୁ ପଡ଼ିବ ଯେ, ସେମାନେ ନିଜ ବିବାହ ବିଷୟରେ ନିଜ ପିତାମାତାଙ୍କୁ ଜଣାଇଛନ୍ତି କି ନାହିଁ। ବିବାହ ଆବେଦନ କରିବାରୁ ୧୦ ଦିନ ମଧ୍ୟରେ ସରକାରୀ କର୍ତ୍ତୃପକ୍ଷ ଉଭୟ ବର ଓ କନ୍ୟାଙ୍କ ପିତାମାତାଙ୍କୁ ଏ ବିଷୟରେ ବିଧିବଦ୍ଧ ଭାବେ ସୂଚନା ଦେବେ। ଆବେଦନକାରୀଙ୍କୁ ସେମାନଙ୍କ ପିତାମାତଙ୍କ ଠିକଣା, ଆଧାର କାର୍ଡ ଓ ଫୋନ ନମ୍ବର ପ୍ରଦାନ କରିବାକୁ ହେବ। ସମସ୍ତ ପ୍ରକାର ଯାଞ୍ଚ ଶେଷ ହେବା ପରେ ୩୦ ଦିନ ପରେ ବିବାହ ପ୍ରମାଣପତ୍ର ଜାରି କରାଯିବ। ଗୁଜରାଟ ଗୃହମନ୍ତ୍ରୀ ହର୍ଷ ସାଙ୍ଗଭୀ କହିଛନ୍ତି ଯେ, ସରକାର ପ୍ରେମର ବିରୋଧୀ ନୁହନ୍ତି। କିନ୍ତୁ ପ୍ରତାରଣ କରି କରାଯାଉଥିବା ବିବାହ ଓ 'ଲଭ ଜିହାଦ୍' ଭଳି ଘଟଣାକୁ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଉଛି। ନିରୀହ ଝିଅମାନଙ୍କୁ ପ୍ରେମ ଜାଲରେ ଫସାଯାଉଥିବାରୁ ଏହାକୁ ରୋକିବା ପାଇଁ ପିତାମାତା ଅବଗତ ହେବା ନିହାତି ଜରୁରୀ। ଏବେ ଗୁଜରାଟ ସରକାରଙ୍କ ଏହି ପ୍ରସ୍ତାବିତ ନିୟମ ଉପରେ ଜନସାଧାରଣଙ୍କ ମତ ପାଇଁ ୩୦ ଦିନର ସମୟ ଦିଆଯାଇଛି। ଲୋକଙ୍କ ମତାମତ ଓ ଆଇନଗତ ପରାମର୍ଶ ପରେ ହିଁ ସରକାର ଏହାକୁ ଚୂଡାନ୍ତ ରୂପ ଦେବେ। ସମାଲୋଚକ ଓ ଆଇନ ବିଶେଷଜ୍ଞମାନେ ଏହି ପ୍ରସ୍ତାବକୁ ବ୍ୟକ୍ତିଗତ ସ୍ୱାଧୀନତାର ଉଲ୍ଲଂଘନ ବୋଲି କହୁଛନ୍ତି। ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ୨୦୧୮ ର ଐତିହାସିକ 'ହାଦିଆ' ମାମଲାର ଉଦାହରଣ ଦିଆଯାଉଛି। ସୁପ୍ରିମକୋର୍ଟ କହିଥିଲେ ଯେ, ଜଣେ ବୟସ୍କ ବ୍ୟକ୍ତି ନିଜ ପସନ୍ଦର ଜୀବନସାଥୀ ବାଛିବା ପାଇଁ ସମ୍ପୂର୍ଣ୍ଣ ସ୍ୱାଧୀନ। ଏହା ସମ୍ବିଧାନ ଧାରା ୨୧ ଅନ୍ତର୍ଗତ ଏକ ମୌଳିକ ଅଧିକାର। ବିବାହ ଏକ ବ୍ୟକ୍ତିଗତ ନିଷ୍ପତ୍ତି ଓ ଏଥିରେ ରାଜ୍ୟ କିମ୍ବା ମାତାପିତାଙ୍କ ହସ୍ତକ୍ଷେପ କରିବାର ଅଧିକାର ନାହିଁ। ପିତାମାତାଙ୍କୁ ସୁରକ୍ଷା ଅଧିକାର ମିଳିପାରେ, କିନ୍ତୁ ସେମାନେ ଜଣେ ବୟସ୍କଙ୍କ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇପାରିବେ ନାହିଁ।

# ତାମିଲନାଡୁ ଏସ୍‌ଆଇଆର୍‌ରେ କଟିଲେ ୭୦ ଲକ୍ଷ

ଚେନ୍ନଇ, ୨୩।୨ (ଏଜେନ୍ସି): ତାମିଲନାଡୁରେ ସୋମବାର ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର)ର ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି। ଏସଆଇଆର ପରେ ଏହି ତାଲିକାରୁ ପ୍ରାୟ ୭୦ ଲକ୍ଷ ଭୋଟରଙ୍କୁ ହଟାଇ ଦିଆଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ସିଇଓ ଅର୍ଚ୍ଚନା ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି। ଆଜି ସକାଳେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ନିଜ ନିଜ ଜିଲ୍ଲାର ତାଲିକା ଜାରି କରିଥିଲେ। ପରେ ସିଇଓ ସାମ୍ବାଦିକ ସମ୍ମିଳନୀ କରିଥିଲେ। ସେ କହିଥିଲେ ଯେ ଏବେ ରାଜ୍ୟରେ ୫, ୬୭, ୦୭, ୩୮୦ ଭୋଟର ଅଛନ୍ତି। ଏମାନଙ୍କ ମଧ୍ୟରେ ୨, ୭୭, ୩୮, ୯୩୫ ପୁରୁଷ ଏବଂ ୨, ୮୯, ୬୦, ୮୩୫ ମହିଳା ସାମିଲ ଅଛନ୍ତି। ଗତ ବର୍ଷ ଡିସେମ୍ବର ୧୯ରୁ ଜାନୁଆରୀ ୩୦ ପର୍ଯ୍ୟନ୍ତ ଚାଲିଥିବା ଦାବି ଏବଂ ଆପତ୍ତି ଦାଖଲ ଅବଧିରେ ୨୭, ୫୩, ୭୯୬ ଜଣଙ୍କୁ ତାଲିକାରେ ସାମିଲ କରାଯାଇଥିଲା। ସୋଲିଙ୍ଗନାଲୁର ବିଧାନସଭା କ୍ଷେତ୍ରରେ ସର୍ବାଧିକ ୫, ୩୬, ୯୯୧ ଭୋଟର ଏବଂ ହାର୍ବରରେ ସର୍ବନିମ୍ନ ୧, ୧୬, ୮୯୬ ଭୋଟର ଅଛନ୍ତି। ଗତ ବର୍ଷ ଡିସେମ୍ବରରେ ଜାରି ଚିଠା ଭୋଟର ତାଲିକାରୁ ୯୭.୩ ଲକ୍ଷ ତଥା ୧୫ ପ୍ରତିଶତ ଭୋଟରଙ୍କୁ ହଟାଇ ଦିଆଯାଇଥିଲା।



## ସେନା ଗୁଳିରେ ଡ୍ରଗ୍ ମାଫିଆ ନିହତ

# ମେକ୍ସିକୋରେ ବ୍ୟାପକ ହିଂସା

ମେକ୍ସିକୋ ସିଟି, ୨୩।୨(ଏଜେନ୍ସି): କେନ୍ଦ୍ର ଆମେରିକୀୟ ଦେଶ ମେକ୍ସିକୋର ସବୁଠାରୁ ବଡ଼ ତଥା ଶକ୍ତିଶାଳୀ ଡ୍ରଗ୍ ମାଫିଆ 'ଏମ୍ ମେଞ୍ଚୋ' ସେନା ଗୁଳିରେ ନିହତ ହୋଇଛି। ତା'ର ପ୍ରକୃତ ନାମ ହେଉଛି ନେମେସିଓ ଓସେଗୁଏରା ସର୍ଭାଣ୍ଟେସ୍। ସେନା ଗୁଳିରେ ସେ ପ୍ରାଣ ହରାଇଥିବା ନେଇ ମେକ୍ସିକୋ ସରକାର ସୂଚନା ଦେଇଛନ୍ତି। ସରକାର ନିଶ୍ଚିତ କରିଛନ୍ତି ଯେ ସେମାନଙ୍କ ସୁରକ୍ଷା ବାହିନୀ ଏହି ମୋଷ୍ଟ ୱାଣ୍ଟେଡ୍ ଡ୍ରଗ୍ ମାଫିଆ ମୁଖ୍ୟକୁ ନିପାତ କରିଛି। ଏହି ଘଟଣା ପରେ ଦେଶର ଅନେକ ରାଜ୍ୟରେ ଏମ୍ ମେଞ୍ଚୋର ସମର୍ଥକମାନେ ବ୍ୟାପକ ହିଂସାକାଣ୍ଡ ଘଟାଇଛନ୍ତି। ସେମାନେ ରାସ୍ତରେ ବସ୍ ଓ ଗାଡ଼ିଗୁଡିକୁ ପୋଡ଼ି ଦେଇଛନ୍ତି। ଅନେକ ସହରରେ ସ୍କୁଲ ଓ କଲେଜ ବନ୍ଦ ରଖାଯାଇଛି ଏବଂ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ହିଂସାକାଣ୍ଡ ବେଳେ ପର୍ଯ୍ୟଟକମାନେ ଭୟଭୀତ ହୋଇ ଏଣେତେଣେ ଦୌଡ଼ାଦୌଡ଼ି କରୁଥିବାର ଭିଡ଼ିଓ ଭାଇରାଲ ହୋଇଛି। ମେକ୍ସିକୋ ସରକାର ଜନସାଧାରଣଙ୍କୁ ଘରୁ ବାହରକୁ ନ ବାହରିବା ପାଇଁ ପରାମର୍ଶ ଦେଇଛନ୍ତି। ଏଲ ମେଞ୍ଚୋ ମେକ୍ସିକୋର ଅନ୍ୟତମ ଶକ୍ତିଶାଳୀ 'ଜାଲିସ୍କୋ ନିଉ ଜେନେରେସନ କାର୍ଟେଲ' (ସିଜେଏନ୍‌ଜି)ର ନେତା ଥିଲା। ଆମେରିକା ତା'ର ମୁଣ୍ଡ ପାଇଁ ୧୫ ମିଲିଅନ ଡଲାର ଅର୍ଥାତ ୧୨୫ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଥିଲା। ସେ ବହୁ ବର୍ଷ ଧରି ଗିରଫଦାରୀରୁ ବର୍ତ୍ତି ଆସୁଥିଲା। ମେକ୍ସିକୋର ତାଲିସ୍କୋ ରାଜ୍ୟର ଟାପାଲ୍‌ପା ଅଞ୍ଚଳରେ ମେକ୍ସିକୋ ସେନା ଏହି ଅପରେସନ କରି ଲକ୍ଷ୍ୟ ପୂରଣ କରିଥିଲା। ଏହି ଅପରେସନ ସମୟରେ ହୋଇଥିବା ଗୁଳି ବିନିମୟରେ





ଏଲ୍ ମେଞ୍ଚୋ ଗୁରୁତର ଭାବେ ଆହତ ହୋଇଥିଲା। ଚିକିତ୍ସା ପାଇଁ ତାକୁ ମେକ୍ସିକୋ ସିଟିକୁ ଏୟାର ଲିଫ୍ଟ କରାଯାଉଥିବା ସମୟରେ ରାସ୍ତାରେ ତା'ର ମୃତ୍ୟୁ ଘଟିଥିଲା ବୋଲି ସରକାରୀ ଭାବେ ନିଶ୍ଚିତ କରାଯାଇଛି। ଏହି ଅପରେସନରେ ଆମେରିକାର ଗୁଇନ୍ଦା ସଂସ୍ଥା ମଧ୍ୟ ମେକ୍ସିକୋ ସେନାକୁ ସହାୟତା ପ୍ରଦାନ କରିଥିବା ସୂଚନା ମିଳିଛି। ଏହି ଅପରେସନରେ ଏଲ୍ ମେଞ୍ଚୋର ୧୨ ଜଣ କାର୍ଟେଲ ସଦସ୍ୟ ମଧ୍ୟ ମୃତ୍ୟୁବରଣ କରିଛନ୍ତି। ଏଥିରେ ସେନାର ୩ ଜଣ ସଦସ୍ୟ ମଧ୍ୟ ଆହତ ହୋଇଛନ୍ତି। ବହୁ ପରିମାଣରେ ଅସ୍ତ୍ରଶସ୍ତ୍ର ଓ ରକେଟ ଲଞ୍ଚର ଜବତ କରାଯାଇଛି। ମେକ୍ସିକୋ ସେନାର ଏହି କାର୍ଯ୍ୟାନୁଷ୍ଠାନକୁ ଆମେରିକା ପ୍ରଶଂସା କରିଛି। ଏହାକୁ ମେକ୍ସିକୋ ଓ ବିଶ୍ୱ ପାଇଁ ଏକ ବଡ଼ ବିଜୟ ବୋଲି ଆମେରିକା ତରଫରୁ କୁହାଯାଇଛି। ମେକ୍ସିକୋରରେ ବଢୁଥିବା ହିଂସାକୁ ଦୃଷ୍ଟିରେ ରଖି ଭାରତୀୟ ଦୂତାବାସ ସେଠାରେ ରହୁଥିବା ଭାରତୀୟ ନାଗରିକଙ୍କ ପାଇଁ ସତର୍କ ସୂଚନା ଜାରି କରିଛନ୍ତି।

୫୯ ବର୍ଷୀୟ ଏମ୍ ମେଞ୍ଚୋ ମୂଳତଃ ବିଚୋଆକାନ ଅଞ୍ଚଳର। ସେ ୯୦ ଦଶକରୁ ଡ୍ରଗ୍ସ କାରବାରରେ ଜଡ଼ିତ ରହି ଆସିଥିଲା। ସେ ଆମେରିକାରେ ହେରୋଇନ ଚାଲାଣ ପାଇଁ ୩ ବର୍ଷ ଜେଲ ଦଣ୍ଡ ଭୋଗିଥିଲା। ଜେଲରୁ ଫେରିବା ପରେ ସେ ୨୦୦୭ରେ 'ଜାଲିସ୍କୋ ନିଉ ଜେନେରେସନ କାର୍ଟେଲ' ଗଠନ କରିଥିଲା। ଏହି କାର୍ଟେଲ ଡ୍ରୋନ ବୋମା, ଲ୍ୟାଣ୍ଡମାଇନ୍ ଓ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବା ପାଇଁ ଜଣାଶୁଣା। ଏହା ଆମେରିକାକୁ ଫେଣ୍ଟାନିଲ ଓ କୋକେନ ଯୋଗାଉଥିବା ପ୍ରମୁଖ ଗୋଷ୍ଠୀ ମଧ୍ୟରୁ ଅନ୍ୟତମ। ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ନେବାଉମ୍ ଜନସାଧାରଣଙ୍କୁ ଶାନ୍ତି ବଜାୟ ରଖିବା ପାଇଁ ଅନୁରୋଧ କରିଛନ୍ତି ଓ ସବୁ ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରକ୍ଷା କରାଯାଉଥିବା କହିଛନ୍ତି।

# ଇରାନ ବିଶ୍ୱବିଦ୍ୟାଳୟରେ ପୁଣି ସରକାର-ବିରୋଧୀ ବିକ୍ଷୋଭ

ତେହେରାନ, ୨୩।୨(ଏଜେନ୍ସି): ଇରାନର ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡ଼ିକରେ ବ୍ୟାପକ ସରକାର ବିରୋଧୀ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜଧାନୀ ତେହେରାନ ସମେତ ସାରା ଦେଶରେ ସରକାର ବିରୋଧୀ ଆନ୍ଦୋଳନ ପୁଣି ଥରେ ତେଜିଛି। ସ୍ଥିତି ସମ୍ବେଦନଶୀଳ ହୋଇଥିବାରୁ ଭାରତୀୟ ଦୂତାବାସ ସେଠାରେ ରହୁଥିବା ସମସ୍ତ ଭାରତୀୟ ନାଗରିକଙ୍କ ପାଇଁ 'ତୁରନ୍ତ ଦେଶ ଛାଡ଼ିବା' ପାଇଁ ନିର୍ଦ୍ଦେଶନାମା ଜାରି କରିଛି। ଇରାନର ଶରୀଫ ବିଶ୍ୱବିଦ୍ୟାଳୟ, ଅମିରକବୀର ବିଶ୍ୱବିଦ୍ୟାଳୟ ଓ ତେହେରାନ ବିଶ୍ୱବିଦ୍ୟାଳୟରେ ଶତାଧିକ ଛାତ୍ରଛାତ୍ରୀ ସରକାର ବିରୋଧୀ ସ୍ଲୋଗାନ ଦେଇ ଶୋଭାଯାତ୍ରା କରିଛନ୍ତି। ସରକାର ବିରୋଧୀ ଛାତ୍ର ଓ ସରକାର ସମର୍ଥକ (ବାର୍ସିଜ ମିଲିସିଆ) ଗୋଷ୍ଠୀ ମଧ୍ୟରେ ଅନେକ ସ୍ଥାନରେ ଧସ୍ତାଧସ୍ତି ଓ ସଂଘର୍ଷ ଘଟିଛି। ସରକାର ସମର୍ଥକମାନେ ଆମେରିକା ଓ ଇସ୍ରାଏଲ ପତକା ଜଳାଇ ପ୍ରତିବାଦ କରିଛନ୍ତି। ରିପୋର୍ଟ ଅନୁଯାୟୀ, ହଜାର ହଜାର ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ଗିରଫ କରାଯାଇଛି। ପୂର୍ବରୁ ଜାନୁଆରୀ ମାସରେ ହୋଇଥିବା ବିକ୍ଷୋଭରେ ହଜାର ହଜାର ଲୋକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଇରାନରେ ଥିବା ଭାରତୀୟ ଛାତ୍ର, ତୀର୍ଥଯାତ୍ରୀ, ବ୍ୟବସାୟୀ ଓ ପର୍ଯ୍ୟଟକଙ୍କୁ ଉପଲବ୍ଧ ଯେକୌଣସି ପରିବହନ ମାଧ୍ୟମ (ବିମାନ କିମ୍ବା ସଡ଼କ ପଥ) ବ୍ୟବହାର କରି ତୁରନ୍ତ ଦେଶ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୁଣି ବିକ୍ଷୋଭ ଚାଲିଥିବା ସ୍ଥାନକୁ ନ ଯିବାକୁ ଓ ନିଜର ପରିଚୟପତ୍ର ଓ ପାସପୋର୍ଟ ସବୁବେଳେ ପାଖରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଭାରତୀୟ ଦୂତାବାସରେ ପଞ୍ଜିକରଣ କରିନାହାନ୍ତି, ସେମାନେ ତୁରନ୍ତ ଅନ୍‌ଲାଇନ୍‌ରେ ପଞ୍ଜିକରଣ କରନ୍ତୁ ବୋଲି କୁହାଯାଇଛି।

# ନେପାଳରେ ନଦୀକୁ ଖସିଲା ବସ୍; ୧୮ ଯାତ୍ରୀ ମୃତ

କାଠମାଣ୍ଡୁ, ୨୩।୨(ଏଜେନ୍ସି): ନେପାଳର ଧାଦିଙ୍ଗ ଜିଲ୍ଲାରେ ରବିବାର ବିଳମ୍ବିତ ରାତିରେ ଏକ ଭୟଙ୍କର ବସ୍ ଦୁର୍ଘଟଣା ଘଟିଛି। ଏକ ଯାତ୍ରୀବାହୀ ବସ ତ୍ରିଶୂଳୀ ନଦୀକୁ ଖସି ପଡ଼ିବା ଫଳରେ ଅତିକମ୍‌ରେ ୧୮ ଜଣଙ୍କର ମୃତ୍ୟୁ ଘଟିଛି ଓ ୨୬ ଜଣ ଆହତ ହୋଇଛନ୍ତି। ଦୁର୍ଘଟଣାଟି ରାତି ପ୍ରାୟ ୧.୩୦ ସମୟରେ ଧାଦିଙ୍ଗ ଜିଲ୍ଲାର ଗୋରାଙ୍ଗ ଅଞ୍ଚଳରେ ଘଟିଥିଲା। ଏହି ବସ୍ ପୋଖରାରୁ ରାଜଧାନୀ କାଠମାଣ୍ଡୁ ଅଭିମୂଖେ ଯାତ୍ରା କରୁଥିଲା। ଚାଳକ ନିୟନ୍ତ୍ରଣ ହରାଇବାରୁ ବସ୍‌ଟି ରାସ୍ତାରୁ ତଳକୁ ନଦୀକୁ ଖସି ପଡ଼ିଥିଲା। ମୃତକଙ୍କ ମଧ୍ୟରେ ୧୨ ଜଣ ପୁରୁଷ ଓ ୬ ଜଣ ମହିଳା ଅଛନ୍ତି। ଦୁଇଜଣ ବିଦେଶୀ ନାଗରିକ ମଧ୍ୟ ପ୍ରାଣ ହରାଇଛନ୍ତି। ସେମାନଙ୍କର ପରିଚୟ ମିଳିପାରିନାହିଁ। ବସ୍‌ରେ ସମୁଦାୟ ୪୪ଜଣ ଯାତ୍ରୀ ଥିଲେ। ନେପାଳ ସଶସ୍ତ୍ର ପୁଲିସ ବଳ (ଏପିଏଫ୍) ଦ୍ୱାରା ଉଦ୍ଧାର କର୍ଯ୍ୟ ଜାରି ରହିଛି। ଆହତ ହୋଇଥିବା କେତେଜଣ ଯାତ୍ରୀ ଗୁରୁତର ଥିବାରୁ ମୃତ୍ୟୁ ସଂଖ୍ୟା ବୃଦ୍ଧିପାଇଛି।

# ତେଜସ୍ ଉଡ଼ାଣ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଲା ବାୟୁସେନା

ନୂଆଦିଲ୍ଲୀ, ୨୩।୨(ଏଜେନ୍ସି): ଚଳିତ ମାସ ପ୍ରାରମ୍ଭରେ ଏକ ଦୁର୍ଘଟଣା ପରେ ଭାରତୀୟ ବାୟୁସେନା (ଆଇଏଏଫ୍) ତା'ର ସମସ୍ତ ୩୦ଟି ସିଙ୍ଗଲ- ସିଟର ତେଜସ୍ (ତେଜସ୍ ଏଲ୍‌ସିଏ)



ବିମାନର ଉଡ଼ାରଣକୁ ସାମୟିକ ଭାବେ ବନ୍ଦ କରିଦେଇଛି। ଏହି ବିମାନଗୁଡ଼ିକର ଏବେ ପୁଙ୍ଖାନୁପୁଙ୍ଖ ଭାବେ ବୈଷୟିକ ଯାଞ୍ଚ କରାଯିବ। ତେଜସର ଏହି ଦୁର୍ଘଟଣାକୁ ଦୃଷ୍ଟିରେ ରଖି ବାୟୁସେନା ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଏକ ନିୟମିତ ତାଲିମ ଉଡ଼ାଣ ସାରି ଫେରୁଥିବା ତଥା ଅବତରଣ ସମୟରେ ତେଜସ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ବିମାନରେ ବହୁତ କ୍ଷୟକ୍ଷତି ହୋଇଥିଲେ ମଧ୍ୟ ପାଇଲଟ ଜଣକ ସୁରକ୍ଷିତ ଭାବେ ବାହାରି ଆସିଛନ୍ତି। ଏହି ଘଟଣା ଫେବୃଆରୀ ୭ରେ ଘଟିଛି ଓ ଏବେ ଏହା ସାମ୍ନାକୁ ଆସିଛି। ଲ୍ୟାଣ୍ଡିଂ କରିବା ମାତ୍ରେ ପାଇଲଟ୍ ବ୍ରେକ ଲଗାଇଥିଲେ। କିନ୍ତୁ ବ୍ରେକ କାମ ନ କରିବାରୁ ବିମାନଟି ରନୱେ ବାହାରକୁ ଚାଲିଯାଇଥିଲା। ପ୍ରାଥମିକ ତଦନ୍ତରୁ ଏହା ଏକ ବୈଷୟିକ ତ୍ରୁଟି ବୋଲି ଜଣାପଡ଼ିଛି। ବାୟୁସେନାରେ ସାମିଲ ହେବା ପରଠାରୁ ଏହା ହେଉଛି ତୃତୀୟ ତେଜସ ବିମାନ ଯାହା ଦୁର୍ଘଟଣାର ଶିକାର ହୋଇଛି। ୨୦୨୪ ମାର୍ଚ୍ଚରେ ରାଜସ୍ଥାନର ଜୈସାଲମେରରେ ନିକଟରେ ତେଜସ ବିମାନର ପ୍ରଥମ ଦୁର୍ଘଟଣା ହୋଇଥିଲା। ଏଥିରେ ପାଇଲଟ ସୁରକ୍ଷିତ ଥିଲେ। ଏହାପରେ ୨୦୨୫ ନଭେମ୍ବରରେ ଦୁବାଇ ଏୟାର ଶୋ' ଅବସରରେ ଦ୍ୱିତୀୟ ଦୁର୍ଘଟଣା ଘଟିଥିଲା ଓ ଏଥିରେ ପାଇଲଟଙ୍କର ମୃତ୍ୟୁ ହୋଇଥିଲା। ଶେଷରେ ୨୦୨୬ ଫେବୃଆରୀରେ ସାମ୍ପ୍ରତିକ ଘଟଣା ଘଟିଥିଲା। ଏଥିରେ ଅବଶ୍ୟ ପାଇଲଟ ସୁରକ୍ଷିତ ରହିଛନ୍ତି। ଏହି ଦୁର୍ଘଟଣା ଏପରି ଏକ ସମୟରେ ଘଟିଛି ଯେତେବେଳେ ତେଜସ ଏମ୍‌କେ୧ଏର ବିତରଣ ପ୍ରାୟ ଦୁଇବର୍ଷ ବିଳମ୍ବରେ ଚାଲିଛି। ବାୟୁସେନା ଏହି ନୂଆ ବିମାନଗୁଡ଼ିକର ଯାଞ୍ଚ ଏପ୍ରିଲ ମାସରେ କରିବ। ଯଦି ସବୁ ପରୀକ୍ଷଣ ସଫଳ ହୁଏ, ତାପରେ ଯାଇ ଏହାକୁ ସେନାରେ ସାମିଲ କରାଯିବ।

# ଦେଶରେ ପ୍ରଥମ: ଆତଙ୍କବାଦ ଦମନ ପାଇଁ 'ପ୍ରହାର'

ନୂଆଦିଲ୍ଲୀ, ୨୩।୨ (ଏଜେନ୍ସି): ଭାରତର ପ୍ରଥମ ଜାତୀୟ ଆତଙ୍କବାଦ ବିରୋଧୀ ନୀତି ଜାରି ହୋଇଛି। ଏହାର ନାମ 'ପ୍ରହାର' ରଖାଯାଇଛି। ଆଠ ପୃଷ୍ଠାର ଏହି ନୀତିରେ ଆତଙ୍କବାଦୀ ଆକ୍ରମଣ ରୋକିବାକୁ ବିଶେଷ ଧ୍ୟାନ ଦିଆଯାଇଛି। ଏହା ସହିତ ବିପଦକୁ ଦେଖି ଦ୍ରୁତ ଏବଂ ସନ୍ତୁଳନ ରକ୍ଷାକରି କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ସୋମବାର ଜାରି ଏହି ନୀତିର ପ୍ରଥମ ପୃଷ୍ଠାର ଉପକ୍ରମରେ ପ୍ରହାରର ସମ୍ପୂର୍ଣ୍ଣ ଅର୍ଥ ରହିଛି। ଉପକ୍ରମରେ କୁହାଯାଇଛି ଯେ କିଛି ପଡ଼ୋଶୀ ରାଷ୍ଟ୍ର ଆତଙ୍କବାଦୀଙ୍କୁ ସରକାରୀ ନୀତର ଅଂଶ ଭାବେ ଅସ୍ତ୍ର ପରି ବ୍ୟବହାର କରୁଛନ୍ତି। ଏହା ସତ୍ତ୍ୱେ ବି ଆତଙ୍କବାଦକୁ ଭାରତ କୌଣସି ଧର୍ମ, ଜାତି, ଦେଶ କିମ୍ବା ସଭ୍ୟତା ସହ ଯୋଡ଼ି ଦେଖୁନାହିଁ। ଆତଙ୍କବାଦୀ ପରସ୍ପର ସହ ଯୋଗାଯୋଗ, ନିଯୁକ୍ତି ଏବଂ ପ୍ରଚାରପ୍ରସାର ପାଇଁ ଇଣ୍ଟରନେଟ ବ୍ୟବହାର କରୁଛନ୍ତି।



ସରକାର ଏହି ନୀତିରେ ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ପ୍ରତି ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। କୌଣସି ଧର୍ମ, ଜାତି କିମ୍ବା ବିଚାରଗତ ଦୃଷ୍ଟିକୋଣରୁ ଆତଙ୍କବାଦକୁ ଉଚିତ କୁହାଯାଇପାରିବ ନାହିଁ। ପ୍ରହାରରେ ସରକାର କହିଛନ୍ତି ଯେ ଭାରତର ଆତଙ୍କବାଦର ପ୍ରତ୍ୟେକ ରୂପକୁ ନିନ୍ଦା କରୁଛି। ଏଥିରେ ଆତଙ୍କବାଦକୁ ରୋକିବାକୁ ଏବଂ ମୁକାବିଲା ପାଇଁ ଏକ ସୁବ୍ୟବସ୍ଥିତ ଓ ଗୁଇନ୍ଦା ସୂଚନା ଆଧାରିତ ଢାଞ୍ଚା କୁହାଯାଇଛି। ସରକାରୀ ଏଜେନ୍ସି ମଧ୍ୟରେ ଉତ୍ତମ ତାଳମେଳକୁ ପ୍ରାଧାନ୍ୟ ଦିଆଯାଇଛି। ନୀତିରେ ସରକାରଙ୍କ ସହିତ ସମ୍ପୂର୍ଣ୍ଣ ସମାଜ ଆପଣାଇ ପାରୁଥିବା ଉପାୟ ବିଷୟରେ କୁହାଯାଇଛି। ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଚରମପନ୍ଥୀଙ୍କୁ ନିପାତ ପାଇଁ ବିଶେଷ ଧ୍ୟାନ ଦେବାର ବ୍ୟବସ୍ଥା ରହିଛି।

ଭାରତୀୟ ନାଗରିକ ଏବଂ ଦେଶ ସ୍ୱାର୍ଥର ରକ୍ଷା ପାଇଁ ଆତଙ୍କବାଦୀ ଆକ୍ରମଣ ରୋକିବା ପ୍ରହାରର ଉଦ୍ଦେଶ୍ୟ। ଭାରତ ସକ୍ରିୟ ଏବଂ ଗୁଇନ୍ଦା ସୂଚନା ଆଧାରିତ ରଣନୀତି ଆପଣାଉଛି। ଏଥିରେ କୁହାଯାଇଛି ଯେ ମଲ୍ଟି ଏଜେନ୍ସି ସେଣ୍ଟର (ଏମଏସି)ର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଆଇବି ଅଧିନରେ କାମ କରୁଥିବା ଜଏଣ୍ଟ ଟାସ୍କ ଫୋର୍ସ ଅନ ଇଣ୍ଟେଲିଜେନ୍ସ (ଜେଟିଏଫଆଇ) କଥା ମଧ୍ୟ ଉଲ୍ଲେଖ ରହିଛି। ପ୍ରହାରରେ କୁହାଯାଇଛି ଯେ ଜଳ, ସ୍ଥଳ ଏବଂ ଆକାଶରୁ ଭାରତ ପ୍ରତି ଆତଙ୍କବାଦର ବିପଦ ରହିଛି। ଦୀର୍ଘ ସମୟ ହେଲା ପ୍ରଯୋଜିତ ଆତଙ୍କବାଦ ଦ୍ୱାରା ଭାରତ ପ୍ରଭାବିତ ହେଉଥିବାବେଳେ ସରକାର ଏଭଳି ନୀତି ଆଣିଛନ୍ତି। ନୀତିରେ ଅଲକାଏଦା ଏବଂ ଆଇଏସଏସ ଭଳି ଆତଙ୍କବାଦୀ ସଂଗଠନଠାରୁ ଥିବା ବିପଦର ମଧ୍ୟ ଉଲ୍ଲେଖ ରହିଛି। ଏଥିରେ ଏନକ୍ରିପସନ, ଡାର୍କ ୱେବ ଏବଂ କ୍ରିପ୍ଟୋ ୱାଲେଟ ଭଳି ଜ୍ଞାନକୌଶଳଠାରୁ ଆହ୍ୱାନ ଥିବା ଦର୍ଶାଯାଇଛି। ରାସାୟନିକ, ଜୈବିକ, ରେଡିଓଲୋଜିକାଲ, ପରମାଣୁ, ବିସ୍ଫୋରକ ଏବଂ ଡିଜିଟାଲ (ସିବିଆରଏନଇଡି) ସାମଗ୍ରୀ ଆତଙ୍କବାଦୀଙ୍କ ହାତରେ ନ ଲାଗିବାକୁ ଦେବା ଏବେ ସବୁଠାରୁ ବଡ଼ ଆହ୍ୱାନ ପାଲଟିଛି ବୋଲି କୁହାଯାଇଛି।

# ରାଜ୍ୟରେ ୪୨ ଆଇଏଏସ୍, ୬୭ ଆଇପିଏସ୍ ପଦବୀ ଖାଲି

ଭୁବନେଶ୍ୱର, ୨୩।୨ (ସମିସ): ଓଡ଼ିଶାର ଆଇଏଏସ୍ ଓ ଆଇପିଏସ୍ ଅଧିକାରୀ ପଦବୀ ଖାଲି ପଡ଼ିଛି। କେବଳ ଏତିକି ନୁହେଁ, ଆଇଏଫ୍ଏସ୍, ଓଏଏସ୍ ଓ ଓପିଏସ୍ ଅଧିକାରୀ ସ୍ତରରେ ମଧ୍ୟ ସମାନ ଅବସ୍ଥା। ଅଧିକାରୀ ନିଅଣ୍ଟ ଯୋଗୁଁ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେଉଥିବା ବେଳେ ସରକାରୀ କାମ ମଧ୍ୟ ପ୍ରଭାବିତ ହେଉଛି।

**ପୁଲିସ ବିଭାଗରେ ୩୦% ପଦବୀ ଫାଙ୍କା**

ରାଜ୍ୟରେ ମୋଟ ୨୪୮ ଆଇଏଏସ୍ ମଧ୍ୟରୁ ୪୨ ପଦବୀ ଖାଲି ପଡ଼ିଥିବା ବେଳେ ୧୯୫ ଆଇପିଏସ୍ ମଧ୍ୟରୁ ୬୭ ପଦବୀ ଫାଙ୍କା ରହିଛି। ସେହିପରି ୧୪୧ ଆଇଏଫ୍ଏସ୍ ମଧ୍ୟରୁ ୬୬ଟି, ୨୨୪୮ଟି ଓଏଏସ୍ ମଧ୍ୟରୁ ୩୩୦ଟି ଓ ୮୫୧ ଓପିଏସ୍ ମଧ୍ୟରୁ ୧୪୬ ପଦବୀ ପୂରଣ ହୋଇନାହିଁ। ଓଏଫ୍ଏସ୍ (ଓଡ଼ିଶା ବନ ସେବା)ରେ ୧୦୫୮ ମଞ୍ଜୁରୀପ୍ରାପ୍ତ ପଦବୀ ରହିଥିବା ବେଳେ ୪୭୩ଟି ଫାଙ୍କା ପଡ଼ିଛି। ସେଥିରୁ ୨୭ ଜଣ ଆଇଏଏସ୍, ୨୮ ଜଣ ଆଇପିଏସ୍ ଓ ୭ ଜଣ ଆଇଏଫ୍ଏସ୍ ଅଧିକାରୀ କେନ୍ଦ୍ରୀୟ ଡେପୁଟେସନରେ ଅଛନ୍ତି। ବିଧାୟକ ପ୍ରଦୀପ କୁମାର ଦୀଶାରୀଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲିଖିତ ଉତ୍ତର ରଖିଛନ୍ତି। ସେହିପରି ରାଜ୍ୟରେ ଅପରାଧିକ କାର୍ଯ୍ୟକଳାପ ଦିନକୁ ଦିନ ବଢୁଥିବା ବେଳେ ପୁଲିସ ବିଭାଗରେ ୩୦ ପ୍ରତିଶତରୁ ଅଧିକ ପଦବୀ ଫାଙ୍କା ପଡ଼ିଛି। ବିଧାୟକ ରାମଚନ୍ଦ୍ର କାଡାମଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରଖିଥିବା ଉତ୍ତରରୁ ଏଭଳି କଥା ସ୍ପଷ୍ଟ ହୋଇଛି। ଓଡ଼ିଶା ପୁଲିସରେ ମୋଟ ୮୯ ହଜାର ୪୩୮ ଗୋଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବାବେଳେ ୬୧ ହଜାର ୭୪୪ କାର୍ଯ୍ୟରତ ଅଛନ୍ତି ଓ ୨୭ ହଜାର ୬୯୪ ପଦବୀ ଖାଲି ପଡ଼ିଛି।

# ୯୪୪୮୫ ସରକାରୀ ପଦ ଖାଲି

ଭୁବନେଶ୍ୱର, ୨୩।୨(ସମିସ): ରାଜ୍ୟରେ ବହୁ ସରକାରୀ ପଦ ଖାଲି ପଡ଼ିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ସର୍ବାଧିକ ପଦ ଖାଲି ରହିଥିବାବେଳେ ଗୃହ ବିଭାଗରେ ମାଳମାଳ କର୍ମଚାରୀ ନାହାନ୍ତି। ମୋଟ୍ ୪୧ଟି ବିଭାଗରେ ୯୪ ହଜାର ୪୮୫ଟି ସରକାରୀ ପଦ ଖାଲି ପଡ଼ିଥିବା ଆଜି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତଥ୍ୟ ରଖିଛନ୍ତି।

**ଗଣଶିକ୍ଷାରେ ସର୍ବାଧିକ ୨୦ହଜାର ଓ ଗୃହ ବିଭାଗରେ ୧୬ ହଜାର ଖାଲି**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ସର୍ବାଧିକ ୨୦,୨୮୯ଟି ପଦ ଖାଲି ରହିଛି। ଏହାପରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ସମ୍ଭାଳୁଥିବା ଗୃହ ବିଭାଗରେ ଦ୍ୱିତୀୟ ସର୍ବାଧିକ ୧୬ ହଜାର ୩୨ ଟି ପଦ ଫାଙ୍କା ରହିଛି। ରାଜ୍ୟରେ ଆଇନ୍ ଶୃଙ୍ଖଳାକୁ ଖାତିର ନ କରି ଅପରାଧିମାନେ ଦିନ ଦ୍ୱିପ୍ରହରରେ ଅପରାଧ ଘଟାଉଥିବାବେଳେ ଏତେ ସଂଖ୍ୟାରେ ପଦ ଫାଙ୍କା ରହିବା ଚିନ୍ତା ବଢ଼ାଇଛି। ସ୍ୱାସ୍ଥ୍ୟ ବିଭାଗରେ ମଧ୍ୟ ୧୦,୪୫୭ ପଦ ଫାଙ୍କା ରହିଥିବାରୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ବାଧାପ୍ରାପ୍ତ ହେଉଛି। ସେହିପରି ସରକାରଙ୍କ ଯୋଜନାକୁ ତୃଣମୂଳ ସ୍ତରରେ କାର୍ଯ୍ୟାନ୍ୱୟନ କରୁଥିବା ପଞ୍ଚାୟତିରାଜ ବିଭାଗରେ ମଧ୍ୟ ସମାନ ଅବସ୍ଥା। ଏହି ବିଭାଗରେ ମୋଟ୍ ୫୧୫୪ ଟି ପଦ ଫାଙ୍କା ପଡ଼ିଥିବାବେଳେ ରାଜସ୍ୱ ବିଭାଗରେ ମଧ୍ୟ ୫୩୫୬ ପଦରେ ଅଧିକାରୀ ଓ କର୍ମଚାରୀ ନାହାନ୍ତି। ଅନୁରୂପ ଭାବେ ଉଚ୍ଚଶିକ୍ଷା ବିଭାଗରେ ୫୮୨୬, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ ୪୧୫୪, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗରେ ୪୧୫୪, ଜଙ୍ଗଲ ବିଭାଗରେ ୩୫୮୯, ଏସ୍‌ଟିଏସ୍‌ସି ଉନ୍ନୟନ ବିଭାଗରେ ୩୩୫୨, କୃଷି ଓ କୃଷକ ଶସକ୍ତିକରଣ ବିଭାଗରେ ୨୯୫୫, ଜଳ ସମ୍ପଦ ବିଭାଗରେ ୨୭୨୪ ଟି ପଦ ଖାଲି ରହିଛି।

ରାଜ୍ୟ ସରକାର ପ୍ରଥମ ଦୁଇ ବର୍ଷରେ ୬୫ ହଜାର ଖାଲି ପଦରେ ନିଯୁକ୍ତି ଦେବାକୁ ଲକ୍ଷ୍ୟ ରଖାଥିବା ମୁଖ୍ୟମନ୍ତ୍ରୀ ପୁଣି ଗୃହରେ ଦୋହରାଇଛନ୍ତି। ୨୦୨୪ ଜୁନ୍‌ରୁ ୩୯,୫୦୫ ପଦରେ ନିଯୁକ୍ତି ଦିଆଯାଇଥିବାବେଳେ ଅବଧି ମଧ୍ୟରେ ଅବଶିଷ୍ଟ ପଦରେ ନିଯୁକ୍ତି ଦେବାପାଇଁ ପ୍ରକ୍ରିୟା ଜାରି ରହିଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

# ୪୦ ମାଓବାଦୀ ଏବେବି ସକ୍ରିୟ

ଭୁବନେଶ୍ୱର, ୨୩।୨ (ସମିସ): ମାଓ କାର୍ଯ୍ୟକଳାପରେ ରୋକ୍ ଲଗାଇବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଲଗାତାର ଉଦ୍ୟମ କରି ଆସୁଥିବା ବେଳେ ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ନକ୍ସଲ ମୁକ୍ତ କରିବାକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି। ହେଲେ ଓଡ଼ିଶାରେ ଏବେବି ୪୦ ଜଣ ମାଓବାଦୀ ସକ୍ରିୟ ରହିଛନ୍ତି। ବିଧାୟକ ଧ୍ରୁବଚରଣ ସାହୁଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲିଖିତ ଉତ୍ତର ରଖିଛନ୍ତି। କେନ୍ଦ୍ର ସରକାରଙ୍କ ଏସ୍ଆରଇ ଯୋଜନା ଅନୁସାରେ, କନ୍ଧମାଳ ଜିଲ୍ଲାକୁ ଅନ୍ୟ ମାଓ ପ୍ରଭାବିତ ଜିଲ୍ଲାରେ ରଖାଯାଇଥିବା ବେଳେ ମାଲକାନଗିରି, କୋରାପୁଟ, ନୂଆପଡ଼ା, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ବୌଦ୍ଧ ଓ ବଲାଙ୍ଗୀର ଜିଲ୍ଲାକୁ ଲିଗାସି ଓ ଥ୍ରଷ୍ଟ ଜିଲ୍ଲା ବର୍ଗରେ ରଖାଯାଇଛି। ରାଜ୍ୟର କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର ଓ ବରଗଡ଼ ଜିଲ୍ଲାରେ ପ୍ରାୟ ୪୦ ଜଣ ମାଓବାଦୀ ସକ୍ରିୟ ରହିଛନ୍ତି। ସେମାନେ ଛୋଟ ଛୋଟ ଦଳରେ ବିଭକ୍ତ ହୋଇ ସଂପୃକ୍ତ ଜିଲ୍ଲାରେ କାମ କରୁଛନ୍ତି।

## ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସାଂଘାତିକ ତଥ୍ୟ

# ରାଜ୍ୟ ସାରା ଭେଜାଲ ଓ ନକଲି ସାମଗ୍ରୀ

ଭୁବନେଶ୍ୱର,୨୩।୨(ସମିସ): ଛୋଟ ପିଲାଙ୍କ ଖାଦ୍ୟଠୁ ଆରମ୍ଭ ହୋଇ ବଡ଼ ଲୋକ ଖାଉଥିବା ଅଧିକାଂଶ ଖାଦ୍ୟ ଏବେ ଭେଜାଲ, ଅପମିଶ୍ରିତ। ଲୋକେ ଯେଉଁ ସାମଗ୍ରୀକୁ ଶହ ଶହ ଟଙ୍କା ଦେଇ କିଣୁଛନ୍ତି, ତାହାର ଗୁଣବତ୍ତା ସଠିକ ରହୁନାହିଁ। ଟଙ୍କା ଖର୍ଚ୍ଚ କରି ଲୋକେ ଭେଜାଲ ସାମଗ୍ରୀ କିଣୁଥିବା ବେଳେ ଏହାକୁ ଖାଇ ଅନେକ ସମୟରେ ରୋଗରେ ପଡୁଛନ୍ତି। ଏମିତି କି ଛୋଟ ପିଲା ଯେଉଁ ସବୁ ଖାଦ୍ୟ ଖାଉଛନ୍ତି, ତାହା ମଧ୍ୟ ଅପମିଶ୍ରଣରୁ ବାଦ୍ ପଡୁନି। ସୋମବାର ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏ ସଂକ୍ରାନ୍ତରେ ପ୍ରଦାନ କରିଛନ୍ତି ସାଂଘାତିକ ତଥ୍ୟ। ମନ୍ତ୍ରୀଙ୍କ ଉତ୍ତର ପରେ ବ୍ରାଣ୍ଡ ଦେଖି ଅଧିକ ଟଙ୍କା ଦେଇ ସାଧାରଣ ଲୋକେ କିଣୁଥିବା ଖାଦ୍ୟର ଗୁଣବତ୍ତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଖାଦ୍ୟର ମାନକୁ ନେଇ ବିଧାନସଭାରେ କରିଥିବା ଏକ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରଦାନ କରିଥିବା ଅତ୍ୟନ୍ତ ସ୍ପର୍ଶକାତର। ସେ କହିଛନ୍ତି ଯେ ବିଗତ ଦେଢ଼ ବର୍ଷ ମଧ୍ୟରେ ଅର୍ଥାତ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇଥିଲା। ଏହି ସମୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ନମୁନା ସଂଗ୍ରହ ପରେ କିଛି ସାମଗ୍ରୀରେ ଅପମିଶ୍ରଣ ହୋଇଥିବା ଓ କିଛି ସାମଗ୍ରୀ ଭେଜାଲ ଥିବା ଜଣାପଡ଼ିଥିଲା। ହର୍ଲିକ୍ସ, ଦହି, କ୍ଷୀର, ଛେନା, ପାଣି, ପାଉଁରୁଟି, ମସଲା, ସୋରିଷ ତେଲ, ସୂର୍ଯ୍ୟମୁଖୀ ତେଲ ଅପମିଶ୍ରିତ ହୋଇଥିବାବେଳେ ବିସ୍କୁଟ, ମଇଦା, ସ୍ନାକ୍ସ, ଛତୁଆ, ସସ୍, ସୋୟାବିନ, ଘିଅ, ଲହୁଣୀର ମାନ ଠିକ୍ ନାହିଁ। ସେହିପରି ଚିନି, ପାମ୍ପଡ଼, ଚକୋଲେଟ, ନୁଡୁଲ୍ସ ଆଦି ଅପମିଶ୍ରିତ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଉତ୍ତର ରଖିଛନ୍ତି। କିଛି ସ୍ଥାନରେ ଲୁଣରେ ଅପମିଶ୍ରଣ କରାଯାଉଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

**■ ଘିଅ, ତେଲ, କ୍ଷୀର, ଦହି, ଲୁଣରେ ଅପମିଶ୍ରଣ**
**■ ବାଦ ପଡ଼ିନାହିଁ ଦାମୀ କମ୍ପାନୀର ଖାଦ୍ୟ ସାମଗ୍ରୀ**

ବିଶେଷକରି ଖୋର୍ଦ୍ଧା ଜିଲ୍ଲାରେ ଏପରି ଅଭ୍ୟାସ ବ୍ୟାପକ, ଯେଉଁଠାରେ ସାଧାରଣତଃ ବ୍ୟବହୃତ ହେଉଥିବା ଖାଦ୍ୟ ସାମଗ୍ରୀର ବହୁଳ ପରିମାଣରେ ଅପମିଶ୍ରିତ ଥିବା ଜଣାପଡିଛି। ଖାଦ୍ୟରେ ଅପମିଶ୍ରଣ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ବ୍ୟାପିଛି, ଯେଉଁଠାରେ ସାଧାରଣତଃ ବ୍ୟବହୃତ ହେଉଥିବା ଖାଦ୍ୟ ସାମଗ୍ରୀରେ ମିଶ୍ରଣ ହୋଇଥିବା ଜଣାପଡ଼ିଛି ବୋଲି ମନ୍ତ୍ରୀ ଉଲ୍ଲେଖ କରି ପିଲାମାନଙ୍କ ସ୍ୱାସ୍ଥ୍ୟ ଦୃଷ୍ଟିରୁ କରି ପିତାମାତାଙ୍କୁ ନାମୀଦାମୀ ବ୍ରାଣ୍ଡର ଖାଦ୍ୟ ସାମଗ୍ରୀ ଏବଂ ପୁଷ୍ଟିକର ପାନୀୟ କିଣିବା ସମୟରେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି। ଅପମିଶ୍ରଣ ବର୍ତ୍ତମାନ କେବଳ ଅନିୟନ୍ତ୍ରିତ କିମ୍ବା ଖୋଲା ଉତ୍ପାଦ ନୁହେଁ, ପ୍ୟାକେଜ୍ ହୋଇଥିବା ବ୍ରାଣ୍ଡେଡ୍ ସାମଗ୍ରୀ ପର୍ଯ୍ୟନ୍ତ ବ୍ୟାପିଛି। ସ୍ୱାସ୍ଥ୍ୟ ବିଭାଗ ସମସ୍ୟାର ମୁକାବିଲା ଏବଂ ଜନସ୍ୱାସ୍ଥ୍ୟକୁ ସୁରକ୍ଷା ଦେବା ପାଇଁ ତଦାରଖ, ଚଢାଉ ଏବଂ ନିୟାମକ କାର୍ଯ୍ୟକୁ ବୃଦ୍ଧି କରିଛି ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ଅପମିଶ୍ରିତ ଖାଦ୍ୟ ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ ଅଛନ୍ତି। ଖାଦ୍ୟ ନିରାପତ୍ତା ଆୟୋଗଙ୍କ ଦ୍ୱାରା ଏହା ଉପରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଉଛି। ଖାଦ୍ୟ ଅପମିଶ୍ରଣ ରୋକିବା ଦିଗରେ ସମସ୍ତ ଜିଲା ଏବଂ ପୌର ପରିଷଦ ଅଞ୍ଚଳରେ ୬୩ ଜଣ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କୁ ମଧ୍ୟ ନିଯୁକ୍ତ କରାଯାଇଛି।

# ଭୂ-ଲେଖ ଓ ସର୍ବେକ୍ଷଣ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ଉପକରଣ ଜବତ ପାଇଁ ନିର୍ଦ୍ଦେଶ

କଟକ, ୨୩।୨ (ସମିସ): ରାଜ୍ୟର ସମସ୍ତ ତହସିଲ ରେକର୍ଡ ରୁମ୍ ଆଧୁନିକୀକରଣ କାର୍ଯ୍ୟ କରିଥିବା ଠିକା ସଂସ୍ଥା 'ସିଲ୍‌ଭାସା ଇନ୍‌ଫୋଟେକ୍ ପ୍ରାଇଭେଟ୍ ଲିମିଟେଡ୍'ର ବକେୟା ପ୍ରାପ୍ୟ ପ୍ରଦାନ କରାନଯିବା ମାମଲାରେ କଟକସ୍ଥିତ ଭୂଲେଖ

**ଠିକା ସଂସ୍ଥାର ୯.୪୪କୋଟି ଟଙ୍କା ବକେୟା ପଇଠ ନ ହେବା ପ୍ରସଙ୍ଗ**

ଓ ସର୍ବେକ୍ଷଣ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ଉପକରଣକୁ ଜବତ କରିବା ପାଇଁ କଟକ ବାଣିଜ୍ୟିକ ଅଦାଲତ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆସନ୍ତା ମାର୍ଚ୍ଚ ୧୦ ସୁଦ୍ଧା ଜବତ ପ୍ରକ୍ରିୟା ଶେଷ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶଥାଉକି, ଗତ ୧୮ ତାରିଖରେ ରାଜସ୍ୱ ପର୍ଷଦର ଭୂଲେଖ ନିର୍ଦ୍ଦେଶକ ଓ ଯୋବ୍ରାସ୍ଥିତ ସର୍ବେକ୍ଷଣ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ସମ୍ପତ୍ତି ଜବତ ପାଇଁ ରହିଥିବା ପୂର୍ବ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇପାରିନଥିଲା। ଏଥିସହ ସମ୍ପତ୍ତି ଜବତ ହେଉଥିବା କଥା ଜାଣି କର୍ମଚାରୀମାନେ ଅଫିସ୍‌ରେ ତାଲା ପକାଇ ବାହାରେ ବୁଲିଥିଲେ। ସେହିଭଳି ପୁଲିସ ପକ୍ଷରୁ ମଧ୍ୟ ଆବଶ୍ୟକ ଫୋର୍ସ ଯୋଗା ଯାଇନଥିଲା।

ମାମଲାରୁ ପ୍ରକାଶ ଯେ, ସମ୍ପୃକ୍ତ ସଂସ୍ଥାକୁ ଚୂଡ଼ାନ୍ତ ବିଲ୍ ପଇଠ ନକରି ରାଜସ୍ୱ ବିଭାଗ ପକ୍ଷରୁ ୮୦ ଲକ୍ଷ ୩୫ ହଜାର ୯୧୩ଟଙ୍କାର ଜରିମାନା ଲଗାଯାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ମଧ୍ୟସ୍ଥତା ଜରିଆରେ କ୍ଷତିପୂରଣ ରାଶି ୭ କୋଟି ୪୬ଲକ୍ଷ ୪୫ ହଜାର ୨୨୭ ଟଙ୍କା ଧାର୍ଯ୍ୟ କରାଯାଇଥିଲେ ସୁଦ୍ଧା ଏହା ଦିଆନଯିବାରୁ ସଂପୃକ୍ତ ସଂସ୍ଥା କଟକ ବରିଷ୍ଠ ସିଭିଲ ଜଜ୍ (କମର୍ସିଆଲ୍) ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲା। ମୂଳ କ୍ଷତିପୂରଣ ରାଶି ସହିତ ୧୦ ପ୍ରତିଶତ ସୁଧ ମିଶାଇ ମୋଟ ୯କୋଟି ୪୪ଲକ୍ଷ ୪୧ହଜାର ୫୫୦ ଟଙ୍କା ପ୍ରଦାନ କରିବାକୁ ଗତ ଜାନୁଆରି ୧୩ ତାରିଖରେ କୋର୍ଟ ନିର୍ଦ୍ଦେଶ ଦେଇଥିଲେ।

# ପାରଳାଖେମୁଣ୍ଡି ସବୁଠୁ ତତଲା

ଭୁବନେଶ୍ୱର,୨୩।୨(ସମିସ): ଫଗୁଣ ଯାଇନାହିଁ, ହେଲେ ରାଜ୍ୟରେ ଖରାର ପ୍ରଭାବ ବଢ଼ିବାରେ ଲାଗିଛି। ସୋମବାର ପାରଳାଖେମୁଣ୍ଡି ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବା ବେଳେ ଏଠାରେ ତାପମାତ୍ରା ୩୬.୬ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ଭୁବନେଶ୍ୱରରେ ତାପମାତ୍ରା ୩୫.୮ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ, ଟିଟିଲାଗଡ଼ ୩୫.୫, ଝାରସୁଗୁଡ଼ା ଓ ତାଳଚେର ଓ ଭଦ୍ରକରେ ତାପମାତ୍ରା ୩୫.୪ ଡିଗ୍ରୀ ରେକର୍ଡ ହୋଇଛି। ତେବେ ୨ ଦିନର ବର୍ଷା ଆଶଙ୍କା ଯୋଗୁଁ ତାପମାତ୍ରା ୨-୩ ଡିଗ୍ରୀ ହ୍ରାସ ହେବାର ସମ୍ଭାବନା ରହିଛି। ଏହାପରେ ଅର୍ଥାତ ୩ ଦିନ ପରେ ତାପମାତ୍ରା ପୁଣି ବୃଦ୍ଧି ହୋଇପାରେ।

**■ ଭୁବନେଶ୍ୱରରେ ତାପମାତ୍ରା ୩୫.୮**
**■ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ବର୍ଷା**
**■ ଓଡ଼ିଶା ପଡ଼ିବନି ଲଘୁଚାପ ପ୍ରଭାବ**

ଓଡ଼ିଶା ଉପରେ ଏବେ ଏକ ପଶ୍ଚିମା ଝଡ଼ର ପ୍ରଭାବ ରହିଛି। ଏହାର ପ୍ରଭାବରେ ସୋମବାର ପଶ୍ଚିମ ଓ ଦକ୍ଷିଣ ପଶ୍ଚିମ ଓଡ଼ିଶାର କିଛି ଜିଲ୍ଲାରେ ହାଲୁକା ପବନ ସହ ବର୍ଷା ହୋଇଛି। ଅନ୍ୟପଟେ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ମଧ୍ୟ ସକ୍ରିୟ ରହିଛି। ମାତ୍ର ଆନ୍ଧ୍ର ଉପକୂଳଠାରୁ ଏହା ୧୫୫୦ କିମି ଦୂରରେ ରହିଥିବାରୁ ଓଡ଼ିଶା ଉପରେ ଏହାର କିଛି ପ୍ରଭାବ ପଡ଼ିବ ନାହିଁ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ସୋମବାର କୋରାପୁଟ ସମେତ ବରଗଡ଼ ଓ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ କାଁ ଭାଁ ବର୍ଷା ଅନୁଭୂତ ହୋଇଛି। ମଙ୍ଗଳବାର ଉପକୂଳବର୍ତ୍ତୀ ଜିଲ୍ଲା ଯଥା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ଢେଙ୍କାନାଳ ଆଦିରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ହୋଇପାରେ। ଏହି ସମୟରେ ଉପକୂଳବର୍ତ୍ତୀ ଜିଲ୍ଲାରେ କିଛି କିଛି ପବନ ମଧ୍ୟ ହୋଇପାରେ।

**ମାଟ୍ରିକ ପରୀକ୍ଷା ପରିଚାଳନାରେ ତ୍ରୁଟି**

# ସୁପରିଣ୍ଟେଣ୍ଡେଣ୍ଟ ନିଲମ୍ବିତ

ଜଳେଶ୍ୱର, ୨୩।୨(ସମିସ): ମାଟ୍ରିକ୍ ପରୀକ୍ଷା ପରିଚାଳନାରେ ତ୍ରୁଟି ନେଇ ଜଳେଶ୍ୱର ନୂଆ ବଜାରସ୍ଥିତ ପିଏମଶ୍ରୀ ହାଇସ୍କୁଲ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ତଥା ସେହି ସ୍କୁଲର ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ଅର୍ଜୁନ ଚରଣ ଜେନାଙ୍କୁ ନିଲମ୍ବନ କରାଯାଇଛି। ଶନିବାର ଇଂରାଜୀ ପରୀକ୍ଷା ଥିବାରୁ ବାଲେଶ୍ୱର ଜିଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ ତଥା ଜିଲା ଟିମ ପରୀକ୍ଷା କେନ୍ଦ୍ର ପରିଦର୍ଶନ ବେଳେ ପରିଚାଳନାରେ କେତେକ ତ୍ରୁଟି ଦର୍ଶାଇ ଶ୍ରୀ ଜେନାଙ୍କୁ ନିଲମ୍ବିତ କରିଥିବା ଜଣାଯାଇଛି। ସୋମବାରଠାରୁ ସେ ଜଳେଶ୍ୱର ବିଇଓ କାର୍ଯ୍ୟାଳୟରେ ଯୋଗଦେଇଛନ୍ତି। ଏହି ସମୟରେ ଅଧା ଦରମା ପ୍ରଦାନ କରାଯିବ ବୋଲି ଉଲ୍ଲେଖ ରହିଛି। ଶ୍ରୀ ଜେନାଙ୍କୁ ନିଲମ୍ବନ କରାଯିବା ପରେ ପରୀକ୍ଷା କେନ୍ଦ୍ର ଅଧୀକ୍ଷକ ଭାବେ ବରିଷ୍ଠ ଶିକ୍ଷକ ସୂର୍ଯ୍ୟକାନ୍ତ ଜେନା ଦାୟିତ୍ୱ ତୁଲାଇବେ ବୋଲି ଜଣାପଡ଼ିଛି।

## ବିଧାନସଭାରେ ତଥ୍ୟ ଦେଲେ ସରକାର

# ଦେଢ଼ବର୍ଷରେ ୪୮,୭୯୮ ମହିଳା ବିରୋଧୀ ହିଂସା

ଭୁବନେଶ୍ୱର,୨୩।୨(ସମିସ): ରାଜ୍ୟରେ ମହିଳା ବିରୋଧୀ ହିଂସା ବଢ଼ିବାରେ ଲାଗିଛି। ଏହାକୁ ନେଇ ବିରୋଧୀ ବିଜେଡି ସମେତ ଅନ୍ୟ ରାଜନୈତିକ ଦଳ ସରକାରଙ୍କୁ କାଠଗଡ଼ାକୁ ଟାଣୁଛନ୍ତି। ମହିଳା, ଶିଶୁ ସୁରକ୍ଷା ବିପନ୍ନ ହୋଇ ପଡ଼ିଥିବା ବେଳେ ସରକାର ମହିଳା ବିରୋଧୀ ହିଂସାକୁ ନିୟନ୍ତ୍ରଣ କରିବାରେ ଅସଫଳ ହୋଇଥିବା ବିରୋଧୀ ଅଭିଯୋଗ କରି ଆସୁଛନ୍ତି। ବିରୋଧୀଙ୍କ ଏହି ଅଭିଯୋଗକୁ ବିଧାନସଭାରେ ସ୍ୱୀକାର କରିଛନ୍ତି ସରକାର। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରାଜ୍ୟରେ ମହିଳା ହିଂସା ସଂକ୍ରାନ୍ତ ଏକ ଉତ୍ତରରେ ଯେଉଁ ତଥ୍ୟ ଦେଇଛନ୍ତି ତାହା ବିରୋଧୀଙ୍କ ଅଭିଯୋଗକୁ ପ୍ରମାଣସିଦ୍ଧ କରିଛି। ରାଜ୍ୟରେ ମହିଳା ହିଂସା ଯେ ଚରମ ସ୍ତରରେ ପହଞ୍ଚିଛି, ତାହା ମୁଖ୍ୟମନ୍ତ୍ରୀଙ୍କ ଉତ୍ତରରେ ସ୍ପଷ୍ଟ ହୋଇଛି। ଗତ ଦେଢ ବର୍ଷ( ୨୦୨୪ ମସିହା ଜୁଲାଇ ୧ ତାରିଖରୁ ୨୦୨୫ ମସିହା ଡିସେମ୍ବର ୩୧ ତାରିଖ) ମଧ୍ୟରେ ମୋଟ ୪୮,୭୯୮ ଟି ମହିଳା ବିରୋଧୀ ହିଂସା ସଂଗଠିତ ହୋଇଥିବା ସଂକ୍ରାନ୍ତ ତଥ୍ୟ ସରକାରଙ୍କୁ ଅଡୁଆରେ ପକାଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ଅପରାଧ ନଥି ସଂସ୍ଥାର ତଥ୍ୟ ଅନୁଯାୟୀ ସଂଗଠିତ ହୋଇଥିବା ଅପରାଧ ଗୁଡିକର ତଦନ୍ତ ପରେ ମୋଟ ୩୭,୧୫୦ଟି ମାମଲାରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଛି। ସେହିପରି ୪,୯୩୬ଟି ମାମଲାରେ ଫାଇନାଲ ଫର୍ମ ଦାଖଲ କରାଯାଇଛି ତଥା ୬,୭୦୩ଟି ମାମଲା ତଦନ୍ତାଧୀନ ଅଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ମହିଳା ଏବଂ ଶିଶୁ ମାନଙ୍କ ସୁରକ୍ଷାକୁ ରାଜ୍ୟ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଇଛନ୍ତି। ପୀଡିତାଙ୍କୁ ନ୍ୟାୟ ପ୍ରଦାନ କରିବା ଉଦେଶ୍ୟରେ ସମସ୍ତ ମାମଲାଗୁଡିକର ତୁରନ୍ତ ପଞ୍ଜୀକରଣ, ଉଯୁକ୍ତ ତଦନ୍ତ, ଅଭିଯୁକ୍ତ ମାନଙ୍କ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ, ସମୟ ସୀମା ମଧ୍ୟରେ ଅଭିଯୋଗ ଫର୍ଦ୍ଦ ଦାଖଲ, ସ୍ୱତନ୍ତ୍ର ସରକାରୀ ଓକିଲ ଏବଂ ପୀଡିତାଙ୍କୁ କ୍ଷତିପୂରଣ ପ୍ରଦାନ କରିବା ସହିତ ପରାମର୍ଶ, ପୁନର୍ବାସ ଇତ୍ୟାଦି ମାଧ୍ୟମରେ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟର ଯତ୍ନ ନେବା ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଉତ୍ତର ରଖିଛନ୍ତି।

**■ ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ଦୁର୍ନାମ ମୁଣ୍ଡାଉଚି ଓଡ଼ିଶା**
**■ ସରକାର ନେଉନାହାନ୍ତି ଆଖିଦୃଶିଆ ପଦକ୍ଷେପ: ବିରୋଧୀ**
**■ ମହିଳା ଓ ଶିଶୁ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା: ମୁଖ୍ୟମନ୍ତ୍ରୀ**

ତେବେ ମୁଖ୍ୟମନ୍ତ୍ରୀଙ୍କ ଉତ୍ତରକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିରୋଧୀଙ୍କ କ୍ରମାଗତ ଉଦବେଗ ପ୍ରକାଶ ପରେ ମଧ୍ୟ ସରକାର ମହିଳା ହିଂସାକୁ ରୋକିବା ପାଇଁ କୌଣସି ବଡ଼ କାର୍ଯ୍ୟାନୁଷ୍ଠାନ କିମ୍ବା ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଫଳରେ ଏହି ମାମଲା କମିବା ପରିବର୍ତ୍ତେ ବଢ଼ି ବଢ଼ି ଚାଲିଛି। ରାଜ୍ୟରେ ମହିଳା ବିରୋଧୀ ହିଂସା କ୍ରମାଗତ ଭାବେ ବଢ଼ି ଚାଲିବା ଯୋଗୁଁ ଓଡ଼ିଶା ଏବେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଦୁର୍ନାମ ମୁଣ୍ଡାଉଛି। ଆମେରିକା ନିଜ ଦେଶର ନାଗରିକଙ୍କୁ ନଯିବାକୁ ପରାମର୍ଶ ଦେଉଥିବା ବେଳେ ଓଡ଼ିଶା ଯିବା ବେଳେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଉଛି। ଯାହାର କୁପ୍ରଭାବ ପର୍ଯ୍ୟଟନ, ଶିଳ୍ପାୟନ ଉପରେ ସର୍ବାଧିକ ପଡ଼ିବାର ଆଶଙ୍କା ରହିଛି। ତେଣୁ ସରକାର ଏନେଇ ଯତ୍ନଶୀଳ ହେବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି।

# ୧୨ ମାସରେ ୨୯୯୪ ଦୁଷ୍କର୍ମ

ଭୁବନେଶ୍ୱର,୨୩।୨(ସମିସ): ଗୋଟେପଟେ ରାଜ୍ୟ ସରକାର ମହିଳାମାନଙ୍କ ସୁରକ୍ଷା ପାଇଁ ଗୋଟିକ ପରେ ଗୋଟିଏ ଯୋଜନା ପ୍ରଣୟନ କରୁଛନ୍ତି। 'ସୁଭଦ୍ରା' ଯୋଜନା ମାଧ୍ୟମରେ ମହିଳାଙ୍କୁ ସଶକ୍ତ ଓ ଆତ୍ମନିର୍ଭର କରୁଥିବା ଡିଣ୍ଡିମ ପିଟୁଥିବା ବେଳେ ମହିଳାଙ୍କ ସାମାଜିକ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମହିଳାମାନଙ୍କ ବିରୋଧରେ ଘଟୁଥିବା ବିଭିନ୍ନ ଅପରାଧକୁ ରୋକିବାକୁ ପୁଲିସ ବିଭାଗ ପକ୍ଷରୁ ମଧ୍ୟ ପଦକ୍ଷେପ ଗ୍ରହଣ କରୁଥିବା କୁହାଯାଉଛି। ଏହା ସତ୍ତ୍ୱେ ରାଜ୍ୟରେ କେବଳ ୨୦୨୫ ମସିହାରେ ୨୯୯୪ ମହିଳା ଦୁଷ୍କର୍ମ ଓ ଗଣଦୁଷ୍କର୍ମର ଶିକାର ହୋଇଛନ୍ତି।

ଚଳିତ ବିଧାନସଭାରେ ପ୍ରସନ୍ନ ଆଚାର୍ଯ୍ୟଙ୍କ ଅଣତାରକା ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଏହି ତଥ୍ୟ ଉପସ୍ଥାପନ କରିଛନ୍ତି। ୭ହଜାର ୩୮୨ ମହିଳା ଅସଦାଚରଣର ଶିକାର ହୋଇଥିବା ବେଳେ ୧୧୫ ଜଣ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ କରାଯାଇଛି। ୭୩୭୮ ଜଣ ମହିଳାଙ୍କୁ ଅପହରଣ ତଥା ବନ୍ଦୀ ଜନିତ ମାମଲା ରୁଜୁ ହୋଇଛି। ସେହିପରି ୧୧୮୩ ମହିଳା ଯୌନ ନିର୍ଯାତନାର ଶିକାର ହୋଇଥିବା ବେଳେ ୧୧୧ଜଣ ମହିଳା ଚାଲାଣ ହୋଇଥିବା ଜଣାପଡ଼ିଛି। ୪୩୬୧ ଜଣ ମହିଳା ଯୌତୁକ ନିର୍ଯାତନାର ଶିକାର ହୋଇଥିବା ବେଳେ ସେଥିରୁ ୧୪୫ଜଣଙ୍କର ଯୌତୁକ ଜନିତ ହତ୍ୟା ହୋଇଛି। ଏଥିସହିତ ୭୭ଜଣ ଯୌତୁକ ନିର୍ଯାତନା ସହି ନପାରି ଆତ୍ମହତ୍ୟା କରିଛନ୍ତି।

**■ ୧୧୫ ଜଣ ମହିଳାଙ୍କୁ ହୋଇଛି ଦୁଷ୍କର୍ମ ଉଦ୍ୟମ**
**■ ୧୧୮୩ ମହିଳା ଯୌନ ନିର୍ଯାତନାର ଶିକାର**
**■ ଯୌତୁକ ନିର୍ଯାତନାର ଶିକାର ୪୩୬୧ ମହିଳା**

# ଅଞ୍ଜଳି ସୋରେନ ହେବେ ଜେଏମ୍ଏମ୍‌ର ରାଜ୍ୟସଭା ପ୍ରାର୍ଥୀ

ବାରିପଦା/ରାଇରଙ୍ଗପୁର, ୨୩।୨ (ସମିସ): ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ଓଡ଼ିଶା ପ୍ରଦେଶ ରାଜ୍ୟ ସଭାପତି ତଥା ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ବଡ଼ ଭଉଣୀ ଝାଡ଼ଖଣ୍ଡ ରାଜ୍ୟରୁ ରାଜ୍ୟସଭା ଯିବାର ସମ୍ଭାବନା ଅଧିକ ରହିଥିବା ମୟୂରଭଞ୍ଜ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଜେଏମଏମ ସୁପ୍ରିମୋ ସ୍ୱର୍ଗତ ଶିବୁ ସୋରେନଙ୍କ ଝିଅ ଅଞ୍ଜଳି ବାଦାମପାହାଡ଼ ଅଞ୍ଚଳରେ ବିବାହ କରିଛନ୍ତି। ସେ ଗତ ୨୦୧୯ରେ ମୟୂରଭଞ୍ଜ ଲୋକସଭା ଆସନ ନିମନ୍ତେ ଜେଏମଏମ୍‌ର ଦଳୀୟ ପ୍ରାର୍ଥୀ ହୋଇଥିଲେ। ୨୦୨୪ ନିର୍ବାଚନରେ ମୟୂରଭଞ୍ଜ ଲୋକସଭା ଓ ସାରସକଣା ବିଧାନସଭା ଆସନରୁ ଦଳୀୟ ପ୍ରାର୍ଥୀ ହୋଇଥିଲେ।



ଆଗାମୀ ଦିନରେ ଝାଡ଼ଖଣ୍ଡର ଦୁଇଟି ରାଜ୍ୟସଭା ଆସନ ନିମନ୍ତେ ନିର୍ବାଚନ ହେବ। ସେଥିରୁ ଗୋଟିଏ ଆସନରେ ଶିବୁ ସୋରେନ୍ (ଜେଏମଏମ୍) ରାଜ୍ୟସଭା ସାଂସଦ ରହିଥିଲେ। ଶିବୁ ସୋରେନଙ୍କ ଗତ ୨୦୨୫ ଅଗଷ୍ଟ ମାସରେ ପରଲୋକ ଘଟିଛି। ଅନ୍ୟ ଆସନରୁ ଦୀପକ ପ୍ରକାଶ (ବିଜେପି) ରାଜ୍ୟସଭା ସାଂସଦ ରହିଛନ୍ତି। ଏହି ଆସନ ଦୁଇଟି ଅବଧି ଆସନ୍ତା ଜୁନ୍ ୨୧ତାରିଖରେ ଶେଷ ହେଉଛି। ସଂଖ୍ୟାଦୃଷ୍ଟିରୁ ଦେଖିବାକୁ ଗଲେ ରାଜ୍ୟରେ ଜେଏମଏମ୍ ନେତୃତ୍ୱାଧୀନ 'ଇଣ୍ଡିଆ'ର ୫୬ଜଣ ବିଧାୟକ ଥିବା ବେଳେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏର ୨୪ଜଣ ବିଧାୟକ ରହିଛନ୍ତି। ଶିବୁ ସୋରେନଙ୍କ ମୃତ୍ୟୁ ହୋଇଥିବାରୁ ତାଙ୍କ ସ୍ଥାନରେ ତାଙ୍କ ଝିଅ ଅଞ୍ଜଳିଙ୍କୁ ରାଜ୍ୟସଭା ପ୍ରାର୍ଥୀ କରାଯିବା ପାଇଁ ଜେଏମଏମ୍ ଦଳରେ ପ୍ରବଳ ଦାବି ହେଉଥିବା ଜଣାପଡ଼ିଛି।

# କପି ଧରାପଡ଼ିବାରୁ ଜୀବନ ହାରିଲେ ଛାତ୍ରୀ

ବ୍ରହ୍ମପୁର,୨୩।୨(ସମିସ): ଗଞ୍ଜାମ ଜିଲ୍ଲାରେ ମାଟ୍ରିକ ପରୀକ୍ଷା ପରିଚାଳନାକୁ ନେଇ ବିଭିନ୍ନ ଅବ୍ୟବସ୍ଥା ସାମ୍ନାକୁ ଆସିଥିବା ବେଳେ ସୋମାବାର ପରୀକ୍ଷା ସମ୍ପର୍କିତ ଏକ ଅଘଟଣ ଲୋକଲୋଚନକୁ ଆସିଛି। ଇଂରାଜୀ ପରୀକ୍ଷାରେ କପି କରୁଥିବା ବେଳେ ଧରାପଡ଼ି ଜଣେ ଛାତ୍ରୀ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥିବା ଚର୍ଚ୍ଚା ଜୋର ଧରିଛି। ତେବେ ଏଭଳି ଘଟଣାକୁ ନେଇ ସମଗ୍ର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି।

ଆତ୍ମହତ୍ୟା କରିଥିବା ଛାତ୍ରୀଜଣଙ୍କ ସ୍ଥାନୀୟ ଶ୍ରୀରାମନଗର ତୃତୀୟ ଲାଇନ ନିବାସୀ କାଳିଆ ସାହୁଙ୍କ ଝିଅ ଶ୍ରୀୟା ସାହୁ(୧୫)। ଶ୍ରୀୟା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ-୨ରେ ଦଶମ ଶ୍ରେଣୀର ଛାତ୍ରୀ। ଭି.ଭି.ଗିରି ସରକାରୀ ମହିଳା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ କେନ୍ଦ୍ରରେ ସେ ପରୀକ୍ଷା ଦେଉଥିଲେ। ଗତ ଶନିବାର ତାଙ୍କର ଇଂରାଜୀ ପରୀକ୍ଷା ଥିଲା। ପରୀକ୍ଷା କେନ୍ଦ୍ରରେ ଯାଞ୍ଚ ବେଳେ ଶ୍ରୀୟାଙ୍କ ନିକଟରୁ କପି ମିଳିଥିବା ତାଙ୍କର କିଛି ସହପାଠୀ କହିଛନ୍ତି। ଶ୍ରୀୟାଙ୍କଠାରୁ କପି ମିଳିବା ପରେ ତାଙ୍କୁ 'ଏମପି' ବା 'ମାଲ ପ୍ରାକ୍ଟିସ' କରାଯିବ ବୋଲି କହି ପରୀକ୍ଷା କେନ୍ଦ୍ରର କର୍ମଚାରୀ ତାଙ୍କୁ ଭୟଭୀତ କରିଥିବା ଅଭିଯୋଗ ହୋଇଛି। ଏହାପରେ ଶ୍ରୀୟା ପରୀକ୍ଷା କେନ୍ଦ୍ରରୁ ମାନସିକ ଦୁଶ୍ଚିନ୍ତାରେ ଘରକୁ ଫେରିଥିଲେ। ଶନିବାର ଘରକୁ ଫେରିବା ପରେ ଇଂରାଜୀ ପରୀକ୍ଷାରେ ଖରାପ ହୋଇଥିବା ନେଇ ଶ୍ରୀୟା ପରିବାରଲୋକଙ୍କୁ କହିଥିଲେ। ପରିବାର ଲୋକେ ନିଜନିଜ କାମରେ ବାହାରକୁ ଯିବା ପରେ ସନ୍ଧ୍ୟା ପ୍ରାୟ ସାଢେ ୬ଟା ସମୟରେ ଶ୍ରୀୟା ଏକୁଟିଆର ସୁଯୋଗ ନେଇ ନିଜ ବେକରେ ଓଢ଼ଣୀ ଦେଇ ଆତ୍ମହତ୍ୟା କରିଥିଲେ।



ଶ୍ରୀୟାଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର। ତାଙ୍କ ବାପା ଆଖୁରସ ବିକ୍ରି କରି ଶ୍ରୀୟାଙ୍କୁ ପାଠ ପଢ଼ାଉଥିଲେ। ଶ୍ରୀୟାଙ୍କ ଏଭଳି ନିଷ୍ପତ୍ତି ପରେ ତାଙ୍କ ପରିବାରଲୋକ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। କପି ଧରାପଡ଼ିବା ପରେ ଝିଅଙ୍କୁ ଭୟଭୀତ କରିବା ଦ୍ୱାରା ସେ ମାନସିକ ସନ୍ତୁଳନ ହରାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାର ସତ୍ୟାସତ୍ୟ ଜାଣିବା ପାଇଁ ପରୀକ୍ଷା କେନ୍ଦ୍ରର ସିସିଟିଭି କ୍ୟାମେରା ଯାଞ୍ଚ କରି ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ କ୍ଷତିପୂରଣ ଦାବି କରାଯାଇଛି। ଶ୍ରୀୟା ଜଣେ ଅତ୍ୟନ୍ତ ଶୃଙ୍ଖଳିତ ଓ ମେଧାବୀ ଛାତ୍ରୀ ଥିବା ବେଳେ ଏନ୍‌ସିସିରେ ଅଂଶଗ୍ରହଣ କରି କ୍ୟାରିୟର ଗଢ଼ିବାକୁ ଲକ୍ଷ୍ୟ ରଖିଥିଲେ।

**■ ପରୀକ୍ଷା କେନ୍ଦ୍ରର ସିସିଟିଭି ଯାଞ୍ଚ ପାଇଁ ପରିବାର ପକ୍ଷରୁ ଦାବି**
**■ କପି ଧରାପଡିବା ଘଟଣାର ସତ୍ୟତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି**

ଅନ୍ୟପକ୍ଷରେ, ପରୀକ୍ଷା କେନ୍ଦ୍ରର ଅଧୀକ୍ଷକ ଚାନ୍ଦିନୀ ପଣ୍ଡା କହିଛନ୍ତି, ଇଂରାଜୀ ପରୀକ୍ଷା ଦିନ କେନ୍ଦ୍ରରେ କୌଣସି ପରୀକ୍ଷାର୍ଥୀ କପି କରିଥିବା ନଜରକୁ ଆସିନାହିଁ। ସଂପୂର୍ଣ୍ଣ ପରୀକ୍ଷା କେନ୍ଦ୍ର ସିସିଟିଭି ଅଧୀନରେ ରହିଛି। ଏଭଳି ଅଭିଯୋଗ ଆସିଲେ ନିଶ୍ଚିତ ଯାଞ୍ଚ କରାଯିବ। ପରିବାର ପକ୍ଷରୁ ଘଟଣାକୁ ନେଇ ବଡ଼ବଜାର ଥାନାରେ ଅଭିଯୋଗ କରାଯାଇଥିବା ବେଳେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ମାଟ୍ରିକ ପରୀକ୍ଷା ପରିଚାଳନାରେ ରହିଥିବା ବିଭିନ୍ନ ଅବ୍ୟବସ୍ଥା ନଜରକୁ ଆସିଥିବା ବେଳେ ଶ୍ରୀୟାଙ୍କ କପି ଧରାପଡିବା ଘଟଣା ସାମ୍ନାକୁ ଆସିବା ପରେ ବ୍ୟବସ୍ଥାକୁ ନେଇ ପୁଣି ପ୍ରଶ୍ନ ଉଠିଛି। ପରୀକ୍ଷା କେନ୍ଦ୍ରରୁ ଯଦି କପି ଧରାପଡ଼ିଥିଲା, ତେବେ ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ କପି ଧରାପଡ଼ିବା ଘଟଣାକୁ କାହିଁକି ଚପାଇ ଦିଆଯାଇଥିଲା। ପରୀକ୍ଷା କେନ୍ଦ୍ରରେ ଥିବା ସିସିଟିଭି ଯାଞ୍ଚ ପରେ ହିଁ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି।

ସକାଳ
THE SAKALA



# ବାଲିବନ୍ଧ ବନାଞ୍ଚଳକୁ ଲେଉଟିଲେ ହାତୀପଲ

ବାଲିବନ୍ଧ,୨୩।୨(ସମିସ)



କେନ୍ଦୁଝର ସଦର ରେଞ୍ଜରେ ରହିଥିବା ହାତୀ ପଲ ରବିବାର ରାଇକଳା ଦେଇ ବାଲିବନ୍ଧ ବନାଞ୍ଚଳକୁ ପ୍ରବେଶ କରିଛନ୍ତି। ହାତୀପଲ ବାଲିବନ୍ଧ ବନାଞ୍ଚଳର ଦୁର୍ଗାପୁର ଦେଇ ଲକ୍ଷ୍ମୀପଶି ବିଟ୍‌ର ସୋଲଗୋଡ଼ା ଜଙ୍ଗଲରେ ପ୍ରବେଶ କରିଛନ୍ତି। ହାତୀଗୁଡ଼ିକ ସୋଲଗୋଡ଼ା ଜଙ୍ଗଲକୁ ପ୍ରବେଶ କରିବା ପୂର୍ବରୁ ପାର୍ବତୀପୁର ଗ୍ରାମର ଜଣେ ବ୍ୟକ୍ତି ନିର୍ମାଣ କରୁଥିବା

## ପନିପରିବା ଫସଲ ଉଜାଡ଼ିବା ଆଶଙ୍କା

ନୂତନ ଘରର କାନ୍ଥକୁ ଭାଙ୍ଗି ଦେଇଛନ୍ତି। ହାତୀପଲ ବର୍ତ୍ତମାନ ସୋଲଗଡ଼ା ଏବଂ ମଣଦା ମଝିରେ ରହିଥିବା ଜଙ୍ଗଲରେ ଆଶ୍ରୟ ନେଇଛନ୍ତି। ହାତୀ ପଲ ଲକ୍ଷ୍ମୀପଶି ବିଟ୍‌କୁ ପ୍ରବେଶ କରିଥିବାରୁ ପରିବା ଚାଷୀ ଚିନ୍ତାରେ ପଡ଼ିଯାଇଛନ୍ତି। ତାଙ୍କ ବାଡ଼ି ବଗିଚା ନଦୀ ନାଳ କୂଳରେ। ଏଥିରେ ବିଭିନ୍ନ ପନିପରିବା ଚାଷ ହୋଇଛି। ତେଣୁ ଏହି ଫସଲ ହାତୀ କବଳରୁ କିଭଳି ରକ୍ଷା କରିବେ ବୋଲି ଏବେ ଚିନ୍ତାରେ ପଡ଼ିଛନ୍ତି। ହାତୀ ପଲ ଧାନ ପାଚିଥିବା ସମୟରେ ଆସି ଚାଷୀଙ୍କ ବ୍ୟାପକ ଧାନ ଫସଲକୁ ଖାଇବା ସହିତ ପାଦରେ ଦଳି ଚକଟି ନଷ୍ଟ କରିଥିଲେ। ପୁଣି ଥରେ ହାତୀପଲ ବର୍ତ୍ତମାନ ଲେଉଟି ଆସିଛନ୍ତି ଏହି ଅଞ୍ଚଳକୁ। ବିଶେଷ କରି ହାତୀଗୁଡ଼ିକ ଧାନ ଫସଲକୁ ଯେପରି ନଷ୍ଟ କରିଥିଲେ, ଏବେ ପନିପରିବା ନଷ୍ଟ ହେବା ଆଶଙ୍କା ପ୍ରକାଶ ପାଇଛି। ତେଣୁ ବାଲିବନ୍ଧ ବନପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ବନରକ୍ଷୀ, ଗଜସାଥୀ, ପାରା ଷ୍ଟାଫ୍ ହାତୀ ଆଶ୍ରୟ ନେଇଥିବା ସ୍ଥାନରେ ଉପସ୍ଥିତ ରହି ଗତିବିଧି ଲକ୍ଷ୍ୟ କରୁଛନ୍ତି। ସନ୍ଧ୍ୟାରେ ହାତୀଗୁଡ଼ିକୁ ପନିପରିବା ଚାଷ ହୋଇଥିବା ସ୍ଥାନରୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯିବ ବୋଲି ବାଲିବନ୍ଧ ବନପାଳ କହିଛନ୍ତି।

# ଶଶୁରଙ୍କୁ ଆକ୍ରମଣ ଓ ଗାଡ଼ି ପୋଡ଼ି ମାମଲାରେ ଜ୍ୱାଇଁ ଗିରଫ



ବଡ଼ବିଲ,୨୩।୨(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଦାମୁ ହଟିଂରେ ଘଟିଛି ଏକ ଅଭାବନୀୟ ଘଟଣା। ନିଜ ଜ୍ୱାଇଁର ଆକ୍ରମଣରେ ଲହୁଲୁହାଣ ହୋଇ ଶ୍ୱଶୁର ଚିକିତ୍ସିତ ହେଉଛନ୍ତି। ସୂଚନା ମୁତାବକ ଗତ ୧୭ ତାରିଖ ସନ୍ଧ୍ୟାରେ ଏହି ଘଟଣା ଘଟିଥିଲା। ସେହି ବସ୍ତିର ବାସିନ୍ଦା ଅଭିଯୁକ୍ତ ଗଜେନ୍ଦ୍ର କୁଙ୍କାଲ କୌଣସି ପୂର୍ବ ଝଗଡ଼ା କାରଣରୁ ରାଗିଯାଇ ତା'ର ଶ୍ୱଶୁର ଫୁଲଚାନ୍ଦ୍ ସର୍ଦ୍ଦାରକୁ ଘରେ ପଶି ଏକ ଲୁହା ଭାତ ଚଟୁ ସାହାଯ୍ୟରେ ମୁଣ୍ଡକୁ ପିଟି ରକ୍ତାକ୍ତ କରିଥିଲା। ଅଭିଯୁକ୍ତର ଶାଶୂ ଲକ୍ଷ୍ମୀ ସର୍ଦ୍ଦାର ଏ ବାବଦରେ ବଡ଼ବିଲ ଥାନାରେ ଅଭିଯୋଗ କରିଥିଲେ ହେଁ, ଅଭିଯୁକ୍ତ ଧରାପଡ଼ି ନ ଥିଲା। ତେବେ ଘଟଣାର ଚାରିଦିନ ପରେ ଆହତ ଶଶୁରଙ୍କୁ ତାଙ୍କର ଶାଳକ ଏକ ବୋଲେରୋ ଗାଡ଼ିରେ ଚିକିତ୍ସା ପାଇଁ ନେଇଥିବାରୁ ଅଭିଯୁକ୍ତ ରାଗିଯାଇ ଉକ୍ତ ବୋଲେରୋକୁ ନିଆଁ ଲଗାଇ ପୋଡ଼ି ଦେଇଥିଲା। ଏହି ଗାଡ଼ିର ମାଲିକ ଶଙ୍କର ଦାସଙ୍କ ସହ ମଧ୍ୟ ଅଭିଯୁକ୍ତର ପୂର୍ବରୁ ଶତ୍ରୁତା ଥିବା ଜଣାଯାଇଛି। ଏହି ଗାଡ଼ି ପୋଡ଼ି ଖବର ପାଇବା ପରେ ପୁଲିସ ଡାମୁ ହଟିଂରୁ ଅଭିଯୁକ୍ତ ଗଜେନ୍ଦ୍ର କୁଙ୍କାଲ୍‌କୁ ଗିରଫ କରି ଅଦାଲତ ଚାଲାଣ କରିଛି। ଏହି ଘଟଣାରେ ଏକ ଲୁହା ଭାତ ଚଟୁ ଏବଂ ବୋଲେରୋ ଜିପ ଜବତ କରାଯାଇଛି।

# ଖଜୁରିଡିହାରେ ଏକଦିବସୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା



ତୁରୁମୁଙ୍ଗା,୨୩।୨(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ୍ ଖଜୁରିଡିହା ଗ୍ରାମରେ ଏକଦିବସୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କପୁଣ୍ଡି ସରପଞ୍ଚ ଅନିତା କୁସୁମୁଳିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ବିଜୟ ପଇଡା, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ମୋହନ ଚରଣ ପାତ୍ର, ହଳଧର ମହାନ୍ତ, କଳାକାର ମହାନ୍ତ, ମଧୁସୂଦନ ମହାନ୍ତ, ଭଗବାନ ମହାନ୍ତ, ସୁକାନ୍ତ ମହାନ୍ତ, ମହେଶ୍ୱର ମହାନ୍ତ, ସାମାଜିକ କର୍ମୀ ମନହର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।ପ୍ରତିଯୋଗିତାରେ ମୋଟ ୧୬ ଜଣ ଖେଳାଳୀ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ୍ ମ୍ୟାଚ ସୌମ୍ୟରଞ୍ଜନ ମହାନ୍ତ ଓ ଶ୍ରୀକାନ୍ତ ପ୍ରଧାନ ଚାମ୍ପିଅନ ହୋଇଥିବାବେଳେ ବିପ୍ଳବ କୁମାର ପୃଷ୍ଟି ଓ ଦିଲ୍ଲୀପ ବେଜ୍ ରନର୍ସ-ଅପ୍ ହୋଇଥିଲେ। ଖଜୁରିଡିହା ବ୍ୟାଡମିଣ୍ଟନ୍ କ୍ଲବ୍‌ର ସୌମ୍ୟରଞ୍ଜନ ମହାନ୍ତ, ନରେଶ ମହାନ୍ତ, ଦେବପ୍ରସାଦ ମହାନ୍ତ, ମୁକେଶ କୁମାର ମହାନ୍ତ, ନିର୍ମଳ କୁମାର ମହାନ୍ତ, ଜୟ ପ୍ରକାଶ ମହାନ୍ତ, ହିମାଂଶୁ ଶେଖର ମହାନ୍ତ, ଗୋଲକ ବିହାରୀ ପାତ୍ର, ଶଶୀରଞ୍ଜନ ମହାନ୍ତ, ସଞ୍ଜୟ ପାତ୍ର, ସୁଧୀର ମହାନ୍ତ, ପୂର୍ଣ୍ଣାନନ୍ଦ ନାଏକ, ଶ୍ରୀକାନ୍ତ ପ୍ରଧାନ କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ପରିଚାଳନା କରିଥିଲେ।

### ଅନୁଦାନ ନାହିଁ, ଏଷ୍ଟିମେଣ୍ଟ କି କାର୍ଯ୍ୟାଦେଶ ହୋଇନି

# ଆଗୁଆ କାଡ଼ା କେନାଲ ନିର୍ମାଣ କାହିଁକି?



ଆନନ୍ଦପୁର,୨୩।୨(ସମିସ): ସରକାରୀ ଅନୁଦାନ ମିଳିନି। ବିଭାଗୀୟ ଏଷ୍ଟିମେଣ୍ଟ ହୋଇନି କି କାର୍ଯ୍ୟଦେଶ ହୋଇନି, ହେଲେ କାଡ଼ା କେନାଲ ଖୋଳା କାର୍ଯ୍ୟ ଆରମ୍ଭ ହେଲାଣି। କାହିଁକି ଏଭଳି ଆଗୁଆ ନିର୍ମାଣ ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠିବା ସହ ଜାଲିଆତିର ପୂର୍ବାଭାସ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବିଭାଗ ପକ୍ଷରୁ ଆଗୁଆ କାର୍ଯ୍ୟ ଆରମ୍ଭ କରି ତଞ୍ଚକତା କରାଯାଉଥିବା ପାଣି ପଞ୍ଚାୟତ ବୈଠକରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ବିରକ୍ତି ଭାବ ପ୍ରକାଶ କରି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ତାଗିଦ କରିଥିଲେ ହେଁ ଓରାଳୀ-ଆପଣ୍ଡା ନିକଟରେ ଏପରି ଆଗୁଆ କେନାଲ କାର୍ଯ୍ୟ କରାଯାଉଛି। ହରିଲୁଟ୍ ପାଇଁ ଆଗୁଆ ବାଟ ସଫା କରାଯାଉଥିବା ଅଭିଯୋଗ ହେଉଛି। ଅପରପକ୍ଷରେ ପାଣି ପହଞ୍ଚୁନଥିବା ଜମିକୁ ଜଳସେଚନ କରିବା ପାଇଁ କାଡ଼ା କେନାଲ କରିବା ପରିବର୍ତ୍ତେ ମୁଖ୍ୟ କେନାଲ ପାଶ୍ୱର୍ରେ ଏହି କାଡ଼ା କେନାଲ ଖୋଲାଯାଉଥିବା ଦେଖିବାକୁ ମିଳୁଛି। ଏପରି କାର୍ଯ୍ୟ ପ୍ରତିବାଦରେ କେତେକ ଚାଷୀ ଜଳସମ୍ପଦ ବିଭାଗ ସଚିବଙ୍କୁ ଦାବିପତ୍ର ପ୍ରଦାନ କରି ଏହାର ତଦନ୍ତ ଦାବି କରିଛନ୍ତି।

'କମାଣ୍ଡ ଏରିଆ' ଡେଭଲପମେଣ୍ଟ ଆଣ୍ଡ ଅଥରିଟି ( କାଡା) ଅନୁଦାନର ବିନିଯୋଗରେ ଆଖିବୁଜା ଦୁର୍ନୀତି ଚାଲିଛି। ଏ ନେଇ କିଛିଦିନ ତଳେ ବିଜେପି ନେତା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ କରିଥିଲେ। ଏ ନେଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ତାଗିଦ ମଧ୍ୟ କରିଥିଲେ। ଆନନ୍ଦପୁର କ୍ଷୁଦ୍ର ଜଳସେଚନ ବିଭାଗର ପ୍ରକଳ୍ପ ଅଞ୍ଚଳରେ ଥିବା ଢିପ ଜମିକୁ ଜଳସେଚିତ କରିବା ପାଇଁ କାଡ଼ା କେନାଲର ପରିକଳ୍ପନା କରାଯାଇଥିଲା, ହେଲେ ସ୍ଥାନୀୟ ପାଣି ପଞ୍ଚାୟତକୁ ଉପେକ୍ଷା କରି ବର୍ଷବର୍ଷ ଧରି ନିର୍ବାଚନ ହୋଇ ନଥିବା ପାଣି ପଞ୍ଚାୟତକୁ ମୋହରା କରାଯାଇ ଏଭଳି ଖୋଲାଖୋଲି ଦୁର୍ନୀତି ଚାଲିଛି। ଏହାର ଉଚ୍ଚସ୍ତରୀୟ ଜନ୍ଦନ୍ତ କରାଯିବାକୁ ଦାବି ହେଉଛି।

# ଫଟା ପାଇପ୍‌ରେ ଜଳଯୋଗାଣ; ଶୁଣୁନାହାନ୍ତି କର୍ତ୍ତୃପକ୍ଷ



ଆନନ୍ଦପୁର,୨୩।୨(ସମିସ): ଫଟା ପାଇପ୍‌ରେ ଜଳଯୋଗାଣ। ଇଏ ଦିନେ ନୁହେଁ କି ଦୁଇଦିନ ନୁହେଁ, ଦୀର୍ଘ ୬ମାସରୁ ଅଧିକ ସମୟ ହେଲାଣି। ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଶୁଣିବାକୁ କେହି ନାହିଁ। ସବୁଦିନେ ଜଳ ଯୋଗାଣ ସମୟରେ ରାସ୍ତାରେ ପାନୀୟ ଜଳ ଭାସି ଯାଉଛି। ଯାତାୟାତ ଘୋର ଅସୁବିଧା ହେଉଛି। ଖାଲ ଖମାରେ ପାଣି ଜମି ବିନା ବର୍ଷାରେ ରାସ୍ତା କାଦୁଅ ହେଉଛି। ଅନ୍ୟପକ୍ଷରେ ଟ୍ୟାପ ଖୋଲିଲେ ଗୋଳିଆ ପାଣି ବାହାରୁଛି। ଆନନ୍ଦପୁର ପୌରପରିଷଦ ୧୪ ନମ୍ବର ୱାର୍ଡ ଘଷିପୁରା ମଠ ସାହିରେ ଏଭଳି ଅଶୋଭନୀୟ ପରିସ୍ଥିତି ଉପୁଜିଛି। ଏହି ଫଟା ପାଇପ୍‌ରେ ଯୋଗାଣ ହେଉଥିବା ଜଳ ସ୍ୱାସ୍ଥ୍ୟପକ୍ଷେ ଅତ୍ୟନ୍ତ ଅନୁପଯୋଗୀ ହୋଇଥିଲେ ହେଁ ତାହାକୁ ଲୋକେ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ସେହିପରି ହାଟଡିହୀ ବ୍ଲକ୍ ବଞ୍ଚୋ ପଞ୍ଚାୟତ ନାଏକ ସାହିର ପରିସ୍ଥିତି ଏଠାରେ ସୃଷ୍ଟି ହୋଇ ପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ସଂପୃକ୍ତ ୱାର୍ଡରେ ପ୍ରାୟ ୨ହଜାରରୁ ଅଧିକ ଲୋକ ବସବାସ କରନ୍ତି। ପୌର ପରିଷଦ ପକ୍ଷରୁ ଉଚିତ୍ ପଦକ୍ଷେ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଶିଶୁ ବିକାଶ ବିଭାଗରେ ଟେଣ୍ଡର ଫିକ୍ସିଂ; କର୍ମଚାରୀ-ବିଡର୍ ସଲାସୂତରା

ଆନନ୍ଦପୁର,୨୩।୨(ସମିସ): ଆନନ୍ଦପୁର ଶିଶୁ ବିକାଶ କାର୍ଯ୍ୟାଳୟରେ ଟେଣ୍ଡର ଫିକ୍ସିଂ ହେଉଥିବା ଅଭିଯୋଗ ହୋଇଛି। ସରକାରୀ ନୀତିନିୟମକୁ ଉଲ୍ଲଂଘନ କରି ଏପରି କରାଯାଉଥିବାରୁ ନିର୍ଦ୍ଦିଷ୍ଟ ଏଜେନ୍ସି ଓ



ବ୍ୟବସାୟୀମାନେ ଏହି ବିଭାଗର ସୁବିଧା ହାତେଇ ନେଉଥିବା ଅଭିଯୋଗ ହେଉଛି। ବିଭାଗର ଜନୈକା କର୍ମଚାରୀ ନିର୍ଦ୍ଦିଷ୍ଟ କେତେକ ବିଡରଙ୍କ ସହିତ ସଲାସୂତରା କରି ଏହି କାର୍ଯ୍ୟାଳୟରେ ବ୍ୟାବସାୟିକ ଆଡ୍ଡା ଜମାଇ ଥିବାରୁ ବିଭିନ୍ନ ଏଜେନ୍ସିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆଜକୁ ଦୁଇବର୍ଷ ହେବ ଏପରି ହେରାଫେରି ଚାଲିଥିବାବେଳେ ଚଳିତ ଫେବୃଆରୀ ମାସରେ ୱାଲ୍ ପେଣ୍ଟିଂ ପାଇଁ ହୋଇଥିବା ଟେଣ୍ଡର ଫିକ୍ସିଂରୁ ଏହି ଜାଲିଆତିର ପର୍ଦ୍ଦାଫାସ ହୋଇଛି। ଆନନ୍ଦପୁର ଶିଶୁ ବିକାଶ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୦୮/୨ -୨-୨୦୨୬ରେ ୨୨୮ଟି ଅଙ୍ଗନବାଡ଼ି କେନ୍ଦ୍ରର କାନ୍ଥରେ ସରକାରଙ୍କ ଯୋଜନା ଓ ବିଭିନ୍ନ ସୂଚନା ପେଣ୍ଟିଂ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ନିର୍ଦ୍ଦିଷ୍ଟ ଏଜେନ୍ସିକୁ ଏହି ସୁବିଧା ଟେକିଦେବା ପାଇଁ ଲୁଚାଛପାରେ ବିଜ୍ଞାପନ କରାଯାଇ ଥିଲା। ଏପରିକି ପରଦିନ ବୋର୍ଡରୁ ନୋଟିସ୍ ଉଭାନ ହୋଇଯାଇଥିଲା। ସେହିପରି ଏହି ଟେଣ୍ଡର ୱେବସାଇଟ୍‌ରେ ଦିଆଯାଇନଥିବାରୁ ଅନେକ ଏଜେନ୍ସି ଟେଣ୍ଡର ପ୍ରକ୍ରିୟାରୁ ବାଦ ପଡ଼ିଥିବା ଅଭିଯୋଗ ହୋଇଛି। ଟେଣ୍ଡରରେ ତଞ୍ଚକତା କରାଯାଇଥିବା ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ଜଣାଯାଇଛି। ଶିଶୁ ବିକାଶ କାର୍ଯ୍ୟାଳୟର ଜନୈକ କିରାଣି ଏହି କାର୍ଯ୍ୟାଳୟକୁ ନିଜ ହସ୍ତମୁଦି ମାହାଲ କରି ଟେଣ୍ଡର ପ୍ରକ୍ରିୟାକୁ ବିଭ୍ରାନ୍ତ କରୁଥିବା ନେଇ ଗୁରୁତର ଅଭିଯୋଗ ହୋଇଛି। ଏହି ବିଜ୍ଞପ୍ତିର ବହୁଳ ପ୍ରଚାର ପ୍ରସାର ପାଇଁ କୌଣସି ଖବରକାଗଜରେ ବିଜ୍ଞାପନ ଦିଆନଯାଇ ଟେଣ୍ଡର ପ୍ରକ୍ରିୟାକୁ ଲୁଚାଛପାରେ କରାଯିବାକୁ ଉଦ୍ୟମ ହୋଇଥିଲା। ଏଣୁ ଆନନ୍ଦପୁର ଉପଜିଲ୍ଲାପାଳ ଏହି ଅଭିଯୋଗର ତଦନ୍ତ କରି ଟେଣ୍ଡର ପ୍ରକ୍ରିୟାକୁ ରଦ୍ଦ କରି ପୁନଃ ବିଜ୍ଞପ୍ତି ଜରିଆରେ ଟେଣ୍ଡର କରିବାକୁ ଦାବି ହୋଇଛି।

# ସରସ୍ୱତୀ ଶିଶୁମନ୍ଦିରରେ ଜେଜେ ବାପା ଜେଜେ ମା' ସମ୍ମିଳନୀ



ଆନନ୍ଦପୁର,୨୩।୨(ସମିସ): ଆନନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିରର ବାଟିକା କକ୍ଷରେ ଜେଜେବାପା ଜେଜେମା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପରିଚାଳନା ସମିତିର ସଭାପତି ଉଷାରାଣୀ ଜେନା ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ସମ୍ମିଳନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଦସ୍ୟ ସୁବାସ ଚନ୍ଦ୍ର ବେହେରା ଶିଶୁମାନଙ୍କର ବିକାଶରେ ଜେଜେ ବାପା ଜେଜେମାଙ୍କର ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉପସଭାପତି ଜଗନ୍ନାଥ ସିଂ ଉପସ୍ଥିତ ଥିଲେ। ୫୦ରୁ ଉର୍ଦ୍ଧ୍ୱ ଜେଜେ ବାପା ଜେଜେ ମା ଉପସ୍ଥିତ ରହି ନିଜ ନିଜର ମନ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ତୃପ୍ତି ରାଣୀ ବେହେରା ଅତିଥି ଅଧିକାରୀମାନଙ୍କ ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗୁରୁମା ସବିତା ମଳିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁରୁଜୀ ହରେକୃଷ୍ଣ ପତି ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଗୁରୁଜୀ ଓ ଗୁରୁମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

ଯୋଡ଼ା,୨୩।୨(ସମିସ): ଜିନ୍ଦଲ ଷ୍ଟିଲ୍‌ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନର ପ୍ରମୁଖ କାର୍ଯ୍ୟକ୍ରମ "ଦୃଷ୍ଟି" ଅଧୀନରେ ଏବଂ କେନ୍ଦୁଝର ଏଲ୍‌ଭି ପ୍ରସାଦ ଚକ୍ଷୁ ଅନୁଷ୍ଠାନ ସହଯୋଗରେ ବଡ଼ବିଲ ପେଲେଟ ପ୍ଲାଣ୍ଟ, ଟେନ୍‌ସା ମାଇନ୍ସ ଓ କାଶିଆ ମାଇନ୍ସ ଅଞ୍ଚଳରେ ଚକ୍ଷୁ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି।




ପେଲେଟ ପ୍ଲାଣ୍ଟ ପାର୍ଶ୍ୱବର୍ତ୍ତୀ ଦେଓଝର ଗ୍ରାମ ପଞ୍ଚାୟତରେ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରକୁ ପେଲେଟ ପ୍ଲାଣ୍ଟ ୟୁନିଟ ହେଡ୍ ସତୀଶ ସିନ୍ଧୁରିଆ ଉଦ୍‌ଘାଟନ କରିଥିଲେ। ଏଥିରେ ସ୍ଥାନୀୟ ଲୋକ ପ୍ରତିନିଧି, ଗ୍ରାମର ବହୁ ବିଶିଷ୍ଟ ଲୋକ ଓ ସିଏସ୍‌ଆର୍ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏହି ଶିବିରରେ ୨୧୪ ଜଣ ଚକ୍ଷୁ ପରୀକ୍ଷା କରାଇଥିଲେ।

ଟେନ୍‌ସାରେ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରରେ ୧୦୫ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏଥିରେ ସରକାରୀ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି, ଟେନ୍‌ସା ମାଇନ୍ସର ଅଧିକାରୀ ଉପସ୍ଥିତ ଥିଲେ। ସେହିପରି କାଶିଆ ମାଇନ୍ସରେ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରକୁ ଜିନ୍ଦଲ ଷ୍ଟିଲର ବିକେଟିଆର କ୍ଲଷ୍ଟର ମୁଖ୍ୟ ଶ୍ରୀ ପ୍ରମୋଦ କୁମାର ପାତ୍ର ଉଦଘାଟନ କରିଥିଲେ। ଏଥିରେ ସ୍ଥାନୀୟ ଲୋକ ପ୍ରତିନିଧି, ବଡ଼ବିଲ ଓ ବାସୁଦେବପୁର ଗୋଷ୍ଠୀ ଚକିତ୍ସା କେନ୍ଦ୍ରର ବରିଷ୍ଠ ଅଧିକାରୀଙ୍କ ସମେତ ଗ୍ରାମବାସୀ, କାଶିଆ ମାଇନ୍ସର ଅଧିକାରୀ, ସିଏସ୍‌ଆର୍ ଅଧିକାରୀ ଓ ସ୍ୱାସ୍ଥ୍ୟ ସଙ୍ଗିନୀ ଉପସ୍ଥିତ ଥିଲେ। ଏଥିରେ ମୋଟ ୩୪୦ ଜଣ ଚକ୍ଷୁ ପରୀକ୍ଷା କରାଇଥିଲେ। ସେମାନଙ୍କ ମଧ୍ୟରୁ ୨୪୦ ଜଣଙ୍କୁ ମାଗଣା ଚଷମା ପ୍ରଦାନ କରାଯାଇଥିଲେ। ପାରିପାର୍ଶ୍ୱିକ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡ଼ା ଓ ସଂସ୍କୃତିର ବିକାଶ ଓ ସୁରକ୍ଷା ପାଇଁ ଜିନ୍ଦଲ ଫାଉଣ୍ଡେସନ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛି। ନିୟମିତ ଭାବେ ଚକ୍ଷୁ ଚିକିତ୍ସା ଶିବିରର ଆୟୋଜନ ପାରିପାର୍ଶ୍ୱିକ ଅଞ୍ଚଳର ଉତ୍ତମ ସ୍ୱାସ୍ଥ୍ୟ ପ୍ରତି ଜିନ୍ଦଲ ଫାଉଣ୍ଡେସନର ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି।

# ନବବଧୂକୁ ପିଟିପିଟି ହତ୍ୟା, ଫୋରେନସିକ୍ ଟିମର ତନାଘନା

ହାଟଡ଼ିହୀ,୨୩।୨(ସମିସ): ସୋସୋ ଥାନା ଅଧୀନ ଆତୁରିକଣା ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା। ବାହାଘରର ଦିନ କେଇଟା ହୋଇନି ନବବଧୂକୁ ପିଟିପିଟି ମାରି ଦେଇଥିବା ଅଭିଯୋଗ ହୋଇଛି। ଶଶୁର ଘର ଲୋକେ ୫୦ ହଜାର ଟଙ୍କା ଦାବି କରିଥିଲେ, ଦେଇ ନପାରିବାରୁ ମୋ ଝିଅକୁ ମାରିଦେଲେ ବୋଲି ବାଲେଶ୍ୱର ଜିଲ୍ଲା ଖଇରା ଥାନା ରଟିଣା ଗ୍ରାମର ଅଭୟ ଦେହୁରୀ ଓ ତାଙ୍କ ପତ୍ନୀ ରଶ୍ମିତା ଅଭିଯୋଗ କରିଛନ୍ତି। ଦେଢ଼ ବର୍ଷ ପୂର୍ବେ ତାଙ୍କ ଝିଅ ଅତସୀ ଦେହୁରୀ କେନ୍ଦୁଝର ଜିଲ୍ଲା ସୋସୋ ଥାନା ପଡ଼ିଆରିପଲ୍ଲୀ ପଞ୍ଚାୟତ ଆତୁରିକଣା ଗାଁର ଚନ୍ଦନ ପଲେଇଙ୍କୁ ବିବାହ କରିଥିଲେ। ପ୍ରେମ ବିବାହ କରିଥିବା ବେଳେ ପରବର୍ତ୍ତୀ ସମୟରେ ବାପ ଘରୁ ନିୟମିତ ଭାବେ ଟଙ୍କା ଆଣିବାକୁ ଦାବି କରି ଅତସୀ ଉପରେ ନିର୍ଯାତନା ଦେଉଥିଲେ ବୋଲି ମୃତା ଅତସୀଙ୍କ ବାପା ଅଭୟ କହିଛନ୍ତି। ଗତକାଲି(ରବିବାର) ରାତିରେ ତୁରନ୍ତ ଆସ ବୋଲି ଚନ୍ଦନ ଶଶୁର ଘରକୁ ଖବର ଦେଇ ଡକାଇଥିଲେ। ସେମାନେ ପହଞ୍ଚିବା ପରେ ଝିଅ ମରି ପଡ଼ିଥିବା ଦେଖିବାକୁ ପାଇଥିଲେ। ଝିଅକୁ ପିଟିପିଟି ମାରି ଦେଇଥିବା ବେଳେ ମୃତ ମହିଳାଙ୍କ ୬ ମାସର ଛୁଆର ସାର୍ଟରେ ରକ୍ତ ଲାଗିଥିବାରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଝିଅଘର ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏଭଳି ଘଟଣାରେ ପୁଲିସ ଖବର ପାଇ ଶବକୁ ଜବତ କରି ବ୍ୟବଚ୍ଛେଦ ପରେ ଆନନ୍ଦପୁର ଉପଖଣ୍ଡ ମେଡିକାଲକୁ ପଠାଇବା ସହ ଅଭୟଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ଫୋରେନସିକ୍ ଟିମ୍ ସହାୟତାରେ ତନାଘନା କରୁଛି। ତେବେ ଅତସୀଙ୍କ ମୃତ୍ୟୁ ହତ୍ୟା ନା ଆତ୍ମହତ୍ୟା ବୋଲି ସ୍ପଷ୍ଟ ହୋଇନଥିବା ବେଳେ ଅତସୀଙ୍କ ସ୍ୱାମୀଙ୍କୁ ପୁଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି।

# ଅଧାପନ୍ତରିଆ ରାସ୍ତା ନିର୍ମାଣ, ଭାଙ୍ଗିଦେଲେ ସୂଚନା ଫଳକ

ଆନନ୍ଦପୁର,୨୩।୨(ସମିସ)





ଅଧପନ୍ତରିଆ ରାସ୍ତା କାମକୁ ନେଇ ଅସନ୍ତୋଷ ବଢ଼ିଥିବାବେଳେ ଲୋକେ ସୂଚନା ଫଳକ ଭାଙ୍ଗି ଦେଇଥିବା ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଘଷିପୁରା ପଞ୍ଚାୟତ ସମିତି ପକ୍ଷରୁ ଗୋହିରା ଗ୍ରାମର ଖେଳ ପଡ଼ିଆ ନିକଟରେ ଥିବା ବସୁଧା ଯୋଜନାର ପାଣି ଟାଙ୍କି ନିକଟରୁ ଗୌରାଙ୍ଗ ବେହେରା ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ୩ଲକ୍ଷ ୮୧ ହଜାର ଟଙ୍କା ବ୍ୟୟ ବରାଦ ହୋଇଥିଲା। ଏହି କଂକ୍ରିଟ ରାସ୍ତା ନିର୍ମାଣକୁ ନେଇ ଏବେ ଦେଖାଦେଇଛି ଅସନ୍ତୋଷ। ସୂଚନା ଫଳକରେ ସ୍ପଷ୍ଟ ଭାବେ ଲେଖାଯାଇଛି ଯେ ଗୌରାଙ୍ଗ ବେହେରାଙ୍କ ଘର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯିବ। କିନ୍ତୁ ବାସ୍ତବରେ ସେହି ଅଂଶରେ କାମ ହୋଇ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳକରେ କାର୍ଯ୍ୟ ଆରମ୍ଭ ତାରିଖ ଲେଖାଯାଇଥିବା ବେଳେ, କାର୍ଯ୍ୟ ଶେଷ ହେବାର ତାରିଖ ଉଲ୍ଲେଖ ହୋଇନଥିବାରୁ ତଞ୍ଚକତା କରାଯାଇଥିବା ସନ୍ଦେହ ହୋଇଛି। ଏହା କେବଳ ଅବହେଳା ନା ଜାଲିଆତି କରିବାର ଗୁପ୍ତ ଯୋଜନା, ତାହାକୁ ନେଇ ଚର୍ଚ୍ଚା ଚାଲିଛି। ସବୁଠୁ ଚର୍ଚ୍ଚିତ ବିଷୟ ହେଲା, ଏହି କାର୍ଯ୍ୟ ପାଇଁ ଲାଗିଥିବା ସୂଚନା ଫଳକଟି ଭାଙ୍ଗି ଦିଆଯାଇଥିବାରୁ ଜାଲିଆତି କରାଯାଉଥିବା ଅଭିଯୋଗ ହୋଇଛି। ତେବେ ଏହି କଂକ୍ରିଟ ରାସ୍ତା ଅତି ନିମ୍ନମାନର ବୋଲି ମଧ୍ୟ ଅଭିଯୋଗ ହୋଇଛି। ଏଠି ପ୍ରଶ୍ନ ଉଠୁଛି ଯେ କାର୍ଯ୍ୟସ୍ଥଳରେ ଯନ୍ତ୍ରୀ ଯଦି ଉପସ୍ଥିତ ଥିଲେ, ଏଭଳି ନିମ୍ନମାନର ନିର୍ମାଣ କେମିତି ହେଲା। ତେଣୁ କାର୍ଯ୍ୟର ସମସ୍ତ ତଥ୍ୟ ସାର୍ବଜନୀନ କରାଯାଉ, ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି ସ୍ଥାନୀୟ ଲୋକେ।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୧୦ ଅଭିଯୋଗର ଶୁଣାଣି କଲେ ପ୍ରଶାସନ

ଉଦଳା, ୨୩।୨(ସମିସ)

ଆଜି କପ୍ତିପଦା ଉପଖଣ୍ଡ ଉଦଳାର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସୟ ଓ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ଯୋଗଦେଇ ୧୧୦ଟି ଅଭିଯୋଗର ଶୁଣାଣି କରିଛନ୍ତି।

ଉପଖଣ୍ଡର ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ହୃଷିକେଶ ନାଏକ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ମୀନକେତନ ମହାନ୍ତି ଯୋଗ ଦେବା ସହିତ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣୀ କାର୍ଯ୍ୟରେ ସହଯୋଗ କରିଥିଲେ। ସମସ୍ତ ଅଭିଯୋଗ ମଧ୍ୟରେ ୮୯ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବା ସ୍ଥଳେ ୨୧ଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ସେଥିମଧ୍ୟରୁ ୨୧ଟି ସମସ୍ୟାର ତତ୍କାଳ ସମାଧାନ କରାଯାଇ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୭ ଜଣଙ୍କୁ ଏକ ଲକ୍ଷ ପଚିଶ ହଜାର, ରେଡକ୍ରସ ପାଣ୍ଠିରୁ ୪ ଜଣଙ୍କୁ ୫୫ ହଜାର ମୋଟ ଏକ ଲକ୍ଷ ଅଶୀ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଆଜିର ଶୁଣାଣିରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ମଧ୍ୟରେ ଉଦଳା ବ୍ଲକ ଚନ୍ଦ୍ରପୁର ଗ୍ରାମର ସରକାରୀ ଜମିରେ ଘର କରି ରହିବା, ଶିମିଳିପାଳ ଜେନାବିଲ୍, କବାଟଘାଇରୁ ବିସ୍ଥାପିତ କରି ଆମ୍ବଡିହା କଲୋନୀରେ ରଖାଯାଇଥିବା ବିସ୍ଥାପିତଙ୍କୁ ରାଶି ପ୍ରଦାନ, ଦୁଗୁଧା ପଞ୍ଚାୟତ ବଡବିଲା ଗ୍ରାମକୁ ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଅର୍ନ୍ତଭୁକ୍ତ କରି ସ୍ଥାୟୀ ପକ୍କା ରାସ୍ତା ନିର୍ମାଣ, ରାଡୋ ପଞ୍ଚାୟତ ହିଲ୍ ବ୍ଲକ ୨୮ ର ମନରେଗା ଯୋଜନାରେ ଠକେଇ, ବହୁବନ୍ଧ ପଞ୍ଚାୟତ ନାବରା କଲୋନୀର ମିଶନ ଶକ୍ତି ବାଦାମ ଚାଷୀଙ୍କୁ ଚାଷ ନିମନ୍ତେ ବିହନ, ପାଣି ଏବଂ ଜମି ଯୋଗାଣ, ଜାମପାଣି ବନ୍ଧକୁ ମିନି ଡ୍ୟାମ୍‌ରେ ପରିଣତ କରିବା, କପ୍ତିପଦା ବିଜ୍ଞାପିତ ଅଞ୍ଚଳ ପରିଷଦରୁ ପରାସବଣୀ ଗ୍ରାମକୁ ବାଦ୍ ଦେବା, ଦେୱାନବାହାଲୀ ଗ୍ରାମ ପଞ୍ଚାୟତ ଆଦିଘୁଟୁ ଗୁଲିଆ ନାଳସାହି, ରମ୍ଭାଦର ଲାଗସାହିରେ ନୂତନ ନଳକୂପ ଖନନ, ଜଡିଦା ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟରେ ଦୁର୍ନୀତି, ପଦ୍ମପୋଖରୀ ପଞ୍ଚାୟତ ଧନାସାହି, ମହାକୁଡସାହି, ବେହେରାସାହି ନିମନ୍ତେ ଏକ ନୂତନ ଅଙ୍ଗନବାଡି କେନ୍ଦ୍ର ସ୍ଥାପନ, ଶୋଲଗଡ଼ିଆ ଗ୍ରାମର ସରକାରୀ ଜଙ୍ଗଲ ଜମିରେ ଥିବା ଆମ୍ବ ବଗିଚା ଜବରଦଖଲ ଉଚ୍ଛେଦ, ଖୁଣ୍ଟା ବ୍ଲକ ନାଲୁହା ଏମଆଇ ବାମ-୨ର କାଦପାଳଶା କେନାଲ ହିରାପୁର ସ୍କୁଲଠାରେ ଏକ ପୋଲ, ଗାଡୱାଲ ଓ କେନାଲ ସଫେଇ, ଗୋପବନ୍ଧୁନଗର ବ୍ଲକ ଶୀଳଘାଟି ପଞ୍ଚାୟତ କେନ୍ଦୁଆମୁଣ୍ଡି ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ତାଲିକାରେ ପାତରଅନ୍ତର ଆଦି ଅଭିଯୋଗ ଉପରେ ବିଚାର କରି ତା'ର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ମୟୂରଭଞ୍ଜ ନିର୍ଦ୍ଦେଶ ଦେଇଥିଲେ। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଡେପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା ଓ କାର୍ଯ୍ୟାଳୟର କର୍ମଚାରୀ ରମେଶ ପୃଷ୍ଟି, କବିତା ଖିଲାର, ସତ୍ୟପ୍ରକାଶ ପାତ୍ର, ସାଇସ୍ୱରୂପ କର, ରାଉତରାୟ ମୁର୍ମୁ, ପାର୍ବତୀ କିସ୍କୁ, ପ୍ରୀତମ ମହାନ୍ତି, ହିମାଂଶୁ ଶଙ୍ଖୁଆ, ଅନୁଭବ ରାଉତ, ତାପସ ପ୍ରଧାନ, ତପୁ ପାତ୍ର, ଭବାନୀ ପଣ୍ଡା, ଅଜିତ ମହାପାତ୍ର, ତରୁଣକାନ୍ତି ମହାପାତ୍ର ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।




## ଦୁର୍ଘଟଣାରେ ଜଣେ ମୃତ

**ରାଇରଙ୍ଗପୁର/କରଞ୍ଜିଆ, ୨୩।୨(ସମିସ):** ଦ୍ରୁତଗାମୀ ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ କରଞ୍ଜିଆ ଥାନା ଅନ୍ତର୍ଗତ ପୁରୁଣାପାଣି ଗ୍ରାମର ଚୌଧୁରୀ ମହାନ୍ତ। ସେ ଅନ୍ୟ ଜଣକ ସହ ବାଇକ ଯୋଗେ ଯାଉଥିବାବେଳେ ଏକ ଦ୍ରୁତଗାମୀ ଟାଟା ଏସସିଇ ତାଙ୍କୁ ଧକ୍କା ଦେଇଥିଲା। ଧକ୍କା ଦେବାରୁ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ଫଳରେ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ତାଙ୍କୁ ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ପୁରାତନ ଛାତ୍ରଙ୍କ ଗୁରୁପୂଜନ ଓ ସମ୍ବର୍ଦ୍ଧନା ସଭା

**କୁଆମରା, ୨୩।୨(ସମିସ):** ଗୋପବନ୍ଧୁନଗର ବ୍ଲକ କୁଆମରା ସାରସ୍ୱତ +୨ କଲେଜର ୧୯୮୧ ପ୍ରଥମ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ସହ ଗୁରୁପୂଜନ କାର୍ଯ୍ୟକ୍ରମ ସ୍ଥାନୀୟ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଗୋପିନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଅବସରପ୍ରାପ୍ତ ଅଧ୍ୟାପକ ବାସୁଦେବ ଆଚାର୍ଯ୍ୟ, ପଞ୍ଚାନନ ପୃଷ୍ଟି, ଜୟକୃଷ୍ଣ ମହାନ୍ତ, ଭାଗୀରଥି ଆଚାର୍ଯ୍ୟ ଓ କଲେଜର କାର୍ଯ୍ୟରତ ଅଧ୍ୟକ୍ଷ ବିଜୟ ବାରିକ ଯୋଗଦେଇ ଗୁରୁଶିଷ୍ୟ ପରମ୍ପରା ସମ୍ପର୍କରେ ଆଲୋକପାତ କରିବା ସହ ପୁରାତନ ଛାତ୍ର ଅନୁଷ୍ଠାନର ଉଦାହରଣ ବୋଲି ମତବ୍ୟକ୍ତ କରିଥିଲେ। ଏ ଅବସରରେ ଦୁଇ ଚତୁର୍ଥ ଶ୍ରେଣୀ କର୍ମଚାରୀ ପରେଶ ମାଇତି ଓ ପଞ୍ଚାନନ ରାଉତଙ୍କ ସମେତ ଅତିଥି ଭାବେ ଯୋଗଦେଇଥିବା ୬ ଜଣ ଗୁରୁଙ୍କୁ ଉପଢୌକନ ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରମେଶ ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ସନ୍ତୋଷ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱନାଥ ପଣ୍ଡା ଉଦଯାପନୀ ସଙ୍ଗୀତ ଗାନ କରିଥିଲେ। ପ୍ରାରମ୍ଭରେ ଗୁରୁ ବନ୍ଦନା ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ପଦ୍ମିନୀ, ଦୀପ୍ତି, ସୁପ୍ରଭା, ଅର୍ଚ୍ଚନା, ଜିତେନ, ଛତିଶ, ଗଙ୍ଗାଧର, ପ୍ରଦୀପ, ସିଦ୍ଧେଶ୍ୱର, ସୁଢଳ, ସରୋଜ, ପ୍ରଶାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ




**ବାରିପଦା, ୨୩।୨(ସମିସ):** ସ୍ଥାନୀୟ ଷ୍ଟାଡ଼ିୟମ ସମ୍ମିଳନୀ କକ୍ଷରେ ରବିବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୩୧ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଗୁରୁତ୍ୱ ନେଇ ଉପସ୍ଥିତ ଜନତାକୁ ବୁଝାଇଥିଲେ। ବିଜେପି ମୟୂରଭଞ୍ଜ (ପୂର୍ବ) ସାଂଗଠନିକ ଜିଲ୍ଲା ସଭାପତି ନିହାର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ପୂର୍ବତନ ମନ୍ତ୍ରୀ ମହାରାଜା ପ୍ରବୀଣ ଭଞ୍ଜଦେଓ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୀବନ ସାହୁ ଓ ସଞ୍ଜୀବ ମହାନ୍ତି, ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ଧାତିକା ଗ୍ରାମରେ ଅଗ୍ନିକାଣ୍ଡ; ୫ ଘର ଭସ୍ମୀଭୂତ



**ଶୁଳିଆପଦା, ୨୩।୨(ସମିସ):** ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ଅନ୍ତର୍ଗତ ଧାତିକା ପଞ୍ଚାୟତର ଧାତିକା ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟି ୫ଟି ଘର ଭସ୍ମୀଭୂତ ହୋଇଥିବା ଜଣାପଡ଼ିଛି। ଧାତିକା ଗ୍ରାମର ସୁରଭି ଧଳ, ମାଳତୀ ଧଳ, ପରମାନନ୍ଦ ଧଳ, ରତନ କୁମାର ଧଳ ଓ ବୃନ୍ଦାବନ ଧଳଙ୍କ ଚାଳଘରେ ନିଆଁ ଲାଗି ଘର ସମେତ ଧାନ, ଚାଉଳ, ଲୁଗାପଟା, ଟଙ୍କା, ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଏପରିକି ସେମାନଙ୍କ ଆଧାରକାର୍ଡ, ଜମିପଟ୍ଟା ଓ ସମସ୍ତ ଦରକାରୀ କାଗଜପତ୍ର ମଧ୍ୟ ପୋଡ଼ିଯାଇଛି। ଏହି ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନାହିଁ। ସରକାରୀ ଆବାସ ଯୋଜନାରେ ଘର ମିଳିଥିବାରୁ ସେହି ଘର କାମରେ ସମସ୍ତେ ବ୍ୟସ୍ତ ଥିବା ଭିତରେ ଖାଇବାକୁ ଯାଇଥିବାବେଳେ ହଠାତ ନିଆଁ ଲାଗି ଅଣାୟତ୍ତ ହେବାରୁ ସ୍ଥାନୀୟ ଲୋକେ ଓ ଅଗ୍ନିଶମ ବାହିନୀ ସହାୟତାରେ ନିଆଁକୁ ଆୟତ୍ତ କରାଯାଇଥିଲେ ସୁଦ୍ଧା ସେତେବେଳକୁ ସବୁକିଛି ପୋଡିଯାଇଥିଲା। ସ୍ଥାନୀୟ ସରପଞ୍ଚ ସୁକୁଲ ସୋରେନ, ଯୁବଛାତ୍ର ମଞ୍ଚ ସଭାପତି ସମୀର ମହାନ୍ତ, ମା' ଲକ୍ଷ୍ମୀ ସେବା ଟ୍ରଷ୍ଟର ପ୍ରତିଷ୍ଠାତା ଦିଲ୍ଲୀପ ତୁଙ୍ଗ ପହଞ୍ଚି କ୍ଷତିଗ୍ରସ୍ତ ପରିବାରକୁ ଆଶ୍ୱାସନା ଦେବା ସହ ଶୁଖିଲା ଖାଦ୍ୟ ଓ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ଅଗ୍ନି ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସ୍ୱେଚ୍ଛାସେବୀ ସଚେତନତା କର୍ମଶାଳା ଓ ପ୍ରଶିକ୍ଷଣ ଶିବିର



**ବାରିପଦା, ୨୩।୨(ସମିସ):** ଛାତ୍ରୀଙ୍କ ମଧ୍ୟରେ ସମାଜ ପ୍ରତି ସମ୍ବେଦନଶୀଳ ଭାବ ଜାଗ୍ରତ ପୂର୍ବକ ସେବା ମନୋଭାବର ବିକାଶକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖି ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ ଓ ଆଇକ୍ୟୁଏସିର ମିଳିତ ସହଯୋଗରେ ଏକ ସ୍ୱେଚ୍ଛାସେବୀ ସଚେତନତା କର୍ମଶାଳା ଓ ପ୍ରଶିକ୍ଷଣ ଶିବିର ସରକାରୀ ମହିଳା ମହାବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି। ଦିନିକିଆ ଏହି ସଚେତନତା କାର୍ଯ୍ୟକ୍ରମରେ ୟୁଥ ଫର ସେବା, ଭୁବନେଶ୍ୱରର ସହଯୋଗୀ ପରିଚାଳକ ସୁବ୍ରତ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ସମୟରେ ସ୍ୱେଚ୍ଛାସେବୀଙ୍କ ଭୂମିକା ଓ ବିଭିନ୍ନ ସ୍ଥାନରେ କର୍ମନିଯୁକ୍ତିର ସୁଯୋଗ ସମ୍ପର୍କରେ ଛାତ୍ରୀଙ୍କୁ ସଚେତନ କରାଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସାଗରିକା ସିଂହ ଅଧିକରୁ ଅଧିକ ଛାତ୍ରୀ ସ୍ୱେଚ୍ଛାସେବୀ ଭାବେ ଅଂଶଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରିବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ସେହିପରି ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡକ୍ଟର ଚନ୍ଦ୍ରକାନ୍ତ ଦାଶ ସୁସ୍ଥ ସାମାଜିକ ଜୀବନର ଅଗ୍ରଗତି ନିମନ୍ତେ ସ୍ୱେଚ୍ଛାସେବୀଙ୍କ ସକ୍ରିୟ ଅଂଶଗ୍ରହଣ ଏକାନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି ବୋଲି କହିଥିଲେ। ଯୁବ ରେଡକ୍ରସର କାଉନସିଲର ତପସ୍ୱିନୀ ନାଏକ ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ମହାବିଦ୍ୟାଳୟ ଆଇକ୍ୟୁଏସିର ସହସଂଯୋଜକ ଡକ୍ଟର ଧନେଶ୍ୱର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ମନୀଷା ହେମ୍ବ୍ରମ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରୀଙ୍କ ସହିତ ଅଧ୍ୟାପକ/ଅଧ୍ୟାପିକା ଯୋଗ ଦେଇଥିଲେ।

## ବାଳିକା ଆତ୍ମରକ୍ଷା ତାଲିମ ଶିବିର



**କୁଆମରା, ୨୩।୨(ସମିସ):** ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ କଲେଜରେ ବାଳିକା ଆତ୍ମରକ୍ଷା ତାଲିମ ଶିବିରକୁ ଅଧ୍ୟକ୍ଷ ଅନନ୍ତ ପ୍ରସାଦ ବେହେରା ଉଦଘାଟନ କରିଛନ୍ତି। ଏହି ୧୦ଦିନିଆ ଶିବିରରେ ୬୭ ଜଣ ଛାତ୍ରୀ ତାଲିମ ନେଉଛନ୍ତି। ଉଦଘାଟନୀ ଉତ୍ସବରେ ଅଧ୍ୟକ୍ଷ ଅନନ୍ତ ପ୍ରସାଦ ବେହେରା, ଯୋଜନା ଅଧିକାରୀ ତଥା ନୋଡାଲ ଅଫିସର ଅଧ୍ୟାପିକା ମାମୁନୀ ବେରା, ଅଧ୍ୟାପିକା ଜ୍ୟୋତିରୂପା ମହାପାତ୍ର, ଟ୍ରେନର ମିନତୀ ପଲତା ପ୍ରମୁଖ ଅଂଶଗ୍ରହଣ କରି ଆତ୍ମ ସୁରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଜୟ ଶ୍ରୀରାମ ସଂଘ ପକ୍ଷରୁ ଶ୍ରୀରାମନବମୀ ପ୍ରସ୍ତୁତି ବୈଠକ



**ବେତନଟୀ, ୨୩।୨(ସମିସ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ଜୟ ଶ୍ରୀରାମ ସଂଘ ପକ୍ଷରୁ ଚଳିତ ବର୍ଷ ମାର୍ଚ୍ଚ ୨୬ ତାରିଖରେ ପବିତ୍ର ଶ୍ରୀରାମନବମୀ ପାଳନ ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକ ଶ୍ରୀରାମ ଛକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ସଂଘ ପକ୍ଷରୁ ଏ ବର୍ଷ ଧୂମଧାମରେ ଶ୍ରୀରାମନବମୀ ପାଳନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ପ୍ରଥମେ ଗତବର୍ଷର ଆୟବ୍ୟୟ ଅଟକଳ ସୂଚନା ପ୍ରଦାନ କରାଯାଇଥିଲା। ସଂଘ ପକ୍ଷରୁ ଗତବର୍ଷ ରାମନବମୀ ଦିନ ୨ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିବାବେଳେ ଚଳିତ ବର୍ଷ କିପରି ଅଧିକରୁ ଅଧିକ ଭକ୍ତ ପ୍ରସାଦ ସେବନ କରିପାରିବେ, ସେ ନେଇ ଆଲୋଚନା ହୋଇଥିଲା। ଚଳିତବର୍ଷ ଜୟ ଶ୍ରୀରାମ ସଂଘ ପକ୍ଷରୁ ପ୍ରଭୁ ଶ୍ରୀରାମଙ୍କୁ ବଜାର ପରିକ୍ରମା କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ସଂଘର ସଭାପତି ପ୍ରମୋଦ ପ୍ରଧାନ, ସମ୍ପାଦକ ଗୋପାଲ ବେହେରା, ଉପସଭାପତି ଛତିଶ ପଣ୍ଡିତ, ସହସମ୍ପାଦକ ବସନ୍ତ ମହାନ୍ତ, ସଭିତ ମିଶ୍ର, ନିର୍ମଳ ଲେଙ୍କା, ପିଣ୍ଟୁ ପରିଡ଼ା, ବେଣୁଧର ଦାସ, ସୁରେଶ ପଣ୍ଡିତ, ଉଦିତ ପରିଡ଼ା, ଚିରଞ୍ଜିବୀ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

## ରାଇରଙ୍ଗପୁର ଠିକାଦାର ସଂଘ କର୍ମକର୍ତ୍ତା ଚୟନ



**ରାଇରଙ୍ଗପୁର, ୨୩।୨(ସମିସ):** ରାଇରଙ୍ଗପୁର ଠିକାଦାର ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଗୋରୁମହିଷାଣୀସ୍ଥ କଲ୍ୟାଣ ମଣ୍ଡପ ପରିସରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଠିକାଦାର ମାନେ ରାଇରଙ୍ଗପୁରରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ହାତକୁ ନେବା ନେଇ ବୈଠକରେ ଆଲୋଚନା କରିଥିଲେ। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ହୋଇ ନାମ ଘୋଷଣା କରାଯାଇଛି। ସଭାପତି ଭାବେ ଯୁବ ଠିକାଦାର ସୁଜିତ୍ ବିଶୋଇ, ସମ୍ପାଦକ ଭାବେ ଚିନ୍ମୟ ନନ୍ଦ ଗିରି, କୋଷାଧ୍ୟକ୍ଷ ଭାବେ ସୁଭମ ରାମ ଓ ଅଞ୍ଜନ ମଣ୍ଡଳଙ୍କୁ ମନୋନୀତ କରାଯାଇଛି। ଉକ୍ତ ବୈଠକରେ ନିରଞ୍ଜନ ଗିରି, ଲିଙ୍ଗରାଜ ସେଠି, ରୋହିତ କୁମାର ଗିରି, ସାୱନା ମାଝୀ, ଆପୁ ମହାନ୍ତ, ସଞ୍ଜୟ କୁମାର ପ୍ରଧାନ, ରଞ୍ଜନ କୁମାର ମହାନ୍ତ, ମୋହିତ କୁମାର, ହରପ୍ରସାଦ ସର୍ଦ୍ଦାର, ସଞ୍ଜୟ କୁମାର ନାୟକ, ସୁଦର୍ଶନ ସୋରେନ, ବିରେନ୍ଦ୍ର କୁମାର ମହାନ୍ତି, ଅଶୋକ କୁମାର ମହାନ୍ତ ଓ ଜିତେନ୍ଦ୍ର କୁମାର ସେଠି ପ୍ରମୁଖ ଉପସ୍ଥିତ ହେବା।

## ନୂତନ ବିଇଓଙ୍କ କାର୍ଯ୍ୟରେ ଯୋଗଦାନ



**ବଡ଼ସାହି, ୨୩।୨(ସମିସ):** ବଡ଼ସାହି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ଯୋଗଦେଇଛନ୍ତି ଖୁଣ୍ଟା ଗୋଷ୍ଠୀ ଶିକ୍ଷା ଅଧିକାରୀ ମନମୋହନ ହେମ୍ବ୍ରମ। ରାଜ୍ୟ ସରକାରଙ୍କ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ୧୮ ଫେବୃଆରୀ ପତ୍ରାଙ୍କ ୨୮୪୦ ଅନୁପାଳନ କ୍ରମେ ଓଡ଼ିଶା ଶିକ୍ଷା ସେବା, ବରିଷ୍ଠ ବିଭାଗ, ବର୍ଗ-୨ରେ କାର୍ଯ୍ୟରତ ଶ୍ରୀ ହେମ୍ବ୍ରମଙ୍କୁ ମିଳିଛି ବଡସାହି ବ୍ଲକର ଅତିରିକ୍ତ ଦାୟିତ୍ୱ। ପୂର୍ବରୁ ବଡସାହି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ଅତିରିକ୍ତ ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିଥିବା ଏହି ଅଧିକାରୀଙ୍କୁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସହ ବଡସାହି ବ୍ଲକର ଉଭୟ ପୁରାତନ ଓ ନୂତନ ପେନସନ ଯୋଜନାଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ଭବ୍ୟ ସ୍ୱାଗତ କରିଛନ୍ତି।

# ଖୁଣ୍ଟିଂକୁ ଜିଲ୍ଲା ଘୋଷଣା ପାଇଁ ଅଞ୍ଚଳବାସୀଙ୍କ ଦାବି



**ଖୁଣ୍ଟିଂ, ୨୩।୨(ସମିସ):** ରାଜ୍ୟରେ ଜିଲ୍ଲା ପୁନର୍ଗଠନ ସରକାରଙ୍କ ସୁଦୂର ପ୍ରସାରୀ ଚିନ୍ତାଧାରା, ବୌଦ୍ଧିକ ଦୃଷ୍ଟିଭଙ୍ଗୀ ଓ ସମ୍ବେଦନଶୀଳ ମନୋଭାବର ନିଖୁଣ ଚିତ୍ର ପ୍ରଦାନ କରେ। ଏହି ପ୍ରକ୍ରିୟା ଦ୍ୱାରା ଜନସାଧାରଣ ପ୍ରଶାସନର ନିକଟତମ ହେବା ସହିତ ସରକାରଙ୍କ ଯୋଜନାର ସୁଫଳ ଲାଭ କରିବାରେ ସମର୍ଥ ହୋଇଥା'ନ୍ତି। ଚଳିତ ବିଧାନସଭା ଅଧିବେଶନରେ ବିଧାୟକ ବିଜୟ ଦଳବେହେରାଙ୍କ ଅଣତାରକା ପ୍ରଶ୍ନର ଲିଖିତ ଉତ୍ତର ରଖି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଏ ପର୍ଯ୍ୟନ୍ତ ୩୧ଟି ନୂତନ ଜିଲ୍ଲା ଗଠନ ନିମନ୍ତେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଦାବିପତ୍ର ରାଜ୍ୟ ସରକାରଙ୍କ ହସ୍ତଗତ ହୋଇଛି। ମୟୂରଭଞ୍ଜ ଜିଲ୍ଲାରୁ ନୂତନ ଜିଲ୍ଲା ପାଇଁ ଦାବି ହେଉଥିବା ସ୍ଥାନ ମଧ୍ୟରୁ ଖୁଣ୍ଟିଂ ଅନ୍ୟତମ। ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁବାବୁଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ଆଜକୁ ତିନି ଦଶନ୍ଧି ତଳେ ଓଡ଼ିଶାର ୧୩ ଜିଲ୍ଲାକୁ ବିଭାଜନ କରି ୩୦ ଜିଲ୍ଲା ଗଠନ ହୋଇଥିଲା। ଆୟତନ, ଭୌଗୋଳିକ ଅବସ୍ଥିତି ଓ ଜନସଂଖ୍ୟା ଦୃଷ୍ଟିକୋଣରୁ ମୟୂରଭଞ୍ଜ ଜିଲ୍ଲାକୁ ବିଭାଜନ କରି ଦୁଇଟି ଜିଲ୍ଲାରେ ପରିଣତ କରିବା ସମ୍ପୂର୍ଣ୍ଣ ଯୁକ୍ତିସମ୍ମତ ଥିଲେ ସୁଦ୍ଧା ପରବର୍ତ୍ତୀ ସମୟରେ ଏ ସମ୍ପର୍କରେ ବିଚାର କରାଯିବ ବୋଲି ସରକାରଙ୍କ ତରଫରୁ ଘୋଷଣା କରାଯାଇଥିଲା।

ଦୀର୍ଘ ଦିନର ବ୍ୟବଧାନ ପରେ ଗତ ୨୦୨୧-୨୨ରେ ଓଡ଼ିଶାର ବିଭିନ୍ନ ଅଞ୍ଚଳ ସମେତ ଖୁଣ୍ଟିଂ ଅଞ୍ଚଳରୁ ନୂତନ ଜିଲ୍ଲା ଗଠନ ନେଇ ରାଜ୍ୟ ସରକାରଙ୍କଠାରେ ଦାବିପତ୍ର ଦାଖଲ ହୋଇଥିଲା। କିନ୍ତୁ ପୂର୍ବ ସରକାରଙ୍କ ସମୟରେ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରି ନ ଥିବାରୁ ଜିଲ୍ଲା ପୁନର୍ଗଠନ ପ୍ରକ୍ରିୟାରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ତେବେ ଆଗାମୀ ଦିନରେ ବିଳମ୍ବରେ ହେଲେ ସୁଦ୍ଧା ଜିଲ୍ଲା ପୁନର୍ଗଠନ ପ୍ରକ୍ରିୟାରେ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟର ପ୍ରାଚୀନ ରାଜଧାନୀ ତଥା ସର୍ବଶକ୍ତିମୟୀ ମା' କିଚକେଶ୍ୱରୀଙ୍କ ପ୍ରସିଦ୍ଧ ଆଧ୍ୟାତ୍ମିକ କ୍ଷେତ୍ର ଖୁଣ୍ଟିଂକୁ ଅଗ୍ରାଧିକାର ଦେଇ ନୂତନ ଜିଲ୍ଲା ନାମିତ କରିବା ପାଇଁ ସମାଜସେବୀ ଜୟଶଙ୍କର ନାୟକଙ୍କ ଆବାହକତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଘନଶ୍ୟାମ ମହାକୁଡ଼, ରଜତ ନାଏକ, ମୁନି ଧଳ, ଅକ୍ଷୟ ସାହୁ, ଚନ୍ଦ୍ରମଣି ନାଏକ ଓ ହୃଷିକେଶ ନାଏକ, ରାଜେନ୍ଦ୍ର ମନ୍ତ୍ରୀ, ସୁଷମା ନାଏକ ପ୍ରମୁଖ ଯୋଗଦେଇ ଖୁଣ୍ଟିଂକୁ ନୂତନ ଜିଲ୍ଲା ଘୋଷଣା ସପକ୍ଷରେ ନିଜ ନିଜର ମତ ରଖିଥଲେ।

## ମିନି ଷ୍ଟାଡ଼ିୟମ ମଧ୍ୟରେ ବିଦ୍ୟୁତ୍ ଖୁଣ୍ଟ

# ଖେଳରେ ହେଉଛି ବାଧକ, ଭୟ କରୁଛନ୍ତି କ୍ରୀଡ଼ାବିତ୍

ରାଇରଙ୍ଗପୁର, ୨୩।୨(ସମିସ)

ତିରିଂ ବ୍ଲକ ଅନ୍ତର୍ଗତ ନାରାନପୁରସ୍ଥ ବିଦୁଚାନ୍ଦାନ ମାର୍ଶାଲ ମିନି ଷ୍ଟାଡ଼ିୟମରେ ପରିସରରେ ବିଦ୍ୟୁତ୍ ଖୁଣ୍ଟ ରହିଛି। ଏହା ଖେଳରେ ବାଧକ ସାଜିଥିବାବେଳେ କ୍ରୀଡ଼ାବିତ୍ ଖେଳିବାକୁ ଭୟ କରୁଛନ୍ତି। ତେଣୁ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବାକୁ ଦାବି ହେଉଛି।

ମିନି ଷ୍ଟାଡ଼ିୟମ ଦେଇ ଉଚ୍ଚକ୍ଷମତା ସମ୍ପନ୍ନ ୧୧ କେଭି ଓ ୩୩ କେଭି ବିଦ୍ୟୁତ୍ ଖୁଣ୍ଟ ଅତିକ୍ରମ କରିଛି। ଯାହାକି କ୍ରୀଡ଼ାବିତଙ୍କ ଭୟର କାରଣ ସାଜିଛି। ଏହାକୁ ସ୍ଥାନନ୍ତର ପାଇଁ ଦାବି ହୋଇଛି। ଆଗକୁ ଆନ୍ତଃରାଜ୍ୟ ଫୁଟବଲ ପ୍ରତିଯୋଗିତା ଓ ଆଦିବାସୀଙ୍କ ବାହା ପର୍ବ (ଫୁଲପୂଜା) ଉତ୍ସବ ଅନୁଷ୍ଠିତ ହେବ। ଏଠାରେ ହଜାର ହଜାର ଲୋକଙ୍କ ସମାଗମ ହେବ। ଜନଗହଳିକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା ନେଇ ଦାବି କରି ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ତତ୍କାଳୀନ କ୍ରୀଡ଼ାମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ଉଦ୍ୟମରେ ରାଞ୍ଚି-ବିଜୟୱାଡା ୨୨୦ନଂ ଜାତୀୟ ରାଜପଥ ପାର୍ଶ୍ୱରେ ମିନି ଷ୍ଟାଡିୟମ ନିର୍ମାଣ ହୋଇଛି। କିନ୍ତୁ ବିଦ୍ୟୁତ ବିଭାଗର ଏପରି କାର୍ଯ୍ୟ ପାଇଁ ଅନେକ ସମସ୍ୟା ହେଉଛି। ଉକ୍ତ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ ଖୁଣ୍ଟ ଓ ଓଭରହେଡ ତାର ହଜାର, ହଜାର




**ଅନ୍ୟତ୍ର ସ୍ଥାନାନ୍ତର ଦାବି**

ଜନସାଧାରଣଙ୍କ ପ୍ରତି ବିପଦର କାରଣ ସାଜିଛି। ଏ ନେଇ ବାରମ୍ବାର ଦାବି ଜଣାଇବା ସତ୍ତ୍ୱେ ବିଦ୍ୟୁତ୍ ବିଭାଗ ଆଦୌ କର୍ଣ୍ଣପାତ କରୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗକୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ତିରିଂ ବ୍ଲକ ଜିଲ୍ଲା ପରିଷଦ ସଦସ୍ୟ ପରେଶ ମୁଣ୍ଡା କହିଛନ୍ତି।

# ସମ୍ପାଦକୀୟ



ବିଶାଳ ଜନସଂଖ୍ୟା ବିଶିଷ୍ଟ ଆମ ଦେଶର ସବୁଲୋକଙ୍କ ଅତିନିକଟରେ ନ୍ୟାୟିକ ବ୍ୟବସ୍ଥା ପହଞ୍ଚାଇବା ଲାଗି ସରକାରୀ ପ୍ରୟାସ ଯଥେଷ୍ଟ ନୁହେଁ; ଏଥିପାଇଁ ଜନସାଧାରଣ ନିଜ ନିଜ ସ୍ତରରେ ବିଧିବ୍ୟବସ୍ଥାର ଉପଯୁକ୍ତ ବିନିଯୋଗ କରିବାକୁ ପଡ଼ିବ।

-ଜଷ୍ଟିସ୍ ପି ଏନ୍ ଭଗବତୀ

ସକାଳ
THE SAKALA

## ସର୍ବୋପରି ସୁପ୍ରିମକୋର୍ଟ

କ୍ଷମତାର ଅହଂକାର ଓ ସାମ୍ବିଧାନିକ ଅଧିକାରକୁ ଏକତ୍ର ବିଚାର କଲେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସର୍ବୋଚ୍ଚ ସ୍ଥାନ ସଂବିଧାନର। କ୍ଷମତାର ମିଆଦ ୪ ବର୍ଷରେ ଶେଷ ହୋଇଯିବ, ହେଲେ ସାଂବିଧାନିକ ବ୍ୟବସ୍ଥା ସେମିତି ଅତୁଟ ରହିଥିବ। ଏକଥା ସତ ଯେ ରାଷ୍ଟ୍ରର ବାଣିଜ୍ୟ ନିଅଣ୍ଟ ଅବସ୍ଥା ଆର୍ଥିକ ସ୍ଥିତିକୁ ଦୁର୍ବଳ କରିଥାଏ। ତେଣୁ ଆନୁପାତିକ ଶୁଳ୍କ ପ୍ରତିପକ୍ଷଙ୍କ ବିରୋଧରେ ଲାଗୁ କରିବାର ଅଧିକାର ଯେ କୌଣସି ରାଷ୍ଟ୍ରମୁଖିଆଙ୍କ ରହିଛି। ତେଣୁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରର ବୃହତ୍ତର ସ୍ୱାର୍ଥ ରକ୍ଷା ସକାଶେ ଏଭଳି କିଛି କଠୋର ନିଷ୍ପତ୍ତି ନେବା ଯେ ତ୍ରୁଟିପୂର୍ଣ୍ଣ ଏକଥା ନୁହେଁ। କିନ୍ତୁ ସଂବିଧାନିକ ବ୍ୟବସ୍ଥା ଅନୁଯାୟୀ କଂଗ୍ରେସର ବିନା ଅନୁମୋଦନରେ ସମଗ୍ର ବିଶ୍ୱଉପରେ ଏଭଳି ଅତିରିକ୍ତ ଶୁଳ୍କ ରାଷ୍ଟ୍ରପତି ଲାଗୁ କରିପାରିବେ ନାହିଁ। ଆମେରିକାର ସୁପ୍ରିମକୋର୍ଟଙ୍କ ରାୟର ଇଏ ହେଲା ନିର୍ଯାସ। ହେଲେ ବ୍ୟବସ୍ଥା ଅନୁଯାୟୀ ଆମେରିକାର ରାଷ୍ଟ୍ରପତି ଯେ ଅଖଣ୍ଡ କ୍ଷମତାର ଅଧିକାରୀ ଏବଂ ଦେଶର ଶକ୍ତି ଓ ସାମର୍ଥ୍ୟ ବଳରେ ସମଗ୍ର ବିଶ୍ୱରେ ଆତଙ୍କ ସୃଷ୍ଟି କରିବାର ଅଭିଳାଷ ଯେତେବେଳେ ସବାର ହୋଇପଡ଼େ ସେତେବେଳେ ସେହି ନେତୃତ୍ୱ ଅହଂକାରୀ ହୋଇପଡ଼ିବା ସ୍ୱାଭାବିକ। ଟ୍ରମ୍ପଙ୍କ କ୍ଷେତ୍ରରେ ତାହା ହିଁ ପରିଲକ୍ଷିତ ହୋଇଛି। ବ୍ୟବସ୍ଥାକୁ ସଂପୂର୍ଣ୍ଣ ରୂପେ ନିଜର କରାୟତ କରି ସେ କେବଳ ସ୍ୱେଚ୍ଛାଚାରୀ ହୋଇପଡ଼ିନାହାନ୍ତି, ତାଙ୍କ ଶୁଳ୍କ ନୀତିକୁ ଅବୈଧ ଘୋଷଣା କରିଥିବା ସୁପ୍ରିମକୋର୍ଟ ବିଚାରପତିଙ୍କୁ ମଧ୍ୟ ସାଧାରଣରେ ନିନ୍ଦିତ ଓ ଅପମାନିତ କରିଛନ୍ତି। ସଂବିଧାନ ଉର୍ଦ୍ଧ୍ୱରେ ଯେ ରାଷ୍ଟ୍ରପତି ନୁହନ୍ତି ତାହା ଯଥେଷ୍ଟ ଆଗରୁ ସେ ସଚେତନ ହେବାର ଥିଲା।

ଆନ୍ତର୍ଜାତିକ ସ୍ତରରେ ଆର୍ଥିକ ଜରୁରୀ ପରିସ୍ଥିତି କ୍ଷେତ୍ରରେ ଏହି ଆଇଇଇପିଏ ସ୍ୱତନ୍ତ୍ର କ୍ଷମତା ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଥାଏ। ୧୯୭୭ ମସିହାରେ ଏହି ଆଇନ ବ୍ୟବସ୍ଥା ଅନୁରୂପ ସ୍ଥିତି ଯେ ଏବେ ଉପୁଜିଛି ଏ କଥା ନୁହେଁ। ତେବେ ବାଣିଜ୍ୟ ନିଅଣ୍ଟ ସୁଧାରିବା ପାଇଁ ଯେଉଁ ଅନୁପାତିକ ଶୁଳ୍କ ପ୍ରସଙ୍ଗ ଟ୍ରମ୍ପ ଉପସ୍ଥାପନ କରିଛନ୍ତି ତାହା କଂଗ୍ରେସର ବିନା ଅନୁମୋଦନରେ ପ୍ରୟୋଗ କରାଯାଇ ପାରିବ ନାହିଁ। ସଂବିଧାନର ଏହି ବ୍ୟବସ୍ଥାକୁ ସେ ବିରୋଧକରିବା ସହ, ଆଇନରେ ଥିବା ବିକଳ୍ପ ଦିଗକୁ ଦର୍ଶାଇ ୧୫ % ଶୁଳ୍କ ଲାଗୁ କରିଛନ୍ତି। ଅଧ୍ୟାଦେଶର ଯେପରି ସୀମିତ ସମୟ ରହିଛି ସେହିଭଳି ସଂବିଧାନର ୧୨୨ ଧାରା ପ୍ରୟୋଗର ସମୟ ସୀମା ୧୫୦ ଦିନରେ ଶେଷ ହେଉଛି। ତାହାକୁ ବଳବତ୍ତର ରଖିବାକୁ ହେଲେ ପୁଣି କଂଗ୍ରେସର ଅନୁମୋଦନ ଆବଶ୍ୟକ। ଏଠାରେ ଉଲ୍ଲେଖ ଯୋଗ୍ୟ କି ସେ କ୍ଷମତାସୀନ ହେବା ପରେ ପରେ ବିଶ୍ୱର ୧୮୦ ଟି ରାଷ୍ଟ୍ର ଏପରିକି ପେଙ୍ଗୁଇନ ଆଇଲାଣ୍ଡ ଉପରେ ମଧ୍ୟ ଟାରିଫ ଲାଗୁ କରିଛନ୍ତି। ଏଥିମଧ୍ୟରେ ଆମେରିକା ସରକାର ୧୭୫ ବିଲିୟନ ଡଲାର ଶୁଳ୍କ ଆକାରରେ ଆଦାୟ କରିଛନ୍ତି। ସୁପ୍ରିମକୋର୍ଟ ଏହି ଶୁଳ୍କ ଫେରସ୍ତ ସଂପର୍କରେ କିଛି ସ୍ପଷ୍ଟ ଉଲ୍ଲେଖ କରିନଥିଲେ ମଧ୍ୟ ଅବୈଧ ଘୋଷଣା ହୋଇଥିବା ଟାରିଫ ଅର୍ଥର ଭବିଷ୍ୟତ କ'ଣ? ବାଣିଜ୍ୟ ଶୁଳ୍କ ଆଦାୟ କରିବା କ୍ଷେତ୍ରରେ କୌଣସି ନୀତି ଓ ନିୟମ ଅନୁସରଣ ହେଉ ନ ଥିବାରୁ ଟ୍ରମ୍ପ ନିଜର ବ୍ୟକ୍ତିଗତ କ୍ରୋଧ ଓ ବିଦ୍ୱେଷକୁ ଅସ୍ତ୍ରରୂପେ ପ୍ରୟୋଗ କରି କଥା କଥାକେ ଶୁଳ୍କ ବୃଦ୍ଧି ଘୋଷଣା କରି ଜଣେ ଅହଂକାରୀ ସମ୍ରାଟର ଭୂମିକା ନିଭାଉଥିଲେ। ଭାରତୀୟ ବଂଶୋଦ୍ଭବ ଆଇନଜୀବୀ ନିଲ୍ କାତ୍ୟାଲ୍ ବ୍ୟବସ୍ଥା ବିରୋଧରେ ସୁପ୍ରିମକୋର୍ଟରେ ଲଢ଼ି ଜଣେ ଚର୍ଚ୍ଚିତ ବ୍ୟକ୍ତିତ୍ୱ ରୂପେ ସମସ୍ତଙ୍କ ଶ୍ରଦ୍ଧାଭାଜନ ହୋଇଛନ୍ତି।

ସୁପ୍ରିମକୋର୍ଟ ରାୟ ଓ ଟ୍ରମ୍ପଙ୍କ ୧୫% ଶୁଳ୍କଘୋଷଣା ପ୍ରେକ୍ଷାପଟରେ ଭାରତ ବର୍ଦ୍ଧିତ ଆର୍ଥିକ ଚାପରୁ ରିହାତି ପାଇବ ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ୧୮ ବଦଳରେ ୧୫ ପ୍ରତିଶତକୁ ନେଇ ଯେଉଁମାନେ ଖୁସି ହେଉଛନ୍ତି ସେମାନଙ୍କୁ ପଚାରିବାର ଅଛି ବିନାଶୁଳ୍କରେ ଆମେରିକୀୟ ସାମଗ୍ରୀ ଆମ ବଜାରକୁ ଦଖଲ କରିନେବା ପ୍ରୟାସରେ ଆମେ କ'ଣ ଚୁପ ରହିବା? ଏକଥା ସତ ଯେ ଟାରିଫ ନେଇ ଆମେରିକା ସହ ଯେଉଁ ବୁଝାମଣା ହୋଇଛି ତାହା ଅନ୍ତରୀଣ ବ୍ୟବସ୍ଥା। ଚୂଡ଼ାନ୍ତ ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମାରେ ଏପର୍ଯ୍ୟନ୍ତ ଦୁଇପକ୍ଷ ସ୍ୱାକ୍ଷର କରିନାହାନ୍ତି। ପରିବର୍ତ୍ତିତ ପରିସ୍ଥିତି ଆମ ପାଇଁ କିଛି ସୁଯୋଗ ସୃଷ୍ଟି କରିପାରେ। ଦୁଇଦେଶର ପ୍ରତିନିଧିଙ୍କ ସ୍ତରରେ ଚାଲିଥିବା କଥାବାର୍ତ୍ତା ବେଳେ ଆମେରିକୀୟ କୃଷି ସାମଗ୍ରୀକୁ ନେଇ ଯେଉଁ ଆପତ୍ତି ମୁଣ୍ଡ ଟେକିଛି ତାହାର ଏକ ସକାରାତ୍ମକ ସମାଧାନ ହେବା ଜରୁରୀ।

ଆମେ ଏଠାରେ ଦୁଇଟି ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ସଂପର୍କରେ ଉଲ୍ଲେଖ କରିବାର ଉଚିତ ମନେ କରୁଛି। ଉଭୟ କୂଟନୈତିକ ଓ ବାଣିଜ୍ୟିକ ଦୃଷ୍ଟିରୁ ଦୂରଦୃଷ୍ଟି ସଂପନ୍ନ ନିଷ୍ପତ୍ତି ନେବାରେ ଆମର ବିଫଳତା ପାଇଁ ଏହି ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛୁ। ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ଚାଲିଥିବା ବେଳେ ପ୍ରଧାନମନ୍ତ୍ରୀ ଗସ୍ତକ୍ରମକୁ ଏଡ଼ାଇ ଯିବାର ଥିଲା। ନୀତି ବା ଆଦର୍ଶ ଦୃଷ୍ଟିରୁ ନା ଆମେ ଓ ଡେମୋକ୍ରାଟିକ ପାର୍ଟି କି ରିପବ୍ଲିକାନ ପାର୍ଟିର ସମର୍ଥକ। ଦୁଇ ଗଣତାନ୍ତ୍ରିକ ରାଷ୍ଟ୍ର ମଧ୍ୟରେ ସହଭାଗିତା ଓ ସହଯୋଗିତା ଆମେ ଆଶାକରୁ। ଭାରତୀୟ ବଂଶୋଦ୍ଭବଙ୍କ ଭୋଟ ଆଶାରେ ଟ୍ରମ୍ପ ଯେଉଁ ସମର୍ଥନ ଆମଠାରୁ ଆଶା କରୁଥିଲେ ତାହା ତାଙ୍କୁ ନମିଳିବାରୁ ସେହି ରାଗ ଏବେ ମଧ୍ୟ ବଳବତ୍ତର ରହିଛି। ବାଣିଜ୍ୟ ଚୁକ୍ତି ଓ ଟାରିଫକୁ ନେଇ ଦ୍ୱିପାକ୍ଷିକ କଥାବାର୍ତ୍ତା ଦୀର୍ଘଦିନ ଧରି ଚାଲିଥିଲେ ମଧ୍ୟ ତାହା ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିପାରୁନଥିଲା। ଆଶା କରାଯାଉଥିଲା ନଭେମ୍ବର ମାସରେ ହିଁ ହେବ ଶେଷ ନିଷ୍ପତ୍ତି। ତଥାପି ଦିନ ଗଡ଼ିଲା। ଟ୍ରମ୍ପଙ୍କ ଟାରିଫ ବିରୋଧରେ ସୁପ୍ରିମକୋର୍ଟରେ ମାମଲା ଚାଲିଥିବା ସଂପର୍କରେ ଆମେ ଯେ ଅବଗତ ନଥିଲୁ ଏକଥା ନୁହେଁ। ଚୂଡ଼ାନ୍ତ ପର୍ଯ୍ୟାୟରେ ମାମଲା ଥିବା ବେଳେ ରାୟକୁ ଅପେକ୍ଷା କରିବାରେ କୌଣସି ଅସୁବିଧା ନଥିଲା। ଆଉ ମାସ ଗୋଟଏ ଗଡ଼ିଯାଇଥିଲେ ଗୁଡ଼ କୁ ପିମ୍ପୁଡ଼ି ଖାଇଯିବା ଅବସ୍ଥା ଉପୁଜି ନଥା'ନ୍ତା। ଦୀର୍ଘଦିନର ଅପେକ୍ଷା ପରେ ଆମ ପାଇଁ ସେଭଳି କୌଣସି ବାଧ୍ୟବାଧକତା ଉପୁଜି ନ ଥିଲା ଯେ ଆମେ ଟ୍ରମ୍ପଙ୍କ ସବୁ କଥାରେ ହିଁ ମାରିଦେଲେ। ସୁପ୍ରିମ କୋର୍ଟ ରାୟ ପରର ସ୍ଥିତିରେ ଟ୍ରମ୍ପ ପ୍ରଶାସନ ସହ ମୂଲଚାଲ୍ କରିଥିଲେ ହୁଏତ ଆମେ ଅଧିକ ସୁବିଧା ହାସଲ କରିପାରିଥା'ନ୍ତେ।

ତଥାପି ଆଶା ମଉଳି ଯାଇନି। ଶୁଳ୍କ କ୍ଷେତ୍ରରେ ଆମକୁ ଅପେକ୍ଷାକୃତ ଅଧିକ ସୁବିଧା ଓ ସୁଯୋଗ ମିଳିପାରେ। ଅଶୋଧିତ ତୈଳ ଆମଦାନୀକୁ ନେଇ ଆମେ ଯେଉଁ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇଛି ତାହା ଦୂର ହେବା ଉଚିତ। ଟ୍ରମ୍ପ ଚାହିଁଲେ ମଧ୍ୟ ଆଉ ଅତିରିକ୍ତ ଶୁଳ୍କର ଧମକ ଦେଇପାରିବେନି। ତେଣୁ ରୁଷ ରୁ ତୈଳ ସଂଗ୍ରହ ଓ ଚବାହାର ବନ୍ଦର ବିବାଦର ସମାଧାନ ଯେଭଳି ଆମ ସପକ୍ଷରେ ଯିବ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ଘଟଣାକ୍ରମ ଯାହା ହେଉନା କାହିଁକି ଟ୍ରମ୍ପଙ୍କ କ୍ଷମତା ଯେ ସଂକୁଚିତ ହୋଇଗଲା ଏକଥା ନୁହେଁ। ବିଶ୍ୱକ୍ଷମତା କେନ୍ଦ୍ରର ନାୟକ ପଦରୁ ତାଙ୍କୁ କେହି ହଟାଇଦେଇ ପାରିବେ ନାହିଁ।

## ଶାରୀରିକ ବାର୍ଦ୍ଧକ୍ୟ ଓ ବୌଦ୍ଧିକ ସୃଜନଶୀଳତା

ପ୍ରଫେସର୍ ଫକୀରମୋହନ ସାହୁ

ପରିଣତ ବୟସର ପ୍ରଭାବ ଏପରି ଏକ କ୍ଷେତ୍ର ଯେଉଁ ସଂପର୍କରେ ପ୍ରଚଳିତ ଜନବିଶ୍ୱାସର ଚାପ ଆମକୁ ବହୁସୌନ୍ଦର୍ଯ୍ୟ ଓ ସର୍ଜନଶୀଳତାରୁ ବଞ୍ଚିତ କରୁଛି। ବୟସାଧିକ୍ୟର ଦ୍ୱାହି ଦେଇ ସୃଷ୍ଟିଶୀଳ ସର୍ଜନଶୀଳ ବ୍ୟକ୍ତିଙ୍କୁ ସାମୂହିକ ଜୀବନ-ବଳୟରୁ ଦୂରେଇ ରଖିବା ଫଳରେ କେତେକ ବୌଦ୍ଧିକ ଓ ସୃଜନ ସମ୍ବଳ ହରାଇବାକୁ ହେଉଛି। ବୟସାଧିକ୍ୟ ସଂପର୍କରେ ମନୋବିଜ୍ଞାନ ଓ ସ୍ନାୟୁବିଜ୍ଞାନ କିପରି ଦିଗ୍‌ଦର୍ଶନ ଦେଉଛନ୍ତି, ସେ ବିଷୟରେ ସଂକ୍ଷିପ୍ତ ସୂଚନା ଦିଆଯାଇପାରେ।

ବର୍ଦ୍ଧିଷ୍ଣୁ ବୟସ ଏକ ଆହ୍ୱାନ ନୁହେଁ, ଆହ୍ୱାନ ହେଉଛି ସୃଜନପ୍ରକ୍ରିୟାକୁ ଅବ୍ୟାହତ ରଖିବାର ମାନସିକତା। ମନସ୍ତାତ୍ତ୍ୱିକ ଓ ସ୍ନାୟୁଭିତ୍ତିକ ଗବେଷଣାରୁ ଦେଖାଯାଏ ଯେ ବୟସର ବୃଦ୍ଧି ସହିତ କେତେକ ସମ୍ବଳର ସଂକୋଚନ ଘଟୁଥିଲେ ମଧ୍ୟ ଅନ୍ୟ କେତେକ ସମ୍ବଳ ପ୍ରସାରିତ ରୂପରେଖ ନିଏ। ଅନେକ ବ୍ୟକ୍ତିଙ୍କର ଧାରଣା ଯେ ବୟସର ବୃଦ୍ଧି ସହିତ ବୌଦ୍ଧିକ ଶକ୍ତିର ହ୍ରାସ ଘଟିଥାଏ। ଏହା ଏକ ଅତି ସରଳୀକୃତ ସିଦ୍ଧାନ୍ତ। ପ୍ରକୃତରେ ଆମେ ଯେଉଁ ସମସ୍ତ ବୌଦ୍ଧିକ ସାମର୍ଥ୍ୟକୁ ମନସ୍ତାତ୍ତ୍ୱିକ ପରିମାପକ ଦ୍ୱାରା ଆକଳନ କରିଥାଉ, ସେସବୁ ଗୋଟିଏ ପ୍ରକାର ବୌଦ୍ଧିକ ଶକ୍ତିର ସୂଚକ ନୁହେଁ। ଗୋଟିଏ ପ୍ରକାର ବୁଦ୍ଧିମତ୍ତାକୁ ଘନୀଭୂତ ବୁଦ୍ଧିମତ୍ତା କୁହାଯାଇପାରେ। ଏସବୁ ଦକ୍ଷତା ଆମେ ସ୍କୁଲ୍ କଲେଜରେ ଶିକ୍ଷାକରୁ। ଆମର ପଠନ, ଲିଖନ ଶୈଳୀ, ଭାଷାଗତ ଦକ୍ଷତା ଓ କଥାବାର୍ତ୍ତାର ପରିପକ୍ୱତା ମାଧ୍ୟମରେ ଏହା ପ୍ରତିଫଳିତ ହୁଏ। ଏହି ଘନୀଭୂତ ବୁଦ୍ଧିମତ୍ତା ଖୁବ୍ ମନ୍ଥରଗତିରେ ହ୍ରାସପାଏ ଏବଂ ଏହା ଆଦୌ ମଧ୍ୟ ହ୍ରାସ ନପାଇପାରେ। ସ୍ଥଳବିଶେଷରେ ବୟସ ବଢ଼ିଲେ ମଧ୍ୟ ଏହା ବୃଦ୍ଧି ପାଇପାରେ। ବୟସ୍କ ବ୍ୟକ୍ତିମାନେ ଅଧିକ ରୂପକଳ୍ପ ଅଧିକ ପରିପକ୍ୱ ଭାଷା ବ୍ୟବହାର କରିବାର ଦୃଷ୍ଟାନ୍ତ ବିରଳ ନୁହେଁ। ଅନ୍ୟପକ୍ଷରେ ଦ୍ୱିତୀୟ ପ୍ରକାର ବୁଦ୍ଧିମତ୍ତା ହେଉଛି ତରଳ (ପରିବର୍ତ୍ତନଶୀଳ) ବୁଦ୍ଧିମତ୍ତା। ଏହି ବୁଦ୍ଧିମତ୍ତା ଶାରୀରିକ ଦକ୍ଷତା ଉପରେ ନିର୍ଭରଶୀଳ। ଅଭିନିବେଶ, ଦୃଷ୍ଟିଗତ ପ୍ରତ୍ୟକ୍ଷଣ, ଶାରୀରିକ ପ୍ରକ୍ରିୟା ଏବଂ କେତେକ ଧରଣର ସ୍ମରଣ ସାମର୍ଥ୍ୟ ଏ ପ୍ରକାର ବୁଦ୍ଧିମତ୍ତାର ଉପାଦାନ। ବୟସର ବୃଦ୍ଧି ସହିତ ଏସବୁ ଦକ୍ଷତା ହ୍ରାସ ପାଇଥାଏ।

ମନେରଖିବାକୁ ହେବ ଯେ ବୁଦ୍ଧିମତ୍ତା ଓ ସର୍ଜନଶୀଳତା ଅଳ୍ପପରିମାଣରେ ସମ୍ବନ୍ଧିତ ହେଲେ ମଧ୍ୟ ସର୍ଜନଶୀଳତା ଉଚ୍ଚସ୍ତରୀୟ ବୁଦ୍ଧିମତ୍ତା ଉପରେ ନିର୍ଭର କରେ ନାହିଁ। ପ୍ରକାରାନ୍ତରେ କୁହାଯାଇପାରେ ଯେ ମଧ୍ୟମମାତ୍ରାର ବୁଦ୍ଧି ନେଇ ବ୍ୟକ୍ତି ଉଚ୍ଚକୋଟୀର ସର୍ଜନଶୀଳତାର ଅଧିକାରୀ ହୋଇପାରେ। ବରଂ ଦେଖାଯାଏ ଯେ ଖୁବ୍ ଉଚ୍ଚସ୍ତରୀୟ ବୁଦ୍ଧିର ଅଧିକାରୀ ହୋଇଥିବା ଲୋକମାନେ ଏତେବେଶୀ ସମାଲୋଚନାପ୍ରବଣ ହୋଇପଡ଼ନ୍ତି ଯେ ସେମାନଙ୍କର ସୃଜନପ୍ରକ୍ରିୟା ବାଧାପ୍ରାପ୍ତ ହୁଏ। ସର୍ଜନଶୀଳତା ପାଇଁ ଆବଶ୍ୟକ ଉପାଦାନ ହେଉଛି କ୍ଷେତ୍ରସଂପର୍କିତ ଜ୍ଞାନ, ଅଭିପ୍ରେରଣା ଓ ସୃଜନଧର୍ମୀ ଚିନ୍ତନ ଶୈଳୀ।

ସର୍ଜନଶୀଳତାର ଅନ୍ତରାଳରେ ବହୁମୁଖୀ ଭାବନା ସକ୍ରିୟ ଥାଏ। ବୁଦ୍ଧିମତ୍ତା ଅପେକ୍ଷା ବହୁମୁଖୀ ଭାବନା ଉପରେ ସର୍ଜନଶୀଳତା ଅଧିକ ନିର୍ଭର କରିଥାଏ। ଯେ କୌଣସି ପ୍ରଶ୍ନ ବା ସମସ୍ୟା ସମାଧାନର ଅନେକଗୁଡ଼ିଏ ସମ୍ଭାବ୍ୟ ଦିଗ ସଂପର୍କରେ ଚିନ୍ତା କରିବାର ସାମର୍ଥ୍ୟ ହେଉଛି ବହୁମୁଖୀ ଚିନ୍ତନ। ଉଦାହରଣସ୍ୱରୂପ ଇଟାସବୁକୁ କି ପ୍ରକାରେ ବ୍ୟବହାର କରାଯାଇପାରେ ବୋଲି ପ୍ରଶ୍ନ ପଚାରିଲେ ପିଲାଟିଏ ହୁଏତ କହିବ ଇଟା ବ୍ୟବହାର କରି ଗୃହ ନିର୍ମାଣ, ସ୍କୁଲ୍ ନିର୍ମାଣ, ଅଫିସ ନିର୍ମାଣ, ଗୋଦାମ ନିର୍ମାଣ ଏବଂ ଗୁହାଳ ନିର୍ମାଣ କରାଯାଇପାରେ। ଏଠାରେ ପିଲାଟି ପାଞ୍ଚୋଟି ଧାରଣା ଉପସ୍ଥାପନ କଲେ ମଧ୍ୟ ସବୁଧାରଣାର କେନ୍ଦ୍ରବିନ୍ଦୁ ଗୋଟିଏ: କିଛି ନିର୍ମାଣ କରିବା। ଏହା ଏକମୁଖୀ ଭାବନାର ସୂଚକ। ଅନ୍ୟପକ୍ଷରେ ଆଉ ଗୋଟିଏ ପିଲା କହିପାରେ ଯେ ଇଟା ବ୍ୟବହାର କରି ମନ୍ଦିର ନିର୍ମାଣ ହୋଇପାରିବ, ଏହାକୁ ବ୍ୟବହାର କରି କାନ୍ଥରେ କିଛି ଲେଖିହେବ, ଏହାକୁ ଉଡ଼ିଯାଉଥିବା କାଗଜ ଉପରେ ଚପଦେଇ ରଖିହେବ, ଏହାଉପରେ ଠିଆହୋଇ ଉଚ୍ଚସ୍ଥାନରୁ କିଛି କାଢ଼ିହେବ ଏବଂ ପବନ ଧକ୍କାରେ ଦ୍ୱାର ବନ୍ଦ ହୋଇଯାଉଥିଲେ ଏହାକୁ ଠେକ ଦେଇ କବାଟ ଖୋଲ ରଖାଯାଇପାରିବ। ଏହି ପାଞ୍ଚୋଟି ଉତ୍ତର ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏପରି ଉତ୍ତର ବହୁମୁଖୀ ଭାବନାର ସୂଚକ। ବିଶେଷଜ୍ଞ କୁହନ୍ତି ବୟସ ବଢ଼ିବା ସହିତ ବହୁମୁଖୀ ଚିନ୍ତନ ହ୍ରାସ ପାଇବାର ସମ୍ଭାବନା ଥିଲେ ମଧ୍ୟ ନିରବଚ୍ଛିନ୍ନ ଭାବରେ ସୃଜନଧର୍ମୀ କ୍ରିୟାକଳାପରେ ନିମଗ୍ନ ରହୁଥିବା ବ୍ୟକ୍ତିମାନଙ୍କର ଏପରି ସାମର୍ଥ୍ୟର ବିଲୟ ଘଟି ନ ଥାଏ।

ଗବେଷକ ସିମନ୍‌ଟନ୍‌ଙ୍କ ମତରେ ବ୍ୟକ୍ତିର ଜନ୍ମଗତ ବୟସ ସହିତ ସର୍ଜନଶୀଳତାର ସମ୍ବନ୍ଧ ନାହିଁ। ମାତ୍ର ବ୍ୟକ୍ତିର ପେସାଗତ ବୟସ ସହିତ ଏହା ସମ୍ବନ୍ଧିତ। ବ୍ୟକ୍ତି ନିଜ ଧାରଣାର ଚିତ୍ରକଳ୍ପ, କୌଶଳ ଓ ଅନ୍ୟସବୁ ଜ୍ଞାନଗତ ସମ୍ବନ୍ଧକୁ ଭିତ୍ତି କରି ସର୍ଜନଶୀଳ ସମ୍ଭାବନା ଗଠନ କରେ। ଧୀରେ ଧୀରେ ପେସାଗତ ଜୀବନର ଅଭିବୃଦ୍ଧି ସହିତ ସର୍ଜନଶୀଳତାର ଉତ୍କର୍ଷ ବି ବୃଦ୍ଧିପାଏ। ସଫଳତା ଓ ସର୍ଜନଶୀଳତାର ଅନ୍ୟତମ ମୁଖ୍ୟ ଉପାଦାନ ହେଉଛି ଅଭିପ୍ରେରଣା ବା ମୋଟିଭେସନ୍। ଅର୍ଥନୀତିଜ୍ଞ ଡାଏମୁଣ୍ଡ୍ ମତ ଦିଅନ୍ତି ଯେ ପେସାଗତ ବିକାଶ ସହିତ ଆର୍ଥିକ ଉନ୍ନତି ସମତାଳ ଦେଇ ଗତିକରେ ଏବଂ ପ୍ରାରମ୍ଭିକ ପର୍ଯ୍ୟାୟରେ ଆର୍ଥିକ ସଫଳତା ଏକ ମୁଖ୍ୟ ଅଭିପ୍ରେରକର ଭୂମିକା ନିର୍ବାହ କରେ। ମାତ୍ର ବିକାଶର ଏକ ଉଚ୍ଚସ୍ତରରେ ପହଞ୍ଚିବା ପରେ ଆର୍ଥିକ ସଫଳତା ଆକର୍ଷଣ ହରାଏ। ଏହାର ତାତ୍ପର୍ଯ୍ୟ ହେଉଛି ଯେ କଳାକାର, ସାହିତ୍ୟିକ ଓ ବୈଜ୍ଞାନିକ ଉପର ସ୍ତରରେ ଆର୍ଥିକ ସଫଳତାର ବିଶେଷ ଚିନ୍ତା ନ କରି ସର୍ଜନଶୀଳତା ଅବ୍ୟାହତ ରଖନ୍ତି।

ବିଶ୍ୱବିଦ୍ୟାଳୟ ପରିପ୍ରେକ୍ଷୀରେ ଗବେଷଣାତ୍ମକ ନିବନ୍ଧର ପ୍ରକାଶନ (ଉତ୍ପାଦନଶୀଳତା) ଏକ ବଡ଼ ଧରଣର ଅଭିପ୍ରେରକ। ଆଗଧାଡ଼ିର ୧୦ପ୍ରତିଶତ ପ୍ରଫେସର୍ ସମୁଦାୟ ପ୍ରକାଶନର ୪୧ ପ୍ରତିଶତ ପ୍ରକାଶନ ପାଇଁ କୃତିତ୍ୱ ଦର୍ଶାନ୍ତି। ଅନ୍ୟପକ୍ଷରେ ପଛରେ ଥିବା ଅର୍ଦ୍ଧେକ ପ୍ରଫେସର୍ ମାତ୍ର ୧୦ ପ୍ରତିଶତ ପ୍ରକାଶନ ପାଇଁ ଦାୟୀ ରୁହନ୍ତି। ଏହି ପରିସଂଖ୍ୟାନକୁ ଭିତ୍ତିକରି ପ୍ରାଇସ୍ ନାମକ ଜଣେ ବିଶେଷଜ୍ଞ "ପ୍ରାଇସ୍ ନିୟମ"ର ସୂଚନା ଦେଇଛନ୍ତି। ଏହି ନିୟମ ଅନୁଯାୟୀ ଏକ ନିର୍ଦ୍ଦିଷ୍ଟସଂଖ୍ୟକ ବ୍ୟକ୍ତି (ଧରାଯାଉ ୧୦୦ ଜଣ) କେବଳ ଗୋଟିଏ ଗୋଟିଏ ପ୍ରକାଶନର ଅଧିକାରୀ ହୋଇଥିଲେ ତାହାର ବର୍ଗମୂଳ (ଏ କ୍ଷେତ୍ରରେ ୧୦୦ର ବର୍ଗମୂଳ ୧୦ ଜଣ) ସୂଚିତ କରୁଥିବା ସଂଖ୍ୟାର ଲୋକ ଅର୍ଦ୍ଧାଧିକ ପ୍ରକାଶନର ଗୌରବ ଲାଭ କରିବାର ସମ୍ଭାବନା ରହିଛି। ଏ କ୍ଷେତ୍ରରେ ମାତ୍ର ୧୦ ଜଣ ପ୍ରଫେସର ସେ ବିଶ୍ୱବିଦ୍ୟାଳୟର ଅର୍ଦ୍ଧାଧିକ ପ୍ରକାଶନ କୃତିତ୍ୱର ଅଧିକାରୀ ହେବ। ମୋଟଉପରେ ଉଚ୍ଚକୋଟୀର ସଫଳତା ଅଳ୍ପସଂଖ୍ୟକ ବ୍ୟକ୍ତିଙ୍କ ମଧ୍ୟରେ ସୀମିତ। ପୁଣି ବୟସ ଅପେକ୍ଷା ଅତୀତର ସଫଳତା ହିଁ ବର୍ତ୍ତମାନ ଓ ଭବିଷ୍ୟତର କୃତିତ୍ୱର ନିର୍ଦ୍ଧାରଣ ହେବା ପରି ମନେହୁଏ।

ଆଧୁନିକ ଗବେଷଣା-ଲବ୍ଧ ଏହି ସିଦ୍ଧାନ୍ତକୁ ଭିତ୍ତି କରି ପ୍ରଗତିଶୀଳ ଦେଶମାନଙ୍କରେ ବିଶ୍ୱବିଦ୍ୟାଳୟରେ ବାଧ୍ୟତାମୂଳକ ଅବସର ବ୍ୟବସ୍ଥାର ପୁନର୍ବିଚାର ଆରମ୍ଭ ହୋଇଛି। ଯୁକ୍ତରାଷ୍ଟ୍ର ଆମେରିକାରେ ୧୯୯୪ ମସିହାରୁ ବିଶ୍ୱବିଦ୍ୟାଳୟ ସ୍ତରରେ ବାଧ୍ୟତାମୂଳକ ଅବସର ଗ୍ରହଣ ବ୍ୟବସ୍ଥା ଉଚ୍ଛେଦ କରାଯାଇଛି। ପ୍ରଥମେ ୧୯୬୭ ମସିହାର ଆମେରିକାରେ ନିଯୁକ୍ତି ସଂପର୍କୀୟ ବୟସସୀମା ଅଂଶଟିର ଦ୍ୱିତୀୟ ସଂଶୋଧନ କରାଗଲା। ବିଶ୍ୱବିଦ୍ୟାଳୟ ଶିକ୍ଷକମାନଙ୍କୁ ୬୫ବର୍ଷ ପାର ହେବା ପରେ ମଧ୍ୟ କାର୍ଯ୍ୟ କରିବାର ସ୍ୱାଧୀନତା ଦିଆଗଲା। ମାତ୍ର ଆକସ୍ମିକ ଭାବେ ଏ ପରିବର୍ତ୍ତନ ଯୁବପ୍ରତିଭାର ପ୍ରବେଶକୁ ପ୍ରତିରୋଧ କରିବ ବୋଲି ଯୁକ୍ତି ହେବାରୁ ଉଚ୍ଚତମ ନ୍ୟାୟାଳୟ ଏହି ନିୟମକୁ ୧୯୯୪ ପର୍ଯ୍ୟନ୍ତ ସ୍ଥଗିତ ରଖିଲେ। ବାଧ୍ୟତାମୂଳକ ଅବସର ଗ୍ରହଣର ବ୍ୟବସ୍ଥା ୧୯୯୪ରୁ ଉଠାଇ ନିଆଗଲା। ଆମେରିକାରେ ନୂତନ ନିୟମ ପ୍ରବର୍ତ୍ତିତ ହେବା ପରେ କାନାଡ଼ାର କେତେକ ରାଜ୍ୟରେ ଏହା କାର୍ଯ୍ୟକାରୀ ହେଲା। ଏହି ପରିବର୍ତ୍ତନ ଫଳରେ ଦୃଶ୍ୟପଟ କିପରି ବଦଳିଛି, ତାହାର ଏକ ମୋଟାମୋଟି ଚିତ୍ର ଦିଆଯାଇପାରେ।

ସର୍ବେକ୍ଷଣ ଦର୍ଶାଏ ଯେ କ୍ରମଶଃ ବିଶ୍ୱବିଦ୍ୟାଳୟରେ ବରିଷ୍ଠ ପ୍ରଫେସର୍‌ଙ୍କ ସଂଖ୍ୟା ବୃଦ୍ଧିପାଇଛି। ୧୯୯୪ ପୂର୍ବରୁ ସତୁରୀ ବର୍ଷ ବୟସର ପ୍ରଫେସର୍‌ମାନଙ୍କ ମଧ୍ୟରୁ ୫୯ଟି ପ୍ରତିଶତ, ଏକସ୍ତରୀ ବୟସର ପ୍ରଫେସରମାନଙ୍କ ମଧ୍ୟରୁ ୬୭ ପ୍ରତିଶତ ଏବଂ ୭୨ ବର୍ଷ ବୟସର ପ୍ରଫେସର୍‌ମାନଙ୍କ ମଧ୍ୟରୁ ଶତପ୍ରତିଶତ ଅବସର ଗ୍ରହଣ କରୁଥିଲେ। ମାତ୍ର ନୂତନ ନିୟମ (ବାଧ୍ୟତାମୂଳକ ଅବସର ପରିବର୍ତ୍ତେ ଇଚ୍ଛାଧୀନ ଅବସର) ପ୍ରବର୍ତ୍ତିତ ହେବା ପରେ ସତୁରୀ ବର୍ଷର ପ୍ରଫେସରମାନଙ୍କ ମଧ୍ୟରୁ ୧୯ ପ୍ରତିଶତ ଏବଂ ୭୨ ବର୍ଷର ପ୍ରଫେସରମାନଙ୍କ ମଧ୍ୟରୁ ୧୭ ପ୍ରତିଶତ ଅବସର ଗ୍ରହଣ କରିଛନ୍ତି।

ପରିବର୍ତ୍ତନ ପରେ (୧୯୯୬ ପରେ) ସତୁରୀ ବା ତା'ଠାରୁ ଅଧିକ ବୟସର କାର୍ଯ୍ୟରତ ପ୍ରଫେସର୍‌ଙ୍କ ସଂଖ୍ୟା ପ୍ରାୟ ୭ ପ୍ରତିଶତ ବୃଦ୍ଧିପାଇଛି ବିଶ୍ୱର ସବୁଠାରୁ ଅଗ୍ରଣୀ ବିଶ୍ୱବିଦ୍ୟାଳୟ ହାର୍ଭାର୍ଡରେ। ୧୯୯୨ ମସିହାରେ ସତୁରୀ କିମ୍ବା ତା'ଠାରୁ ଅଧିକ ବୟସର ପ୍ରଫେସର୍ ପ୍ରାୟ ନ ଥିବା ସ୍ଥଳେ ୨୦୦୬ ମସିହାରେ ଏପରି ବର୍ଷୀୟାନ୍ ପ୍ରଫେସର୍‌ଙ୍କ ସଂଖ୍ୟା ୧୦ ପ୍ରତିଶତ ବୃଦ୍ଧିପାଇଛି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଅବସର ଗ୍ରହଣ କରୁଥିବା ପ୍ରଫେସରମାନଙ୍କ ପାଇଁ ଖୁବ୍ ଆକର୍ଷଣୀୟ ଅବସରକାଳୀନ ବ୍ୟାଙ୍କ୍‌ଯୋଜନା ଥିଲେ ମଧ୍ୟ କିଛିସଂଖ୍ୟକ ପ୍ରଫେସର୍ ସାଧନାକୁ ଅବ୍ୟାହତ ରଖିବାର ମାନସିକତା ଦର୍ଶାଉଛନ୍ତି।

ଆଲୋଚିତ ପ୍ରସଙ୍ଗରୁ ବୁଝାଯିବ ନାହିଁ ଯେ ଜ୍ଞାନପିପାସୁ କଲମଜୀବୀଙ୍କୁ ପୂରାପୂରି ସେବାନିବୃତ୍ତ ନ କରିବା ପାଇଁ ଯୁକ୍ତି କରାଯାଉଛି। ମୂଳକଥା ହେଉଛି ଶରୀରର ବାର୍ଦ୍ଧକ୍ୟ ଏକ ନିଷ୍ଠୁର ବାସ୍ତବତା ହେଲେ ମଧ୍ୟ କଲମ ଓ ସୃଜନର ପ୍ରକ୍ରିୟା ସଦାକ୍ରିୟାଶୀଳ। ବ୍ୟକ୍ତି ଇଚ୍ଛାକଲେ ଦୀର୍ଘଦିନ ଏହାକୁ କ୍ରିୟାଶୀଳ ରଖିପାରିବେ ଏବଂ ସମାଜ ଚାହିଁଲେ ଔପଚାରିକ ବୃତ୍ତିବାହାରେ ମଧ୍ୟ ଏ ପ୍ରତିଭାର ଉପଯୋଗ କରିପାରିବ।

ଭୁବନେଶ୍ୱର, ମୋ: ୯୪୩୭୧୨୧୨୭୯

## ଅସ୍ପୃଶ୍ୟତାର ଅନ୍ତ କେବେ?

ରାନୀ ନାୟକ

ସମାଜ କ୍ରମଶଃ ଅତ୍ୟାଧୁନିକ ହେବାରେ ଲାଗିଛି। କିନ୍ତୁ ଦିନକୁ ଦିନ ଲୋକଙ୍କ ଚିନ୍ତନଶକ୍ତିରେ ଅବନତି ଘଟୁଛି। ବେଶଭୂଷାରେ ଆଧୁନିକତାର ଛାପ ଥିଲେ ସୁଦ୍ଧା ଆଚରଣରେ ଉନ୍ନତି ଘଟିପାରିନାହିଁ। ଜାତିଭେଦ ଭଳି ଏକ ଅମାନୁଷିକ ପ୍ରଥା ଆଜିପର୍ଯ୍ୟନ୍ତ ସଭିଙ୍କ ମନରେ କେଉଁଠି ନା କେଉଁଠି ବସା ବାନ୍ଧି ରହିଛି। ମନ୍ଦିରଠାରୁ ନେଇ ମଶାଣି ଯାଏଁ ସବୁଠି ଏହି ଅସ୍ପୃଶ୍ୟତାର କାୟା ବଢ଼ିଚାଲିଛି। ପୋଖରୀ ତୁଠରେ ଗାଧୋଇବା ହେଉ କି ଭୋଜି ମହୋତ୍ସବରେ ଏକତ୍ର ବସି ଖାଇବାରେ ମଧ୍ୟ ଜାତିପ୍ରଥା ପ୍ରାଧାନ୍ୟ ବିସ୍ତାର କରିଛି। ବିବାହ ଅନୁଷ୍ଠାନରେ ଜାତିପ୍ରଥାର ପ୍ରାଦୁର୍ଭାବ ଅତି ଉତ୍କଟ। ବିଡ଼ମ୍ବନା ହେଉଛି ସହରୀ ଯୁବସମାଜ ମଧ୍ୟ ଏଭଳି ଅମାନୁଷିକ ପ୍ରଥାକୁ ଆଜିର ଅତ୍ୟାଧୁନିକ ଯୁଗରେ ଜାବୁଡ଼ି ଧରି ବସିଛନ୍ତି।

ନିକଟରେ ଆମ ରାଜ୍ୟର ଏଭଳି ଏକ ଘଟଣା ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିଛି। ଗତ ବର୍ଷ ନଭେମ୍ବର ମାସରେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ନୂଆଗାଁ ଅଙ୍ଗନୱାଡ଼ି ସହାୟିକା ଭାବେ ଶର୍ମିଷ୍ଠା ସେଠୀଙ୍କୁ ନିଯୁକ୍ତି ମିଳିଥିଲା। ସେ ଦଳିତ ଜାତିର ହୋଇଥିବାରୁ ଗାଁ ଲୋକେ ବସି ନିଷ୍ପତ୍ତି ନେଇଗଲେ ଯେ ସେମାନେ ତାଙ୍କ ପିଲାଙ୍କୁ ଅଙ୍ଗନୱାଡ଼ିକୁ ଛାଡ଼ିବେ ନାହିଁ। କାରଣ ଶର୍ମିଷ୍ଠା ରୋଷେଇ କରିଥିବା ଖାଦ୍ୟ ଖାଇଲେ ସେମାନଙ୍କ ପିଲାମାନଙ୍କର ଜାତି ଚାଲିଯିବ। କଥା ସେତିକିରେ ସରିଲା ନାହିଁ। ସେ ଗାଁର କୌଣସି ଗର୍ଭବତୀ କିମ୍ବା ନବଜାତ ଶିଶୁଙ୍କ ଜନନୀ ଜାତି ଚାଲିଯିବା ଭୟରେ ଅଙ୍ଗନୱାଡ଼ି ଦ୍ୱାର ମାଡ଼ିଲେ ନାହିଁ। ଏହି ଘଟଣା ଓଡ଼ିଶା ସୀମା ସରହଦ ଡେଇଁ ରାଜ୍ୟସଭା ପର୍ଯ୍ୟନ୍ତ ପହଞ୍ଚିଲା। ଏହାପରେ ସରକାର ସମସ୍ୟା ସମାଧାନରେ ତତ୍ପର ହେଲେ ଏବଂ ଶର୍ମିଷ୍ଠା ସମ୍ମାନର ସହ ବଞ୍ଚିବାର ଅଧିକାର ଓ ନ୍ୟାୟ ପାଇଲେ।

ବର୍ତ୍ତମାନ ମଣିଷ ଚନ୍ଦ୍ରରେ ପାଦ ଦେଇ ସୂର୍ଯ୍ୟ ଆଡ଼କୁ ଅଗ୍ରସର ହେଲାଣି। 'ଏଆଇ' ଯୁଗରେ ଆମେ ଏକ ବିକଶିତ ଭାରତର ସ୍ୱପ୍ନ ଦେଖୁଥିବା ବେଳେ ଏହି କୁତ୍ସିତ ମାନସିକତାକୁ ଦୂର କରିବାରେ ବିଫଳ ହୋଇଛନ୍ତି। ସମ୍ବିଧାନର ଧାରା ୧୭ରେ ଅସ୍ପୃଶ୍ୟତାର ବିଲୋପ ସାଧନା କରାଯାଇ ଏଭଳି ଭେଦଭାବକୁ ଦଣ୍ଡନୀୟ ଅପରାଧ ରୂପେ ଘୋଷଣା କରାଯାଇଛି। ଦଳିତ ବର୍ଗଙ୍କ ଉନ୍ନତି ପାଇଁ ସରକାର ଅନେକ ଯୋଜନା ପ୍ରସ୍ତୁତ କରିଛନ୍ତି ଓ କରୁଛନ୍ତି। କିନ୍ତୁ ନୂଆଗାଁ ଘଟଣା ଇଙ୍ଗିତ କରୁଛି ଯେ ଲୋକଙ୍କ ଆଚରଣ ଓ ଦୃଷ୍ଟିଭଙ୍ଗୀ ଯଦି ପରିବର୍ତ୍ତନ ନହୁଏ, ଯେତେ ଯୋଜନା କଲେ ମଧ୍ୟ ସୁଫଳ ମିଳିବ ନାହିଁ ଏବଂ ସମାଜିକ ଚାଲିଚଳଣିରେ ପରିବର୍ତ୍ତନ ଆସିବ ନାହିଁ।

ଇତିହାସ ସାକ୍ଷୀ ଯେ ସର୍ବଦା ଦଳିତ ଶ୍ରେଣୀର ଲୋକ ଉଚ୍ଚଜାତିର ଲୋକଙ୍କ ଦ୍ୱାରା ନିର୍ଯାତିତ ହୋଇଆସିଛନ୍ତି। ଭାରତ ସମ୍ବିଧାନର ପ୍ରଣେତା ଡ. ବି ଆର ଆମ୍ବେଦକର ମଧ୍ୟ ଏହି ଛୁଆଁ-ଅଛୁଆଁ ଭେଦଭାବର ଶିକାର ହୋଇଥିଲେ। ସେ ଜାତିରେ ମାହାର ଥିଲେ। ସ୍କୁଲ୍‌ରେ ପଢ଼ିବା ସମୟରେ ତାଙ୍କୁ ଏକ ବସ୍ତା ଉପରେ ବସିବାକୁ ପଡ଼ିଥିଲା ଯାହାକି ତାଙ୍କୁ ତାଙ୍କ ସହିତ ଘରୁ ନେବାକୁ ପଡୁଥିଲା। ବିଦ୍ୟାଳୟରେ ପାଣି ପିଇବାକୁ ହେଲେ ସ୍କୁଲ ପିଅନ ସ୍ୱତନ୍ତ୍ର ଭାବେ ଦେଉଥିଲା। ପିଅନ ଛୁଟିରେ ଥିଲେ ତାଙ୍କୁ ପିଇବାକୁ ପାଣି ମିଳୁ ନଥିଲା। ସେ ସମୟରେ ଆମ୍ବେଦକର ଉଚ୍ଚ ଶିକ୍ଷା ହାସଲ କରିଥିଲେ ସୁଦ୍ଧା ଜାତିଭେଦ ମାନସିକତାର ଶିକାର ହୋଇଥିଲେ। ଆଇନରେ ପାରଙ୍ଗମ ଥିଲେ ମଧ୍ୟ ସେ ଦଳିତ ଜାତିର ହୋଇଥିବାରୁ କେହି ତାଙ୍କ ନିକଟକୁ ମାମଲା ନେଇ ଆସୁ ନ ଥିଲେ। ଆମ୍ବେଦକର କହୁଥିଲେ ଯଦି ଜାତି ରୁହେ ତେବେ ଆଉ ଗୋଟେ ଜାତି ପୁନଃ ଉତ୍ପତ୍ତି ହେବ।

ଆମ ଦେଶରେ ଗୋଟିଏ ଦଳିତ ଶ୍ରେଣୀରେ ପିଲା ଜନ୍ମ ହୋଇ ମରିବା ପର୍ଯ୍ୟନ୍ତ ପ୍ରତିଟି କ୍ଷେତ୍ରରେ ସେ କେଉଁଠି ନା କେଉଁଠି ଛୁଆଁ-ଅଛୁଆଁର ଭେଦଭାବ ଭିତରେ ଛନ୍ଦି ହୋଇଯାଏ। ବେଳେବେଳେ ସେ ତା'ର ମାନସିକ ସ୍ଥିତି ହରାଇ ବସେ। ଶର୍ମିଷ୍ଠା ଦୀର୍ଘ ତିନିମାସ ଧରି ଏଭଳି ମାନସିକ ନିର୍ଯାତନାର ଶିକାର ହୋଇଥିଲେ। ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ' ଓଡ଼ିଶାର ଘରେଘରେ ପଢ଼ାଯାଏ। ଜାତିପ୍ରଥା ବିରୋଧରେ ତାହା ଥିଲା ଏକ ସଶକ୍ତ ପଦକ୍ଷେପ। କିନ୍ତୁ ଆମେ ଲକ୍ଷ୍ମୀଙ୍କୁ କେବଳ ମୂର୍ତ୍ତି ଆଉ ପୂଜାରେ ସୀମିତ ରଖୁଛନ୍ତି। କିନ୍ତୁ ସେ ଏହି ଅସ୍ପୃଶ୍ୟତା ବିରୁଦ୍ଧରେ ଯେଉଁ କଷ୍ଟ ସହ୍ୟ କରିଥିଲେ ତାହା ଆମେ ଭୁଲି ଯାଉଛନ୍ତି। କଥାରେ ଅଛି - 'ଆଚାରେ ଲକ୍ଷ୍ମୀ ବିଚାରେ ପଣ୍ଡିତ'। ଯଦି ଆମେ ଆଚାର ବ୍ୟବହାର ଠିକ୍ ନରଖିବା ତେବେ ସେ ମଣିଷ ବୋଲି ଗଣତି ନୁହେଁ। ଶିକ୍ଷା, ସଂସ୍କାର, ଆଚାର, ବ୍ୟବହାର, ପରିଷ୍କାର, ପରିଚ୍ଛନ୍ନତା ନେଇ ଆଲୋଚନା କରାଯାଇପାରେ। କିନ୍ତୁ ଜାତିଭେଦରେ କାହାକୁ ନ୍ୟୂନ କରି ଦେଖିବା ସମ୍ବିଧାନ ଓ ଈଶ୍ୱରଙ୍କ ଦୃଷ୍ଟିରେ ଅପରାଧ।

ଢେଙ୍କାନାଳ, ମୋ: ୭୬୦୬୯୯୬୦୫୩

## ଧୀରେ ଧୀରେ ଖାଇବା

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଆଜିକାଲିର କାର୍ଯ୍ୟବ୍ୟସ୍ତ ଜୀବନରେ ଏପରିକି ଧୀରେ ସୁସ୍ଥେ ଖାଇବା ପାଇଁ ଆମ ପାଖରେ ଯଥେଷ୍ଟ ସମୟର ଅଭାବ। ଏଣୁ 'ନାକରେ କାନରେ ପୂରାଇ' କିଛି ଖାଇଦେଇ ଆମେ କାମ ସାରିଦେଉ। ସକାଳ ଭୋଜନ ପାଇଁ ମିଳେ ସୀମିତ ସମୟ। କାର୍ଯ୍ୟସ୍ଥଳରୁ କର୍ମକ୍ଳାନ୍ତ ହୋଇ ଫେରିଲା ପରେ ରାତ୍ରିଭୋଜନ ମଧ୍ୟ ଶୀଘ୍ର ଶୀଘ୍ର ସାରି ଦେଇ ଆମେ ବିଶ୍ରାମ ନେବାକୁ ଚାହୁଁ। ସେତେବେଳେ ବି ଆମେ ଖାଦ୍ୟ ପ୍ରତି ଧ୍ୟାନ ନ ଦେଇ ଟିଭି କିମ୍ବା ମୋବାଇଲ ଦେଖୁ। ଆମ ହଜମ ଠାରୁ ଚୟାପଚୟ ଯାଏଁ ବିବିଧ ଶାରୀରିକ ପ୍ରକ୍ରିୟା ଏହା ଦ୍ୱାରା ପ୍ରଭାବିତ ହୁଅନ୍ତି।

ଶରୀର ବିଜ୍ଞାନୀମାନଙ୍କ ମତରେ ଥରେ ଖାଇବା ପାଇଁ ଆମେ ଅନ୍ତତଃ ୨୦/୨୫ ମିନିଟ୍ ସମୟ ଦେବା ଦରକାର। କାରଣ ଆମେ ଖାଉଥିବା ଖାଦ୍ୟ ଯଥେଷ୍ଟ ହେବାର, ଅର୍ଥାତ୍ ସନ୍ତୁଷ୍ଟିର ସୂଚନା ନେବାକୁ ମସ୍ତିଷ୍କ ଏତିକି ସମୟ ନେଇଥାଏ। ତାହା ନକରି ଶୀଘ୍ର ଖାଇଲେ ଆମେ ଦରକାରଠାରୁ ଅଧିକ ଖାଦ୍ୟ ଖାଇଦେଉ। ଫଳରେ ତାହା ପୃଥୁଳତା, ମଧୁମେହ ଆଦିର ଆଶଙ୍କା ବୃଦ୍ଧି କରେ। ଶୀଘ୍ର ଶୀଘ୍ର ଖାଇବାର ମୁଖ୍ୟ ପରିଣାମଗୁଡ଼ିକ ମଧ୍ୟରୁ ପ୍ରଥମଟି ହେଲା ବାୟୁ ହୋଇ ପେଟ ଫୁଲିବା ଏବଂ ଛାତିରେ ଯନ୍ତ୍ରଣା ହେବା। କାରଣ ଏହାଦ୍ୱାରା ଆମେ ଖାଦ୍ୟକୁ ଭଲ କରି ନଚୋବାଇ ଗିଳିଦେଉ। ଅତଏବ ତାହା ବଡ଼ବଡ଼ ଖଣ୍ଡ ଆକାରରେ ପାକସ୍ଥଳୀ ମଧ୍ୟକୁ ଯାଏ। ପୁନଶ୍ଚ ସେଥିସହିତ ଆମେ ଅଧିକ ମାତ୍ରାରେ ବାୟୁ ମଧ୍ୟ ଗିଳିଥାଉ। ଏସବୁ ମିଳିତ ଭାବେ ତାହାର କାରଣ ହୁଅନ୍ତି।

ଧୀରେ ଧୀରେ ଖାଇଲେ ଯଥା ସମୟରେ ମସ୍ତିଷ୍କ ସନ୍ତୁଷ୍ଟିର ସୂଚନା ଦିଏ। ଏଣୁ ଆମେ ପେଟ ପୂରିବା ଅନୁଭବ କରୁ ଏବଂ ଅଧିକ ଖାଇବାରୁ ନିବୃତ୍ତ ରହୁ। ଫଳରେ କ୍ୟାଲୋରୀ ଗ୍ରହଣ ପ୍ରାୟ ୨୫ ପ୍ରତିଶତ କମ୍ ରହେ। ଆମେ ଖାଦ୍ୟକୁ ଅଧିକ ଉପଭୋଗ କରୁ ଏବଂ ଆମ ମାନସିକ ଚାପ କମ ରହେ। ଅନ୍ୟପକ୍ଷରେ ଶୀଘ୍ର ଶୀଘ୍ର ଖାଇଲେ ଏହାର ଠିକ୍ ବିପରୀତ ଘଟେ। ଏଣୁ ରକ୍ତ ଶର୍କରା ହଠାତ୍ ବଢ଼ିଯାଏ ଏବଂ କାଳକ୍ରମେ ଆମେ ପୃଥୁଳ ହେଉ। ସେଥିପାଇଁ ଭୋଜନ ପ୍ରକ୍ରିୟାକୁ ମନ୍ଥର କରିବା ଉଚିତ୍।

ଏଥିଲାଗି ଅଧିକ ତନ୍ତୁଯୁକ୍ତ ଖାଦ୍ୟ ବାଛିବା ଦରକାର। ଯେପରିକି ତନ୍ତୁବହୁଳ ଫଳମୂଳ, ପନିପରିବା, ଡାଲିଜାତୀୟ ପଦାର୍ଥ, କୋଳି, ମଞ୍ଜି ଇତ୍ୟାଦି। କାରଣ ଏହାକୁ ଅଧିକ ସମୟ ଧରି ଚୋବାଇବାକୁ ପଡ଼େ। ପୁନଶ୍ଚ ଏଗୁଡ଼ିକର କ୍ୟାଲୋରୀ ମୂଲ୍ୟ ଅପେକ୍ଷାକୃତଭାବେ କମ୍। ଅନ୍ୟପକ୍ଷରେ, ଫାଷ୍ଟଫୁଡ୍‌କୁ ଯଥାସମ୍ଭବ ଏଡ଼ାଇବା ଉଚିତ୍। କାରଣ, ଏହା ଅଧିକ କ୍ୟାଲୋରୀଯୁକ୍ତ ଏବଂ ଆମ ଠାରେ ମେଦବୃଦ୍ଧି ଘଟାଏ। ତତ୍‌ସଙ୍ଗେ ସଙ୍ଗେ ଏହା ଅତ୍ୟଧିକ ପ୍ରକ୍ରିୟାକରଣ ହୋଇଥିବାରୁ ତାହାକୁ ସହଜରେ ଖୁବ୍ ଶୀଘ୍ର ଖାଇହୁଏ।

ଖାଇଲା ବେଳେ ଆମେ ଖାଦ୍ୟ ପ୍ରତି ଯଥେଷ୍ଟ ଧ୍ୟାନ ଦେବା ଆବଶ୍ୟକ। ସେତେବେଳେ ଟିଭି କିମ୍ବା ମୋବାଇଲ ଫୋନ ଦେଖିବା ଉଚିତ ନୁହେଁ। କାରଣ ତାହା କଲେ ଆମେ କ'ଣ ଖାଇଲୁ, କେତେ ଖାଇଲୁ ଏବଂ ତା' ସ୍ୱାଦ ପ୍ରତି ନଜର ରହିବ ନାହିଁ। ପରିବାରବର୍ଗ କିମ୍ବା ବନ୍ଧୁମାନଙ୍କ ସହିତ ଆମେ ଏକତ୍ର ଭୋଜନ କଲେ ଆମେ ପରସ୍ପର ସହିତ ଭାବର ଆଦାନ ପ୍ରଦାନ କରିପାରିବା। ତହିଁରେ କିଛିସମୟ ବିତିବ। ମଝିରେ ମଝିରେ ସେଥିରୁ ବିରତ ରହି ପାଟିକୁ ଖାଦ୍ୟ ନେଇ ପାରିବା। ତା'କୁ ଚୋବାଇଲା ବେଳେ ଅନ୍ୟର କଥା ଶୁଣି ପାରିବା। ଅତଏବ ଭୋଜନ ପ୍ରକ୍ରିୟା ବିଳମ୍ବିତ ହେବ। ଖାଇଲା ବେଳେ ମାନସିକ ଚାପରୁ ଦୂରେଇ ରହିବା ଉଚିତ୍। ତାହା ହେଲେ ଆମେ କେଉଁ ଖାଦ୍ୟ କେତେ ଖାଇଲୁ ତାହା ଜାଣି ପାରିବା। ତାହାକୁ ଉପଭୋଗ ମଧ୍ୟ କରିପାରିବା। ଧୀରେ ଧୀରେ ମ ଯୋଗ ସହିତ ଖାଦ୍ୟକୁ ଚୋବାଇ ଖାଇ ପାରିବା।

ପୁନଶ୍ଚ ଧୀରେ ଧୀରେ ଖାଇଲେ ହଜମ ସହଜ ହୁଏ। କାରଣ ଖାଦ୍ୟକୁ ଆମେ ଚୋବାଇ ଚୋବାଇ ଛୋଟ ଛୋଟ ଖଣ୍ଡରେ ପରିଣତ କରିବାର ଅବକାଶ ପାଉ। ଫଳରେ ସେଥିରେ ଲାଳରେ ଥିବା ହଜମକାରୀ ଏଂଜାଇମ ଭଲ ଭାବେ ମିଶେ। ଏହାଛଡ଼ା ଶରୀରର ଓଜନ ଠିକ୍ ରହିବା, ଖାଦ୍ୟରୁ ଅଧିକ ପୁଷ୍ଟି ଶୋଷଣ ହେବା ଆଦି ମଧ୍ୟ ହୁଏ। ଏଣୁ ଚାଲନ୍ତୁ ଆମେ ଆମେ ଧୀରେ ଧୀରେ ଖାଇବା।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଏମ୍ସରେ ଲିଭର ଟ୍ରାନ୍ସପ୍ଲାଣ୍ଟ ୟୁନିଟ୍ ଉଦ୍‌ଘାଟିତ

ଭୁବନେଶ୍ୱର,୨୩।୨(ସମିସ): ଏମ୍ସ ଭୁବନେଶ୍ୱରରେ ଅତ୍ୟାଧୁନିକ ଯକୃତ ପ୍ରତିରୋପଣ(ଲିଭର ଟ୍ରାନ୍ସପ୍ଲାଣ୍ଟ) ୟୁନିଟ୍ ସହିତ ଏକ ଅତ୍ୟାଧୁନିକ ରୋବୋଟିକ୍ ସର୍ଜରୀ ବ୍ୟବସ୍ଥା ଆରମ୍ଭ କରିଛି। କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି ଭର୍ଚୁଆଲ୍ ମାଧ୍ୟମରେ ଲିଭର ଟ୍ରାନ୍ସପ୍ଲାଣ୍ଟ ୟୁନିଟ୍ ଏବଂ ପ୍ରତିଷ୍ଠାନରେ ଉନ୍ନତ ରୋବୋଟିକ୍ ସର୍ଜରୀ ସିଷ୍ଟମକୁ ଉଦ୍‌ଘାଟନ କରିଛନ୍ତି।

ଶ୍ରୀ ନଡ୍ଡା କହିଛନ୍ତି ଯେ, ଏମ୍ସ ଭୁବନେଶ୍ୱରର ଗୌରବମୟ ଦଶନ୍ଧିରୁ ଊର୍ଦ୍ଧ୍ୱ ଯାତ୍ରାରେ ଏହା ଆଉ ଏକ ମାଇଲଖୁଣ୍ଟ ବୋଲି କହିବା ସହ ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଦ୍ରୁତ ଗତିରେ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରଦାନରେ ଉତ୍କର୍ଷ କେନ୍ଦ୍ର ଭାବରେ ନିଜକୁ ପ୍ରତିଷ୍ଠିତ କରିଛି। ଏହି ନୂତନ ବ୍ୟବସ୍ଥାଗୁଡିକ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଉଲ୍ଲେଖନୀୟ ଭାବରେ ମଜବୁତ କରିବ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନର ଗୁଣବତ୍ତା ବୃଦ୍ଧି କରିବ। ଯାହା ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକରେ ରୋଗୀଙ୍କ ପାଇଁ ଉନ୍ନତ, ବିଶ୍ୱସ୍ତରୀୟ, ଜୀବନ ରକ୍ଷାକାରୀ ଚିକିତ୍ସା ସୁବିଧା ପ୍ରଦାନ କରିବ ବୋଲି କହିବା ସହ ଏମ୍ସ ଭୁବନେଶ୍ୱର ଟିମ୍‌କୁ ଅଭିନନ୍ଦନ ଜଣାଇଥିଲେ। ଅଙ୍ଗଦାନ ସହିତ ଜଡିତ ଜାତୀୟ ପ୍ରାଥମିକତା ଉପରେ ଆଲୋକପାତ କରି ଶ୍ରୀ ନଡ୍ଡା ନାଗରିକମାନଙ୍କୁ ସଚେତନ କରିବା ଏବଂ ଅଙ୍ଗଦାନକୁ ଏକ ଗଣ ଅନ୍ଦୋଳନରେ ପରିଣତ କରିବ ବୋଲି କହିଥିଲେ। ଯକୃତ ପ୍ରତିରୋପଣ ସୁବିଧା ପଶ୍ଚିମବଙ୍ଗ, ଆସାମ ଏବଂ ଅନ୍ୟାନ୍ୟ ପଡ଼ୋଶୀ ରାଜ୍ୟ ସମେତ ଓଡ଼ିଶା ଏବଂ ପୂର୍ବ ଭାରତର ରୋଗୀମାନଙ୍କ ପାଖରେ ଶେଷ ପର୍ଯ୍ୟାୟ ଯକୃତ ରୋଗର ଉନ୍ନତ ଚିକିତ୍ସା ଆଣିବା ସହ ଆର୍ଥିକ କ୍ଷେତ୍ରରେ ଦୁର୍ବଳ ରୋଗୀମାନଙ୍କପାଇଁ ବେଶ୍ ସହାୟକ ହେବ। ସର୍ଜିକାଲ୍ ରୋବୋଟିକ୍ ସିଷ୍ଟମ୍ ଆରମ୍ଭ ହେବା ସମ୍ପର୍କରେ ମନ୍ତ୍ରୀ କହିଛନ୍ତି ଯେ ଏମ୍ସ ଭୁବନେଶ୍ୱର ଓଡ଼ିଶାର ପ୍ରଥମ ସରକାରୀ ଚିକିତ୍ସା ପ୍ରତିଷ୍ଠାନ, ଯାହା ଏକ ବ୍ୟାପକ ରୋବୋଟିକ୍ ସର୍ଜରୀ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିଛି। ଏହି ସଫଳତା ପଛରେ ଥିବା ସାମୂହିକ ପ୍ରୟାସ ଉପରେ ଆଲୋକପାତ କରି ଶ୍ରୀ ନଡ୍ଡା କହିଛନ୍ତି ଯେ ଏହା ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ, କ୍ଲିନିକାଲ୍, ନର୍ସ, ଟେକ୍ନିସିଆନ୍ ଏବଂ ସହାୟକ କର୍ମଚାରୀଙ୍କ ଅକ୍ଲାନ୍ତ ଉତ୍ସର୍ଗ ଏବଂ ଅଧ୍ୟବସାୟ ପାଇଁ ସମ୍ଭବ ହୋଇଛି। ପ୍ରତିଷ୍ଠାନ ପୂର୍ବରୁ ସଫଳତାର ସହିତ ବୃକକ୍ ଏବଂ ଅସ୍ଥି ମଜ୍ଜା ପ୍ରତିରୋପଣ କରିଆସୁଥିବା ବେଳେ, ଲିଭର ଟ୍ରାନ୍ସପ୍ଲାଣ୍ଟ କାର୍ଯ୍ୟକ୍ରମର ଆରମ୍ଭ ଏକ ଗୁରୁତ୍ୱପୂର୍ଣ୍ଣ ନୂତନ ଅଧ୍ୟାୟ ଏବଂ ଏହି ଅଞ୍ଚଳରେ ଉନ୍ନତ ସ୍ୱାସ୍ଥ୍ୟସେବା ସେବାକୁ ସୁଦୃଢ଼ କରିବାରେ ଏକ ପ୍ରମୁଖ ମାଇଲଖୁଣ୍ଟ। କାର୍ଯ୍ୟକ୍ରମରେ ଭୁବନେଶ୍ୱରର ସାଂସଦ ଅପରାଜିତା ଷଡଙ୍ଗୀ, କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପୁଣ୍ୟ ସଲିଳା ଶ୍ରୀବାସ୍ତବ, ଏମ୍ସ ଭୁବନେଶ୍ୱର ଅଧ୍ୟକ୍ଷା ଡ. ଅନୀତା ସକ୍‌ସେନା, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଅଙ୍କିତା ମିଶ୍ର ବୁନ୍ଦେଲା, ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଯକୃତ ପ୍ରଦାନ କରିଥିବା ଦୁଇଜଣଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡିନ୍ ଡ. ପି ଆର୍ ମହାପାତ୍ର, ଡ. ସତ୍ୟଜିତ ମିଶ୍ର, ଡ. ସୌଭାଗ୍ୟ କୁମାର ଜେନା, ମେଡିକାଲ ଅଧୀକ୍ଷକ ଡ. ପ୍ରଭାସ ରଂଜନ ତ୍ରିପାଠୀ, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ୍ ଅଭିଜିତ ସରକାର ପ୍ରମୁଖ ଉପସ୍ଥିତ ଥିଲେ।ଙ୍କ ସମେତ ଏମ୍ସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଚିନ୍ତା ବଢ଼ାଉଛି ମ୍ୟୁଲ୍ ବ୍ୟାଙ୍କ୍ ଆକାଉଣ୍ଟ

# ୧୮୦୦ଟି ଆକାଉଣ୍ଟରେ ୫୦ କୋଟି କାରବାର

ବାରିପଦା, ୨୩।୨ (ସମିସ): ସାଇବର୍ ଠକମାନେ ବ୍ୟବହାର କରୁଥିବା ମ୍ୟୁଲ୍ ଆକାଉଣ୍ଟ ଏବେ ପୁଲିସର ଚିନ୍ତା ବଢ଼ାଇଲାଣି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ବହୁ ସଂଖ୍ୟାରେ ମ୍ୟୁଲ୍ ଆକାଉଣ୍ଟ ଚିହ୍ନଟ ହେଉଥିବା ବେଳେ ମୟୂରଭଞ୍ଜ ଜିଲ୍ଲା ବି ଏଥିରୁ ବାଦ୍ ପଡ଼ିନି। ପୂରା ଜିଲ୍ଲାରେ ୧୮୦୦ ମ୍ୟୁଲ୍ ଆକାଉଣ୍ଟ ଚିହ୍ନଟ ହୋଇଥିବା ବେଳେ ଏହି ଆକାଉଣ୍ଟ ଜରିଆରେ ସାଇବର୍ ଠକମାନେ ୫୦ କୋଟିର ଅର୍ଥ କାରବାର କରିଛନ୍ତି। ତେବେ ସାଇବର୍ ଅପରାଧୀଙ୍କ ଏଜେଣ୍ଟ ସାଜି ଏପରି ବେଆଇନ କାରବାର କରୁଥିବା ୨ ଧୂର୍ତ୍ତଙ୍କୁ ଆଜି ମୟୂରଭଞ୍ଜ ଜିଲ୍ଲା ସାଇବର୍ କ୍ରାଇମ୍ ଓ ଇକୋନୋମିକ୍ ଅଫେନ୍ସ ପୁଲିସ୍ ଗିରଫ କରିଛି। ସେମାନେ ହେଲେ, ତକତପୁରର ରୟାଲ ହୋଟେଲ ମାଲିକ ଗଣେଶ ସିଂ ଶେଖାୱାତ ଓ ୟୁଟ୍ୟୁବର୍ ଶୁଭମ ଭୁଜବଳ। ଏହି ମାମଲା ନଭେମ୍ବର ୨୮, ୨୦୨୫ରେ ରୁଜୁ ହୋଇଥିବା ବେଳେ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଥାନା ଯଥା ବାରିପଦା ଟାଉନ୍, ଭଞ୍ଜପୁର, ଉଦଳା ଓ ବୈଶିଙ୍ଗାରେ ଯାଞ୍ଚ କରାଯାଇଥିବା ବେଳେ ମୋଟ ୧୮୦୦ଟି ମ୍ୟୁଲ୍ ଆକାଉଣ୍ଟ ଚିହ୍ନଟ ହୋଇଛି, ଯେଉଁଥିରୁ କେତେକ ଆକାଉଣ୍ଟ୍ ଏନସିପିଆରପି ପୋର୍ଟାଲରେ ବହୁ ଠକେଇ ଅଭିଯୋଗରେ ଜଡ଼ିତ ଥିବା ଜଣାପଡ଼ିଛି। ଅପରାଧୀମାନେ ଲୋକଙ୍କୁ ପ୍ରଲୋଭନ ଦେଇ ସେମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟ୍ ବ୍ୟବହାର କରି ଠକେଇ ଟଙ୍କା କାରବାର କରୁଛନ୍ତି।

**WANTED**
A well-established firm invites applications for the following positions:
1. Senior Accountant - (1 No.)
Experience : 10 yrs. above
2. Junior Accountant - (1 No.)
Experience : 2-5 yrs. above
3. Supervisor - (2 Nos.)
Experience : 2-5 yrs. above
4. Sales Executive - (1 No.)
Experience : 2-5 yrs. above
Salary: Best in the industry
Location : Bhubaneswar
Interested candidates can send their CV to
Email: 19sanatang@gmail.com
Contact
7978386707

■ ଆଜି ଛତିଶା ନିଯୋଗ ବୈଠକ

# ମେଣ୍ଢାପୋଡ଼ି, ଦୋଳ ପୂର୍ଣ୍ଣିମା ନୀତି ନିର୍ଘଣ୍ଟ ହେବ

ପୁରୀ,୨୩।୨(ସମିସ): ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ମଙ୍ଗଳବାର ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହେବ। ଅପରାହ୍ଣ ୫ଟାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ମେଣ୍ଢାପୋଡ଼ି ଏବଂ ଦୋଳପୂର୍ଣ୍ଣିମା ନୀତି ନିର୍ଘଣ୍ଟ ଅନୁମୋଦନ କରାଯିବ। ଏଥିସହ ସଭାପତିଙ୍କ ଅନୁମୋଦନକ୍ରମେ ଅନ୍ୟାନ୍ୟ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହେବ ବୋଲି ଜଣାପଡ଼ିଛି। ସୂଚନାଥାଉ କି, ଆସନ୍ତା ମାର୍ଚ୍ଚ ୨ ତାରିଖରେ ମେଣ୍ଢାପୋଡ଼ି ଏବଂ ୩ରେ ଦୋଳ ପୂର୍ଣ୍ଣିମା ରହିଛି। ଏହାକୁ କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯିବ, ସେଥିଲାଗି ଶ୍ରୀମନ୍ଦିର ପ୍ରଶାସନ ଛତିଶା ନିଯୋଗ ବୈଠକ ଡାକିଛି। ଏଥିରେ ଏହି ଦୁଇ ନୀତି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ନିର୍ଘଣ୍ଟ ହେବ।

# କଂଗ୍ରେସରୁ ଇସ୍ତଫା ଦେଲେ ୬୨ ଯୁବ ସଂଗଠକ

## ମୋକିମଙ୍କ ସଂଗଠନରେ ମିଶିବା ଯୋଜନା

ଭୁବନେଶ୍ୱର,୨୩।୨(ସମିସ): ରାଜ୍ୟ କଂଗ୍ରେସରୁ ମୁହଁ ଫେରାଇ ସୋମବାର ପୁଣି କିଛି ଯୁବ ସଂଗଠକମାନେ ଦଳରୁ ଇସ୍ତଫା ଦେଇଛନ୍ତି। ରାଜ୍ୟ କଂଗ୍ରେସର ସାଂଗଠନିକ ଦୁର୍ବଳତାକୁ ଦାୟୀ କରି ସେ କଂଗ୍ରେସ ଛାଡ଼ିଛନ୍ତି। ପିସିସି ସୋସିଆଲ ମିଡିଆର ପୂର୍ବତନ ସାଧାରଣ ସମ୍ପାଦକ ସୁଧୀର ରାଉତ ଓ ସୋସିଆଲ ମିଡିଆ ସେଲ୍‌ର ପୂର୍ବତନ ସମ୍ପାଦକ ଇଂ ତନ୍ମୟ ବିଶ୍ୱାଳଙ୍କ ସଂଯୋଜନାରେ ୬୨ଜଣ ଯୁବ ସଂଗଠକ ଓ କଂଗ୍ରେସ ସୋସିଆଲ ମିଡିଆ ସେଲ୍‌ର କର୍ମକର୍ତ୍ତାମାନେ ସାମୂହିକ ଭାବେ ଇସ୍ତଫା ଦେବା ସହ ସ୍ଥାନୀୟ ରୋଟାରି ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ନଜ ପୂର୍ବ ଦଳର ନେତୃତ୍ୱଙ୍କ ବିରୋଧରେ ବର୍ଷିଛନ୍ତି।

କଂଗ୍ରେସ ଦଳରେ ଯୁବକମାନଙ୍କ ଭବିଷ୍ୟତ ଅନ୍ଧକାର ବୋଲି ସେମାନେ ଗଣମାଧ୍ୟମକୁ ସୂଚନା ଦେବା ସହ ଆଗକୁ ସେମାନେ ମହମ୍ମଦ ମୋକିମଙ୍କ ସଂଗଠନରେ ସାମିଲ୍ ହେବେ ବୋଲି ଉତ୍ତରରେ ଜଣାଇଛନ୍ତି। ଇସ୍ତଫା ଦେଇଥିବା କର୍ମକର୍ତ୍ତାଙ୍କ ମଧ୍ୟରେ ଅନେକ ପଦାଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ମିଡିଆ ସେଲ୍‌ର ସମ୍ପାଦକ ସୁଧୀର ମହାରଣା, ସିଦ୍ଧାର୍ଥ ଶଙ୍କର ତ୍ରିପାଠୀ, ରଶ୍ମିରଞ୍ଜନ ନାୟକ, ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଦିଲ୍ଲିପ କୁମାର ଖୁଣ୍ଟିଆ, ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଆଲୋକ ଦାସ, ଖଣ୍ଡପଡ଼ା କିଷାନ ସେଲ୍ ସଭାପତି ପ୍ରମୋଦ କୁମାର ନାୟକ, ଯୁବ ସଂଗଠକ ଅସିତ ବାରିକ, ନିରୁପମା ଦାସ, ସନ୍ତୋଷ କୁମାର ରାଉତ, ନୀଳୟ ରଞ୍ଜନ ମହନ୍ତ, ବିଶ୍ୱନାଥ ଗୋଚ୍ଛି, ପ୍ରସନ୍ନ କୁମାର ପାତ୍ର ପ୍ରମୁଖ ନିଜର ସମର୍ଥକମାନଙ୍କ ସହ ଉପସ୍ଥିତ ରହି କଂଗ୍ରେସ ଦଳରୁ ଇସ୍ତଫା ଦେଇଛନ୍ତି। ସେହିପରି ବିଜେପିର ଯଶିପୁରର ପୂର୍ବତନ କାଉନସିଲର ବିନୋଦ କୁମାର ବିଶୋୟୀ ପ୍ରମୁଖ ସେମାନଙ୍କ ସମର୍ଥକଙ୍କ ସହିତ ନିଜ ନିଜ ଦଳରୁ ଇସ୍ତଫା ଦେଇ ମୋକିମଙ୍କ ସଂଗଠନରେ ସାମିଲ୍ ହେବେ ବୋଲି ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗଣଦୁଷ୍କର୍ମ ପୀଡ଼ିତା...

ପରିବର୍ତ୍ତନ ଦେଖି ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ସେମାନେ ତା'ର ସ୍ୱାସ୍ଥ୍ୟ ପରୀକ୍ଷା କରାଇବାରୁ ନାବାଳିକାଜଣଙ୍କ ୪ ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ଏ ସଂପର୍କରେ ତାକୁ ପଚରାଉଚରା କରିବାରୁ ପାଖାପାଖି ୪/୫ ମାସ ତଳେ ୪ଜଣ ଯୁବକ ତାକୁ ଗଣଦୁଷ୍କର୍ମ କରିଥିଲେ ବୋଲି କହିଥିଲା। ଏପରିକି, ଏ ସଂପର୍କରେ କାହାରିକୁ କହିଲେ, ତାକୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା।

### ଷଷ୍ଠ ଦିନରେ...

ନାହିଁ, କୁଆଡ଼େ ଗଲା ଠନ୍ ଠନ୍, ଦେଖେଇ ଦେଲ ଲଣ୍ଠନ ନାରା ଦେଇ ବିଜେଡି ସଦସ୍ୟ ଗୃହ କମ୍ପାଇଥିଲେ। ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ଚେୟାର ପକେଇ ବିଜେଡି ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ବାଚସ୍ପତିଙ୍କୁ ପୋଷ୍ଟର ଦେଖାଇଥିଲେ। ଦଳର ଅନ୍ୟ ବିଧାୟକ ହୋ ହଲ୍ଲା କରୁଥିବା ବେଳେ ବିଜେଡିର ଅନ୍ୟତମ ବିଧାୟକ ଯୋଗେଶ ସିଂ ହଠାତ୍ ରିପୋର୍ଟର ଟେବୁଲକୁ ଚଢ଼ିଯାଇ ନିଜର ପ୍ରତିବାଦ ଜଣାଇଥିଲେ।

ଏପଟେ ବିରୋଧୀ କଂଗ୍ରେସ ଆନ୍ତର୍ଜାତୀୟ ସ୍ତରରେ ହଇଚଇ ସୃଷ୍ଟି କରିଥିବା ଏକ ପ୍ରସଙ୍ଗରେ ଭାରତର ସମ୍ପର୍କକୁ ନେଇ ଗୃହ ମଧ୍ୟରେ ପ୍ଲାକାର୍ଡ, ବ୍ୟାନର ପ୍ରଦର୍ଶନ କରିବା ସହ ପ୍ରବଳ ହଟ୍ଟଗୋଳ କରିଥିଲା। ଫଳରେ ବାଚସ୍ପତି ଗୃହକୁ ୧୦ଟା ୩୭ରୁ ୧୧ଟା ୩୦ ଯାଏଁ ମୁଲତବୀ ରଖିଥିଲେ। ୧୧ଟା ୩୦ରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବିଜେଡିର ବିଧାୟକମାନେ ଆହୁରି ତୀବ୍ରତାର ସହ ପ୍ରତିବାଦ କରିଥିଲେ। ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ଯୋଗେଶ ସିଂ ରିପୋର୍ଟର ଟେବୁଲ ଉପରେ ଚଢ଼ି ବ୍ୟାନର ପ୍ରଦର୍ଶନ କରିଥିଲେ। ଶୂନ୍ୟକାଳ ମାତ୍ର ୭ ମିନିଟ ଚାଲିବା ପରେ ବାଚସ୍ପତି ଅଚଳାବସ୍ଥା ଦୂର କରିବା ପାଇଁ ସର୍ବଦଳୀୟ ବୈଠକ ଡକାଇଥିଲେ। ଘଣ୍ଟାଏ ଧରି ସର୍ବଦଳୀୟ ବୈଠକ ଚାଲିବା ସତ୍ତ୍ୱେ କୌଣସି ନିଷ୍କର୍ଷ ନବାହାରିବାରୁ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ରଖିଥିଲେ। ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ସମାନ ଅଚଳାବସ୍ଥା ଦେଖାଦେଇଥିଲା। ବିରୋଧୀଙ୍କ ହୋ ହଲ୍ଲା ମଧ୍ୟରେ ଗୃହରେ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ ଅଟକଳ ଉପରେ ସାଧାରଣ ଆଲୋଚନା ଆରମ୍ଭ ହୋଇଥିଲା। ଏଥିରେ ଶାସକ ଦଳର ବିଧାୟକ ଟଙ୍କଧର ତ୍ରିପାଠୀ, ମାନସ ଦତ୍ତ, ବିଭୂତି ଭୂଷଣ ପ୍ରଧାନ, ଦୁଷ୍ମନ୍ତ ସ୍ୱାଇଁ ଓ ସୀମାରାଣୀ ନାଏକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବିରୋଧୀଙ୍କ ହଟ୍ଟଗୋଳ କାରଣରୁ ବାଚସ୍ପତି ପ୍ରଥମେ ୪ଟା ୩୯ରୁ ୫ଟା ୦୯ ଏବଂ ପରେ ୫ଟା ୨୯ରେ ଗୃହକୁ ମଙ୍ଗଳାବାର ଯାଏଁ ମୁଲତବୀ ରଖିଛନ୍ତି।

### ପିଲାଚୋର ସନ୍ଦେହରେ...

ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲୀ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ମୋରଡ଼ା ଥାନା ଅଞ୍ଚଳରେ ପିଲାଚୋର ସକ୍ରିୟ ଥିବା ନେଇ ଏକ ଗୁଜବ ପ୍ରକାଶ ପାଇବା ପରେ ଗତ କିଛି ଦିନ ହେବ ଏହାକୁ ନେଇ ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ରାତି କ'ଣ, ଦିନରେ ବି ଅଭିଭାବକମାନେ ନିଜ ଶିଶୁଙ୍କୁ ଘର ବାହାରକୁ ଛାଡ଼ୁନାହାନ୍ତି। ଏପରିକି, କିଛି ଗାଁର ଗ୍ରାମବାସୀ ରାତିରେ ଠେଙ୍ଗାବାଡ଼ି ଧରି ଗାଁରେ ପଇଁତରା ମାରୁଛନ୍ତି। ସେମାନେ ବାହାର ଲୋକଙ୍କୁ ସନ୍ଦେହ ଚକ୍ଷୁରେ ଦେଖିବା ସହ ଅଟକାଇ ନାନା ପ୍ରଶ୍ନ କରୁଛନ୍ତି। ଆଜି ଦିନ ପ୍ରାୟ ୧୨ଟାରେ ଏହି ଥାନା ଅଧୀନ ଡେଙ୍ଗାଷୋଲ ଲୋଧାସାହି ନିକଟରେ ଚାରିଜଣ ଯୁବକ ଏକାସାଙ୍ଗରେ ଗାଁକୁ ଆସୁଥିବା ଦେଖି ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା। ଗ୍ରାମବାସୀ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ସେମାନଙ୍କ ମଧ୍ୟରୁ ୩ଜଣ ଯୁବକ ଦୌଡ଼ି ପଳାଇଥିଲେ। ଗାଁଲୋକ ଅନ୍ୟଜଣଙ୍କୁ କାବୁ କରି ଗାଁ ଦାଣ୍ଡରେ ନିସ୍ତୁକ ମାଡ଼ ମାରିଥିଲେ। ଏହାକୁ ନେଇ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କୌଣସି ସୂତ୍ରରୁ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କୁ ଦରମରା ଅବସ୍ଥାରେ ଉଦ୍ଧାର କରି ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ତେବେ ସେଠାରେ ଘଣ୍ଟାଏ ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଛି। ଏହାସହ ଏନେଇ ୧୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କ ନାମରେ ଏକ ମାମଲା ରୁଜୁ ହୋଇଛି।

ଉଲ୍ଲେଖଯୋଗ୍ୟ, ପାଖାପାଖି ୧୫ବର୍ଷ ତଳେ ମୟୂରଭଞ୍ଜ ଜିଲ୍ଲାରେ ଏମିତି ପିଲାଚୋରିକୁ ନେଇ ଗୁଜବ ଫଳରେ ଅନେକ ଲୋକଙ୍କ ଜୀବନ ଯାଇଥିଲା। ସେତେବେଳେ ପ୍ରଶାସନଠାରୁ ଆରମ୍ଭ କରି ପୁଲିସ ଲୋକଙ୍କୁ ସଚେତନ କରାଇଥିଲେ। ଏବେ ପୁଣି ଏ ପ୍ରକାରର ଗୁଜବ ଜିଲ୍ଲାର ଆଇନଶୃଙ୍ଖଳା ପ୍ରତି ଏକ ଆହ୍ୱାନ ହୋଇଛି।

ସେହିପରି ଅନ୍ୟ ଏକ ଘଟଣାରେ ପିଲା ଚୋର ସନ୍ଦେହରେ ଦୁଇଜଣ ଯୁବକଙ୍କୁ ଗ୍ରାମବାସୀ ଧରି ପୁଲିସ ଜିମା ଦେଇଛନ୍ତି। ଗୋରୁମହିଷାଣୀ ପୁଲିସ ଦୁହିଁଙ୍କୁ ଅଟକ ରଖି ପଚରାଉଚରା କରୁଛି। ପିଲାଚୋରି ନେଇ ଗୁଜବ ଯୋଗୁଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଭୟର ବାତାବରଣ ଖେଳିଯାଇଛି। ଆଜି ଜିଲ୍ଲାର ଚାନ୍ଦୁଆ ଥାନା ଓ ବାଲେଶ୍ୱର ଥାନା ଅଞ୍ଚଳର ଦୁଇଜଣ ବ୍ୟକ୍ତି କୌଣସି କାରଣ ନିମନ୍ତେ ସ୍ଥାନୀୟ ଅଞ୍ଚଳକୁ ଆସିଥିଲେ। ସେମାନଙ୍କୁ ଦେଖି ସ୍ଥାନୀୟ ଲୋକଙ୍କ ସନ୍ଦେହ ହେବାରୁ ସେମାନେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ଜଣଙ୍କୁ ଥାନାକୁ ଆଣି ଅଟକ ରଖିଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଏନେଇ ଗୋରୁମହିଷାଣୀ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଏଥିସହ ଅଟକ ଦୁଇଜଣଙ୍କ ବିରୁଦ୍ଧରେ ପୂର୍ବରୁ କୌଣସି ଅଭିଯୋଗ ନାହିଁ। ପୁଲିସ ପଚରାଉଚରା ଜାରି ରଖିଥିବା ବେଳେ ରିପୋର୍ଟ ଅନୁଯାୟୀ ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

### ଆଜି ରାଜଧାନୀରେ...

ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ ଯେ ଚଳିତ ବର୍ଷ ରାଜ୍ୟରେ ଧାନ ସଂଗ୍ରହ କାର୍ଯ୍ୟକ୍ରମ ପ୍ରଥମ ଦିନରୁ ଅବ୍ୟବସ୍ଥା ଲାଗି ରହିଛି। ଧାନ ସଂଗ୍ରହ ପାଇଁ ପଞ୍ଜୀକରଣ, ଟୋକନ ବିତରଣ, ମଣ୍ଡିରେ ଧାନ ସଂଗ୍ରହ ବ୍ୟବସ୍ଥା, କଟନୀଛଟନୀ ଇତ୍ୟାଦି ରାଜ୍ୟର ଚାଷୀମାନଙ୍କୁ ନାହିଁ ନଥିବା ଅସୁବିଧାରେ ପକାଇଛି। ରାଜ୍ୟର ପ୍ରତିଟି ବ୍ଲକ୍‌ରେ ଓ ଜିଲ୍ଲାରେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଉଥିବା ଖବର ଗଣମାଧ୍ୟମରେ ଶିରୋନାମା ପାଲଟୁଛି। କିନ୍ତୁ ରାଜ୍ୟ ସରକାର ଚାଷୀମାନଙ୍କ ସମସ୍ୟାକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ନାହାନ୍ତି। ଧାନ ସଂଗ୍ରହ କାର୍ଯ୍ୟ ସୁରୁଖୁରୁରେ ଚାଲିଛି ବୋଲି କହି ସରକାର ନିଜ ପିଠି ନିଜେ ଥାପୁଡ଼େଉଛନ୍ତି। କିନ୍ତୁ, ସରକାରୀ ତଥ୍ୟ ରାଜ୍ୟ ସରକାରଙ୍କ ଦାବିକୁ ଡାହା ମିଛ ବୋଲି ପ୍ରମାଣିତ କରୁଛି।

ଶ୍ରୀ ଆଚାର୍ଯ୍ୟ କହିଥିଲେ ଯେ ସରକାରୀ ତଥ୍ୟ ଅନୁଯାୟୀ ଚଳିତବର୍ଷ ରାଜ୍ୟରେ ୧୯,୬୬,୧୮୧ଜଣ ଚାଷୀ ପଞ୍ଜିକରଣ କରିଥିଲେ। ଏମାନଙ୍କ ଭିତରୁ ପ୍ରାୟ ଦେଢ଼ଲକ୍ଷ ଚାଷୀଙ୍କ ପଞ୍ଜୀକରଣକୁ ବିଭିନ୍ନ କାରଣ ଦର୍ଶାଇ ସରକାର ରଦ୍ଦ କରିଦେଇଥିଲେ। ରାଜ୍ୟରେ ଚଳିତବର୍ଷ ସମୁଦାୟ ୧୯୩.୦୬ ଲକ୍ଷ ମେଟ୍ରିକ ଟନ ଧାନ ଉତ୍ପାଦନ ହୋଇଥିବା ବେଳେ ଏବେ ସୁଦ୍ଧା ମାତ୍ର ୬୦.୦୯ ଲକ୍ଷ ମେଟ୍ରିକ ଟନ ଧାନ କିଣା ହୋଇପାରିଛି। ଏହା ସମୁଦାୟ ଧାନର ମାତ୍ର ୩୧ ପ୍ରତିଶତ। ଏଠାରେ ପ୍ରଶ୍ନ ଉଠୁଛି ଯେ ବାକି ଧାନକୁ ନେଇ ଚାଷୀ କ'ଣ କରିବେ ? ଏହାଛଡ଼ା ଚଳିତବର୍ଷ ଏମ୍‌ଏସ୍‌ପିରେ ୬୯ ଟଙ୍କା ବୃଦ୍ଧି ପାଇଥିବା ବେଳେ ଏହାକୁ ସରକାର ଦେଉନାହାନ୍ତି। ଧାନ ସଂଗ୍ରହ ପରେ ୪୮ ଘଣ୍ଟା ଭିତରେ ଚାଷୀଙ୍କ ଆକାଉଣ୍ଟକୁ ବିକ୍ରି ମୂଲ୍ୟ ଯିବା କଥା। କିନ୍ତୁ, ପନ୍ଦର କୋଡିଏ ଦିନ ପର୍ଯ୍ୟନ୍ତ ଏହା ଯାଇପାରୁନାହିଁ। ରାଜ୍ୟର ଚାଷୀ ସମୁଦାୟକୁ ବିଭିନ୍ନ ପ୍ରତିଶ୍ରୁତିରେ ପୋତି ପକାଇ ତାଙ୍କ ଭୋଟ ହାତେଇବା ପରେ ଏବେ ଚାଷୀ ମାରଣ ନୀତି ଆପଣେଇଛନ୍ତି। ତେଣୁ, ଏହି ନୀତି ବିରୋଧରେ ବିଜୁ ଜନତା ଦଳ ତରଫରୁ ଆସନ୍ତାକାଲି ଏକ ବିଶାଳ ବିକ୍ଷୋଭ ଆୟୋଜନ କରାଯିବ।

ଦେବୀପ୍ରସାଦ ମିଶ୍ର କହିଥିଲେ ଯେ ବିଜେଡି ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଫେବୃଆରୀ ୨ତାରିଖରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଚାଷୀମାନଙ୍କୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଆସୁଛି। ଆସନ୍ତାକାଲି ରାଜଧାନୀ ଭୁବନେଶ୍ୱରର ଲୋୟର ପିଏମଜି ଠାରେ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯିବ। ରାଜ୍ୟରେ ଧାନ ସଂଗ୍ରହରେ ଅବ୍ୟବସ୍ଥା ବ୍ୟତୀତ ରାଜ୍ୟର ଆଇନ ଶୃଙ୍ଖଳା ଓ ମହିଳା ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହିସବୁ ପ୍ରସଙ୍ଗକୁ ନେଇ ରାଜ୍ୟ ବିଜେପି ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ସଞ୍ଜୟ କୁମାର ଦାସବର୍ମା କହିଥିଲେ ଯେ ବିଜେପି ସଂକଳ୍ପ ପତ୍ରରେ ପ୍ରତିଶ୍ରୁତି ଦେଇଥିଲା ଯେ ଚାଷୀମାନଙ୍କ ସମସ୍ତ ଧାନକୁ କ୍ରୟ କରିବ। କିନ୍ତୁ ଏବେ ସମସ୍ତ ପ୍ରତିଶ୍ରୁତିକୁ ଭାଙ୍ଗି ୧୫୦ କ୍ୱିଣ୍ଟାଲରୁ ଅଧିକ ଧାନକୁ ଆଉ ୩୧୦୦ ଟଙ୍କାରେ କ୍ରୟ କରୁନାହାନ୍ତି। ରାଜ୍ୟର ଯୋଗାଣ ମନ୍ତ୍ରୀ, ସମବାୟ ମନ୍ତ୍ରୀ ଓ କୃଷି ମନ୍ତ୍ରୀ ଧାନ ସଂଗ୍ରହ ପ୍ରସଙ୍ଗରେ ଭିନ୍ନଭିନ୍ନ ମନ୍ତବ୍ୟ ଦେଉଛନ୍ତି ଓ ଚାଷୀକୁଳକୁ ଉପହାସ କରୁଛନ୍ତି। ତେଣୁ, ରାଜ୍ୟର କୃଷକ ମାନଙ୍କୁ ନ୍ୟାୟ ପ୍ରଦାନ ଲକ୍ଷ୍ୟରେ ଓ ରାଜ୍ୟ ସରକାରଙ୍କ ଚାଷୀ ମାରଣନୀତି ବିରୋଧରେ ବିଜେଡି ତରଫରୁ ଆସନ୍ତାକାଲି ଏକ ବିଶାଳ ବିକ୍ଷୋଭ ଆୟୋଜନ କରାଯିବ ବୋଲି ସେ କହିଛନ୍ତି।

**WANTED**
A well-established firm invites applications for the following position
Tele Sales Executive
Out Bound Uk process
Good English Speaking
Salary: 10k to 20k
depend upon experience
Unlimited earning through commission as well on top of salary
Interested candidates send their CV to
Email: pin24u@gmail.com
9776245778
7752003261
Location: Bhubaneswar

**AFFIDAVIT**
I, Sujata Dash, W/o. Pradipta Kumar Dash, resident of Vill. Sarasatia, P.o. Sarasatia, P.S. Khantapada, Dist. Balasore, Odisha, Pin. 756043 declare by this affidavit No. 480 dtd. 21.02.2026 that now onwards I shall be known as **Sujata Parhi** for all future purposes.

**AFFIDAVIT**
By virtue of an affidavit no 86, sworn before the Executive Magistrate, Jhumpura on dtd 21.02.2026, I, Kunja Bihari Munda, S/o- Gamia Munda, resident of Vill/po - Sarasinga, P.s- Baria, Dist- Keonjhar, Pin - 758032, Odisha, declare that I have changed my name from KUNJA MUNDA (OLD NAME ) to KUNJA BIHARI MUNDA (NEW NAME). Henceforth I shall be known as **KUNJA BIHARI MUNDA** for all future purposes

**AFFIDAVIT**
By virtue of an affidavit CF No.05 before the **Executive Magistrate, Bhawanipatna, Kalahandi, dtd 21.02.2026**, I, **Sushil Kumar Mahapatra,** resident of Jodabandh, Gopinathpur, Lanjigarh, Kalahandi, Odisha - 766020, hereby declare that my former name was Shushilla K Mahapatra, which has now been changed to **Sushil Kumar Mahapatra.** That both the names belong to one and the same person i.e. myself.

**AFFIDAVIT**
I, Kanak Lata Sahoo, aged about 71 years, W/o- Late Bhagaban Chandra Sahoo, resident of At- Santia, Po/Ps- Jaleswar, Dist- Balasore, Pin-756032, Odisha do hereby declare by this affidavit No. 376, dtd- 23/02/2026, that now onwards I shall be known as **KANAKA LATA SAHOO** for all future purposes.

**AFFIDAVIT**
By virtue of an affidavit Sworn before the Executive Magistrate, Baripada, Mayurbhanj, No - 106 dt 09.02.2026. I, Rabi narayan Sethi (new name) and Rabindra Sethi ( old name) s/o - Fagu Sethi, w.n - 15, po/ ps- Baripada, Dist- Mayurbhanj, pin - 757001, Aadhar no- 441945015052 declare that I shall at all times hereafter in all records, deed, Aadhar Cad and writings and all proceeding dealing and transaction in all occasions whatsoever use and I shall be known as in the name of Rannarayan Sethi in place of in substitution of my former name Rabindra Sethi for all purpose.
**RABINARAYAN SETHI**

OFFICE OF THE CHIEF CONSTRUCTION ENGINEER
ANANDPUR BARRAGE PROJECT, SALAPADA. 32001/128/2526
DIST:-KEONJHAR,ODISHA, PIN: 758020
Tel No. (06731) 295003
E-Mail:cceabp@gmail.com
**Tender Reference No-CCEABP- 22 of 2025-26**
The Chief Construction Engineer, Anandpur Barrage Project, Salapada, on behalf of the Governer of Odisha, invites Request for Proposal (RfP) through online mode in double cover system from eligible bidders for the work as detailed below: -
**Name of work:- "Concurrent Evaluation Study of Integrated Anandapur Barrage Project under PMKSY- AIBP scheme".**
a. Period of completion : 02 (Two) Calendar months
b. Period of Availability of Bid Document in the Portal : From 11.30 AM of 25.02.2026 to 11.03.2026 up to 5.00 PM
c. Last Date / Time for Receipt of Bid : 11.03.2026 up to 5.00 PM.
d. Date and Time of Opening of Technical Bid : 12.03.2026 at 11.30 AM.
e. Name & address of the officer inviting Bid : Chief Construction Engineer, Anandapur Barrage Project, Salapada
f. Further details can be seen from E-Procurment Portal "https://www.tendersodisha.gov.in"
Chief Construction Engineer
Anandapur Barrage Project,
Salapada
OIPR-32001/32180/1/25-26/0002

GOVERNMENT OF ODISHA 32001/115/2526
OFFICE OF THE SUPERINTENDING ENGINEER,
TELENGIRI CANAL DIVISION,
AMBAGUDA, DIST.- KORAPUT
Email: setcdambaguda@gmail.com
e-Procurement Notice
**Bid Identification No. SE-TCD-05/2025-26, Dated 21.02.2026**
Bid Documents consisting of work, Estimated Cost, Cost of bid document, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.
1. Name of the Work : Civil Works
2. No. of Works : 5 Nos.
3. Estimated Cost :4.68 Lakhs-14.99 Lakhs
4. Period of completion :One Calendar Months
5. Date & Time of Bidding : From 11.00 hours of 23.02.2026 Up to 12.00 hours of 02.03.2026
6. Last date & time for receipt of bids in portal : **02.03.2026** up to 12.00 hours.
7. Bids received online shall be opened on : 15.30 hours of **02.03.2026**
8. Name and address of the officer inviting Bid : Superintending Engineer,Telengiri Canal Division,Ambaguda ,
**Further details can be seen from the www.tendersodisha.gov.in.**
**Addendum/Corrigendum/cancellation it any required will be published in Govt. website only.**
Sd/-
Superintending Engineer,
Telengiri Canal Division
Ambaguda
OIPR-32001/32434/1/25-26/0002

**Enhancing Climate Resilience of India's Coastal Communities (ECRICC)**
Office of the Divisional Forest Officer (T), DPMU, ECRICC, GANJAM
Address: At Courtpeta, Kamapali Road, Brahmapur, Ganjam, Odisha, Pin- 760004
Mob No. 8249185507 E-mail: dpmuecricc.ganjam@gmail.com
No. 78 Date 27.02.2026
**TENDER CALL NOTICE**
**FOR SUPPLY OF INSULATED ICE BOXES UNDER ECRICC PROJECT.**
DPMU, ECRICC, GANJAM District invites sealed bids under two-bid system from reputed, registered and experienced manufacturers/ suppliers/ firms for supply of Insulated Ice Boxes to project districts of ECRICC Project in **Ganjam** for the year 2025-26. 2026-27 & 2027-28. Bidders fulfilling the prescribed eligibility criteria of the tender can access and download the complete tender document and other details from https://ganjam.odisha.gov.in & www.ecricc.org).
The bid calendars under the end-to-end process are:

| Sl. | List of Key Events | Critical Dates |
|---|---|---|
| 1. | Date of Issue of Tender Call Notice | 26th February, 2026 |
| 2. | Last Date for Submission of Bid | 12th March 2026, 05:30 PM |
| 3. | Date of Opening of Technical Bid & Financial Bid | 13th March 2026, 11:30 AM |

The bid complete in all respects must reach the undersigned in the above-mentioned address by **Speed Post/ Registered Post/ Drop in the Tender Box** only latest by **12th March 2026, 05:30 PM** in a sealed envelope clearly mentioning on the top of it **"Tender for supply of Insulated Ice Boxes under ECRICC Project".**
The proposals received beyond the last date and time as mentioned above will be rejected. The authority reserves the right to reject any/ all proposals without assigning any reason thereof.
Divisional Forest Officer
Brahmapur Division-cum-Nodal Officer,
ECRICC Project, Ganjam District
8001/99/2526
OIPR-8001/8173/1/25-26/0001

GOVERNMENT OF ODISHA 32001/130/2526
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KALAHANDI
Email: - eemikldbpt@gmail.com
e-PROCUREMENT NOTICE
**Bid Identification Notice No.: -SE MID BPT- 10/2025-26**
**Lt No : 665 Dt.: -23.02.2026**
The Superintending Engineer, M.I. Division, Kalahandi, District-Kalahandi on behalf of Governor of Odisha invites Percentage Rate Bids in **Single/Double Cover** System through e-procurement to be received in online mode only for the works as detailed in the table below. The bid should be submitted online in the web site **www.tendersodisha.gov.in** by eligible contractors.

| | | | |
|---|---|---|---|
| 1. | Name of work | : | Construction of Check Dams under M.I.Division,Kalahandi |
| 2. | Total No. of works | : | 09 (Nine) Nos. Only |
| 3. | Estimated cost | : | Varies from Rs.30.28 Lakhs to Rs.69.18 Lakhs Approximately |
| 4 | Class of Contractor | : | "C" & "B" |
| 5. | Period of completion | : | 06 (Six) Calendar Months |
| 6. | Date and time of availability of Bid | : | **From 11:00 AM on 25.02.2026** and **up to 5:30 PM on 07.03.2026** Document in portal |
| 7. | Last date / time for receipt of Bid | : | **Up to 5:30 PM on 07.03.2026** Document in portal |
| 8. | Date / Time of opening of Technical Bid | : | **From 11:00 AM on 09.03.2026** At O/o M.I. Division, Kalahandi, Bhawanipatna |
| 9. | Date / Time of opening of Financial Bid | : | **From 11:00 AM on 16.03.2026** At O/o M.I. Division, Kalahandi, Bhawanipatna |
| 10.. | Name and Address of Tender Inviting Officer | : | Superintending Engineer, M.I. Division, Kalahandi, Officer inviting the Bid. |
| 11. | Mode of Payment of Bid cost and Bid security. | : | Online |
| 12. | Date of Lottery (If required) | : | To be intimated through e-mail after evaluation of Financial Bid |

Superintending Engineer
M.I. Division, Kalahandi
OIPR-32001/32531/1/25-26/0001

### କେବେ ଖୋଲିବ ଓଡ଼ିଶା ବନ ଉନ୍ନୟନ ନିଗମର ଉଦଳା ଉପଖଣ୍ଡ କାର୍ଯ୍ୟାଳୟ

# ମିଳୁନି ଆବଶ୍ୟକ କାଠ; ମାଫିଆଙ୍କ ଭରସାରେ ଉପଖଣ୍ଡ

ଉଦଳା, ୨୩।୨(ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନକୁ ସୁରକ୍ଷିତ ଓ ପ୍ରାକୃତିକ ରଖିବାକୁ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ବ୍ୟାପକ ଉଦ୍ୟମ କରାଯାଉଛି। ଶିମିଳିପାଳ ପାଦଦେଶ ଅଞ୍ଚଳକୁ ସୁରକ୍ଷା ଓ ଜଙ୍ଗଲ ରକ୍ଷା ସମ୍ପର୍କରେ ସଚେତନ କରାଯିବା ସହ ଜଙ୍ଗଲ କମିଟି, ଗ୍ରାମ୍ୟ ଜଙ୍ଗଲ କମିଟି କରି ସୁରକ୍ଷାକୁ ବ୍ୟାପକ କରାଯାଉଛି। ତେବେ ବାସ୍ତବତା ଅଲଗା ଚିତ୍ର ବଖାଣୁଛି। ଜଙ୍ଗଲ ଉପରେ ନିର୍ଭର କରି ଚଳିଆସୁଥିବା ଏହି ବନବାସୀ ବା ପାଦଦେଶ ଅଞ୍ଚଳ ବାସିନ୍ଦା ଦୈନନ୍ଦିନ ବ୍ୟବହାର ପାଇଁ ଜଙ୍ଗଲ ବା କାଠ ଉପରେ ନିର୍ଭର କରିଆସୁଛନ୍ତି। ତେବେ କିଛି ବର୍ଷ ହେବ ଜଙ୍ଗଲ ଆଇନ କଡ଼ାକଡ଼ି ହେବା ସହ ବନାଗ୍ନି ପାଇଁ ଏବେ ଶିମିଳିପାଳକୁ ଏକ ନିଷିଦ୍ଧ ଅଞ୍ଚଳରେ ପରିଣତ କରିଦିଆଯାଇଛି। ଫଳରେ କାଠର ଆବଶ୍ୟକତା ପୂରଣ ପାଇଁ ଚୋରା କାଠ ଚାଲଣ ଉପରେ ସ୍ଥାନୀୟ ଜନସାଧାରଣ ନିର୍ଭର କରିଆସୁଛନ୍ତି।

୧୯୭୦-୮୦ ମସିହାରୁ ସରକାର ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡ଼ିଶା ବନ ଉନ୍ନୟନ ନିଗମ ଗଠନ କରି ଆଇନତଃ ଭାବେ ସୁଲଭ ମୂଲ୍ୟରେ ଲୋକଙ୍କୁ ଆବଶ୍ୟକ କାଠ ଯୋଗାଇ ଆସୁଥିଲେ। ଜାଳେଣିଠାରୁ ଆରମ୍ଭ କରି ଶବଦାହ କାଠ, ସାମାଜିକ କାର୍ଯ୍ୟକ୍ରମ, ଆବଶ୍ୟକ ଆସବାବପତ୍ର ପାଇଁ ଏହି ସଂସ୍ଥା କାଠ ଯୋଗାଇ ଦେଇଥାଏ। ଏ ପରିପେକ୍ଷୀରେ ଉଦଳାରେ ମଧ୍ୟ ଓଡ଼ିଶା ବନ ଉନ୍ନୟନ ନିଗମର ଉପଖଣ୍ଡସ୍ତରୀୟ ପରିଚାଳକଙ୍କ କାର୍ଯ୍ୟାଳୟ ଖୋଲାଯାଇ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସରକାରୀ ମୂଲ୍ୟରେ ଆବଶ୍ୟକ କାଠ ଯୋଗାଇ ଆସୁଥିଲେ। ଏହି କାର୍ଯ୍ୟାଳୟ ଏସଏଫଡିସି ସମୟରୁ ଓଏଫଡିସି ହେବା ସହ ୨୦୧୬ ପର୍ଯ୍ୟନ୍ତ ଉଦଳାରେ ଉପଖଣ୍ଡୀୟ କାର୍ଯ୍ୟାଳୟ ସ୍ଥାୟୀ ଭାବେ ଲୋକଙ୍କ ଆବଶ୍ୟକତା ପୂରଣ କରିଆସୁଥିଲା। ହଠାତ୍ ୨୦୧୬ ଅପ୍ରେଲ ମାସରୁ ଏହି କାର୍ଯ୍ୟାଳୟ ବାରିପଦ ଡିଭିଜନ ସହ ମିଶ୍ରଣ କରାଯାଇ ବାରିପଦାକୁ ସ୍ଥାନାନ୍ତର କରାଗଲା। ଫଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ହାତ ପାହାନ୍ତାରେ ମିଳୁଥିବା ଆବଶ୍ୟକ କାଠ ୬୦ କିମି ଦୂରକୁ ଚାଲିଗଲା। ଶବଦାହଠାରୁ ଆରମ୍ଭ କରି ଜାଳେଣି, ସାମାଜିକ ତଥା ଆସବାବପତ୍ର ପାଇଁ ଆଉ କାଠ ମିଳିଲାନାହିଁ। ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ କରିବା ସହ ଆବଶ୍ୟକତା ପୂରଣ ପାଇଁ ପୁଣି ଚୋରା କାଠ ଚାଲାଣକାରୀଙ୍କ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି।

ଅପରପକ୍ଷରେ ଉଦଳା, କପ୍ତିପଦା, ପୋଡାଡ଼ିହା ଅଞ୍ଚଳରୁ ଜବତ କାଠ (କେଳେଣି, ମୂଲ୍ୟବାନ ଲଗ, ପଟା), ନଷ୍ଟ ଶୁଖିଲା କାଠ, ବତ୍ୟା ବର୍ଷା ପବନରେ ଉପୁଡ଼ି ପଡୁଥିବା ଗଛ ସବୁ ବାରିପଦ ଡିଭିଜନକୁ ସ୍ଥାନାନ୍ତର ହୋଇଗଲା। ଆବଶ୍ୟକ ସମୟରେ ସ୍ଥାନୀୟ ଲୋକେ କାଠ ପାଇଲେ ନାହିଁ। ଏପରିକି ଶବଦାହ ପାଇଁ କାଠର ଘୋର ଅଭାବ କାରଣରୁ ଜଙ୍ଗଲରୁ ବେଆଇନ ଭାବେ ଗଛକାଟି ଶବଦାହ କରିବା ଉଦଳା ଓ ଆଖପାଖ ଅଞ୍ଚଳରେ ଏକ ନିୟମିତ ପ୍ରକ୍ରିୟା ହୋଇପଡ଼ିଛି। ଏହି ଲୋକଙ୍କ କାଠର ଆବଶ୍ୟକତା ପୂରଣ ପାଇଁ କାଠ ମାଫିଆ ସକ୍ରିୟ ହେବା ସହ ସ୍ଥାନୀୟ ଲୋକଙ୍କ ସମର୍ଥନ ଆଳରେ ଚୋରା ଚାଲଣକୁ ଆନ୍ତଃଜିଲ୍ଲା କରିଦେଇଛନ୍ତି। ବହୁ ମୂଲ୍ୟବାନ ଗଛକୁ କାଟି ଚଢା ମୂଲ୍ୟରେ ପଡ଼ୋଶୀ ଜିଲ୍ଲା ସମେତ ରାଜ୍ୟକୁ ଚାଲାଣ କରୁଛନ୍ତି। ବନ ଉନ୍ନୟନ ନିଗମର ନିଜସ୍ୱ କାର୍ଯ୍ୟାଳୟ, ଦୁଇଟି ଗୋଦାମ ଘର ରହିଥିବାବେଳେ କେଉଁ କାରଣରୁ ଉଦଳା ଭଳି ଏକ ଉପଖଣ୍ଡ ମୁଖ୍ୟାଳୟରୁ କାର୍ଯ୍ୟାଳୟ ସ୍ଥାନାନ୍ତର କାହା ସାର୍ଥରେ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଉଦଳା, କପ୍ତିପଦା, ପୋଡତିହା, ଶରତ, ଖୁଣ୍ଟା, କୁଆମରା ଆଦି ବନବିଭାଗ ପରିସୀମାରୁ ଜବତ କାଠ ଅଞ୍ଚଳବାସୀଙ୍କ ପାଇଁ ନ ରହିବା, ଉକ୍ତ କାଠ ଜିଲ୍ଲା ମୁଖ୍ୟାଳୟକୁ ପଠାଯିବ ପଛରେ କି ଷଡ଼ଯନ୍ତ୍ର ଅଛି, ତାହା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

ଅନ୍ୟପକ୍ଷରେ କାର୍ଯ୍ୟାଳୟ ଓ ଦୁଇଟି ଗୋଦାମ ଘର ବ୍ୟବହର ନ ହେବା କାରଣରୁ ଅବହେଳିତ ଭାବେ ପରିତ୍ୟକ୍ତ ହୋଇ ପଡ଼ିରହିଛି। ରକ୍ଷଣାବେକ୍ଷଣ ପାଇଁ କର୍ମଚାରୀ ମଧ୍ୟ ନାହାନ୍ତି। ଏ ନେଇ ଉଦଳା ବନାଞ୍ଚଳ ଅଧିକାରୀଙ୍କୁ ପଚାରିବାରୁ ଅଞ୍ଚଳବାସୀ ଆବଶ୍ୟକ କାଠ ପାଇଁ କାର୍ଯ୍ୟାଳୟକୁ ଆସି କାଠ ଦେବାକୁ ଦାବି କରୁଛନ୍ତି। ଲୋକଙ୍କୁ ବାରିପଦା ପାଲବଣିସ୍ଥ ନିଗମର ଡିପୋରୁ ନେବାକୁ ପରାମର୍ଶ କରିଥାଉ ବୋଲି କହିଛନ୍ତି। ଉକ୍ତ କାର୍ଯ୍ୟାଳୟ ବନ୍ଦ ପଡ଼ିବା ପରେ ପରେ ଶିମିଳିପାଳ ଅଭୟାରଣ୍ୟର ଉଦଳା ଉପଖଣ୍ଡ ଅଞ୍ଚଳରେ ଚୋରା ଚାଲଣକୁ ପ୍ରୋତ୍ସାହିତ କରିବା ସହ ସବୁଜ ବଳୟକୁ ନଷ୍ଟ କରୁଥିବା ଦେଖିବାକୁ ମିଳୁଛି। ଉଦଳା ଅଞ୍ଚଳବାସୀଙ୍କ ଆବଶ୍ୟକତା ଓ ଶିମିଳିପାଳ ସୁରକ୍ଷା ଦୃଷ୍ଟିରୁ ଏହି ଡିଭିଜନ ପୁନଃ ଖୋଲିବାକୁ ସାଧାରଣରେ ଦୃଢ ଦାବି ହୋଇଛି।

## ଜଙ୍ଗଲରୁ ଝୁଲନ୍ତା ମୃତଦେହ ଉଦ୍ଧାର

ରାଇରଙ୍ଗପୁର, ୨୩।୨(ସମିସ): ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ କଣ୍ଟାବଣୀ ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ସହ ମୃତ ଯୁବକଙ୍କ କୌଣସି ପରିଚୟ ମିଳିପାରିନାହିଁ। ସୋମବାର ପୂର୍ବାହ୍ନରେ ଜଙ୍ଗଲ ମଧ୍ୟରେ ଯୁବକଙ୍କ ଝୁଲନ୍ତା ମୃତଦେହ ସ୍ଥାନୀୟ ଲୋକ ଦେଖି ପୁଲିସକୁ ଖବର ଦେଇଥିଲେ। ରାଇରଙ୍ଗପୁର ଟାଉନ ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହକୁ ଉଦ୍ଧାର କରିଥିଲେ। ଯୁବକଙ୍କ ପରିଚୟ ମିଳି ନ ଥିବାରୁ ପରିଚୟ ନିମନ୍ତେ ଅନେକ ସମୟ ଧରି ପଚରାଉଚରା କରାଯାଇଥିଲା। ସେ ଆତ୍ମହତ୍ୟା କରିଛନ୍ତି କିମ୍ବା କେହି ତାଙ୍କୁ ହତ୍ୟା କରି ଆତ୍ମହତ୍ୟାରେ ରୂପ ଦେଇଛି, ସେ ନେଇ ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମୃତକଙ୍କ ପରିଚୟ ମିଳି ନ ଥିବାରୁ ସଂରକ୍ଷଣ ନିମନ୍ତେ ବାରିପଦାସ୍ଥ ପିଆରଏମ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ପଠାଇଛନ୍ତି। ସେଠାରେ ବ୍ୟବଚ୍ଛେଦ କରାଯାଇ ୩ଦିନ ସଂରକ୍ଷିତ ରଖାଯିବ ବୋଲି ସୂଚନା ମିଳିଛି।

## ଗାଡ଼ି ଧକ୍କାରେ ଯୁବକ ମୃତ

ବଡ଼ସାହି/ମାଣତ୍ରୀ, ୨୩।୨(ସମିସ): ବଡ଼ସାହି ଥାନା ଅଧୀନ ବଦଳିଗାଁ-କୁରାଡିହା ରାସ୍ତାରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକ ମୃତ୍ୟୁବରଣ କରିଛନ୍ତି। ମୃତ ବ୍ୟକ୍ତି ଜଣକ ଚନ୍ଦନପୁର ପଞ୍ଚାୟତ ଶ୍ରୀରାମପୁର ଗୁହାଳମରା ଗ୍ରାମର ସତ୍ୟରଞ୍ଜନ ହାଁସଦା (୨୪)। ସେ ମାଣତ୍ରୀଠାରେ ଚାଲିଥିବା ଶିବରାତ୍ରି ମେଳାରେ ଯାତ୍ରା ଦେଖି ଫେରୁଥିବାବେଳେ ଏକ ଅଜଣା ଗାଡ଼ି ଧକ୍କାରେ ତାଙ୍କର ମୃତ୍ୟୁ ହୋଇଛି। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ କରିଛି। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇଥିବାବେଳେ ତଦନ୍ତ ଜାରି ରହିଛି।

### ମ୍ୟୁଲ ଆକାଉଣ୍ଟ ମାଧ୍ୟମରେ କୋଟି କୋଟି ଟଙ୍କା ଠକେଇ

# ସାଇବର ଠକେଇରେ ବାରିପଦାର ବ୍ୟାଙ୍କ ଜମାକାରୀ

ବାରିପଦା, ୨୩।୨(ସମିସ): ମ୍ୟୁଲ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ କାରବାର ହେଉଥିବା ନେଇ ବାରିପଦା ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହି ବଡ଼ଧରଣର ସାଇବର ଅପରାଧ ଜାଲ ବିଛାଇ ଅନେକ ଲୋକଙ୍କୁ ଠକାଯାଇଥିବା ଅଭିଯୋଗ ହୋଇଛି। ଅତିରିକ୍ତ ଇନ୍ସପେକ୍ଟର ଇନଚାର୍ଜ ସସ୍ମିତା ମୁର୍ମୁଙ୍କ ଏତଲା ଆଧାରରେ ଥାନାରେ ମାମଲା ରୁଜୁ କରାଯାଇଛି। ସିଆଇଡି, ସିବି, ଓଡ଼ିଶାର ମନିଟରିଂ ଓ ସମନ୍ୱୟ ୟୁନିଟର ଚିଠି ନଂ ୧୬୪/ସିଆଇଡି-ଏମସି ତାରିଖ ୩୧।୧୦।୨୦୨୫ ଓ ନଂ୩୦/ସିଆଇଡି-ସାଇବର ଏମସି ତାରିଖ ୧୬।୨।୨୦୨୬ ଆଧାରରେ ବାରିପଦା ଟାଉନ ଥାନା ଅଞ୍ଚଳରେ କେତେକ ସନ୍ଦେହଜନକ ମ୍ୟୁଲ ଆକାଉଣ୍ଟ ସକ୍ରିୟ ଥିବା ଜଣାପଡ଼ିଥିଲା। ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶରେ ବିଭିନ୍ନ ବ୍ୟାଙ୍କକୁ ପତ୍ର ପଠାଇ ଯାଞ୍ଚ କରାଯାଇଥିଲା।

ଯାଞ୍ଚରେ ପ୍ରକାଶ ପାଇଛି ଯେ, କେତେକ ଆକାଉଣ୍ଟଧାରୀ ଅଜଣା ବ୍ୟକ୍ତି କିମ୍ବା ଏଜେଣ୍ଟଙ୍କୁ ଟଙ୍କା ବଦଳରେ ଏଟିଏମ୍ କାର୍ଡ, ପାସବୁକ, ଚେକ୍ ବୁକ୍ ଓ ଇଣ୍ଟରନେଟ୍ ବ୍ୟାଙ୍କିଂ ଗୁପ୍ତସୂଚନା ହସ୍ତାନ୍ତର କରିଥିଲେ। ଏହି ଆକାଉଣ୍ଟ ଏନସିଆରପି ପୋର୍ଟାଲରେ ପଞ୍ଜିକୃତ ସାଇବର ଅଭିଯୋଗ ସହ ଜଡ଼ିତ ଠକେଇ ଟଙ୍କା ଗ୍ରହଣ ଓ ହସ୍ତାନ୍ତର ପାଇଁ ବ୍ୟବହୃତ ହୋଇଥିଲା। ସ୍ଥାନୀୟ ତଦନ୍ତରୁ ଜଣାପଡ଼ିଛି ଯେ, କେତେକ ଆକାଉଣ୍ଟ ଧାରକ ଜାଣିଶୁଣି ଠକମାନଙ୍କୁ ଆକାଉଣ୍ଟ ବ୍ୟବହାର କରିବାକୁ ଦେଇଥିଲେ, ଆଉ କେତେକ ମଧ୍ୟସ୍ଥି କିମ୍ବା ଏଜେଣ୍ଟଙ୍କ ସହ ମିଳିତ ଷଡ଼ଯନ୍ତ୍ରରେ ଏଭଳି ଆକାଉଣ୍ଟ ଖୋଲିଥିଲେ। ଏହା ଠକେଇ, ଅପରାଧିକ ଷଡ଼ଯନ୍ତ୍ର ଓ ଅବୈଧ ଆର୍ଥିକ କାରବାରକୁ ସୁଗମ କରୁଥିଲା। ଏହି ମାମଲାରେ ଅଭିମନ୍ୟୁ ପାତ୍ର, ପୁରୁଷୋତ୍ତମ ମହାନ୍ତ, ସଞ୍ଜୀବ ପ୍ରଧାନ, ଭରଦ୍ୱାଜ ବାରିକ, କୃଷ୍ଣ ପଲେଇ, ନୀଳମାଧବ ବେହେରା, ସଞ୍ଜୁକ୍ତା ଦଳେଇ, ସବ୍ୟସାଚୀ ରାଉତ, କମଳାକାନ୍ତ ବେହେରା, ସାଇମନ ଖାତୁନ, ସତ୍ୟଜିତ ଧୀର, ଶିଳା ବେଣ୍ଟକର, ମାନସ ମହାନ୍ତ, ପ୍ରଦୀପ ପାତ୍ର, ରାଜେନ୍ଦ୍ର ମହାନ୍ତ ପ୍ରମୁଖ ମ୍ୟୁଲ ଆକାଉଣ୍ଟ ଧାରକ ଓ ଏଜେଣ୍ଟଙ୍କୁ ଅଭିଯୁକ୍ତ କରାଯାଇଛି। ସେମାନେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, କେନରା ବ୍ୟାଙ୍କ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏସବିଆଇ, ଏଚଡିଏଫସି, ୟୁକୋ ବ୍ୟାଙ୍କ, ଫେଡେରାଲ ବ୍ୟାଙ୍କ ଓ ଆକ୍ସିସ ବ୍ୟାଙ୍କର ଆକାଉଣ୍ଟ ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ବିଏନଏସର ଧାରା ୩(୫), ୩୧୮(୪), ୩୩୬(୩), ୩୪୦(୨) ଓ ୬୧(୨) ରୁଜୁ କରାଯାଇ ତଦନ୍ତ ଭାର ସବ୍‌ଇନ୍ସପେକ୍ଟର ରାକେଶ କୁମାର ସୂତାରଙ୍କୁ ଦିଆଯାଇଛି। ପୁଲିସ ଏହି ଜାଲର ଗଭୀରତା ଖୋଜି ବାହାର କରିବାକୁ ତଦନ୍ତ ଜାରି ରଖିଛି। ସାଇବର ଠକେଇରୁ ସତର୍କ ରୁହନ୍ତୁ। ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟକୁ କାହାକୁ ବି ହସ୍ତାନ୍ତର କରନ୍ତୁ ନାହିଁ ବୋଲି ପୁଲିସ କହିଛି।

# ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଏମ୍‌ସିଏମ୍ କବାଡ଼ି ଓ ଫୁଟବଲ ଦଳ ଚାମ୍ପିଅନ





ବାରିପଦା, ୨୩।୨(ସମିସ): ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର କବାଡି ଓ ଫୁଟବଲ ଦଳ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଚାମ୍ପିଅନ ହୋଇଛି। ମେରା ଯୁବ ଭାରତ କେନ୍ଦ୍ର ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କବାଡିରେ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜମେଣ୍ଟ ମହିଳା ଦଳ ଆଇଟିଆଇ, ତାଖାତପୁରକୁ ପରାସ୍ତ କରି ଚାମ୍ପିଅନ ହୋଇଥିବାବେଳେ ଫୁଟବଲ ଟିମ ସମସ୍ତ ମ୍ୟାଚ ଜିତି ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ମେରା ଯୁବ ଭାରତ ପକ୍ଷରୁ ଶ୍ରୀରଞ୍ଜନ ଲେଙ୍କା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଜୟୀ ଟିମକୁ ଏନଏସଏସ ପ୍ରୋଗ୍ରାମ ଅଫିସର ସୁଶ୍ରୀ ନାୟକ ମାର୍ଗଦର୍ଶନ କରିଥିଲେ। କବାଡି ଟିମ୍‌ରେ ଅର୍ଚ୍ଚିତା ସ୍ୱାଇଁ (ଅଧିନାୟକ), ବର୍ଷାରାଣୀ ସାମଲ, ରାଣୀ ମହାରଣା, ନମିତା ବେହେରା, ସୋନାଲି ମାରାଣ୍ଡି, ନମିତା ମହାନ୍ତ, ଦୁମୁନି ମାରାଣ୍ଡି, ଲଳିତା ମାରାଣ୍ଡି, ଦୁମୁଣି ମୁର୍ମୁ ଓ ଫୁଟବଲ ଟିମର ନେତୃତ୍ୱ ନେଇଥିଲେ ହରିହର ମୁର୍ମୁ। କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ. ଦେବେଶ ଶଙ୍କର ହୋତା ମୁଖ୍ୟଅତିଥି, ସମାଜସେବୀ ପ୍ରମୋଦ ରାଉତ ମୁଖ୍ୟବକ୍ତା, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସମାଜ ମଙ୍ଗଳ ମୁଖ୍ୟ ପ୍ରଫେସର ଡ. ଶୁଭେନ୍ଦୁ କୁମାର ଶତପଥି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଜୟୀ ଟିମକୁ ପୁରସ୍କାର ସହ ଟ୍ରଫି ପ୍ରଦାନ କରିଥିଲେ। ଅଧ୍ୟକ୍ଷ ପ୍ରଦୀପ ନାୟକ ବିଜୟୀ ଟିମକୁ ଶୁଭେଚ୍ଛା ଜଣାଇଛନ୍ତି।

# କଳାହାଣ୍ଡି କପ୍ କ୍ରିକେଟ ପାଇଁ ମୟୂରଭଞ୍ଜ ଦଳ ଘୋଷିତ



ବାରିପଦା, ୨୩।୨(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଯାଉଥିବା ରାଜ୍ୟସ୍ତରୀୟ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ୨୦ ଜଣିଆ ମୟୂରଭଞ୍ଜ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଅଭିଜ୍ଞାନ ମହାନ୍ତି (ଅଧିନାୟକ), ଦିବ୍ୟରଞ୍ଜନ ଦାସ (ଉପଅଧିନାୟକ), ଶୁଭମ ନାଏକ, ସୌମ୍ୟରଞ୍ଜନ ମହାନ୍ତ, ମନୁ ରାମ, ରୋହନ ସାହୁ, ପ୍ରୀତପାଲ ସିଂହ, ମେରୀ ଲୋକନାଥ, ପ୍ରୀତମ ପଣ୍ଡା, ଅଭିଜିତ ଘଣା, ପୁରବ ନନ୍ଦ, ଜୟ କୁମାର, ମୋହିତ କନକ୍ରିୟା, ସୁବ୍ରତ କୁମାର ସିଂ, ଶ୍ରୀମନ୍ତ ସାହୁ, ଆୟୁଷ ଗିରି, ବିନାୟକ ଦାସ, ଅବିନାଶ ଖଣ୍ଡେଲୱାଲ, ଶୁଭ୍ରରଞ୍ଜନ ପତି ଓ ଏମ ବାଲକ୍ରିଷ୍ଣନ ସାମିଲ ଥିବା କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଜଣାଇଛନ୍ତି। ପୂର୍ବତନ କ୍ରିକେଟ ଖେଳାଳି ପ୍ରଭାସ ଚନ୍ଦ୍ର ଘଡେଇ, ସୋମନାଥ ସିଂହ ଓ ସୁଶାନ୍ତ ମହାନ୍ତି ଦଳ ଚୟନରେ ସହଯୋଗ କରିଥିଲେ। ସୁଶାନ୍ତ ମହାନ୍ତିଙ୍କୁ ଓ ସାଇବା ସିଂହଙ୍କୁ କୋଚ୍ ନିଯୁକ୍ତ କରାଯାଇଥିବା ଅନ୍ୟତମ କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ପ୍ରକାଶ କରିଛନ୍ତି। ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ଉପସଭାପତି ବିବେକାନନ୍ଦ ପଟ୍ଟନାୟକ ଓ ମନୋଜ ସାଓ, ସାଧାରଣ ସମ୍ପାଦକ ବିଜୟ ଦାସ, କୋଷାଧ୍ୟକ୍ଷ ଅମିତାଭ ଦାସ ଓ ସମସ୍ତ କାଉନସିଲ ସଦସ୍ୟ ଦଳର ସଫଳତା କାମନା କରିଛନ୍ତି। ୨୫ ତାରିଖ ଦିନ ମୟୂରଭଞ୍ଜ ପ୍ରଥମ ମ୍ୟାଚ ଅନୁଗୁଳ ସହ ଖେଳିବ।

# ବିଶ୍ୱବିଦ୍ୟାଳୟରେ ଜାତୀୟ ସଂହତି ଶିବିର ଉଦ୍‌ଘାଟିତ



ବାରିପଦା, ୨୩।୨(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଜାତୀୟ ସଂହତି ଶିବିର ଉଦ୍‌ଘାଟିତ ହୋଇଛିଫଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ବ୍ୟୁରୋ ଓ ଭୁବନେଶ୍ୱର ଏନ୍‌ଏସ୍‌ଏସ୍ ଆଞ୍ଚଳିକ ନିର୍ଦ୍ଦେଶକ ଦ୍ୱାରା ଏହା ଏକ ସପ୍ତାହ ଅର୍ଥାତ ୨୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ ଯୋଗ ଦେଇଥିଲେ। କୁଳପତି ପ୍ରଫେସର ଶତପଥି ଏଭଳି ଏକ ଜାତୀୟ ସ୍ତରର ଶିବିର ଆୟୋଜନ କରିବା ପାଇଁ ବିଶ୍ୱବିଦ୍ୟାଳୟକୁ ବାଛିଥିବାରୁ ସେ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହାର ସଫଳ ରୂପାୟନ ପାଇଁ ବିଶ୍ୱବିଦ୍ୟାଳୟ ପ୍ରତିବଦ୍ଧ ବୋଲି କହିଥିଲେ। ମୁଖ୍ୟଅତିଥି ଶ୍ରୀ ମାଝୀ ଏହି ଶିବିର ଭାରତର ବିବିଧତା ମଧ୍ୟରେ ଏକତାର ସନ୍ଦେଶ ଦେଇଛି। ଯୁବକ/ଯୁବତୀ ଦେଶର ଏକତା ଓ ସମୃଦ୍ଧି ପାଇଁ ସକ୍ରିୟ ଭୂମିକା ନେବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ମୟୂରଭଞ୍ଜର ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ସ୍ୱେଚ୍ଛାସେବୀଙ୍କୁ ଭାରତର ସାଂସ୍କୃତିକ ବିବିଧତାର ସୌନ୍ଦର୍ଯ୍ୟ ଦେଖାଇବ ଓ ମୟୂରଭଞ୍ଜର ଐତିହ୍ୟ ଓ ପରମ୍ପରାକୁ ସମଗ୍ର ଦେଶରେ ପ୍ରଚାର କରିବାରେ ସହାୟକ ହେବ କହିଥିଲେ।

ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ବିଜେତା ଚରଣ ହେମ୍ବ୍ରମ, ଭୁବନେଶ୍ୱର ଏନ୍‌ଏସ୍‌ଏସ୍ ଆଞ୍ଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ, ଉପସଚିବ ଡକ୍ଟର ରମେଶ ଚନ୍ଦ୍ର ବେହେରା, ସ୍ୱତନ୍ତ୍ର ସଚିବ ନିହାର ଦାସ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଓ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ମାଟି ବୋଲି କହିବା ସହ ଆମ ଭାଷା ଆମର ଗର୍ବ ବୋଲି କହିଥିଲେ। ଏନଏସଏସ ବ୍ୟୁରୋର କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ବସନ୍ତ ମହାନ୍ତ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ଜିଲ୍ଲା ନୋଡାଲ ଅଧିକାରୀ ଡକ୍ଟର ଅନାମ ଚରଣ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟ ଅଧ୍ୟାପିକା ଡ. କୁକୁ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଶିବିରରେ ଆନ୍ଧ୍ର ପ୍ରଦେଶ, ଆସାମ, ଛତିଶଗଡ଼, ଗୁଜରାଟ, ହରିୟାଣା, ଝାଡ଼ଖଣ୍ଡ, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର, ଓଡ଼ିଶା, ପଞ୍ଜାବ, ତାମିଲନାଡୁ, ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ ଓ ପଶ୍ଚିମବଙ୍ଗ ଆଦି ୧୫ଟି ରାଜ୍ୟରୁ ୨୧୧ ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀ ସହ ମୟୂରଭଞ୍ଜର ୩୯୦ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଛନ୍ତି।

## ବାର୍ଷିକ କ୍ରୀଡ଼ା ଓ ନୃତ୍ୟ ପ୍ରତିଯୋଗିତା



ରାଇରଙ୍ଗପୁର, ୨୩।୨(ସମିସ): କୁସୁମୀ ବ୍ଲକ ଶ୍ୟାମସୁନ୍ଦରଠାରେ ସ୍ଥାନୀୟ ଯୁବକ ସଂଘ ପକ୍ଷରୁ ୨୫ତମ ବାର୍ଷିକ କ୍ରୀଡ଼ା ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବର୍ଗର ମହିଳା ଓ ପୁରୁଷ ଯୋଗ ଦେଇ ଆକର୍ଷଣୀୟ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ମୁଖ୍ୟଅତିଥି ଭାବେ ଆଦିବାସୀ କଂଗ୍ରେସ ଦଳ ରାଜ୍ୟ ସଭାପତି ତଥା କେନ୍ଦୁଝର ଜିଲ୍ଲାର ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରୀ, ସମ୍ମାନିତ ଅତିଥି ରୂପେ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ଭୂବନ ବିହାରୀ ସାହୁ, ଜିଲ୍ଲା କାର୍ଯ୍ୟାଳୟ ସମ୍ପାଦକ ରୂପକ ମହାନ୍ତି, କୃଷକ ସେଲ ଜିଲ୍ଲା ସଭାପତି କିଶୋର ମହାନ୍ତ, ରାଷ୍ଟ୍ରୀୟ ମଜଦୂର ସଂଘ ଜିଲ୍ଲା ସମ୍ପାଦକ ଅମର ସିଂ ମହାନ୍ତ ଓ ରାଇରଙ୍ଗପୁର ନିର୍ବାଚନମଣ୍ଡଳୀ ଯୁବ ସଭାପତି ପିଥ ମୁର୍ମୁ ପ୍ରମୁଖ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି କ୍ରୀଡ଼ା ଓ ନୃତ୍ୟ ପ୍ରତିଯୋଗିତାରେ ଯୁବକ ସଂଘ ସଭାପତି ସିଙ୍ଗେଶ୍ୱର ବିରୂଆ, ଉପସଭାପତି ଦୀପକ ସାମଡ, ସମ୍ପାଦକ ହିନ୍ଦୁ ନାଏକ, ସହସମ୍ପାଦକ ବିଜୟ ବିରୂଆ, କୋଷାଧ୍ୟକ୍ଷ କ୍ରିଷ୍ଣା କୁଡାଡା, କାର୍ଯ୍ୟକାରୀ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ହୋ' ଭାଷା କ୍ରିୟାନୁଷ୍ଠାନ କମିଟିର ସମୀକ୍ଷା ବୈଠକ

ଶରତ/କରଞ୍ଜିଆ, ୨୩।୨(ସମିସ): କରଞ୍ଜିଆସ୍ଥ ହୋ ସମାଜ ସଂସ୍କୃତି ଭବନ ପରିସରରେ ଅଖିଳ ଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟିର ସମୀକ୍ଷା ଓ ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇ ହୋ ଭାଷା ଆନ୍ଦୋଳନକୁ ଦେଶବ୍ୟାପୀ ତୀବ୍ର କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା ଓ ଓଡ଼ିଶାର ଦ୍ୱିତୀୟ ରାଜଭାଷାର ମାନ୍ୟତା ପ୍ରଦାନକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ଚାପ ପକାଇ ପାଇଁ ସମସ୍ତ ସଂଗଠନ ଏକତ୍ରିତ ହୋଇ ଦୃଢ ସଂକଳ୍ପ ପ୍ରକାଶ କରିଥିଲେ। ରାଷ୍ଟ୍ରୀୟ ସଭାପତି ରାମରାଇ ମୁନ୍ଦୁୟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗତବର୍ଷର ଆନ୍ଦୋଳନ, ଦିଲ୍ଲୀ ଚାଲ ୫.୦, ଦୁଇଦିବସୀୟ ଧାରଣା ପ୍ରଦର୍ଶନ, ବିଭିନ୍ନ ସମ୍ବିଧାନିକ ପଦାଧିକାରୀଙ୍କୁ ଦାବିପତ୍ର ପ୍ରଦାନ ଓ ଆଗାମୀ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ପ୍ରତିନିଧିମାନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ୍ କରିଥିବା, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ଓ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ସ୍ମାରକପତ୍ର ଦେଇଥିବା ବିଷୟ ବୈଠକରେ ଉଲ୍ଲେଖ କରାଯାଇଥିଲା।

ବାର୍ଷିକ ସାଧାରଣ ପରିଷଦ ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷର ଆୟବ୍ୟୟ ହିସାବ ସଦସ୍ୟଙ୍କ ସମ୍ମୁଖରେ ଉପସ୍ଥାପିତ ହୋଇ ସର୍ବସମ୍ମତିକ୍ରମେ ଅନୁମୋଦନ ହୋଇଥିଲା। ସଂଗଠନର ସଂଗଠନାତ୍ମକ ଶକ୍ତି ବୃଦ୍ଧି, ଗ୍ରାମ ସ୍ତରରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ଭାଷା ଆନ୍ଦୋଳନକୁ ବିସ୍ତାର କରିବା ଓ ଯୁବପିଢ଼ିଙ୍କ ସକ୍ରିୟ ଭାଗୀଦାରି ନିଶ୍ଚିତ କରିବା ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପାସ୍ ହୋଇଥିଲା। ବୈଠକର ବିଶେଷ ଆକର୍ଷଣ ହେଉଛି ଅଖିଳ ଭାରତୀୟ ହୋ ସମାଜର ବିଭିନ୍ନ ପ୍ରମୁଖ ସାମାଜିକ ଓ ସାଂସ୍କୃତିକ ସଂଗଠନର ଏକତ୍ର ଉପସ୍ଥିତି। ସିଦାହୋରା ସୁସାର ଆକାଳା, ମୟୂରଭଞ୍ଜ ଆଦିବାସୀ ହୋ ସମାଜ କମିଟି, ହୋ ସମାଜ ସୁସାର ଆକାଳା, ଆଦିବାସୀ ହୋ ସମାଜ ଯୁବ ମହାସଭା, ଆଦିବାସୀ ହୋ ସମାଜ ମହାସଭା, ଦେଶାଉଲି ଫାଉଣ୍ଡେସନ, ହୋ ସମାଜ ରାକା ଆକାଳା, ହୋ ସମାଜ ସିଙ୍ଗବୋଙ୍ଗା ସୁସାର ମାର୍ଶାଲ ଆକାଳା, କଟକ ଦିଶମ ହୋ ସମାଜ, ଢେଙ୍କାନାଳ ହୋ ଛାତ୍ର ସଂଘ, ଭୁବନେଶ୍ୱର ହୋ ଛାତ୍ର ସଂଘ ଓ ଅନ୍ୟାନ୍ୟ ହୋ ସାମାଜିକ ସଂଗଠନର ପ୍ରତିନିଧି ଯୋଗଦେଇ ହୋ ଭାଷା ଓ ସାଂସ୍କୃତିକ ଅସ୍ମିତା ସୁରକ୍ଷା ପାଇଁ ସଂଘବଦ୍ଧ ଆନ୍ଦୋଳନର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ହୋ ଭାଷା କେବଳ ଆଦିବାସୀ ଜନଜାତିର ଆନ୍ତରିକ ଯୋଗାଯୋଗ ମାଧ୍ୟମ ନୁହେଁ, ବରଂ ଏହା ଇତିହାସ, ଜ୍ଞାନ ପରମ୍ପରା, ଲୋକ ସାହିତ୍ୟ, ଧାର୍ମିକ ଆସ୍ଥା ଓ ସାମୂଦାୟିକ ପରିଚୟର ମୂଳ ଆଧାର। ଗଳ୍ପ, ନାଟକ, ଏକାଙ୍କିକା, ଗବେଷଣା ଓ ଅନୁବାଦ ସାହିତ୍ୟ ରଚନାକୁ ବ୍ୟାପକ ଭାବେ ଆଗେଇ ନେବା ସହ ଡିଜିଟାଲ ମାଧ୍ୟମରେ ହୋ ଭାଷାର ପ୍ରଚାର ପ୍ରସାର ବୃଦ୍ଧି କରିବାକୁ ଆହ୍ୱାନ ଦିଆଯାଇଥିଲା।

ଜିଲ୍ଲା ଓ ରାଜ୍ୟ ସ୍ତରର ପ୍ରତିନିଧି ବ୍ଲକ, ଞ୍ଚାୟତ ଓ ଗାଁ ଗାଁ ବୁଲି ଲୋକଙ୍କ ମଧ୍ୟରେ ସଚେତନତା ଅଭିଯାନ ଚଳାଇ ପ୍ରତ୍ୟେକ ହୋ ପରିବାର ପାଖକୁ ଭାଷାର ସମ୍ବିଧାନିକ ଅଧିକାର ବିଷୟରେ ସନ୍ଦେଶ ପହଞ୍ଚାଇବେ। ଆସନ୍ତା ଜନଗଣନାରେ ଜାତି ହୋ, ମାତୃଭାଷା ହୋ ଓ ଧର୍ମ ସାରନା ଲେଖିବା ପାଇଁ ମଧ୍ୟ ସର୍ବସମ୍ମତିକ୍ରମେ ଆହ୍ୱାନ ଜାରି କରାଯାଇଥିଲା। ଡବଲ୍ ଇଞ୍ଜିନ୍ ସରକାର ଆଦିବାସୀ ଉନ୍ନୟନ ଓ ସଂସ୍କୃତି ସୁରକ୍ଷାର କଥା କହୁଥିବାବେଳେ ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସ୍ଥାନ ଦେବାରେ ବିଳମ୍ବ କରିବା ଲୋକତାନ୍ତ୍ରିକ ନ୍ୟାୟର ବିରୋଧୀ। ଭାରତର ବିଭିନ୍ନ ରାଜ୍ୟରୁ ଆସିଥିବା ହୋ ସମାଜର ପ୍ରତିନିଧି ଏକ ସ୍ୱରରେ ସତର୍କ କରିଥିଲେ ଯେ ଯଦି ଦୀର୍ଘଦିନର ଏହି ଦାବି ପୂରଣ ନ ହୁଏ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଦେଶବ୍ୟାପୀ ଭାବେ ଆହୁରି ତୀବ୍ର କରାଯିବା ସହ ଆଗାମୀ ପଞ୍ଚାୟତ ନିର୍ବାଚନରେ ମଧ୍ୟ ଦୃଢ ଜବାବ ଦିଆଯିବ। ଶେଷରେ ସମସ୍ତ ସଂଗଠନ ଏକ ମଞ୍ଚରେ ଏକତ୍ରିତ ହୋଇ ହୋ ଭାଷାର ସମ୍ବିଧାନିକ ସ୍ୱୀକୃତି ମିଳିବା ପର୍ଯ୍ୟନ୍ତ ସଂଘର୍ଷ ଜାରି ରଖିବାକୁ ଐକ୍ୟବଦ୍ଧ ସଂକଳ୍ପ ଗ୍ରହଣ କରିଥିଲେ। ଉକ୍ତ ବୈଠକରେ କେନ୍ଦ୍ରୀୟ ଅଖିଳ ଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ଉପସଭାପତି ଚନ୍ଦ୍ରମୋହନ ହାଇବ୍ରୁ, ଶାନ୍ତି ସିଦୁ, ସମ୍ପାଦକ ଗମେୟା ଅମ୍ପ, ରାମଲାଲ୍ ତିୟୁ, କୋଷାଧ୍ୟକ୍ଷ କ୍ଷୀରୋଦ ହେମ୍ବ୍ରମ, ସହକୋଷାଧ୍ୟକ୍ଷ ସନା ସାଲେମ ହାଁସଦା, ରାଜ୍ୟ ସଭାପତି ବସନ୍ତ ସିଂ ବୁଲିଉଲି, ଉପସଭାପତି ସୀତାରାମ ଚାତାର, ସମ୍ପାଦକ ନାରଣ ପୂର୍ତ୍ତି, ସାଂଗଠନିକ ସମ୍ପାଦକ ରମେଶ ସିଂ ବିରୁଆ, ସହକୋଷାଧ୍ୟକ୍ଷ ନନ୍ଦୀ ମୁଣ୍ଡା, ସିଦାହରା ସୁସାର ଆକାଳାର ସଭାପତି ମଧୁସୂଦନ ଜାରିକା, ରାଇରଙ୍ଗପୁର ସଭାପତି ପଦ୍ମଲୋଚନ ବାନରା, ବାରିପଦା ସମ୍ପାଦକ ସୁବାସ ହେମ୍ବ୍ରମ, ପରାମର୍ଶଦାତା ଜୟପାଳସିଂ ମୁନ୍ଦୁୟା, ସତନ୍ତ୍ର ଉନ୍ନୟନ ପରିଷଦ ମୟୂରଭଞ୍ଜ ପୂର୍ବତନ ଉପସଭାପତି କମଳା ତିରିୟା ପ୍ରମୁଖ ଯୋଗ ଦେଇଥିଲେ।

## ସାଇବର କବଚ ଅଭିଯାନରେ ୪ ଠକ ଗିରଫ



ବଡବିଲ,୨୩।୨(ସମିସ): କେନ୍ଦୁଝର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ସାଇବର ଅପରାଧୀଙ୍କୁ ଧରିବାକୁ ଦେଶ ବ୍ୟାପୀ ଚାଲିଥିବା "ସାଇବର କବଚ' ଅଭିଯାନରେ ବଡ଼ବିଲ ପୁଲିସକୁ ମିଳିଛି ସଫଳତା।ସାଇବର ଠକେଇର ଏକ ଦଳକୁ ପୁଲିସ ଗିରଫ କରିବାରେ ସଫଳ ହୋଇଛି। ଏ ସଂକ୍ରାନ୍ତରେ ସହରର ୪ ଜଣଙ୍କୁ ଗିରଫ କରାଯାଇଛି। ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦେବେନ୍ଦ୍ର ନାଥ ପିଙ୍ଗୁଆ ଓ ଆରକ୍ଷୀ ଅଧିକାରୀ ଅଶୋକ କୁମାର ନାୟକଙ୍କ ପ୍ରଦତ୍ତ ସୂଚନା ଅନୁଯାୟୀ ବଡ଼ବିଲ ନୀରଜ୍ କୁମାର ସେଠୀ ବ୍ୟାଙ୍କ ଠକାମିର ଶିକାର ହୋଇଥିବା ନେଇ ବଡ଼ବିଲ ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗର ଅନୁସନ୍ଧାନ ସମୟରେ ଜଣା ଯାଇଥିଲା କି ସଂଘବଦ୍ଧ ଭାବେ ବଡ଼ବିଲ ଅଞ୍ଚଳରେ କିଛି ଯୁବକ ଗରିବ ଲୋକମାନଙ୍କୁ ପ୍ରଲୋଭନ ଦେଖାଇ ବିଭିନ୍ନ ବ୍ୟାଙ୍କରେ ଆକାଉଣ୍ଟ ଖୋଲାଉଛନ୍ତି। ପରବର୍ତ୍ତୀ ସମୟରେ ସେମାନଙ୍କୁ ଅଳ୍ପ କିଛି ପଇସା ଦେଇ ଲାଭବାନ ଯୋଜନାର ଲୋଭ ଦେଖାଇ ସେମାନଙ୍କ ଏଟିଏମ୍ କାର୍ଡଟିକୁ ନେଇ ଯାଉଛନ୍ତି। ଏହାକୁ ସେମାନେ ଦଳର ମୁଖ୍ୟ ସଞ୍ଚାଳକ ପାଖକୁ ପଠାଇ ଦେଉଛନ୍ତି। ସେ ଏହି ବ୍ୟାଙ୍କ୍ ଆକାଉଣ୍ଟ ଏବଂ ଏଟିଏମ୍ କାର୍ଡର ସହାୟତାରେ ଫିସିଂ(ବେନାମୀ ଇମେଲ ପ୍ରେରଣ କରିବା), ଭିସିଂ(ମିଥ୍ୟା ଫୋନ୍ କଲ୍ କରି ଭୟଭୀତ କରାଇବା), ନିଯୁକ୍ତି ସ୍କାମ, ଯୌନ ଅପରାଧ, କ୍ରେଡିଟ/ଡେବିଟ କାର୍ଡ ଜାଲିଆତି ଆଦି ସାଇବର ଅପରାଧ କରି କୋଟି କୋଟି ଟଙ୍କାର ଜାଲିଆତି କରିବାକୁ ସକ୍ଷମ ହେଉଛନ୍ତି। ବଡ଼ବିଲ ସହରର ବିଭିନ୍ନ ବ୍ୟାଙ୍କର ଏକାଧିକ ମ୍ୟୁଲ ଆକାଉଣ୍ଟ ଏବଂ ଏଟିଏମ୍ ବ୍ୟବହାର ବିଷୟରେ ଅନୁସନ୍ଧାନ କରି ପୁଲିସ ଏହି ୪ ଜଣଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ମହମ୍ମଦ ଅମୀର (୪୦), ଏମ୍‌ଡି ଇର୍ଷାଦ(୨୯), ଲଳିତ କୁମାର ସେଠୀ (୨୨) ଏବଂ ରାମାନୁଜ ଲାଲ(୩୦)। ଏ ସମସ୍ତଙ୍କ ଘର ବଡ଼ବିଲ ସହରରେ। ଏହି ସାଇବର ଠକ ଦଳର ଅନ୍ୟମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଚାଲୁଅଛି ବୋଲି ପୁଲିସ ସୂତ୍ରରୁ ପ୍ରକାଶ।

### ପ୍ରମୁଖ ନଗର ନଦୀକୂଳ ସାମଗ୍ରିକ ବିକାଶ ଯୋଜନାରେ ବାରିପଦା ସାମିଲ

# ବୁଢ଼ାବଳଙ୍ଗ ନଦୀକୂଳର ବିକାଶ ପାଇଁ ୧୮୦ କୋଟି ଅଟକଳ

ବାରିପଦା,୨୩।୨(ସମିସ)

ଓଡ଼ିଶା ସରକାରଙ୍କ ଆସନ୍ତା ଆର୍ଥିକ ବର୍ଷର ବଜେଟ୍‌ରେ ବାରିପଦାର ବୁଢ଼ବଲଙ୍ଗ ନଦୀକୂଳ (ରିଭରଫ୍ରଣ୍ଟ) ବିକାଶ ପାଇଁ ୧୮୦ କୋଟି ଟଙ୍କାର ବିଶେଷ ବ୍ୟବସ୍ଥା କରାଯାଇଛି। ଏହି ପ୍ରକଳ୍ପ ରାଜ୍ୟର ବିଭିନ୍ନ ପ୍ରମୁଖ ନଗରରେ ନଦୀକୂଳର ସାମଗ୍ରିକ ବିକାଶ ଅଧୀନରେ ଗ୍ରହଣ କରାଯାଇଥିବା ଏକ ବୃହତ୍ ପରିଯୋଜନାର ଅଂଶ ବୋଲି ବିବେଚନା କରାଯାଉଛି। ଏହା ହେଲେ ବାରିପଦାକୁ ବର୍ଷାଦିନେ ଆଉ ଘାରିବନି ବନ୍ୟା ଆଶଙ୍କା। ୨୫ ବର୍ଷ ହେଲା ଏ ନେଇ ଦାବି ହେଉଥିଲା। ହେଲେ ଏକାଧିକ କାରଣ ପାଇଁ ଏହା ସମ୍ଭବପର ହୋଇପାରୁ ନ ଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନେତୃତ୍ୱାଧୀନ ସରକାର ଏହି ପ୍ରକଳ୍ପକୁ ସାଂସ୍କୃତିକ ବିକାଶ, ପର୍ଯ୍ୟଟନ ବିକାଶ, ବନ୍ୟା ନିୟନ୍ତ୍ରଣ ଓ ସ୍ଥାନୀୟ ଲୋକଙ୍କ ଜୀବିକା, ଆର୍ଥିକ ଉନ୍ନତି ଉପରେ ଗୁରୁତ୍ୱ ଦେଇଛନ୍ତି।

ଏହି ଧାର୍ମିକ ନଦୀସମ୍ମୁଖ ବିକାଶ କାର୍ଯ୍ୟକ୍ରମ ଅଧୀନରେ ମୟୂରଭଞ୍ଜର ବାରିପଦା ସହ ସମ୍ବଲପୁର ଓ କଟକରେ ମହାନଦୀ ତଟରେ, ଭୁବନେଶ୍ୱରରେ ଦୟା ନଦୀକୂଳ ସହ ବୈତରଣୀ ନଦୀକୁଳର ଉପକୂଳ ଜିଲ୍ଲାରେ ଧାର୍ମିକ ନଦୀସମ୍ମୁଖ ବିକାଶ କାର୍ଯ୍ୟକ୍ରମକୁ ଯୋଜନାକୁ ଲାଗୁ କରାଯିବ ବୋଲି ବଜେଟ୍‌ରେ ଘୋଷଣା କରାଯାଇଛି। ସମଗ୍ର ପ୍ରକଳ୍ପ ପାଇଁ ମୋଟ ୫୦୦ କୋଟି



**ଆସନ୍ତା ଆର୍ଥିକ ବର୍ଷରୁ ଆରମ୍ଭ ହେବ ନିର୍ମାଣ କାମ**

ଟଙ୍କାର ବ୍ୟୟ ଅନୁମାନ କରାଯାଇଛି। ବାରିପଦାରେ ଏହି ପ୍ରକଳ୍ପ ଲାଗୁ କରାଯିବାକୁ ଆସନ୍ତା ଆର୍ଥିକ ବର୍ଷ ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ୧୦୦ କୋଟି ଓ ଜଳସମ୍ପଦ ବିଭାଗରୁ ୮୦ କୋଟି ଟଙ୍କାର ବ୍ୟବସ୍ଥା ରହିଛି। ବାରିପଦାର ବୁଢ଼ବଳଙ୍ଗା ନଦୀକୂଳ ବିକାଶ ପାଇଁ ଏହି ୧୮୦ କୋଟିର ଏକ ବଡ଼ ଅଂଶ ବ୍ୟୟ ହେବ ବୋଲି ସୂଚନା ମିଳିଛି। ବାରିପଦାରେ ଏହି ପ୍ରକଳ୍ପ ଆରମ୍ଭ ହେବା ସହିତ ଆସନ୍ତା ଆର୍ଥିକ ବର୍ଷରୁ ନିର୍ମାଣ କାର୍ଯ୍ୟ ତୀବ୍ରତର ହେବ। ନଦୀକୂଳରେ ପଥଚାରୀଙ୍କ ପାଇଁ ୱାକିଙ୍ଗ୍ ଟ୍ରାକ୍, ଜଗିଙ୍ଗ୍ ଟ୍ରାକ୍, ଖୋଲା ଜିମ୍, ଲ୍ୟାଣ୍ଡସ୍କେପ୍ ପାର୍କ, ଉନ୍ନତ ଘାଟ, ସ୍ନାନ ଓ ଆରତି ଘାଟ, ଥିମ୍ ପ୍ଲାଜା, ସେଲ୍ଫି ପଏଣ୍ଟ, ଖାଦ୍ୟ ଓ ହସ୍ତଶିଳ୍ପ ଦୋକାନ, ଶୌଚାଳୟ, ପାର୍କିଙ୍ଗ୍ ଜୋନ୍ ଆଦି ସୁବିଧା ସୃଷ୍ଟି ହେବ। ଏଥିସହିତ ନଦୀକୂଳର ପରିବେଶ ସୁରକ୍ଷା, ବନ୍ୟା ନିୟନ୍ତ୍ରଣ ଓ ଜଳବାୟୁ ପରିବର୍ତ୍ତନ ସହ ଲଢ଼ିବା ପାଇଁ ସହାୟକ ହେବ ବୋଲି ଆଶା କରାଯାଉଛି।

ସ୍ଥାନୀୟ ଲୋକଙ୍କ ପାଇଁ ପର୍ଯ୍ୟଟନ ଓ ବ୍ୟବସାୟ ସମ୍ବନ୍ଧୀୟ ନୂତନ ଜୀବିକା ସୃଷ୍ଟି ହେବାର ସମ୍ଭାବନା ରହିଛି। ମୟୂରଭଞ୍ଜ ଜିଲ୍ଲାର ପ୍ରଶାସନ ଓ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଏହି ଘୋଷଣାକୁ ବେଶ୍ ଉତ୍ସାହର ସହ ଗ୍ରହଣ କରାଯାଇଛି। ବାରିପଦା ନଗରକୁ ଏକ ଆଧୁନିକ, ସବୁଜ ଓ ପର୍ଯ୍ୟଟନ-ଅନୁକୂଳ ସହର ଭାବେ ଗଢ଼ି ତୋଳିବାରେ ଏହି ପ୍ରକଳ୍ପ ମାଇଲ ଖୁଣ୍ଟ ସାଜିବ ବୋଲି ବୁଦ୍ଧଜୀବୀ ବୈଦ୍ୟନାଥ କର ମତ ପ୍ରକାଶ କରିଛନ୍ତି। ଏନେଇ ନଗରଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ବୁଢାବଳଙ୍ଗ ନଦୀର ପ୍ରାକୃତିକ ସୌନ୍ଦର୍ଯ୍ୟ ସଂରକ୍ଷଣ କରି ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହନ ଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏହି ପ୍ରକଳ୍ପ ରାଜ୍ୟର ଅନ୍ୟ ନଦୀକୁଳ ବିକାଶ ଯେପରି ସମ୍ବଲପୁରର ମହାନଦୀ ରିଭରଫ୍ରଣ୍ଟ (୧୬୦ କୋଟି), କଟକରେ ୧୫୦ କୋଟିର ମହାନଦୀ ପ୍ରକଳ୍ପ ଏବଂ ଭୁବନେଶ୍ୱରରେ ଦୟା ନଦୀ ଆଦିର ସହିତ ସମନ୍ୱିତ ଭାବରେ କାର୍ଯ୍ୟକାରୀ ହେବ। ଆମ ସରକାରଙ୍କ ଏହି ପଦକ୍ଷେପ ଓଡ଼ିଶାର ନଗର ବିକାଶ ଓ ପର୍ଯ୍ୟଟନ କ୍ଷେତ୍ରରେ ନୂତନ ଅଧ୍ୟାୟର ଆରମ୍ଭ କରିବ ବୋଲି ମୁଁ ଆଶା କରୁଛି। ଆର୍ଥିକ ବର୍ଷରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବା ସହ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ ବୋଲି ସେ କହିଛନ୍ତି।

### କପ୍ତିପଦାକୁ ଏନ୍ଏସି ଘୋଷଣା

## ବଦଳିବ କି କପ୍ତିପଦାର ଭୌଗୋଳିକ ଚିତ୍ର

**କପ୍ତିପଦା,୨୩।୨(ସମିସ):** ୧୫ଟି ୱାର୍ଡକୁ ନେଇ କପ୍ତିପଦାରେ ଏନଏସି ଗଠିତ ହୋଇଛି। ଏହାର ଘୋଷଣା ପରେ ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇଛି। ତେବେ ନୂଆ ଏନଏସିରେ କ'ଣ ହେବ ନୂଆ କାର୍ଯ୍ୟକ୍ରମ, ସେ ନେଇ କଳ୍ପନାଜଳ୍ପନା ଲାଗିରହିଛି। କପ୍ତିପଦା ବ୍ଲକ୍‌ରେ ୨୬ଟି ପଞ୍ଚାୟତରୁ କପ୍ତିପଦା, ଝିଙ୍କପଦା, ଜାମବଣୀ ଭଳି ପଞ୍ଚାୟତ ବାଦ ପଡ଼ିବା ସମ୍ଭାବନା ରହିଛି। ସେହିଭଳି କିଛି ପଞ୍ଚାୟତରେ ୱାର୍ଡ ସଂଖ୍ୟା ହ୍ରାସ ପାଇବା ନେଇ ପୂର୍ବାନୁମାନ କରାଯାଉଛି। ଏନଏସି ଗଠନ କେବଳ ଏକ ପ୍ରଶାସନିକ ପରିବର୍ତ୍ତନ ନୁହେଁ, ଏହା ଆମ ଭବିଷ୍ୟତର ନୂତନ ଆଶା ଓ ନୂତନ ଦିଗ। ଭଲ ରାସ୍ତା ଓ ଉଜ୍ଜ୍ୱଳ ଆଲୋକ, ପ୍ରତ୍ୟେକ ଘରକୁ ପାଇବା ପାଣି, ସମସ୍ତଙ୍କ ପାଇଁ ସହଜ ସ୍ୱାସ୍ଥ୍ୟସେବା, ଯୁବପିଢ଼ିଙ୍କ ପାଇଁ ଶିକ୍ଷା ଓ ଚାକିରି ସୁଯୋଗ, ସଫା ସବୁଜ ଓ ସୁରକ୍ଷିତ ଏନଏସି। ସମସ୍ତଙ୍କ ମନରେ ନୂଆ ଆଶା କ'ଣ ହେବ, କେମିତି ହେବ, କିଏ ଧରିବ ମଙ୍ଗ, ସେନେଇ ଅଙ୍କକଷା ଆରମ୍ଭ ହୋଇଗଲାଣି। ଆସନ୍ତା ଜୁନ ମାସରେ ଏନଏସି ନିର୍ବାଚନ ହେବ ବୋଲି ସରକାରୀ ସ୍ତରରେ ଘୋଷଣା ସରିଛି।

ଏକଦା କପ୍ତିପଦା ବ୍ଲକ ବିଜେଡିର ଗଡ଼ ଥିଲା। ୨୫ ବର୍ଷ ଧରି ବିଜେଡି କବ୍‌ଜାରେ ଥିଲା ବ୍ଲକ। ବିଜେଡି ଶାସନ ପରେ ଏବେ ବ୍ଲକରେ ଅରାଜକତା ମାଡ଼ି ବସିଛି। ବିଜେଡ଼ି କର୍ମୀ କାମ ପାଇଯିବେ ବୋଲି ଉନ୍ନୟନ କାର୍ଯ୍ୟ ଏକ ପ୍ରକାର ଠପ୍ କହିଲେ



ଚଳେ। ଯଦିବା କିଛି କାମ ଆସିଛି, ସେହି କାମକୁ ନେଇ ଅନେକ ଦ୍ୱନ୍ଦ୍ୱ। ବିଜେଡି, ବିଜେପି କଳି ଛିଡୁ ନ ଥିବାବେଳେ ବିଡିଓ ନିଜ ଦାୟିତ୍ୱରେ କୌଣସି କାମ କରିବାକୁ ନାରାଜ। ଏପରିକି ପିଏସ ସିଆର କାମ ଅନଗୋଇଙ୍ଗ ହୋଇଥିଲେ ବି ବିଡିଓ କାମ ଛାଡୁ ନ ଥିବା ଅଭିଯୋଗ ହେଉଛି। ସେହିଭଳି ଆଗାମୀ ନିର୍ବାଚନ ପାଇଁ ୪ଟି ଦଳ ସଜବାଜ ହେଉଥିବାବେଳେ ଏନଏସି କାହା ଦଖଲରେ ରହିବ, ସେ ନେଇ ପ୍ରଶ୍ନ। ଶିକ୍ଷାବିତ୍ ଭାଗବତ ବେହେରା କହିଛନ୍ତି, ଏନଏସି ନୂଆକରି ଗଠନ ହେଉଛି। ବର୍ତ୍ତମାନ ଏହାର ବାଳୁତ ଅବସ୍ଥା। କପ୍ତିପଦାରେ ଅନେକ ଉନ୍ନତିମୂଳକ କାର୍ଯ୍ୟ ହେବ। ତେଣୁ ଦଳମତ ନିର୍ବିଶେଷରେ ଜଣେ ଉଚ୍ଚଶିକ୍ଷିତ ଅଭିଜ୍ଞ ରାଜନୈତିକ ବ୍ୟକ୍ତିବିଶେଷ ମଙ୍ଗ ଧରିଲେ, ଅଞ୍ଚଳର ବିକାଶ ହୋଇପାରିବ। ରାଜନୈତିକ ସମୀକ୍ଷକ ମନମୋହନ ମିଶ୍ର କହିଛନ୍ତି, ପୁରୁଣା ରାଜନେତା ରାଜନୀତି ପାଇଁ ଠିକ୍। କିନ୍ତୁ ତାଙ୍କ ଦ୍ୱାରା ବିକାଶ ହୋଇପାରିବନାହିଁ। ରାଜନୀତିରେ କେବଳ କର୍ମୀଙ୍କୁ ସନ୍ତୁଷ୍ଟ କରିବାରେ ସମୟ ଚାଲିଯିବ। ବ୍ଲକ ଭଳି ପରିସ୍ଥିତି ହୋଇ ବିକାଶ ବାଟବଣା ହେବ। ତେଣୁ ଜଣେ ଉଚ୍ଚଶିକ୍ଷିତ ବ୍ୟକ୍ତି ଯିଏକି ଭୋଟ ନ କିଣି ରାଜନୀତି ଲଢେଇ କରିବେ, ସେହିଁ ପ୍ରକୃତରେ ଅଞ୍ଚଳ ପାଇଁ ବିକାଶ କରିପାରିବେ। ରାଜନେତା ବାପି ମାଝୀ କହିଛନ୍ତି, କପ୍ତିପଦାରେ ୪ଟି ଦଳରୁ ପ୍ରାର୍ଥୀ ଚୟନ ହେବେ। ତେବେ ପ୍ରମୁଖ ଭାବେ ୨ଟି ଦଳ ନିର୍ବାଚନ ଲଢେଇରେ ନିଜର ପ୍ରତିଦ୍ୱନ୍ଦ୍ୱିତା କରିବେ। ତେବେ କପ୍ତିପଦାର ସର୍ବାଙ୍ଗୀନ ବିକାଶ ପାଇଁ ଜଣେ ଉଚ୍ଚଶିକ୍ଷିତ ଓ ଅଭିଜ୍ଞ ପ୍ରାର୍ଥୀଙ୍କ ଆବଶ୍ୟକତା ରହିଛି।

### ଜାତୀୟସ୍ତରୀୟ ଗୋଶାଳା କପ୍ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ମୟୂରଭଞ୍ଜ ରୟାଲ୍ସ ଓ ଭାମ୍ପାୟାର ମାରୁତି ସ୍ପୋର୍ଟ୍ସ ବିଜୟୀ

ବାରିପଦା, ୨୩।୨(ସମିସ): ସ୍ଥାନୀୟ ତୁଳସୀଚଉରା ଦୁର୍ଗାପୂଜା ପଡିଆରେ ଫ୍ରେଣ୍ଡସ ୟୁନିଅନ ଓ ଶ୍ରୀଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଜାତୀୟସ୍ତରୀୟ ଗୋଶାଳା କପ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ନବମ ଦିବସର ୧ମ ମ୍ୟାଚରେ ମୟୂରଭଞ୍ଜ ରୟାଲ୍ସ ୬ ୱିକେଟରେ ବଜରଙ୍ଗୀ ଦଳକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ବଜରଙ୍ଗୀ ଦଳ ୧୨ ଓଭରରେ ୫ ୱିକେଟ ହରାଇ ୧୫୦ ରନ କରିଥିବାବେଳେ ମୟୂରଭଞ୍ଜ ରୟାଲ୍ସ ୧୦. ୧ ଓଭରରେ ୪ ୱିକେଟ ହରାଇ ୧୫୬ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ବଜରଙ୍ଗୀ ଦଳର ତାକମିଲ ଆଲାମ ସର୍ବାଧିକ ୫୭ ରନ କରିଥିବାବେଳେ ମୟୂରଭଞ୍ଜ ରୟାଲ୍ସ ଦଳର ପ୍ରକାଶ କୁମାର ବାରିକ ସର୍ବାଧିକ ୭୬ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଭାମ୍ପାୟାର ମାରୁତି ସ୍ପୋର୍ଟ୍ସ ୧୪ ରନରେ ଏଞ୍ଜେଲ ରଣାକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଭାମ୍ପାୟାର ଦଳ ୧୨ ଓଭରରେ ୭ ୱିକେଟ ହରାଇ ୧୪୮ ରନ କରିଥିବାବେଳେ ଏଞ୍ଜେଲ ରଣା ୧୨



ଓଭରରେ ୯ ୱିକେଟ ହରାଇ ୧୩୪ ରନ କରିଥିଲା। ଭାମ୍ପାୟାର ଦଳର ପ୍ରମୋଦ କୁମାର ନାୟକ ସର୍ବାଧିକ ୪୧ ରନ କରିଥିବାବେଳେ ଯାଶ ସର୍ବାଧିକ ୫୮ ରନ କରିଥିଲେ। ରତିକାନ୍ତ ଦାସ, ଲକ୍ଷ୍ମୀଧର ସିଂ, ସଞ୍ଜୟ ସିଂ ଓ ଗଦାଧର ନାୟକ ଖେଳ ପରିଚାଳନା କରିଥିବାବେଳେ କରନ ଖାନ ସ୍କୋରିଂରେ ସହାୟତା କରିଥିଲେ। ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ। ପୂର୍ବ ଦିନର ତୃତୀୟ ମ୍ୟାଚରେ ଭାମ୍ପାୟାର ଦଳ ୧୩ ରନରେ ମହାକାଳକୁ ଓ ୪ର୍ଥ ମ୍ୟାଚରେ ଦାନୀ ଏକାଦଶ ୧୦ ରନରେ ମୟୁରଭଞ୍ଜ ରୟାଲସ ଦଳକୁ ପରାସ୍ତ କରିଥିଲା। ଅତିଥି ଭାବେ ୩୪ନଂ ଜୋନର ଜିଲ୍ଲା ପରିଷଦ ସଦସ୍ୟା ବିଦୁସ୍ମିତା ଦେଓ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର ସଭାପତି ସୌମ୍ୟରଞ୍ଜନ ମିଶ୍ର, ମୁଖ୍ୟ ସଂଯୋଜକ ସୁଦର୍ଶନ ପାତ୍ର ଓ ସହ କୋଷାଧ୍ୟକ୍ଷ ସନ୍ଦୀପ୍ତ ମୌଳିକ ଉପସ୍ଥିତ ଥିଲେ।

### ପୂର୍ବତନ ବିଧାୟକ ବିମଳଲୋଚନ ଦାସଙ୍କ ୫ମ ମହାପ୍ରୟାଣ ଦିବସ

## ସୁବ୍ରମଣ୍ୟମ ମହାନ୍ତିଙ୍କୁ 'ବିମଳଲୋଚନ ଦାସ' ସ୍ମୃତି ସମ୍ମାନ

ବାରିପଦା, ୨୩।୨(ସମିସ): ମୟୂରଭଞ୍ଜର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ପ୍ରତିଶ୍ରୁତି ପ୍ରତିଷ୍ଠାନ ଆନୁକୂଲ୍ୟରେ ମୟୂରଭଞ୍ଜରେ ସମବାୟ ଆନ୍ଦୋଳନର କର୍ଣ୍ଣଧାର ବିଶିଷ୍ଟ ସମାଜ ସେବୀ ତଥା ବାରିପଦାର ପୂର୍ବତନ ବିଧାୟକ ବିମଳଲୋଚନ ଦାସଙ୍କ ୫ମ ମହାପ୍ରୟାଣ ଦିବସ ଅବସରରେ ଏକ ସ୍ମୃତିଚାରଣ ସଭା ପ୍ରତିଷ୍ଠାନର ସଭାପତି ଡା ପାର୍ଥସାରଥି ଜେନାଙ୍କ ସଭାପତିତ୍ୱରେ ସ୍ଥାନୀୟ ହୋଟେଲ ଅମ୍ବିକା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଙ୍ଗୀତ ଶିଳ୍ପୀ ସୁଶ୍ରୀ ଭାରତୀ ବେବର୍ତ୍ତା ଶ୍ରୀଜଗନ୍ନାଥଙ୍କ ଭଜନ ପରିବେଷଣ କରିଥିଲେ। ପରେ ପ୍ରତିଷ୍ଠାନର ସମ୍ପାଦକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇ ବିମଳ ବାବୁଙ୍କ ନିସ୍ୱାର୍ଥପର ଜୀବନ ଶୈଳୀ ଓ ସମାଜ ପାଇଁ କିପରି ତାଙ୍କର କାର୍ଯ୍ୟ ଧାରା ସମର୍ପିତ ଥିଲା ତାହା ଅତି ମାର୍ମିକ ଭାବେ ପ୍ରକାଶ କରିଥିଲେ।



ଉକ୍ତ ସ୍ମୃତିଚାରଣ ସଭାରେ ବରିଷ୍ଠ ସାମ୍ବାଦିକ ତଥା ପରିବେଶବିତ୍ ଡ ବିଜୟ କୁମାର ଅଗ୍ରୱାଲା ତାଙ୍କ ଅଭିଭାଷଣରେ ବିମଳ ବାବୁ ବିଭିନ୍ନ କ୍ଷେତ୍ରରେ ଦାୟିତ୍ୱ ନେଇ ତାହାକୁ ସଫଳତାର ସହ ସମ୍ପାଦନ କରିଥିଲେ ବୋଲି କହିଥିଲେ। ଓଡ଼ିଆ ଜାଗରଣ ମଞ୍ଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ ସମ୍ମାନିତ ବକ୍ତା ଓ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ରାଜକିଶୋର ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିମଳ ବାବୁ କିଭଳି ଅର୍ବାନ ବ୍ୟାଙ୍କକୁ ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନ ଅଳଙ୍କୃତ କରିବାର ଗୌରବ ଅର୍ଜନ କରିଥିଲେ, ତାହା ବିଷଦ ଭାବେ ବର୍ଣ୍ଣନା କରିଥିଲେ। ଏ ଅବସରରେ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତିଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ "ବିମଳଲୋଚନ ଦାସ' ସ୍ମୃତି ସମ୍ମାନ ୨୦୨୬ ପ୍ରତିଶ୍ରୁତି ପକ୍ଷରୁ ପ୍ରଦାନ କରାଯାଇଥିଲା। ପରେ ମୁଖ୍ୟଅତିଥି ବାରିପଦାର ନଗରପାଳ କୃଷ୍ଣାନନ୍ଦ ମହାନ୍ତି ବିମଳ ବାବୁଙ୍କ ଜୀବନର ଭୂୟସୀ ପ୍ରଶଂସା କରି ସେ କିପରି ତାଙ୍କ ଆଶୀର୍ବାଦରେ ପ୍ରଥମେ ନଗରପାଳ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ କହିବା ସହିତ ତାଙ୍କୁ ନିଜର ରାଜନୈତିକ ଗୁରୁ ଭାବେ ଅଭିହିତ କରିଥିଲେ। ସଭାପତି ଡ଼ା ଜେନା ବିମଳ ବାବୁଙ୍କ ବଦାନ୍ୟତା ସମ୍ପର୍କରେ ଏକ ଭାବ ଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏ ଅବସରରେ ବିମଳ ବାବୁଙ୍କ ସ୍ମୃତି ସମ୍ବଳିତ ଏକ ମନୋଜ୍ଞ କବିତା ପାଠ ଉତ୍ସବ ବରିଷ୍ଠ ଗାଳ୍ପିକ ପଦ୍ମନାଭ ସାହୁ ଓ କବି ଗୋପାଳ ଚନ୍ଦ୍ର ସାଓ ଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏହି କବିତା ପାଠ ଉତ୍ସବରେ କବୟିତ୍ରୀ ବିରଜା ଦେବୀ, ଭଗବତୀ ଦାଶ, ଭାସ୍ୱତୀ ପଣ୍ଡା,ମିନତି ଦାଶ, ସୁଧାମୟୀ ଦାସ,ଭାରତୀ ବେବର୍ତ୍ତା,ପୁଷ୍ପ ଲତା ସାହୁ ଓ କବି ଗୋପାଳ ଚନ୍ଦ୍ର ସାଓ ,ହରିହର ବେହେରା,ନରସିଂହ ବାରିକ,ବନମାଳୀ ପାତ୍ର,ଅଜମ୍ବର ପୃଷ୍ଟି,ଗୋପାଳ ଚନ୍ଦ୍ର ଦତ୍ତ,ଦିଲୀପ କୁମାର ଆଇଚ୍,ମୀନକେତନ ମହାନ୍ତି ପ୍ରମୁଖ ବହୁ କବି କବିତା ପାଠ କରିଥିଲେ।ପ୍ରାରମ୍ଭ ରେ ବିମଳ ବାବୁଙ୍କର ଫଟୋ ଚିତ୍ର ରେ ଶ୍ରଦ୍ଧା ସୁମନ ଅର୍ପଣ କରାଯିବା ସହିତ ତାଙ୍କ ଅମର ଆତ୍ମାର ସଦ୍ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।ପରିଶେଷରେ କବି ପ୍ରଦୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶତାଧିକ ଭଦ୍ରବ୍ୟକ୍ତି ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ଶିଶୁ ବିକାଶ ମେଧାବୃତ୍ତି ପରୀକ୍ଷା

କୁଆମରା, ୨୩।୨(ସମିସ): ଗୋପବନ୍ଧୁନଗର ବ୍ଲକ୍ କୁଆମରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୨୭ତମ ରାଜ୍ୟସ୍ତରୀୟ ଶିଶୁ ବିକାଶ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦ୍ୱିତୀୟରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷ ମୋଟ ୯୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ରମେଶ ଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଗୁରୁମା ଶୁଭଶ୍ରୀ ଦାସ, ସଞ୍ଜୁକ୍ତା ସ, କାଜଲ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ବିଦ୍ୟାଳୟର ସମ୍ପାଦକ ମନମୋହନ ମହାପାତ୍ର ପରିଦର୍ଶନ କରିବା ସହ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

## ଠିକାଦାର ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ




**ବଡ଼ବିଲ୨୩।୨(ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ପୌରାଞ୍ଚଳରେ ବିଭିନ୍ନ ସରକାରୀ ସଂସ୍ଥାରେ ଠିକାଦାରୀ କାମ କରୁଥିବା ଠିକାଦାରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିବା ଜଣାପଡ଼ିଛି। ଆନ୍ଦୋଳନକାରୀ ଠିକାଦାରମାନେ ପ୍ରଥମେ ପୌର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏକ ରାଲିରେ ଯାଇ ବଡ଼ବିଲ ଅଞ୍ଚଳରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକୁ ବନ୍ଦ କରାଇଥିଲେ। ଫଳରେ ବଡ଼ବିଲ ସହରେ ଚାଲିଥିବା ଉନ୍ନୟନ କାର୍ଯ୍ୟ, ଯଥା - ଆଦର୍ଶ ସ୍କୁଲ, ମଲ୍ଟି ସ୍ପେସାଲିଷ୍ଟ ହସ୍ପିଟାଲ, ପୌର କାର୍ଯ୍ୟାଳୟ ସମ୍ମୁଖ ଡ୍ରେନ୍ ଓ ରାସ୍ତା କାମ ଭଳି କାମ ସଂପୂର୍ଣ୍ଣ ବନ୍ଦ ହୋଇଥିଲା। ଠିକାଦାର ସଂଘର ଦାବି ପୂରଣ ନ ହେବାଯାଏ କାର୍ଯ୍ୟ ବନ୍ଦ ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଆନ୍ଦୋଳନକୁ ବଡ଼ବିଲ ଠିକାଦାର ସଂଘର ସଭାପତି ଈଶ୍ୱର ସାମଲଙ୍କ ନେତୃତ୍ୱରେ ସଂଘର ଉପସଭାପତି ଗୋବିନ୍ଦ ମଲ୍ଲିକ, ନାରାୟଣ ହେମ୍ବ୍ରମ, ସମ୍ପାଦକ ଗୋଲେଖ ଓରାମ, ସହ ସମ୍ପାଦକ ଅନନ୍ତ ଚରଣ ରାଉତ, ସୁଦୀପ୍ ସାମଲ, ଜେଠୁରାମ୍ ପାତ୍ର, ବିନୋଦ ଜେନା, କୋଷାଧ୍ୟକ୍ଷ ତପନ ଦାସ ପ୍ରମୁଖ କାର୍ଯ୍ୟବନ୍ଦ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ହାଇବ୍ରିଡ୍ ବରକୋଳି ଚାଷ କରି ଅଧିର ସ୍ୱାବଲମ୍ବୀ

କଳାବାଡିଆ, ୨୩।୨(ଧାନଚାନ୍ଦ ହୋତା):

ବାଙ୍ଗିରିପୋଷି ବ୍ଲକ କଳାବାଡିଆ ପଞ୍ଚାୟତ କେନ୍ଦୁଡିହା ଗ୍ରାମର ଚାଷୀ ଅଧିର ପାଣି (୫୫)। ଦିନେ ଖାଇବା ପାଇଁ ସଂଘର୍ଷ କରୁଥିବା ବ୍ୟକ୍ତି ଆଜି ସଫଳ ଚାଷୀ। ହାଇବ୍ରିଡ ବରକୋଳି ଚାଷ କରି ୫ରୁ ଊର୍ଦ୍ଧ୍ୱ ଲୋକଙ୍କୁ କର୍ମନିଯୁକ୍ତି ଦେବା ସହ ନିଜେ ସ୍ୱାବଲମ୍ବୀ ହୋଇପାରିଛନ୍ତି।

ଅଧିର ନିଜ ଜମି ବ୍ୟତୀତ ଅନ୍ୟ ଲୋକଙ୍କ ଜମି ଲିଜ୍ ନେଇ ଟାଙ୍ଗରା ଜମିରେ ସୁନା ଫଳାଇଛନ୍ତି। ୫ ବର୍ଷରେ ଲକ୍ଷପତି ହେବା ସହିତ ଘର, ବାଇକ୍, ନଳକୂପ ଖୋଳିଛନ୍ତି। ଦେଢ଼ ଏକର ଜମିରେ ଏହି ସଫଳତା ପାଇଛନ୍ତି। ୨୦୨୧ରେ ପ୍ରଥମ ବର୍ଷ ୫୦ଟି କୋଳି ଚାରା ଲଗାଇ ୧୦ ହଜାର ଟଙ୍କା ଖର୍ଚ୍ଚ କରି ୩୦ ହଜାର ଟଙ୍କା ଲାଭ ପାଇଥିଲେ। ଦ୍ୱିତୀୟ ବର୍ଷ ୪୦୦ ଗଛ ଲଗାଇ ୩୦ ହଜାର ଖର୍ଚ୍ଚ କରି ୧ ଲକ୍ଷ ୨୦ ହଜାର ଟଙ୍କା ପାଇଥିଲେ। ୨୦୨୩ରେ ୫୦୦ ଗଛ ଲଗାଇ ୨୦ ହଜାର ଟଙ୍କା ଖର୍ଚ୍ଚ କରି ୧ ଲକ୍ଷ ୫୦ହଜାର ଟଙ୍କାର କୋଳି ବିକ୍ରି କରିଥିଲେ। ଏଥର ସେହି ଗଛରେ ପ୍ରବଳ ଫଳ ହୋଇଥିବାରୁ



- ୫ ଜଣଙ୍କୁ ଦେଇଛନ୍ତି କର୍ମନିଯୁକ୍ତି
- ୫ ବର୍ଷରେ ହୋଇଛନ୍ତି ଲକ୍ଷପତି

ବର୍ତ୍ତମାନ ସୁଦ୍ଧା ଦେଢ ଲକ୍ଷରୁ ଅଧିକ ଟଙ୍କାର କୋଳି ବିକ୍ରି କରିସାରିଲେଣି। ଏବର୍ଷ ସେ ୨ଲକ୍ଷ ଟଙ୍କାରୁ ଅଧିକ ଟଙ୍କା ପାଇବାକୁ ଆଶା ରଖିଛନ୍ତି।

ସାଧାରଣତଃ କୋଳି ଗଛରେ କଣ୍ଟା ଥିବାବେଳେ ଏହି କୋଳି ଗଛରେ କଣ୍ଟା ନାହିଁ। ବାଡ଼ିରେ ଥାଇଗ୍ରିନ, କାଶ୍ମୀର ରେଡ, ବଲ ସୁନ୍ଦରୀ, ମିସ ଇଣ୍ଡିଆ ଭଳି ଚାରି ପ୍ରକାର କୋଳି ଗଛ ଲାଗିଛି। ପ୍ରଥମେ ଶ୍ରୀ ପାଣି ୟୁଟ୍ୟୁବରେ ଏହି ଚାଷ ଦେଖି ଅନୁପ୍ରାଣିତ ହୋଇ ଭୁବନେଶ୍ୱର ଓ କୋଲକାତାରୁ ଚାରା ଆଣି ଲଗାଇଥିଲେ। ଏହି କୋଳି ଚାଷ ଦେଖି କଳାବାଡିଆର ବିଭିନ୍ନ ସ୍ଥାନରେ ଯୁବକମାନେ ଚାଷ ଆରମ୍ଭ କଲେଣି। କେଜି ପିଛା ୫୦ ଟଙ୍କା ଦରରେ ନିଜ ବାଡ଼ିରେ ବିକ୍ରି କରୁଛନ୍ତି। ଯିଏ ଦେଖିବାକୁ ଆସୁଛନ୍ତି ପେଟ ପୁରା ଖାଇବା ପାଇଁ ନିଜେ ଚାଷୀ କହୁଛନ୍ତି। ବ୍ୟବସାୟ ଉଦ୍ଦେଶ୍ୟରେ ଅଧିକ ପରିମାଣର କୋଳି ନେଉଥିବା ବ୍ୟବସାୟୀ କିଲୋ ପ୍ରତି ୫୦ ଟଙ୍କାରେ ନେଇ ୮୦ରୁ ୧୦୦ ଟଙ୍କାରେ ବିକ୍ରି କରି ବେଶ ଦୁଇ ପଇସା ରୋଜଗାର କରୁଛନ୍ତି। ବାରିପଦା, ବିଶୋଇ, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରୁ ଲୋକ ଆସି ନେଉଛନ୍ତି କୋଳି। ଜାନୁଆରୀରୁ ମାର୍ଚ୍ଚ ୩ ମାସ କୋଳି ଚାଷ ହୋଇଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଜୈବିକ ଖତ, ବିନା ଔଷଧରେ ଚାଷ କରିଥିବା ଶ୍ରୀ ପାଣି କହିଛନ୍ତି। ଚାଷରେ ପୁଅ ମଧ୍ୟ ସାହାଯ୍ୟ କରନ୍ତି। ସ୍ତ୍ରୀଙ୍କ ମୃତ୍ୟୁ ପରେ ନିଜକୁ ନିସ୍ୱ ଭାବୁଥିବା ଶ୍ରୀ ପାଣି ଚାଷ କରି ବଞ୍ଚିବାର ରାହା ପାଇଥିବା କହିଛନ୍ତି।

# ଶ୍ମଶାନ ଜାଗାରୁ ଜବରଦଖଲ ଉଚ୍ଛେଦ ଦାବି

ରାଜଘାଟ, ୨୩।୨ (ସମିସ): ପୂର୍ବରୁ ଗତ ୧୩ ଅଗଷ୍ଟ ୨୦୨୪ ରେ ବସ୍ତା ତହସିଲଦାରଙ୍କୁ ଗ୍ରାମବାସୀ ଜବର ଦଖଲ ଉଚ୍ଛେଦ ପାଇଁ ନିବେଦନ କରିଥିଲେ ମାତ୍ର ତାହା ଫାଇଲ ତଳେ ଚାପିଯିବାରୁ



ପୁଣି ଆଜି ଗ୍ରାମବାସୀ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣୀ ଶିବିରରେ ଅଭିଯୋଗ କରିଛନ୍ତି। ସୂଚନାରୁ ପ୍ରକାଶ ବସ୍ତା ବ୍ଲକ ଭେଲୋରା ପଞ୍ଚାୟତ ଅନ୍ତର୍ଗତ ଡିଗି ପଡିଆ ଯାହାର ଖାତା ନଂ ୪୭୨, ପ୍ଲଟ ନଂ ୧୧୫୮ ଶ୍ମଶାନ କିସମ ଥିବାବେଳେ ଏହା ପାଶ୍ୱର୍ରେ ଥିବା ଜମି ମାଲିକ ମାନେ ଉକ୍ତ ଶ୍ମଶାନ ଜାଗାକୁ ତାଡି ନିଜ ଜମି ସହ ମିଶାଇ ଦେବାରୁ ଏହା ଧୀରେ ଧୀରେ ସଂକୁଚିତ ହେବାରେ ଲାଗିଛି ଫଳରେ ଶ୍ମଶାନ ଆସୁଥିବା ଗ୍ରାମବାସୀ ବହୁ ଅସୁବିଧାରେ ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ସେହିପରି ଉକ୍ତ ଶ୍ମଶାନ ଜାଗାକୁ ଲାଗି ଏକ ଖେଳ ପଡିଆ ରହିଛି ଯାହାକୁ ଜଳେଶ୍ୱର ଥାନା ଶିଖରପୁର ଅଞ୍ଚଳର ଜଣେ ଅସାମାଜିକ ବ୍ୟକ୍ତି ଜବର ଦଖଲ କରି ରାଜସ୍ୱ ବିଭାଗ କିମ୍ବା ଗ୍ରାମବାସୀଙ୍କ ବିନା ଅନୁମତିରେ ସେଠାରେ ଏକ ଗୃହ ନିର୍ମାଣ କରିବା ସହ ଏକାଧିକ ଟ୍ରାକ୍ଟର ରଖି ପିଲା ମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଖେଳ ପଡ଼ିଆଟି ଖାଲ ଖମାରେ ଭର୍ତି ହୋଇଥିବାରୁ ଗ୍ରାମର ପିଲାମାନେ ଖେଳକୁଦ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ପ୍ରକାଶ ଥାଉକି ଉକ୍ତ ଯୁବକ ଏବଂ ତାଙ୍କ ପୁଅ ଏକ ହତ୍ୟା ଅପରାଧରେ ଗତ ୨୦୨୫ ମସିହାରେ ଚାରିମାସ ଜେଲ ହାଜତ ରେ ରହି ଆସିଛନ୍ତି ଫଳରେ ଗ୍ରାମବାସୀ ଭୟରେ ତାଙ୍କୁ କିଛି କହିବା ପରିବର୍ତ୍ତେ ଜିଲ୍ଲପାଳଙ୍କୁ ଉକ୍ତ ଜବରଦଖଲ ଗୃହ ଉଚ୍ଛେଦ ପାଇଁ ନିବେଦନ କରିଛନ୍ତି।

# ଗୋଡ଼ ଉପରେ ଚଢ଼ିଗଲା ଡମ୍ଫର, ହେଲପର ଗୁରୁତର

ନୀଳଗିରି, ୨୩।୨ (ସମିସ): ବିଲରେ ମାଟି ପକାଇ ଡମ୍ଫରଟି ପଛାଉଥିବା ସମୟରେ ଅସାବଧାନତା କାରଣରୁ ଉକ୍ତ ଡମ୍ଫର ପଛରେ ଛିଡ଼ା ହୋଇଥିବା ହେଲପରଙ୍କ ବାମ ଗୋଡ଼ ଉପରେ ପଛଚକା ଚଢି ଯିବାରୁ ତାଙ୍କ ଗୋଡ଼ ଭାଙ୍ଗି ଗୁରୁତର ହୋଇଛନ୍ତି। ଏଭଳି ଘଟଣା ଘଟିଛି ୧୯ ନଂ ରାଜ୍ୟ ରାଜପଥର ରାସ୍ତାପାଖ ଭିମିଜ ସାହି ନିକଟରେ। ନୀଳଗିରି ଥାନା ଅଧିନ ଏନଏସି ୨ ନମ୍ବର ୱାର୍ଡର ଭିମିଜ ସାହି ନିକଟ ରବିବାର ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଡମ୍ଫର ଦ୍ୱାରା ମାଟି ପଡୁ ଥିଲା। ଉକ୍ତ ସ୍ଥାନରେ ମାଟି ପଡୁଥିବା ବେଳେ ଜଡ଼ିଡା ପଞ୍ଚାୟତ ଡେଙ୍ଗାସାହି ଗ୍ରାମର ସ୍ୱର୍ଗତ ଶଙ୍କରା ସିଂଙ୍କ ପୁଅ ରବିନ୍ଦ୍ର ସିଂ (୩୫) ଜଣେ ଡମ୍ଫର ହେଲପର ହୋଇ ଥିବାରୁ ଉକ୍ତ ଜାଗାରେ ଏକ ଡମ୍ଫର ଦ୍ୱାରା ମାଟି ପକାଇସାରି ଅନ୍ୟ ଏକ ଡମ୍ଫର ପଛରେ ଛିଡ଼ା ହୋଇଥିଲେ। ତେବେ ଅନ୍ୟ ଏକ ଡମ୍ଫର ପଛଉଥିବା ସମୟରେ ରବୀନ୍ଦ୍ରର ବାମ ଗୋଡ଼ ଉପରେ ଚଢିଯାଇଥିଲା। ରବୀନ୍ଦ୍ର ର ଚିତ୍କାର ଶୁଣି ଗାଡିଟି ଅଟକିଥିଲା। ତୁରନ୍ତ ରବୀନ୍ଦ୍ରଙ୍କୁ ଉଦ୍ଧାର କରି ନୀଳଗିରି ମେଡିକାଲକୁ ଅଣାଯାଇ ଆଶୁଚିକିତ୍ସା କରାଯାଇଥିଲା। ପରେ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

# ନୀଳଗିରି ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ନୀଳଗିରି, ୨୩।୨ (ସମିସ): ନୀଳଗିରି ସଂସ୍କୃତ ମହାବିଦ୍ୟାଳୟର ୩୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ନୀଳଗିରି ଏନଏସିର କାର୍ଯ୍ୟ ନିର୍ବାହୀ ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା ଯୋଗ ଦେଇଥିଲା ବେଳେ ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର ଶ୍ରୀରାମ ଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ଦାଶ ଏବଂ ସମ୍ମାନୀତ ଅତିଥି ଭାବେ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ନିରଞ୍ଜନ ସନ୍ଧି ବିଗ୍ରହ ଅତିଥି ପରିଚୟ, ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସଙ୍ଗେ ସଙ୍ଗେ ମଞ୍ଚ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଆଚାର୍ଯ୍ୟ ପୌରହିତ୍ୟ କରି ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ବାର୍ଷିକ ଉତ୍ସବ ପାଳନ ଅବସରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ସମେତ ଅନ୍ୟାନ୍ୟ ସମ୍ମାନୀତ ଅତିଥି ଗଣଙ୍କ ଦ୍ୱାରା ପୁରସ୍କୃତ କରାଯାଇ ଉତ୍ସାହିତ କରାଯାଇଥିଲା। ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ନୀଳଗିରି, ୨୩।୨ (ସମିସ): ନୀଳଗିରି ବ୍ଲକ ଆଯୋଧ୍ୟାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେ ଗତ ଶନିବାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ ତଥା ଅନୁଷ୍ଠାନର ସଭାପତି ବାମନଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଚିନ୍ତାମଣି ଦାସ, ମୁଖ୍ୟଅତିଥି ବିଶିଷ୍ଟ ସାହିତ୍ୟିକ ଦୁର୍ଗାଚରଣ ପରିଡା ଓ ମୁଖ୍ୟବକ୍ତା ତଥା ରାଜ୍ୟ ପୁରସ୍କାର ପ୍ରାପ୍ତ ସେବାନିବୃତ ପ୍ରଧାନ ଶିକ୍ଷକ ସୋମନାଥ ନାୟକ, ସମ୍ମାନିତ ବକ୍ତାଭାବେ ଯୋଗଦାନ କରି ଛାତ୍ର ଛାତ୍ରୀ ଙ୍କୁ ମୋବାଇଲ ଠାରୁ ଦୁରେଇ ରହିବା ସହିତ ଅଭିଭାବକ ମାନେ ପିଲାମାନଙ୍କୁ ଚାପମୁକ୍ତ ରଖିବା ଓ ନିଜର ଇଚ୍ଛା ପିଲାମାନଙ୍କ ଉପରେ ଲଦିଦେଇ ସେମାନଙ୍କ ବୋଝ ନ ବଢାଇବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତା ରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିବା ସହିତ ମୁଖ୍ୟଅତିଥି ନିଜ ତରଫରୁ ସ୍ୱତନ୍ତ୍ର ପୁରସ୍କାର ପିଲାମାନଙ୍କୁ ପ୍ରଦାନ କରିଥିଲେ।

# ସରିଆସିଲାଣି ଟୋକନ ଅବଧି; ଧାନ ଦେଇପାରୁନି ଚାଷୀ

ସିମୁଳିଆ ୨୩।୨ (ସମିସ)

ଟୋକନ ଅବଧି ସରିବାକୁ ବସିଲାଣି। ପୁରୁଷୋତ୍ତମପୁର ସେବା ସମବାୟ ସମିତିରେ ୨୨୧୨ ଜଣ ଚାଷୀଙ୍କ ମଧ୍ୟରୁ ଧାନ ଦେଇଛନ୍ତି ମାତ୍ର ୪୬୮ ଚାଷୀ। ଚିନ୍ତା ରେ ଚାଷୀ ରହିଥିବା ବେଳେ ପ୍ରଶାସନ ଏଯାବତ କୌଣସି ପଦକ୍ଷେପ ନେଉ ନାହାନ୍ତି। ସିମୁଳିଆ ବ୍ଲକରେ ୬ଟି ସେବା ସମବାୟ ସମିତିରେ ଧାନ କିଣାରେ ବ୍ୟାପକ ଅସୁବିଧା ହେଉଛି। ମିଲରମାନେ ଗାଡି ଯୋଗାଇ ଦେଉ ନ ଥିବାରୁ ଧାନ କିଣା ହୋଇ ପାରୁନାହିଁ। ଟୋକନ ଅବଧି ଶେଷ ହେବାକୁ ବସିଥିଲା ବେଳେ ୩୦%ରୁ ପଞ୍ଜିକୃତ ଚାଷୀ ଧାନ ବିକୁଛନ୍ତି। ଫଳରେ ଚାଷୀ ମାନେ ଧାନ ବିକ୍ରି କରି ନ ପାରି ବେପାରୀ ମାନଙ୍କୁ ବାଧ ହୋଇ ଧାନ ଦେଉଛନ୍ତି। ଏହାରି ସୁଯୋଗରେ କେତେକ ସମବାୟ ସମିତି ରେ ବେପାରୀ ମାନଙ୍କଠାରୁ କୁଇଣ୍ଟାଲ ପିଛା ୫୦ରୁ ୧୦୦ ଟଙ୍କା ଆଦାୟ କରାଯାଉଛି। ତାଛଡା କେତେକ ସମବାୟ ସମିତିରେ ଅନ୍ୟ ସମିତିର ସମ୍ପାଦକ ମାନେ ଧାନ କିଣିବାକୁ ଆସୁଥିଲା ବେଳେ ନିଜ ସମିତି ଓ ମଣ୍ଡିରେ ଧାନ କିଣିବା ସମ୍ଭବ ହେଉ ନ ଥିଲେ ମଧ୍ୟ ପ୍ରଶାସନିକ ଚାପ ଆଗରେ ନିରବ ରହୁଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ସିମୁଳିଆ ବ୍ଲକ ପୁରୁଷୋତ୍ତମପୁର ସେବା ସମବାୟ ସମିତିରେ ଧାନକିଣା ସମସ୍ୟା। ପୁରୁଷୋତ୍ତମପୁର ସମିତିରେ ଫେବୃଆରୀ ୨୨ତାରିଖ ସୁଦ୍ଧା ମୋଟ ୨୨୧୨ ଜଣ ଚାଷୀ ଧାନ କିଣିବା ନିମନ୍ତେ ପଞ୍ଜିକୃତ ହୋଇଥିଲା ବେଳେ ଏଯାବତ ମାତ୍ର ୪୬୮ ଜଣ ଚାଷୀ ଧାନ ଦେଇ ଛନ୍ତି। ଫଳରେ ଏଯାବତ ମାତ୍ର ୨୦% ଚାଷୀ ଧାନ ବିକ୍ରୟ କରିଛନ୍ତି। ଏପଟେ ଟୋକନ ଅବଧି ସରିବାକୁ ବସିଲାଣି ହେଲେ ଚାଷୀ ଧାନ ବିକ୍ରି ନ କରି ପରିବାର ଭୟ ଦେଖା ଦେଇଛି। ଫଳରେ ଚାଷୀ ଧାନ ଆଣି ସମିତି ଆଗରେ ରଖି ଜଗି ରହୁଛି କେବେ ତା'ର ପାଳି ଆସିବ। ମିଲର ଆବଶ୍ୟକ ଗାଡି ପଠାଉ ନ ଥିବାରୁ ଧାନ କିଣା ମନ୍ଥର ହୋଇଯାଇଛି। ଏ ବିଷୟରେ ପୁରୁଷୋତ୍ତମପୁର ସେବା ସମବାୟ ସମିତିର ସଭାପତି ପାରିଜାତ ନାୟକଙ୍କୁ ପଚାରିବାରୁ ଚାଷୀଙ୍କ ଟୋକାନ ଅବଧି ଶେଷ ହେବାକୁ ବସିଲାଣି, ମିଲର ମାନେ ଆବଶ୍ୟକୀୟ ଟ୍ରକ ଆଣୁ ନାହାନ୍ତି କି ଟାର୍ଗେଟ ଅନୁସାରେ ଧାନ କିଣୁ ନ ଥିବାରୁ ଏ ସମସ୍ୟା ଦେଖା ଦେଇଛି। ଚାଷୀ ମାନଙ୍କ ଧାନ କିଣା ପ୍ରତି ପ୍ରଶାସନ ଉପଯୁକ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

**୨୨୧୨ ପଞ୍ଜିକୃତ ଚାଷୀଙ୍କ ମଧ୍ୟରୁ ଧାନ ଦେଇଛନ୍ତି ୪୬୮ ଜଣ**

# କବିବର ରାଧାନାଥ ସ୍ମୃତି ସଂସଦ କାର୍ଯ୍ୟକାରୀ କମିଟି ପୁନର୍ଗଠନ

ସୋର, ୨୩।୨ (ସମିସ): ସୋର କବିବର ରାଧାନାଥ ସ୍ମୃତି ସଂସଦ ପକ୍ଷରୁ ଏକ ସାଧାରଣ ସଭା କବିବରଙ୍କ ଜନ୍ମପୀଠ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ସାଧାରଣ ବୈଠକରେ ସଂସଦର କାର୍ଯ୍ୟକାରୀ ସଭାପତି ଗଙ୍ଗାଧର ପାଢୀ ସଭାପତିତ୍ୱ କରିଥିଲେ ଓ ବହୁ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂସଦର ସ୍ଥାୟୀ ସଭାପତି ଡ. ଲକ୍ଷ୍ମୀନାରାୟଣ ନାୟକଙ୍କ ବିୟୋଗ ପରେ ସଂସଦର ନୂତନ କାର୍ଯ୍ୟକାରୀ କମିଟି ଗଠନ ହେବା ଆଜିର ମୂଖ୍ୟ ଆଲୋଚ୍ୟ ବିଷୟ ତଥା ଗତ ଜୟନ୍ତୀ ସଭାରେ ସଂସଦ ତରଫରୁ ଉପସ୍ଥାପିତ ଦାବି ଓ ଅତିଥିମାନ(ବିଧାୟକ, ସରପଞ୍ଚ ଓ ସମିତି ସଭ୍ୟ)ଙ୍କର ପ୍ରତିଶୃତି ଉପରେ ପଦକ୍ଷେପ, ଗତ ସଭାରେ ଆଲୋଚିତ ସଂସଦର ଆୟବ୍ୟୟ ଓ ସରକାରଙ୍କ ପ୍ରଦତ୍ତ ଅନୁଦାନ ରାଶି ସହିତ ସଂସଦର ଜମାରାଶି ଉପରେ ଆଲୋଚନା, ଆଜୀବନ ସଦସ୍ୟଙ୍କ ତାଲିକା ଓ ସ୍ଥାୟୀ ଜମା ଉପରେ ଆଲୋଚନା ଓ ସଂସଦ ୱେବସାଇଟ ତଥା ଅନ୍ୟାନ୍ୟ କେତେକ ଆଲୋଚନା ଆଜିରେ କରାଯାଇଥିଲା। ସଂସଦ ନୂତନ କାର୍ଯ୍ୟକାରୀ କମିଟି କର୍ମକର୍ତ୍ତାଙ୍କୁ ମନୋନୀତ କରାଯାଇ ପ୍ରସ୍ତାବ ଓ ସମର୍ଥନ କ୍ରମେ ନିମ୍ନ ପ୍ରକାରେ ଗଠନ କରାଗଲା। ସଭାପତି ଭାବେ ଶୁଭେନ୍ଦୁ କୁମାର ରାୟ, କାର୍ଯ୍ୟକାରୀ ସଭାପତି ଗଙ୍ଗାଧର ପାଢୀ, ଉପସଭାପତି ଭାବେ ଉଦ୍ଧବ ଚରଣ ବିଶ୍ୱାଳ ଓ କାର୍ତ୍ତିକ ମହାପାତ୍ର, ସଂପାଦକ ଭାବେ ଅନିରୁଦ୍ଧ ରାଉତ, ସଂଗଠନ ସଂପାଦକ ବିଶ୍ୱନାଥ ଘୋଷ, ସହ ସଂପାଦକ ଭାବେ ଡ. ସତ୍ୟନାରାୟଣ ପଣ୍ଡା ଓ ପ୍ରଭାତ କୁମାର ପାକଳ, କୋଷାଧ୍ୟକ୍ଷ ଗୌରାଙ୍ଗ ମହାପାତ୍ର, କାର୍ଯ୍ୟକାରୀ ସଦସ୍ୟଭାବେ ପ୍ରଦୀପ କୁମାର ଦାଶ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ମନିନ୍ଦ୍ର କୁମାର ଦିକ୍ଷିତ, ଶ୍ରୀଧର ପ୍ରସାଦ ବେହେରା, ମହେଶ୍ୱର ବେହେରା, ଶ୍ରୀମନ୍ତ କୁମାର ପାତ୍ର, ରତ୍ନାକର ବାରିକ, ପ୍ରଦୀପ କୁମାର ବିଶ୍ୱାଳ, ଆଲୋକ ରାୟ, ରାଜେନ୍ଦ୍ର ରଣା, ଭଗବାନ ଲେଙ୍କା, ଭାସ୍କର ଚନ୍ଦ୍ର ନାୟକ, ଏହାଛଡ଼ା ଏକ ଉପଦେଷ୍ଟା କମିଟିର ସଦସ୍ୟଭାବେ ଯଥାକ୍ରମେ ବିଶ୍ୱମ୍ବର ଆଚାର୍ଯ୍ୟ, ସଂକର୍ଷଣ ନାୟକ, ଗୋଲକ ପାତ୍ର, କାର୍ତ୍ତିକଚନ୍ଦ୍ର ସିଂହ, ଶ୍ରୀକାନ୍ତ ଜେନା, ଜୟରାମ ଦାସଙ୍କୁ ମନୋନୀତ କରାଯାଇଛି। ଆଜିର ବୈଠକରେ ଉପସ୍ଥିତ ସଦସ୍ୟ ତଥା ସଂସଦର ସହ ସମ୍ପାଦକ ଡ. ସତ୍ୟନାରାୟଣ ପଣ୍ଡା ସୂଚନା ଦେଇଥିଲେ ଯେ, ସେ ଅଧ୍ୟକ୍ଷ ଥିବା କଟକ ସ୍ଥିତ ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନର ନୂତନକରି ନିର୍ମାଣ ହୋଇଥିବା ଏକ ପୁରୁଷ ଛାତ୍ରାବାସର ନାମକରଣ "କବିବର ପୁରୁଷ ଛାତ୍ରାବାସ' ନାମରେ ନାମିତ କରାଇଛନ୍ତି, ଏଥି ନିମନ୍ତେ ଅନୁଷ୍ଠାନ ତରଫରୁ ଉପସ୍ଥିତ ସମସ୍ତ ସଦସ୍ୟ ଉଚ୍ଚ ପ୍ରଶଂସା କରିଥିଲେ। ନବ ଗଠିତ କାର୍ଯ୍ୟକାରିଣୀର ସଦସ୍ୟମାନଙ୍କୁ ତଥା ଆଜିର ବୈଠକରେ ନୂତନ ଆଜୀବନ ସଦସ୍ୟଙ୍କୁ ଶୁଭେଚ୍ଛା ତଥା ସାଧୁବାଦ ଜଣାଇ ମହେଶ୍ୱର ବେହେରା ଧନ୍ୟବାଦ ଦେବା ପରେ ସଭାପତି ସଭା ସାଙ୍ଗ କରିଥିଲେ।

# ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ଶ୍ରଦ୍ଧାଞ୍ଜଳି ସଭା

ଜଳେଶ୍ୱର ବ୍ଲକ, ୨୩।୨ (ସମିସ) : ଖୁଆଡ ଗ୍ରାମ ସ୍ଥିତ ସ୍ୱର୍ଗତ ଚତୁର୍ଭୁଜ ଚକ୍ରବର୍ତ୍ତୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଉପଲକ୍ଷେ ପ୍ରତିମୂର୍ତ୍ତି ଉନ୍ମୋଚନ ତଥା ଶ୍ରଦ୍ଧାଞ୍ଜଳି ସଭା ଦିଲ୍ଲୀପ କୁମାର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ଆହ୍ୱାନ କରିଥିଲେ ଡ଼ାଇଁ ବିବେକ ରଂଜନ ପଣ୍ଡା। ଜ୍ୟେଷ୍ଠ ପୁତ୍ର ଆୟୁର୍ବେଦିକ ଡ଼ାକ୍ତର ଚନ୍ଦ୍ର ଶେଖର ଚକ୍ରବର୍ତ୍ତୀ, ମୁଖ୍ୟ ଅତିଥି



ଭାବରେ ଶିକ୍ଷାବିତ୍ ତଥା ପୂର୍ବତନ ପ୍ରଧାନ ଶିକ୍ଷକ ତଥା ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହ ଚେୟାରମେନ ଅଧ୍ୟକ୍ଷ ଶିକ୍ଷାବିତ୍ ଡ. ଅଜିତ କୁମାର ମହାନ୍ତିଙ୍କ ତଥା ଅନ୍ୟ ଅତିଥି ଦ୍ୱାରା ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସ୍ୱର୍ଗତ ଚତୁର୍ଭୁଜ ଚକ୍ରବର୍ତ୍ତୀ ୧୯୭୧ ମସିହାରୁ ୧୯୮୨ ମସିହା ପର୍ଯ୍ୟନ୍ତ ଜଳେଶ୍ୱର ପଞ୍ଚାୟତ ସମିତିର ଅଧ୍ୟକ୍ଷ ଥିଲେ। ମୁଖ୍ୟବକ୍ତା ଭାବରେ ପ୍ରାକ୍ତନ ବିଇଓ ଲଲାଟେନ୍ଦୁ କେଶରୀ ଜେନା, ସମ୍ମାନିତ ଅତିଥି ପ୍ରଦୀପ କୁମାର ମିଶ୍ର, ଅନ୍ୟତମ ଅତିଥି ଭାବରେ ଅଶ୍ରୁମୋଚନ ଘୋଷ, ଅଶ୍ୱିନୀ କୁମାର ପାଢ଼ୀ, ଅଞ୍ଜନ କୁମାର ଘୋଷ, ଗତିକୃଷ୍ଣ ଦଳେଇ, ଦୁର୍ଗା ଶଙ୍କର ଆଶ, ସର୍ବେଶ୍ୱର ଦାସ, ବୁବୁ ଚକ୍ରବର୍ତ୍ତୀ, ପଞ୍ଚାନନ ଜେନା, ଫଲ୍ଟୁ ଦାସ ଗଦାଧର ଚକ୍ରବର୍ତ୍ତୀଡ ସଞ୍ଜିତ ସାହୁ, ଡଃ ଅରୋବିନ୍ଦ ମିଶ୍ର, ଶ୍ରୀନାଥ ପାଢ଼ୀ, ମକରନ୍ଦ ନନ୍ଦୀ, ପ୍ରଜ୍ୱଳ ପାତ୍ର, ଗୋପୀନାଥ ସାହୁ, ରାମେଶ୍ୱର ପାତ୍ର, ଶିବ ଶଙ୍କର ସାହୁ, ଗୋବିନ୍ଦ ଚନ୍ଦ୍ର ସାହୁ, କେଦାର ଚନ୍ଦ୍ର ପାଲ, ସୁଜୟ କୁମାର ନନ୍ଦୀ, ସମୀର ନନ୍ଦୀ। ଧନ୍ୟବାଦ ଅର୍ପଣ କରିଥିଲେ ଜ୍ୟେଷ୍ଠ ପୁତ୍ର ଚନ୍ଦ୍ର ଶେଖର ଚକ୍ରବର୍ତ୍ତୀ।

# ହଟିଲା ପ୍ରତିବନ୍ଧକ; ଗୋଟିଏ ହେବ ମଇତାପୁର ମେଳଣ

ସିମୁଳିଆ, ୨୩।୨ (ସମିସ): ମଇତାପୁର ଦେଶ ମେଳଣ ୧୧୮ ବର୍ଷ ଧରି ଗୋଟିଏ ସ୍ଥାନ ରେ ହୋଇ ଆସୁଥିଲା। ୨୦୧୧ ମସିହାରେ ମଇତପୁର ଦେଶମେଳଣ ଦେବୋତ୍ତର ବିଭାଗକୁ ସରକାର ନେଇଥିଲେ। ସେବେଠାରୁ ଠାକୁର ବାଡ଼ିଆ ମଧ୍ୟରେ ମନୋମାଳିନ୍ୟ ହୋଇ ପୃଥକ ପୃଥକ ସ୍ଥାନରେ ମେଳଣ ହେଉଥିଲା। ଦେବୋତ୍ତର ବିଭାଗଦ୍ୱାରା ରାଧାକାନ୍ତ ଜୀଉ ମ୍ୟାନେଜିଙ୍ଗ ଟ୍ରଷ୍ଟି ହରିହର ମହାପାତ୍ର, ଦେଶ ମେଳଣର ପୂର୍ବତନ ସଭାପତି ବିଷ୍ଣୁ ମୋହନ ମହାନ୍ତିଙ୍କ ଉପରେ କେଶ କରିଥିଲେ। ଦୀର୍ଘ ୧୩ ବର୍ଷ ଧରି ଅଲଗା ମେଳଣ ହୋଇ ଆସୁଥିଲା। ଜନସାଧରଣ ବାରମ୍ବାର ମେଳଣ ଗୋଟିଏ ହେବା ପାଇଁ ଦାବିକରୀ ଆସୁଥିଲେ। ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମେଳଣ ଏକାଠି କରିବା ନିମନ୍ତେ ଉଭୟଙ୍କୁ ବୈଠକ କରି ରାଜି କରାଇଥିଲେ। ଗତବର୍ଷ ସର୍ବସାଧାରଣ ସଭାରେ ମେଳଣ ପାଇଁ ଚାଲୁଥିବା ମକଦ୍ଦମା ଉଠାଇ ଦେବାକୁ ଗ୍ରାମବାସୀ, ଠାକୁର ବାଡିଆ, ଦେବୋତ୍ତର ଟ୍ରଷ୍ଟର ସଦସ୍ୟ ଅମରେଶ ବେହେରା ପ୍ରମୁଖ ପୂର୍ବତନ ଜିଲ୍ଲାଜଜ ତଥା ହରିହର ମହାପାତ୍ରଙ୍କ ପୁତ୍ର ରତିକାନ୍ତ ମହାପାତ୍ର ଙ୍କୁ ଅନୁରୋଧ କରିଥିଲେ। ଚଳିତ ବର୍ଷ ମେଳଣ ପୂର୍ବରୁ ପୁରାତନ ଓ ଐତିହାସିକ ମେଳଣକୁ ଏକାଠି କରିବା ନିମନ୍ତେ ସମସ୍ତ ମକଦମା ଉଠାଇଦେବାକୁ ପ୍ରତିଶୃତି ଦେଇଥିଲେ। ଗତକାଲି ଉକ୍ତ କେଶଟି ଖାରଜ ହେବା ସହିତ ବିଷ୍ଣୁ ମୋହନ ମହାନ୍ତିଙ୍କୁ କୋର୍ଟ ନିର୍ଦୋଷରେ ଖଲାସ କରିଛନ୍ତି। ମେଳଣ ଏକାଠି ହେବାର ସମସ୍ତ ପ୍ରତିବନ୍ଧକ ହଟି ଯାଇଛି ବୋଲି ଅମରେଶ ବେହେରା ପ୍ରକାଶ କରିଥିଲେ। ଗତ ବର୍ଷ କଥା ଦେଇଥିଲେ ଏ ବର୍ଷ ମେଳଣ ପୂର୍ବରୁ ଉକ୍ତ କେଶ ଟିକୁ ସମାପ୍ତ କରାଯାଇଛି। ମେଳଣ ଏକାଠି ଗୋଟିଏ କରାଯିବାର ପ୍ରତିଶୃତିକୁ ସିମୁଳିଆ ଖଇରା ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ହସ୍ତକ୍ଷେପ ଯୋଗୁଁ ପୂରଣ ହୋଇପାରିଛି। ଟ୍ରଷ୍ଟିର ସଦସ୍ୟ ଅମରେଶ ବେହେରା ପ୍ରେସ ରିଲିଜ ଜରିଆରେ ପ୍ରକାଶ କରିବା ସହିତ ଦେଇଥିବା ପ୍ରତିଶୃତି ପୂରଣ କରି ମେଳଣ ପୂର୍ବରୁ ସମସ୍ତ ପ୍ରତିବନ୍ଧକ ହଟାଇ ଦେଇଥିବାରୁ ପୂର୍ବତନ ଜିଲ୍ଲା ଜଜ ରତିକାନ୍ତ ମହାପାତ୍ରଙ୍କୁ ଧନ୍ୟବାଦ ଜଣାଇଥିଲେ। ପ୍ରତି ବର୍ଷ ଭଳି ଏ ବର୍ଷ ଶାନ୍ତି ଶୃଙ୍ଖଳାରେ ମଇତାପୁର ଦେଶ ମେଳଣ ତଥା ଦେବତ୍ତର ଟ୍ରଷ୍ଟି ମେଳଣ ସମାପନ ହେବାର ପ୍ରତିଶୃତି ଦେଇଛନ୍ତି।

# ସାର୍ବଜନୀନ ମା' କାଳୀପୂଜା ଓ ମେଳା ପାଇଁ ଖପରାପଦା ଚଳଚଞ୍ଚଳ





କାଳିପଦା, ୨୩।୨ (ସମିସ): ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତର ଖପରାପଦା ସାର୍ବଜନୀନ ମା' କାଳୀ ପୂଜା ଓ ଗ୍ରାମୀଣ ମେଳା ପାଇଁ ଏବେ ଚଳ ଚଞ୍ଚଳ ହୋଇ ଉଠିଛି। ଆସନ୍ତା କାଲି ଅଷ୍ଟମୀ ତିଥିରେ କାଳୀଙ୍କ ପୂଜା ଅନୁଷ୍ଠିତ ହେବ। ମେଳା ଅଷ୍ଟମୀରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ବସିବ। ପୂଜା ଓ ମେଳା ପାଇଁ ଏବେ ସାଜ ସଜ୍ଜା ଅନ୍ତିମ ପର୍ଯ୍ୟାୟରେ ପହଂଚି ଥିବା ବେଳେ ମେଳା ପାଇଁ ମୀନା ବଜାର ବସିଗଲାଣି। ମେଳା ଅବସରରେ କ୍ରୀଡା ପ୍ରତିଯୋଗିତା, ମେଲୋଡି, ଯାତ୍ରା ଅଭିନୟ ଓ ମହୋତ୍ସବ ଆଦି କାର୍ଯ୍ୟକ୍ରମ ହେବ ବୋଲି ଚଳିତ ବର୍ଷ ପୂଜା ଓ ମେଳା କମିଟିର ସଭାପତି ଶୁଭେନ୍ଦୁ କୁମାର ଜେନା, ପ୍ରଶାନ୍ତ କୁମାର ବେହେରା, ବିକ୍ରମ ଜୀତ ପ୍ରଧାନ, ସଂକଳ୍ପ କୁମାର ଜେନା, ଗୋପ ନାରାୟଣ ଜେନା, ଅନନ୍ତ କୁମାର ଦାସ, ଚନ୍ଦନ କୁମାର ରାଜ, ରାଧା କୃଷ୍ଣ ଦାସ, ଜ୍ୟୋତି ସାଗର ବେହେରା, କମଳା କାନ୍ତ ଜେନା ପ୍ରମୁଖ କହିଛନ୍ତି। ପ୍ରାୟ ୯୦ ବର୍ଷ ତଳେ ଆଖ ପାଖ ଗ୍ରାମର କେତେକ ବୃଦ୍ଧ ଲୋକ ଶ୍ରୀରାମପୁର ଗ୍ରାମର ସ୍ୱର୍ଗତ ଗିରିଧାରୀ ପାତ୍ରଙ୍କର ସ୍ୱପ୍ନା ଦେଶକୁ ସତ୍ୟ ମନେ କରି ଏହିଠାରେ ମା' କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ତିଆରି କରି ପୂଜା ଓ ମେଳା ଆରମ୍ଭ କରିଥିଲେ। ଏଥିରେ ସ୍ୱର୍ଗତ ଗିରିଧାରୀ ସାହୁ, ମଧୁସୂଦନ ବେହେରା, ଶିବ ପ୍ରସାଦ ସାହୁ, ମୂରଲୀ ଧର ସାହୁ, ସୃଷ୍ଟିଧର ଦେ, ଅଗଣି ଚରଣ ଦେ ପ୍ରମୁଖ ସାମିଲ ହୋଇ ଥିଲେ। ୨୦୦୮ ମସିହାରେ ସ୍ୱର୍ଗତ ରାଜ ନେତା ବଳରାମ ସାହୁଙ୍କ ଉଦ୍ୟମରେ ଖପରାପଦା ବଜାର ଯାତ୍ରୀ ବିଶ୍ରାମ ଗାରକୁ ମନ୍ଦିର ସଦୃଶ କରି ମୁଗୁନି ପଥରରେ କାଳୀ ମୂର୍ତ୍ତି ଅଣାଯାଇ ପ୍ରତିଷ୍ଠା କରାଗଲା। ସ୍ୱର୍ଗତ ଶ୍ରୀମନ୍ତ ସାହୁ ଓ ତାଙ୍କ ଧର୍ମପତ୍ନୀ ଅଭୟା ଦେବୀ ମୂର୍ତ୍ତି ପାଇଁ ଅର୍ଥ ଯୋଗାଇ ଦେଇଥିଲେ। ମା କାଳୀଙ୍କ ପ୍ରଥମ ପୂଜକ ହେଉଛନ୍ତି ରେମୁ ଗ୍ରାମର ସ୍ୱର୍ଗତ ଅନିରୁଦ୍ଧ ମିଶ୍ର, ତାଙ୍କ ପରେ ସୁରେନ୍ଦ୍ର ମିଶ୍ର ଓ ଏବେ ସୁଧୀର କୁମାର ମିଶ୍ର ମା କାଳୀ ଙ୍କର ସମସ୍ତ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ବଳରାମ ସାହୁଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁଁ ତାଙ୍କ ସମୟରେ ମା କାଳୀ ପୂଜା ଓ ମେଳା ଖୁବ ଧୂମ ଧାମରେ ହେଉଥିଲା। ପ୍ରହ୍ଲାଦ ଚରଣ ଜେନା, ମହେଶ୍ୱର ପାତ୍ର, ଏବେର ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ ପ୍ରମୁଖ ବଳରାମ ସାହୁଙ୍କୁ ପୂର୍ଣ୍ଣ ପ୍ରାଣରେ ସହଯୋଗ କରୁ ଥିଲେ। ବଳରାମ ସାହୁଙ୍କ ଆକସ୍ମିକ ମୃତ୍ୟୁ ହେବାରୁ ପୂଜା ଓ ମେଳା କିଛି ମାତ୍ରାରେ ଧିମେଇ ଯାଇଥିଲା। ଚଳିତ ବର୍ଷ ପୂଜା ଓ ମେଳା ପାଇଁ ନୂଆ କମିଟି ଗଠନ ହୋଇ ଥିବା ବେଳେ ସମସ୍ତ କାର୍ଯ୍ୟ ଧୂମ ଧାମରେ ହେଉଥିବା ଆଶା କରାଯାଏ।

### ଟିପିଏନ୍‌ଓଡିଏଲ୍ ପକ୍ଷରୁ ଗ୍ରୀଷ୍ମକାଳୀନ ବିଦ୍ୟୁତ୍ ଯୋଗାଣ ନେଇ ପ୍ରସ୍ତୁତି

# ସକ୍ରିୟ ପ୍ରସ୍ତୁତି; ପରିଚାଳନା ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ଜାରି

ବାଲେଶ୍ୱର,୨୩।୨(ସମିସ)



ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନ୍‌ଓଡିଏଲ) ପକ୍ଷରୁ ଗ୍ରୀଷ୍ମ ଋତୁରେ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ଓ ଶିଖର ଚାହିଦାର ଦକ୍ଷ ପରିଚାଳନା ନିମନ୍ତେ ପ୍ରସ୍ତୁତି ଜାରି ରହିଛି। ବିଗତ ବର୍ଷର ଧାରାକୁ ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାରେ ଚଳିତ ବର୍ଷ ବିଦ୍ୟୁତ ଶିଖର ଚାହିଦା ପ୍ରାୟତଃ ୧,୫୫୫ ମେଗାୱାଟ୍ ରହିବ ବୋଲି କମ୍ପାନୀ ପକ୍ଷରୁ ଆକଳନ କରାଯାଇଥିବାବେଳେ ଉପଭୋକ୍ତାଙ୍କୁ ଖରାଦିନେ ଗୁଣାତ୍ମକ ଓ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ନେଇ କମ୍ପାନୀ ପକ୍ଷରୁ ପ୍ରତିଷେଧମୂଳକ ରକ୍ଷଣାବେକ୍ଷଣ, ଅତ୍ୟାଧୁନିକ ପ୍ରଯୁକ୍ତି ବ୍ୟବହାର ଓ ଗ୍ରାହକ ସୁରକ୍ଷା କ୍ଷେତ୍ରରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଛି। ବିଦ୍ୟୁତ୍ ବ୍ୟବସ୍ଥା ସ୍ଥିତିକୁ ଯାଞ୍ଚ କରିବା ଓ ତାହାର ସମୟୋଚିତ ସମାଧାନ କରିବା ପାଇଁ କମ୍ପାନି ପକ୍ଷରୁ ଇନଫ୍ରାରେଡ୍ କ୍ୟାମେରା, ଡ୍ରୋନ୍ ଆଧାରିତ ଅଡିଟ୍ ଓ ଅଲଟ୍ରାସାଉଣ୍ଡ ସ୍କାନିଂ ପ୍ରଭୃତି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରାଯାଉଛି। ନିରବଚ୍ଛିନ୍ନ ପରିଚାଳନା ଓ ସସମୟରେ ମରାମତିକୁ ନିଶ୍ଚିତ କରିବା ପାଇଁ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ଅନ୍ତର୍ଗତ ୭୦୦୦ରୁ ଅଧିକ ବିଦ୍ୟୁତ କର୍ମଚାରୀ ସବଷ୍ଟେସନ, ବିଦ୍ୟୁତ ନେଟୱର୍କ ଓ ବିତରଣ ଭିତ୍ତିଭୂମିକୁ ନିରୀକ୍ଷଣ ଜାରି ରଖିଛନ୍ତି। ବିଦ୍ୟୁତ୍ ଯୋଗାଣ ସ୍ଥିତିର ବାସ୍ତବ ସମୟ ନିରୀକ୍ଷଣ ତଥା ବିଭ୍ରାଟ ସମୟରେ ତ୍ୱରିତ ପଦକ୍ଷେପ ପାଇଁ ଟିପିଏନ୍‌ଓଡିଏଲ୍ ପକ୍ଷରୁ ଏକ ୨୪ ଘଣ୍ଟିଆ ପାୱାର ସିଷ୍ଟମ କଣ୍ଟ୍ରୋଲ ରୁମ୍ ମଧ୍ୟ ସ୍ଥାପନ ହୋଇଛି, ଯାହାକି ଡିଭିଜନ ଓ ସର୍କଲ୍ ସ୍ତରରେ ଥିବା ସାଟେଲାଇଟ୍ କଂଟ୍ରୋଲ ରୁମ୍ ସହିତ ସଂଯୋଗ କରାଯାଇଛି। ଡାକ୍ତରଖାନା, ଜନ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲ୍ଲା ମୁଖ୍ୟାଳୟ ଭଳି ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସ୍ଥିତିକୁ ସୁନିଶ୍ଚିତ କରିବା ତଥା ଅଗ୍ରାଧିକାର ଭିତ୍ତିରେ ବିଦ୍ୟୁତ୍ ବିଭ୍ରାଟକୁ ସ୍ୱାଭାବିକ କରିବା ଉପରେ ବିଶେଷ ଧ୍ୟାନ ଦିଆଯାଉଥିବା ବେଳେ ବିଦ୍ୟୁତ ଅଧିକାରୀମାନେ ସୁରକ୍ଷା ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ଆଧିକାରିକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହା ସହିତ ଅସମୟ ବିଦ୍ୟୁତ୍ ବିଭ୍ରାଟ ହ୍ରାସ କରିବା ନେଇ ଟିପିଏନ୍‌ଓଡିଏଲ ଦ୍ୱାରା ବିଦ୍ୟୁତ୍ ନେଟ୍‌ୱର୍କରେ ବ୍ୟାପକ ରୂପାନ୍ତରଣ କାର୍ଯ୍ୟ ଜାରି ରହିଛି। ଏ ଦିଗରେ ୭୨୪.୨ ସର୍କିଟ କିଲୋମିଟରର ୧୧ କେଭି ଓ ୨୨୨.୭ ସର୍କିଟ କିଲୋମିଟରର ୩୩ କେଭି କଣ୍ଡକ୍ଟରର ଉନ୍ନତିକରଣ, ଖୋଲା କଣ୍ଡକ୍ଟରଗୁଡ଼ିକୁ ଏବି କେବୁଲରେ ପରିବର୍ତ୍ତନ, ବିତରଣ ଟ୍ରାନ୍ସଫର୍ମରର ଉନ୍ନତିକରଣ ଓ ଉପକୂଳ ଅଞ୍ଚଳରେ ବାତ୍ୟା ପ୍ରତିରୋଧୀ ସ୍ପନ କଂକ୍ରିଟ ବିଦ୍ୟୁତ ଖୁଣ୍ଟର ସ୍ଥାପନା ପ୍ରମୁଖ ଅନ୍ତର୍ଭୁକ୍ତ। ଓଭରହେଡ ଫଲ୍ଟ ପାସେଜ୍ ଇଣ୍ଡିକେଟର୍ ଶୀଘ୍ର ତ୍ରୁଟି ଚିହ୍ନଟ ଏବଂ ପୁନରୁଦ୍ଧାର କରିବାରେ ସହାୟକ ହେଉଥିବାରୁ ବିଦ୍ୟୁତ ବିଭ୍ରାଟ ସୁଧାର ସମୟ ହ୍ରାସ ପାଇବା ନେଇ ଉପଭୋକ୍ତା ଆଶାବାନ୍ ରହିଛନ୍ତି। ଗ୍ରୀଷ୍ମ ଋତୁ ଆସିବା ପୂର୍ବରୁ ଟିପିଏନଓଡିଏଲ ପକ୍ଷରୁ ବିଦ୍ୟୁତ ଭିତ୍ତିଭୂମିକୁ ପ୍ରଭାବିତ କରୁଥିବା ଗଛ କଟା, ନେଟ୍‌ୱର୍କ ସ୍ଥାୟିତ୍ୱ ନେଇ ଭୂତଳ କେବୁଲଗୁଡ଼ିକର କାର୍ଯ୍ୟାନ୍ୱୟନ, ପାୱାର ଟ୍ରାନ୍ସଫର୍ମରର ସ୍ୱାସ୍ଥ୍ୟ ସୂଚକାଙ୍କ ନିରୀକ୍ଷଣ, ଅନ୍-ସାଇଟ୍ ଓଭରହାଲିଂ ତଥା ଭଦ୍ରକ, ଯାଜପୁର, କେଉଁଝର ଓ ବାରିପଦାରେ ସ୍କାଡା ଆଧାରିତ ନିରୀକ୍ଷଣ କେନ୍ଦ୍ର ପ୍ରଭୃତି ବୈଷୟିକ ଜ୍ଞାନକୌଶଳଯୁକ୍ତ ପଦକ୍ଷେପ ହାତକୁ ନିଆଯାଇଛି ଓ ଓଡ଼ିଶା ବିତରଣ ବ୍ୟବସାୟ ମୁଖ୍ୟ ତଥା ଟିପିଏନଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ କାଲେ କହିଛନ୍ତି ଯେ, ଚଳିତ ଗ୍ରୀଷ୍ମ ଋତୁ ପାଇଁ କମ୍ପାନୀ ପକ୍ଷରୁ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ଏବଂ ଉତ୍ସର୍ଗୀକୃତ ବିଦ୍ୟୁତ ଅଧିକାରୀଙ୍କୁ ନେଇ କମ୍ପାନି ବହୁବିଧ ସକ୍ରିୟ ପଦକ୍ଷେପ ଏବଂ ପ୍ରସ୍ତୁତିକାର୍ଯ୍ୟ ଜାରି ରଖିଛି ଓ ଏହା ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣରେ ସହାୟକ ହେବା ସହିତ ପରିଚାଳନା ଉତ୍କର୍ଷତା ତଥା ଉପଭୋକ୍ତା ସୁରକ୍ଷା ଦିଗରେ ବିଶେଷ ଫଳପ୍ରଦ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ଓ ଉତ୍ତର ଓଡିଶାରେ ବିଦ୍ୟୁତ ବିତରଣ କାର୍ଯ୍ୟ ହାତକୁ ନେବା ପଶ୍ଚାତ ଉପଭୋକ୍ତମାନଙ୍କୁ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ସହ ବିତରଣ ଜନିତ ସେବା ଦିଗରେ ଟିପିଏନଓଡିଏଲ ବହୁବିଧ ପଦକ୍ଷେପ ହାତକୁ ନେଇଛି ଏବଂ ଅଞ୍ଚଳରେ ବିଦ୍ୟୁତ ବିତରଣ ସେବାରେ ରୂପାନ୍ତରଣ ଆଣିପାରିଛି।

# ପୋଖରୀରୁ ମହିଳାଙ୍କ ଗଳିତ ଶବ ଉଦ୍ଧାର

ରାଜଘାଟ, ୨୩।୨ (ସମିସ): ବସ୍ତା ଥାନା ୧୬ ନମ୍ବର ଜାତୀୟ ରାଜପଥ ର ଇନ୍ଦିରାଛକ ନିକଟସ୍ଥ ଏକ ପୋଖରୀରୁ ଜଣେ ଅଜଣା ମହିଳାଙ୍କ ଗଳିତ ମୃତ ଦେହ ଉଦ୍ଧାର ହୋଇଛି। ଆଜି ସକାଳ ସମୟରେ ପଞ୍ଚାନନ ଦାସ ଏବଂ ତାଙ୍କର ସହଯୋଗୀ ମାନେ ଏକ ପରିତ୍ୟକ୍ତ ପୋଖରୀରୁ ମାଛ ଧରିବା ଉଦ୍ଦେଶ୍ୟରେ ପାଣି ନିଷ୍କାସନ କରିଥିଲେ। ତେବେ ଦ୍ୱିପହର ସମୟରେ ପୋଖରୀରୁ ପାଣି ଶୁଖିଯିବା ପରେ ମୁହଁ ବନ୍ଦ ଥିବା ଏକ ଅଖା ପଡ଼ିଥିବା ଦେଖିଥିଲେ। ଅଖାର ମୁହଁକୁ ଖୋଲିବା ପରେ ଅଖା ଭିତରେ ଜଣେ ମହିଳାଙ୍କ ଗଳିତ ଶବ ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଅଖା ସହ ଶବକୁ ଜବତ କରିଥିବା ବେଳେ ସାଇଣ୍ଟିଫିକ ଟିମ ସହ ତଦନ୍ତ ଜାରି ରଖିଛି।

# ନୀଳଗିରି ତିନିକୋଶିଆ ସଂରକ୍ଷିତ ଜଙ୍ଗଲରେ ନିଆଁ

ନୀଳଗିରି, ୨୩।୨ (ସମିସ): ବାଲେଶ୍ୱର ଜିଲା ନୀଳଗିରିସ୍ଥିତ ତିନିକୋଶିଆ ସଂରକ୍ଷିତ ଜଙ୍ଗଲର ଦୁଇଟି ସ୍ଥାନରେ ଲାଗିଥିଲା ନିଆଁ, ଏହି ନିଆଁ ଲାଗି ବହୁ ବୃକ୍ଷଲତା, କୀଟପତଙ୍ଗ ଓ ବନୌଷଧି ଭସ୍ମୀଭୂତ ହୋଇଯାଇଛି। ପବନର ବେଗ ବଢିବା ସହ ବ୍ୟାପିବାରେ ଲାଗିଥିଲା ନିଆଁ। ନିଆଁର ପ୍ରଖର ଏତେ ଜୋର ରହି ଥିଲା କି ଆଖି ପିଛୁଳାକେ ଆଗକୁ ଆଗକୁ ମାଡି ଯାଇଥିଲା ନିଆଁ। ତୃଣଭୋଜୀ ପ୍ରାଣୀମାନେ ବିଶେଷ ପ୍ରଭାବିତ ହେବା ସହ ସଂଲଗ୍ନ ଗାଁ ପ୍ରତି ବିପଦ ଆଶଙ୍କା ଦେଖାଦେଇଥିଲା। ସୂଚନାଯୋଗ୍ୟ, ସୋମବାର ଅପରାହ୍ନ ପ୍ରାୟ ୧ଟା ସମୟରେ ତିନିକୋଶିଆ ସଂରକ୍ଷିତ ଜଙ୍ଗଲ ଅଧିନ ସଜନାଗଡ ପଞ୍ଚାୟତ ନୂଆସାହି ନିକଟ ଜଙ୍ଗଲରେ ଏବଂ ଜାମୁଡହା ପଞ୍ଚାୟତ ସାତରାଣ୍ଡ ନିକଟ ଜଙ୍ଗଲରେ ହୁତୁହୁତୁ ହୋଇ ଜଳୁଥିବାର ଦେଖିବାକୁ ମିଳିଥିଲା। ଫଳରେ ଜଙ୍ଗଲର ପାଖରେ ଥିବା ଅଞ୍ଚଳବାସୀ ଭୟଭୀତ ହୋଇ ପଡ଼ିଲେ। ଖବର ପାଇ ନୀଳଗିରି ବନ ବିଭାଗର ବନ କର୍ମଚାରୀ ଦୁଇଟି ସ୍ଥାନରେ ପହଞ୍ଚି ବ୍ଲୋୟର୍ ଦ୍ୱାରା ନିଆଁ ଲିଭାଇବାରେ ସଫଳ ହୋଇଥିଲେ।



ଆୟତ୍ତ କଲା ବନବିଭାଗ

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଯାନବାହନ କିଣିବେ। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ ମତ ଭେଦ ହୋଇପାରେ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

## ଆଜିର ଇତିହାସ

- ୧୮୨୨- ଅହମ୍ମଦାବାଦରେ ସ୍ୱାମୀ ନାରାୟଣ ମନ୍ଦିରର ଉଦ୍‌ଘାଟନ ହେଲା।
- ୧୯୨୪- ଭଏସ୍ ଅଫ୍ ଆମେରିକାର ପ୍ରସାରଣ ଆରମ୍ଭ ହେଲା।
- ୧୯୬୯- ମାଡ୍ରାସ୍ ସରକାର ରାଜ୍ୟର ନାମ ବଦଳାଇ ତାମିଲନାଡୁ ରଖିଲେ।
- ୧୯୭୯ - ଉତ୍ତର ଓ ଦକ୍ଷିଣ ୟେମେନ ମଧ୍ୟରେ ଯୁଦ୍ଧ ଆରମ୍ଭ।

## ପିଲାଙ୍କୁ ସୁରକ୍ଷା ଦେବ ସ୍ମାର୍ଟ ଜୋତା




ଡିଜିଟାଲ ଯୁଗରେ ଏବେ ଯେଉଁଠି ପ୍ରତ୍ୟେକ ଜିନିଷ ସ୍ମାର୍ଟ ହେଲାଣି ସେଠାରେ ପିଲାଙ୍କ ଜୋତା ବି ଟେକ୍ନୋଲୋଜି ସହିତ ଜଡ଼ିତ ହେଲାଣି। ଏହି କ୍ରମରେ ଜୟପୁରର 'ଷ୍ଟେପ୍‌ହ୍ୱେୟାର' କମ୍ପାନି ୫-୧୫ ବର୍ଷ ବୟସର ପିଲାଙ୍କ ଲାଗି ଏକ ଏଆଇ ଯୁକ୍ତ ସ୍ମାର୍ଟ ଜୋତା ତିଆରି କରିଛି। ଏହି ଜୋତାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ପିଲାଙ୍କ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା। ଆଜିକାଲି ବାପାମାଆ ଉଭୟ କର୍ମଜୀବୀ ହୋଇଥିବାରୁ ପିଲାମାନେ ସ୍କୁଲ, ଟ୍ୟୁସନ କିମ୍ବା ଖେଳିବା ପାଇଁ ବାହାରକୁ ଗଲାବେଳେ ସେମାନେ କେଉଁଠି ଅଛନ୍ତି ତାହା ଜାଣିବା କଷ୍ଟକର ହୋଇଥାଏ। ଏଥିପାଇଁ ଅଭିଭାବକମାନେ ଚିନ୍ତାରେ ରୁହନ୍ତି। ଏହାକୁ ଦୃଷ୍ଟିରେ ରଖି ଏହି ସ୍ମାର୍ଟ ଜୋତାକୁ ଡିଜାଇନ୍ କରାଯାଇଛି। ଏହି ଜୋତା ଲୋକେସନ୍ ଟ୍ରାକିଂର ସୁବିଧା ପ୍ରଦାନ କରେ। ଫଳରେ ବାପାମାଆମାନେ ପିଲାଙ୍କ ଲାଇଭ୍ ଲୋକେସନ୍‌କୁ ପ୍ରତି ସମୟରେ ଫୋନ୍‌ରେ ଦେଖିପାରିବେ। ଫଳରେ ସେମାନଙ୍କ ପିଲା ସୁରକ୍ଷିତ ଅଛି ବୋଲି ଆଶ୍ୱସ୍ତ ହୋଇପାରିବେ। ସେହିପରି ଜୋତା ଭିତରେ ଏକ ଜିପିଏସ୍ ଟ୍ରାକର୍ ଲାଗିଛି। ଯାହାକି ଲଗାତାର ଲୋକେସନ୍‌କୁ ଅପଡେଟ୍ କରିଥାଏ। ସେହିପରି ପିଲାଟି ଯଦି ନିର୍ଦ୍ଦିଷ୍ଟ ସୁରକ୍ଷିତ ସ୍ଥାନରୁ ବାହାରକୁ ଯାଏ, ତେବେ ସେମାନଙ୍କ ବାପାମାଆଙ୍କ ମୋବାଇଲରେ ଆଲର୍ଟ ପହଞ୍ଚି ଥାଏ। ଏହି ଆଲର୍ଟ ନୋଟିଫିକେସନ୍ ଭାବେ ଆସିଥାଏ। ଏହି ଜୋତାକୁ ଏକ ବିଶେଷ ମୋବାଇଲ ଆପ୍‌ରେ ଯୋଡ଼ା ଯାଏ। ଯାହାକି ଆଇଓଏସ୍ ଏବଂ ଆଣ୍ଡ୍ରଏଡ୍ ପ୍ଲାଟଫର୍ମରେ ଉପଲବ୍ଧ। ଆପ୍ ମାଧ୍ୟମରେ କେବଳ ଲାଇଭ୍ ଲୋକେସନ ନୁହେଁ, ବରଂ ଲୋକେସନ ହିଷ୍ଟ୍ରି ମଧ୍ୟ ଜାଣି ପାରିବେ। ଏହାଦ୍ୱାରା ପିଲାଟି ଦିନ ତମାମ କେଉଁ ଆଡ଼େ ଯାଇଛି ଅଭିଭାବକ ଜାଣିପାରିବେ। କେବଳ ସୁରକ୍ଷା ନୁହେଁ, ଏହା ପିଲାଙ୍କ ଫିଟ୍‌ନେସ୍ ଉପରେ ବି ଧ୍ୟାନ ଦେବ। ଏଥିରେ ଏକ ଷ୍ଟେପ୍ କାଉଣ୍ଟର ରହିଛି। ପିଲା କେତେ ପାଦ ପ୍ରତିଦିନ ଚାଲୁଛି, ସେକଥା ଏହା ଜଣାଏ। ଏହା ଏକ ଚମଡ଼ା ଜୋତା ହୋଇଥିବା ବେଳେ ଏହାର ଷ୍ଟାଇଲ ବୋଟ୍ ଜୋତା ଭଳି। ଏହା ଜଳ ପ୍ରତିରୋଧୀ ହୋଇଥିବାରୁ ଓଦା ହେଲେ ବି ନଷ୍ଟ ହେବ ନାହିଁ। ଏହା ହାଲୁକା ଓ ମଜଭୁତ। ଏହାର ଓଜନ ୫୦୦ ଗ୍ରାମ୍। ଅନ୍ୟପଟେ ଜୟପୁରରେ ଏହାର ନିର୍ମାଣ ଏବଂ ପ୍ୟାକିଂ କାମ କରାଯାଉଛି।

## 'କକ୍‌ଟେଲ୍ ୨'ର କାହାଣୀ ଲିକ୍

ବଲିଉଡ୍‌ରେ ଏବେ ସିକ୍ୱେଲ ଫିଲ୍ମର ଟ୍ରେଣ୍ଡ ଚାଲିଛି। ଏହି ତାଲିକାରେ 'କକ୍‌ଟେଲ୍ ୨' ମଧ୍ୟ ରହିଛି। ଏଥିରେ ଶାହିଦ୍ କପୁର, ରଶ୍ମିକା ମନ୍ଦାନା ଓ କ୍ରିତି ସାନନ୍ ଲିଡ୍ ରୋଲରେ ନଜର ଆସିବେ। ପୂର୍ବରୁ ଏହାର ସୁଟିଂସେଟ୍‌ରୁ ଅନେକ ଭିଡିଓ ଭାଇରାଲ ହୋଇଛି। ଏବେ ପୁଣିଥରେ ଏହି ଫିଲ୍ମ ଚର୍ଚ୍ଚାକୁ ଆସିଛି। ଏବେ 'କକ୍‌ଟେଲ୍ ୨' ଚର୍ଚ୍ଚାକୁ ଆସିବାର କାରଣ ଏହାର କାହାଣୀ ଲିକ୍ ହୋଇଛି।



ଏଥିରେ ରଶ୍ମିକା ଓ କ୍ରିତି କେଉଁ ଭୂମିକାରେ ଦେଖାଯିବେ ତାହା ଜଣା ପଡ଼ିଯାଇଛି। ମୂଳ ଫିଲ୍ମକୁ ଦେଖି ଦର୍ଶକେ ଶାହିଦ୍, ରଶ୍ମିକା କିମ୍ବା କ୍ରିତିଙ୍କ ସହ ପ୍ରେମ ସମ୍ପର୍କରେ ଥିବେ ବୋଲି ଦର୍ଶକେ ଅନୁମାନ କରୁଥିଲେ। ହେଲେ ଏଥର କାହାଣୀରେ ଟ୍ୱିଷ୍ଟ ଅଣାଯାଇଛି। ଏଥିରେ ରଶ୍ମିକା ଓ କ୍ରିତି ସମଲିଙ୍ଗୀ ହୋଇଥିବାର ଦେଖାଯିବେ। ଏମାନଙ୍କର ଏହି ସମ୍ପର୍କ ମଧ୍ୟରେ ଶାହିଦ୍ ଥାର୍ଡ ଆଙ୍ଗେଲ ଭାବେ ଦେଖାଯିବେ। ଆଧୁନିକ ସମ୍ପର୍କ ଉପରେ ଫିଲ୍ମର କାହାଣୀ ପର୍ଯ୍ୟବସିତ ହୋଇଥିବା ଚର୍ଚ୍ଚା ହେଉଛି। ଏହାର ପ୍ରଯୋଜନା ଦାୟିତ୍ୱରେ ଦିନେଶ ବିଜାନ୍‌ଙ୍କର ମ୍ୟାଡକକ୍ ଫିଲ୍ମସ୍ ରହିଛି। ଲଭ୍ ରଞ୍ଜନ ଏହାର କାହାଣୀ ଲେଖିଛନ୍ତି। ଏଯାବତ୍ ଏହାର ରିଲିଜ୍ ଡେଟ୍ ସାମ୍ନାକୁ ଆସିନାହିଁ। ଏଠାରେ ପ୍ରକାଶ ଥାଉ କି, ୨୦୧୨ ମସିହାରେ 'କକ୍‌ଟେଲ୍' ଫିଲ୍ମ ଆସିଥିଲା। ଏହା ଏକ ରୋମାଣ୍ଟିକ୍ କମେଡି ଫିଲ୍ମ ଥିଲା। ଏଥିରେ ସୈଫ୍ ଅଲ୍ଲୀ ଖାନ୍, ଦୀପିକା ପାଦୁ୍ୟକୋନ୍ ଓ ଡାଏନା ପେଣ୍ଟି ଲିଡ୍ ରୋଲରେ ନଜର ଆସିଥିଲେ।

## ବାଘ ଭୟ
## ପାଠ ପଢ଼ିବା ପାଇଁ ପିଲାଙ୍କୁ ସୁରକ୍ଷା ଦେଉଛନ୍ତି ମହିଳା

ବାଘକୁ ଦେଖିଲେ ଯେକେହି ଛାନିଆ ହୋଇଯିବା ସ୍ୱାଭାବିକ। ବାଘ କବଳରୁ ଖସିଯିବା ନୂଆ ଜୀବନ ପାଇବା ସଙ୍ଗେ ସମାନ। ତେଣୁ ବାଘର ସାମ୍ନାସାମ୍ନି ହେବା ତ ଦୂରର କଥା, ତା' ଆଖପାଖରେ ଯିବାକୁ ବି ଲୋକେ ଭୟ କରନ୍ତି। ମହାରାଷ୍ଟ୍ର, ଚନ୍ଦ୍ରପୁର ଜିଲ୍ଲା ସୀତାରାମ ପେଟ ଗାଁର ଲୋକେ ସବୁବେଳେ ବାଘକୁ ନେଇ ଆତଙ୍କିତ ଥାଆନ୍ତି। କାରଣ ଏହି ଗାଁଟି ତାଡୋବା ବ୍ୟାଘ୍ର ଅଭୟାରଣ୍ୟ ନିକଟରେ ରହିଛି। ଏହି ଅଭୟାରଣ୍ୟରେ ସମୁଦାୟ ୧୨୦ଟି ବାଘ ଅଛନ୍ତି। ଗାଁ ଚାରିପାଖେ ତାର ବାଡ଼ ଲାଗିଛି। ହେଲେବି ଏଠାରେ ମଝିରେ ମଝିରେ ଗ୍ରାମବାସୀମାନଙ୍କ ଉପରେ ବାଘ ଆକ୍ରମଣ ହୋଇଥାଏ।

ଗାଁଠାରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ୪୦୦ ମିଟରର ଏକ କଚ୍ଚା ସଡ଼କ ରହିଛି। ହେଲେ ଏହି ରାସ୍ତାରେ ଗୋଟିଏ ହେଲେ ବି ଷ୍ଟ୍ରିଟ୍ ଲାଇଟ୍ ନାହିଁ। ଗାଁର ପାଖାପାଖି ୧୭ ଜଣ ପିଲା ନିୟମିତ ଏହି ରାସ୍ତା ଦେଇ ପାଠ ପଢ଼ିବାକୁ ସ୍କୁଲ ଯାଇଥାନ୍ତି। ଅନେକ ସମୟରେ ରାସ୍ତାରେ ବାଘ ଦେଖାଯାଉଥିବାରୁ ପିଲାମାନେ ସ୍କୁଲ ନ ଯାଇ ଘରକୁ ଫେରି ଆସନ୍ତି। ଏହାପରେ ଗାଁର ଚାରିଜଣ ମହିଳା ପିଲାମାନଙ୍କୁ ବାଘଙ୍କ କବଳରୁ ସୁରକ୍ଷା ଦେବା ପାଇଁ ନିଷ୍ପତ୍ତି ନେଲେ। କିରଣ, ବେଣୁ ରଣ୍ଡାୟେ, ରୀନା ନଟ ଓ ସୀମା ମଡାବୀ ନିୟମିତ ହାତରେ ବାଡ଼ି ଓ ଟର୍ଚ୍ଚ ଧରି ପିଲାମାନଙ୍କୁ ସକାଳ ସାଢ଼େ ନଅଟାରେ ବସ୍‌ଷ୍ଟାଣ୍ଡରେ ପହଞ୍ଚାନ୍ତି। ରାସ୍ତାରୁ ବସ୍‌ରେ ଚଢ଼ିବା ଯାଏଁ ସେମାନେ ପିଲାଙ୍କ ଉପରେ କଡ଼ା ନଜର ରଖିଥାନ୍ତି। ପୁନଶ୍ଚ ପିଲାମାନେ ବସ୍‌ରେ ସ୍କୁଲରୁ ଫେରିବାବେଳେ ସନ୍ଧ୍ୟା ହୋଇ ଯାଇଥାଏ। ପିଲାମାନେ ବସ୍‌ଷ୍ଟାଣ୍ଡରେ ପହଞ୍ଚିବା ପୂର୍ବରୁ ମହିଳାମାନେ ସେଠାରେ ପହଞ୍ଚି ଯାଆନ୍ତି। ସେମାନେ ଜୋରରେ ପାଟି କରି ଟର୍ଚ୍ଚ ପକାଇ ପିଲାମାନଙ୍କୁ ସେମାନଙ୍କ ଘରେ ପହଞ୍ଚାଇ ଥାନ୍ତି। ବନବିଭାଗ ପକ୍ଷରୁ ଏହି ମହିଳାଙ୍କ ଗ୍ରୁପ୍‌କୁ ମାତୃଶକ୍ତି ନାମ ଦିଆଯାଇଛି।



## ବାଇଗଣ ଗଛ ଝାଉଁଳି ଥିଲେ ...



**ଅଧିକାଂଶ ସହରାଞ୍ଚଳର ଲୋକମାନେ ପାକଶାଳା ବଗିଚା କରିଥାନ୍ତି। ପାକଶାଳାରେ ବିଭିନ୍ନ ପନିପରିବା ଚାଷ କରାଯାଇଥାଏ। ଏହି ସମୟରେ ଯଦି ବାଇଗଣ ଗଛ ଝାଉଁଳି ପଡୁଛି ଏଥିପ୍ରତି ଧ୍ୟାନ ଦିଅନ୍ତୁ।**

ଆଧୁନା ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଭିନ୍ନ ପ୍ରକାର କୀଟ ସକ୍ରିୟ ହେଉଛନ୍ତି। ଏହି ଭାବେ ବାଇଗଣ ଗଛର କାଣ୍ଡ ଏବଂ ଫଳରେ କୀଟ ବଂଶ ବିସ୍ତାର କରନ୍ତି। ଏହି ପୋକ କଅଁଳିଆ ଡାଳ ଏବଂ ଫୁଲ ପାଖେ ଅଣ୍ଡା ଦିଅନ୍ତି। ପରେ ଲାର୍ଭା ବାହାରି କାଣ୍ଡ ଏବଂ ଫଳ ଭିତରେ ପ୍ରବେଶ କରି ରସ ଶୋଷି ଦିଅନ୍ତି। ଗଛ ଖୋଳ ହୋଇ ଝାଉଁଳି ପଡ଼େ। ଫଳ ଝଡ଼ିଯାଏ। ଗଛର ବିକାଶ ହୁଏନି। ତେଣୁ ଏହାର ନିରାକରଣ ପାଇଁ ରସୁଣ ଏବଂ ଲେମ୍ବୁ ମିଶାଇ ଗଛ ମୂଳରେ ପ୍ରୟୋଗ କଲେ ଗଛ ସୁସ୍ଥ ରୁହେ। ଲେମ୍ବୁରେ ଥିବା ସାଇଟ୍ରିକ ଅମ୍ଳ କବକ ସଂକ୍ରମଣ ଏବଂ ଛୋଟ କୀଟ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ। ତେଣୁ ରସୁଣକୁ ବାଟି ସେଥିରେ ପାଣି ମିଶାଇ ଘୋଳ ବନାଇ ଛଅ ଘଣ୍ଟା ରଖାଯାଏ। ସେଥିରେ ଲେମ୍ବୁ ରସ ମିଶାଇ ମିଶ୍ରଣକୁ ଛାଣି ପାରିବେ। ଏହି ଘୋଳକୁ ଦୁଇ ଲିଟର ପାଣିରେ ମିଶାଇ ସିଞ୍ଚନ କରାଯାଏ। ୭ରୁ ୧୦ ଦିନ ଅନ୍ତରରେ ୨ରୁ୩ଥର ସିଞ୍ଚନ କଲେ ଗଛ କୀଟମୁକ୍ତ ରୁହେ। ପତ୍ର ଓ ଫଳ କୀଟ ଆକ୍ରମଣରୁ ନଷ୍ଟ ହୋଇଥିଲେ ତାହାକୁ କାଟି ଅଲଗା କରିଦେବା ଭଲ।




## ଚାଫ୍ କଟର୍



ଗ୍ରାମୀଣ ଅଞ୍ଚଳର ଲୋକମାନେ ଗାଇ, ମଇଁଷି ପାଳନ କରି ଜୀବିକା ନିର୍ବାହ କରନ୍ତି। ପ୍ରାଣୀଙ୍କୁ ସନ୍ତୁଳିତ ଖାଦ୍ୟ ଯୋଗାଇବା ଉଦ୍ଦେଶ୍ୟରେ ଅଧିକାଂଶ ଘାସ କାଟନ୍ତି। ଏହାକୁ ପୁଣି ଘରେ ସାଇଜ୍‌ରେ କାଟିବାକୁ ହୁଏ। ଏଥିପାଇଁ ସମୟ ଲାଗିଥାଏ। ହେଲେ ଏବେ ଏହି ସମସ୍ୟା ଦୂର କରିବ ଟ୍ରାକ୍ଟର ଚାଳିତ ଚାଫ୍ କଟର୍ ମେସିନ୍। ଏହା ଘାସକୁ ସହଜରେ କାଟିପାରେ। ଚାଫ୍ କଟରକୁ ଟ୍ରାକ୍ଟର ପଛପଟେ ପିଟିଓ ଶାଫ୍ଟ ସହିତ ସଂଯୋଗ କରାଯାଏ। ଏଥିରେ ଲାଗିଥିବା ବ୍ଲେଡ୍ ସବୁଜ ଚାରାକୁ ଛୋଟ ଟୁକୁଡ଼ାରେ କାଟେ। ମେସିନ୍‌ରେ ଥିବା ଗିୟର ସିଷ୍ଟମ ଘାସର ଲମ୍ବା ଏବଂ ମୋଟେଇକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଏଥିରେ ପ୍ରାଣୀଙ୍କ ବୟସ ଏବଂ ସେମାନଙ୍କ ପସନ୍ଦ ହିସାବରେ ଘାସ କଟାଯାଇପାରେ। ଏହି ମେସିନଟି ଜୁଆର, ମକା, ବାଜରା, ଘାସ ଏବଂ ନଡ଼ା କାଟି ପାରେ। ତେବେ ମଡେଲ, ବ୍ଲେଡ୍ ଏବଂ କ୍ଷମତା ଉପରେ ଏହି ମେସିନ୍‌ର ମୂଲ୍ୟ ନିର୍ଭର କରେ।

## ମାଛ ପୋଖରୀର ଯତ୍ନ



**ଫେବୃଆରୀ ଦ୍ୱିତୀୟ ସପ୍ତାହ ପରେ ପାଣିପାଗରେ ପରିବର୍ତ୍ତନ ଅନୁଭୂତ ହୁଏ। ରାତିରେ ତାପମାତ୍ରା କମ୍ ଓ ଦିନରେ ଅଧିକ ଜଣାପଡ଼େ। ଏହି ତାରତମ୍ୟ ମାଛଙ୍କ ଉପରେ ପ୍ରଭାବ ପକାଇଥାଏ। ଏହି ସମୟରେ ମାଛ ପୋଖରୀର ଯତ୍ନ ନେବା ଏକାନ୍ତ ଆବଶ୍ୟକ।**

ଏହି ପରିବର୍ତ୍ତିତ ପାଣିପାଗ ପରିସ୍ଥିତିରେ ପୋଖରୀ ପାଣିର ତାପମାତ୍ରା ନିୟମିତ ସକାଳେ ଏବଂ ସନ୍ଧ୍ୟାରେ ଯାଞ୍ଚ କରିବାକୁ ପଡ଼ିଥାଏ। ଚାଷ ପୋଖରୀ ପାଣି ଥଣ୍ଡା ଥିବା ସମୟରେ ସେଥିରେ ଉଷୁମ ଥିବା ବୋର୍‌ୱେଲ୍ ପାଣି ମିଶାଇ ପାଣିର ତାପମାତ୍ରା ନିର୍ଦ୍ଦିଷ୍ଟ ଭାବେ ୨୭ ଡିଗ୍ରୀରୁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ ମଧ୍ୟରେ ରଖିବା ଉଚିତ। ଉତ୍ତାପ ବଢ଼ିଲେ ପାଣିରେ ଦ୍ରବୀଭୂତ ଅମ୍ଳଜାନ କମି ଯାଇଥାଏ। ତେଣୁ ଉପରବେଳା ଦୁଇଘଣ୍ଟା ପାଇଁ ପାଣିରେ ଏରେଟର ଚଳେଇବା ଭଲ। ପାଣିର ଗଭୀରତା ଏହି ସମୟରେ ୫ଫୁଟ୍‌ରୁ କମ୍ ରହିବା କଥା ନୁହେଁ। ପାଣିର ଗୁଣବତ୍ତା ବଜାୟ ରଖିବା ସହ ପୋଖରୀରୁ ଅଳିଆ ସଫା କରିବାକୁ ଜାଲ ବ୍ୟବହାର କରନ୍ତୁ। ପୋଖରୀ ପରିବେଶକୁ ସର୍ବଦା ପରିଷ୍କାର ରଖନ୍ତୁ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ପନିପରିବା ଫସଲରେ ଅଙ୍ଗୀୟ ଅବସ୍ଥାରେ ଧଳାମାଛି, ଜଉପୋକ ଓ ପତ୍ରଡିଆଁ ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ଟି ଅଠା ଲାଗିଥିବା ହଳଦିଆ ରଙ୍ଗର ଯନ୍ତା ଓ ଉକୁଣିଆ ପୋକ ପାଇଁ ନୀଳ ରଙ୍ଗର ଯନ୍ତା ବ୍ୟବହାର କରନ୍ତୁ।
- ବର୍ତ୍ତମାନ ମାଟିର ତାପମାତ୍ରା ୫ରୁ ୧୦ ସେମି ଗଭୀରରେ ୩୦ ଡିଗ୍ରୀ ସେଲ୍‌ସିୟସରୁ ଅଧିକ ରହୁଥିବାରୁ ତାହା ଆଳୁ ଫସଲକୁ ପ୍ରଭାବିତ କରିଥାଏ। ତେଣୁ ମାଟିକୁ ଆବଶ୍ୟକୀୟ ଆଚ୍ଛାଦିକରଣ ଓ ଜଳ ସେଚନ କରନ୍ତୁ।
- ଚିନାବାଦାମ ଫସଲରେ କାଣ୍ଡ ପଚା ରୋଗର ପରିଚାଳନା ପାଇଁ ଏକରପ୍ରତି ୪୦୦ ମିଲି ଭାଲିଡାମାଇସିନ୍ କିମ୍ବା ୩୦୦ ଗ୍ରାମ କ୍ୟାପଟେନ୍ ଓ ହେକ୍ସାକୋନାଜୋଲ୍‌ର ମିଶ୍ରିତ ଫିମ୍ପିନାଶକ, ୨୦୦ଲିଟର ପାଣିରେ ମିଶାଇ ମାଟିକୁ ଭଲ ଭାବରେ ଭିଜାନ୍ତୁ।
- ମାଛର ଧବଳ ରୋଗ ହେଲେ ଧଳା ଧଳା ଭାତୁଡ଼ି ଭଳି ଚିହ୍ନ ଦେଖାଯାଏ। ଏହାର ପ୍ରତିକାର ପାଇଁ ୨୦୦ଲିଟର ପାଣିରେ ୫୦୦ ଗ୍ରାମ ଗୋଟା ଲୁଣ ଭଲ ଭାବେ ମିଶାଇ ଆକ୍ରାନ୍ତ ମାଛକୁ ୫ ମିନିଟ୍ ବୁଡାଇ ପୋଖରୀରେ ଛାଡ଼ନ୍ତୁ। ଏହି ପ୍ରକ୍ରିୟା ୭ରୁ ୧୦ଦିନ ପର୍ଯ୍ୟନ୍ତ କରନ୍ତୁ।

## ଗଛ ପାଇଁ ଚାଉଳ ଧୁଆ ପାଣି



ଆଜିକାଲି ଲୋକମାନେ ଘରେ ବିଭିନ୍ନ ଗଛ ଲଗାଉଛନ୍ତି। ଅଧିକାଂଶଙ୍କର ଗଛ ଠିକ୍ ଭାବେ ବଢୁନଥିବାର ଅଭିଯୋଗ ଥାଏ। ଏଥିପାଇଁ ରାସାୟନିକଯୁକ୍ତ ସାର ବଦଳରେ ଚାଉଳ ଧୁଆ ପାଣି ବ୍ୟବହାର କରିପାରିବେ। ଗଛ କମ୍‌ଜୋର, ପତ୍ର ହଳଦିଆ ପଡ଼ିବା କିମ୍ବା ଫୁଲ ଫୁଟୁ ନ ଥିଲେ ଚାଉଳ ଧୁଆ ପାଣି ଭଲ କାମ ଦେଇଥାଏ। ଚାଉଳ ଧୁଆ ପାଣିରେ ଥିବା ପୋଷକ ତତ୍ତ୍ୱ ମାଟିରେ ସୂକ୍ଷ୍ମଜୀବ ବୃଦ୍ଧି କରାଏ। ଏଥିରେ ଥିବା ଯବକ୍ଷାରଜାନ, ଫସ୍‌ଫରସ୍, ପୋଟାସିୟମ ଆଦି ଗଛର ସ୍ୱାସ୍ଥ୍ୟ ପାଇଁ ଜରୁରି। ଏହା ଦ୍ୱାରା ଗଛଚେର ଶକ୍ତ ହୋଇଥାଏ। ଫୁଲ ଓ ଫଳ ଆସିବାରେ ସାହାଯ୍ୟ କରେ। ଚାଉଳ ଧୁଆ ପାଣି ମନିପ୍ଲାଣ୍ଟ, ତୁଳସୀ, ପୁଦିନା, ଟମାଟୋ, ଗୋଲାପ ଆଦି ଗଛରେ ଦେଇପାରିବେ। ୧୦ଦିନରେ ଥରେ ଗଛମୂଳେ ଚାଉଳ ଧୁଆ ପାଣି ଦେବା ଦ୍ୱାରା ମାଟିର ଗୁଣବତ୍ତା ବୃଦ୍ଧିପାଏ। ଚାଉଳଧୁଆ ପାଣି ପ୍ରାକୃତିକ ତରଳ ସାରର କାମ ଦେଇଥାଏ।

## ସୁପର ଏଇଟ୍‌ରେ ଭାରତର ଫ୍ଲପ୍ ଶୋ

# ସେମିରେ ପ୍ରବେଶ କଷ୍ଟକର

ନୂଆଦିଲ୍ଲୀ,୨୩।୨(ଏଜେନ୍ସି)

ଅହମ୍ମଦାବାଦ୍‌ରେ ରବିବାର ଅନୁଷ୍ଠିତ ଟି-୨୦ ବିଶ୍ୱକପ୍-୨୦୨୬ର ପ୍ରଥମ ସୁପର ଏଇଟ୍ ମ୍ୟାଚ୍‌ରେ ଭାରତ ୭୬ ରନ୍‌ରେ ଦକ୍ଷିଣ ଆଫ୍ରିକା ନିକଟରୁ ପରାଜିତ ହୋଇଛି। ଏହି ପରାଜୟକୁ ନେଇ ଭାରତ ଓ ଏହାର ସମର୍ଥକ ଯେତେ ଚିନ୍ତିତ ନୁହଁନ୍ତି, ତା ଠା'ରୁ ଅଧିକ ଚିନ୍ତା ବଢ଼ାଇଛି ପରାଜୟର ବ୍ୟବଧାନ। ୭୬ ରନ୍‌ରେ ହାରିବା ପରେ ଭାରତର ନେଟ୍ ରନ୍ ରେଟ୍ -୩.୮ରେ ପହଞ୍ଚିଛି। ଏବେ ଦଳରେ ଏକାଧିକ ସମସ୍ୟା ଦେଖାଦେଇଛି। ବରିଷ୍ଠ ତଥା ନିର୍ଭରଯୋଗ୍ୟ ଖେଳାଳି ଦଳରେ ନାହାନ୍ତି। ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଅବସର ନେଇସାରିଛନ୍ତି। ଲୋକେଶ ରାହୁଲ, ଶୁବମନ ଗିଲ୍, ଯଶସ୍ୱୀ ଜୟସ୍ୱାଲ, ଶ୍ରେୟସ ଆୟର ଓ ରଷଭ ପନ୍ତ୍‌ଙ୍କ ଭଳି ବ୍ୟାଟର ଦଳରେ ନାହାନ୍ତି। ଏଷବ ଯେଉଁମାନେ ଦଳରେ ଅଛନ୍ତି ସେମାନଙ୍କ ମଧ୍ୟରୁ ଅଧା ଖେଳାଳି ଫର୍ମରେ ନାହାନ୍ତି। ଭାରତ ଏଯାଏ ଖେଳିଥିବା ୪ଟି ବିଶ୍ୱକପ୍ ମ୍ୟାଚ୍‌ରେ ସର୍ବାଧିକ ଓପନିଂ ପାର୍ଟନରସିପ୍ ହେଉଛି ୩୨। ତାହା ପୁଣି ନାମିବ୍ୟା ବିରୋଧରେ। ଦଳରେ ବି ଯେଉଁ ଖେଳାଳି ଫର୍ମରେ ଅଛନ୍ତି ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍, ଯେପରିକି ପାକିସ୍ତାନ ବିପକ୍ଷରେ ସଫଳ ହୋଇଥିବା ଉପ ଅଧିନାୟକ ଅକ୍ଷର ପଟେଲଙ୍କୁ ଦକ୍ଷିଣ ଆଫ୍ରିକା ବିପକ୍ଷ ସୁପର ଏଇଟ୍‌ସ ମ୍ୟାଚ୍‌ରେ ଖେଳିବାର ସୁଯୋଗ ମିଳିଲା ନାହିଁ। ଭାରତ ଏବେ ଖେଳିବାକୁ ଥିବା ସୁପର ଏଇଟ୍‌ସ ମୁକାବିଲାରେ ଜିମ୍ବାୱେ ଓ ୱେଷ୍ଟଇଣ୍ଡିଜ୍ ସହ ମୁକାବିଲା କରିବ। ଭାରତକୁ ସେମିଫାଇନାଲରେ ପ୍ରବେଶ କରିବାକୁ ହେଲେ ଏହି ଦୁଇଟି ମ୍ୟାଚ୍‌ରେ କେବଳ ବିଜୟ ନୁହେଁ, ବଡ଼ ବ୍ୟବଧାନରେ ବିଜୟୀ ହେବାକୁ ପଡ଼ିବ। କିନ୍ତୁ ଚଳିତ ବିଶ୍ୱକପ୍‌ରେ ଏହି ଦୁଇ ସୁପର ଏଇଟ୍‌ସ ପ୍ରତିଦ୍ୱନ୍ଦ୍ୱୀ ବେଶ ପ୍ରଭାବଶାଳୀ ଖେଳିଛନ୍ତି। ଏମାନଙ୍କୁ ହରାଇବା ଏତେଟା ସହଜ ନୁହେଁ। ଏଣୁ ଭାରତର ସେମିଫାଇନାଲ ଖେଳିବା ଆଶା ଏତେଟା ସହଜ ନୁହେଁ,



କଷ୍ଟକର ବୋଲି ଧରି ନେବାକୁ ହେବ।

ଅକ୍ଷରଙ୍କୁ ବାଦ୍ ଦେବା ବିତର୍କର ବିଷୟ

ଦକ୍ଷିଣ ଆଫ୍ରିକା ବିପକ୍ଷ ମୁକାବିଲାରେ ଭାରତୀୟ ଏକାଦଶରେ ଉପଅଧିନାୟକ ତଥା ବାମହାତୀ ସ୍ପିନର ଅକ୍ଷର ପଟେଲଙ୍କୁ ସାମିଲ କରାଯାଇ ନ ଥିଲା। ତାଙ୍କ ସ୍ଥାନରେ ଖେଳିଥିଲେ ଅଫ୍ ସ୍ପିନର ୱାଶିଂଟନ ସୁନ୍ଦର। ସୁନ୍ଦର ୨ ଓଭର ବୋଲିଂ କରି ୧୭ ରନ୍ ଦେଇଥିଲେ। ବ୍ୟାଟିଂରେ ୧୧ ବଲ ଖେଳି ୧୧ ରନ୍ କରିଥିଲେ। ଏକାଧିକ ମ୍ୟାଚ୍ ବିଜେତା ଅକ୍ଷରଙ୍କୁ ବାଦ୍ ଦେବା ଦଳ ଲାଗି ମହଙ୍ଗା ସାବ୍ୟସ୍ତ ହୋଇଛି। ଦଳର ଉପଅଧିନାୟକଙ୍କୁ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରୁ ବାଦ୍ ଦେବା କେତେ ଯୁକ୍ତିଯୁକ୍ତ ତାହା ବିତର୍କର ବିଷୟ। ଏହାର ଉତ୍ତର କେବଳ ଚୟନକର୍ତ୍ତା ଦେଇପାରିବେ।

କିନ୍ତୁ ଦଳର ଉପଅଧିନାୟକ ଥାଇ ଗୌତମ ଗମ୍ଭୀରଙ୍କ ଦ୍ୱାରା ଦଳରୁ ବାଦ୍ ପଡ଼ିବା ନୂଆ କଥା ନୁହେଁ। ନିକଟରେ ଶୁବମନ ଗିଲ୍‌ଙ୍କ ମଧ୍ୟ ଗମ୍ଭୀର ଚୂଡାନ୍ତ ଏକାଦଶରୁ ବାଦ୍ ଦେଇଥିଲେ। ଯଦି ଉପଅଧିନାୟକ ହୋଇ ଏକାଦଶରେ ସ୍ଥାନ ପାଉ ନାହାନ୍ତି, ସେମାନଙ୍କୁ ଏଭଳି ଦାୟିତ୍ୱ ରଖିବା କେତେଦୂର ଯୁକ୍ତିଯୁକ୍ତ ତାହା ବିତର୍କ ସୃଷ୍ଟି କରିଛି। ଅନ୍ୟ ପକ୍ଷରେ ଭାରତର ଟପ୍ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଏହି ମ୍ୟାଚ୍‌ରେ ଫେଲ ମାରିବା। ପୂର୍ବରୁ ୮ଟି ମ୍ୟାଚରୁ ୨୨ଟି ୱିକେଟ ନେଇଥିବା ବରୁଣ ଏଠାରେ ଗୋଟିଏ ୱିକେଟ ବଦଳରେ ୪୭ ରନ୍ ଦେବା ଦଳକୁ ସାହାଯ୍ୟ କରିନାହିଁ। ଆଉ ଏକ ବଡ଼ କଥା ହେଲା ଫମ ବୋଲରଙ୍କ ପ୍ରଭାବହୀନତା। ଶିବମ ଦୁବେ ୨ ଓଭରରେ ୩୨ ରନ୍ ଦେଇଥିଲେ। ଫଳରେ ସୁନ୍ଦର ଓ ଦୁବେ ମିଳିତ ଭାବେ ୪ ଓଭର ବୋଲିଂ କରି ୪୯ ରନ୍ ଖର୍ଚ୍ଚ କରିଥିଲେ।

ଭାରତ ଇନିଂସରେ ଇଶାନ କିଶାନ ଆଉଟ ହେବା ପରେ ଆଉ କେହି ବ୍ୟାଟର ଖେଳୁଥିବା ଜଣାଯାଇ ନ ଥିଲା। କିଂବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କରଙ୍କ ମତରେ ଜଣେ ହେଲେ ବ୍ୟାଟର ପରିସ୍ଥିତି ସହ ଖାପ ଖୁଆଇ ଖେଳିବାକୁ ଚାହିଁ ନ ଥିଲେ। ସମସ୍ତେ ବଡ଼ ସଟ୍ ଖେଳି ଆଉଟ ହୋଇଥିଲେ। ଯାହା ଫଳରେ ଭାରତର ଇନିଂସ ସଜାଡି ହୋଇ ନ ଥିଲା। ଆହତ ସମସ୍ୟାରୁ ଫେରିବା ପରେ ଅଭିଷେକ ଶର୍ମା ଓ ତିଲକ ବର୍ମା ଆଦୌ ଫର୍ମରେ ନାହାନ୍ତି। ଏହି ଦୁଇ ବ୍ୟାଟର ଭିନ୍ନ ଭିନ୍ନ ଶୈଳୀରେ ଇନିଂସ ସଜାଡିଥାନ୍ତି। ଏମାନଙ୍କ ବିଫଳତା ଦଳକୁ ଏକ ଅଡୁଆ ପରିସ୍ଥିତିରେ ପକାଇଛି। ଏଥିରୁ ଦଳ ମୁକୁଳି ନ ପାରିଲେ ଭାରତକୁ ଯେ ଲଜ୍ଜାଜନକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ ଏଥିରେ ସନ୍ଦେହ ନାହିଁ।

### ସୁନ୍ଦର-ମିଲର୍‌ଙ୍କ ଝଗଡ଼ା



ପ୍ରଥମ ସୁପର ଏଇଟ୍ ମୁକାବିଲାରେ ଦକ୍ଷିଣ ଆଫ୍ରିକା ଇନିଂସରେ ବ୍ୟାଟର ଡେଭିଡ ମିଲର ଓ ଭାରତୀୟ ଅଫ୍ ସ୍ପିନର ୱାଶିଂଟନ ସୁନ୍ଦରଙ୍କ ମଧ୍ୟରେ କଥା କଟାକଟି ଦେଖିବାକୁ ମିଳିଥିଲା। ଘଟଣାରୁ ଜଣାଯାଇଛି ସୁନ୍ଦର ବୋଲିଂ କରିବାକୁ ଯାଉଥିଲାବେଳେ ମିଲର ତାଙ୍କ ନିକଟରେ ଆଗକୁ ଯାଉଥିଲେ। ଯାହା ଫଳରେ ତାଙ୍କ ବୋଲିଂ କରିବାରେ ଅସୁବିଧା ହେଉଥିଲା। ଏ ସମ୍ପର୍କରେ ସେ ବାରମ୍ବାର ଅମ୍ପାୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ମିଲର ଏହି ଅଭ୍ୟାସରୁ ହଟି ନ ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଅମ୍ପାୟରଙ୍କ ହସ୍ତକ୍ଷେପ ପରେ ଏହାର ସମାଧାନ ହୋଇଥିଲା।

## ୱେଷ୍ଟଇଣ୍ଡିଜ୍ ବନାମ ଜିମ୍ବାୱେ

# ହେଟ୍‌ମାୟରଙ୍କ ଅର୍ଦ୍ଧଶତକ

ମୁମ୍ବଇ,୨୩।୨(ଏଜେନ୍ସି): ସିମରନ ହେଟମାୟରଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ଜିମ୍ବାୱେ ସହ ସୋମବାର ଅନୁଷ୍ଠିତ ଟି-୨୦ ବିଶ୍ୱକପ୍ ଗ୍ରୁପ୍-୧ ସୁପର ଏଇଟ୍‌ସ ମୁକାବିଲାରେ ୱେଷ୍ଟଇଣ୍ଡିଜ୍ ୧୩ ଓଭରରେ ୨ ୱିକେଟ ହରାଇ ୧୫୦ ରନ୍ ସଂଗ୍ରହ କରିନେଇଛି। ୧୯ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ହେଟମାୟର ଏହି ସମୟରେ ୩୧ ବଲ୍‌ରୁ ୭ ଚୌକା, ୬ ଛକା ସହ ୭୬ ଏବଂ ରୋଭମାନ ପାୱେଲ ୨୩ ବଲ୍‌ରୁ ୩୨ ରନ୍ କରି ବ୍ୟାଟିଂ କରୁଥିଲେ। ଦଳ ପକ୍ଷରୁ ଦୁଇ ଓପନର ୫୪ ରନ୍‌ରେ ଆଉଟ ହୋଇଥିଲେ। ସେମାନଙ୍କ ମଧ୍ୟରେ ବ୍ରାଣ୍ଡନ କିଙ୍ଗ୍ ୯ ଓ ଅଧିନାୟକ ସାଇ ହୋପ୍ ୧୪ ରନ୍‌ରେ ଆଉଟ ହୋଇଥିଲେ। ଜିମ୍ବାୱେ ପକ୍ଷରୁ ଫାଷ୍ଟ ବୋଲର ରିଚାର୍ଡ ନାଗ୍ରଭା ଓ ବ୍ରାଡ ଇଭାନ୍ସ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏହି ମ୍ୟାଚ୍‌ରେ ଜିମ୍ବାୱେ ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଉଭୟ ଦଳ ସେମାନଙ୍କ ଗ୍ରୁପ୍‌ରେ ଅପରାଜେୟ ରହି ସୁପର ଏଇଟସରେ ଖେଳିବାକୁ ଆସିଛନ୍ତି। ବିଶେଷ କରି ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ଭଳି ଶକ୍ତିଶାଳୀ ଦଳକୁ ପରାସ୍ତ କରିଥିବା ଜିମ୍ବାୱେ ଏହି ପର୍ଯ୍ୟାୟରେ ଆଉ ଏକ ବିପର୍ଯ୍ୟୟ ସୃଷ୍ଟି କରିବା ଲକ୍ଷ୍ୟରେ ରହିଛି। ପୂର୍ବରୁ ଏହି ଗ୍ରୁପ୍‌ରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୭୬ ରନ୍‌ରେ ଭାରତକୁ ପରାସ୍ତ କରିଛି। ଆସନ୍ତାକାଲି ପାକିସ୍ତାନ ଓ ଇଂଲଣ୍ଡ ମଧ୍ୟରେ ଗ୍ରୁପ୍-୨ ସୁପର ଏଇଟ୍ ମୁକାବିଲା ଖେଳାଯିବ।



### ୱେଷ୍ଟଇଣ୍ଡିଜ ପାଇଁ ଦ୍ରୁତତମ

ଟି-୨୦ ବିଶ୍ୱକପ୍‌ରେ ସିମରନ ହେଟ୍‌ମାୟର ୱେଷ୍ଟଇଣ୍ଡିଜ ପାଇଁ ଦ୍ରୁତତମ ଅର୍ଦ୍ଧଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ସୋମବାର ଏଠାରେ ଅନୁଷ୍ଠିତ ଜିମ୍ବାୱେ ବିପକ୍ଷ ସୁପର୍-୮ ମ୍ୟାଚରେ ହେଟ୍‌ମାୟର ମାତ୍ର ୧୯ଟି ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଏହିକ୍ରମରେ ସେ ଖେଳିଥିବା କ୍ରମାଗତ ୬ଟି ବଲରେ ୫ଟି ଛକା ମାରିଥିଲେ। ଯେଉଁଥିରେ ଗ୍ରାଏମ କ୍ରେମରଙ୍କୁ ଦୁଇଟି ବଲରେ ୨ଟି ଛକା ମାରିଥିଲେ।

**ଆଜିର ସୁପର ଏଇଟ୍‌ସ ମ୍ୟାଚ୍**

| ପ୍ରତିଦ୍ୱନ୍ଦ୍ୱୀ | ସମୟ | ସ୍ଥାନ |
|---|---|---|
| ପାକିସ୍ତାନ-ଇଂଲଣ୍ଡ | ରାତି ୭ଟା | ପାଲେକେଲେ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ଆଜିଠୁ ରଣଜୀ ଟ୍ରଫି ଫାଇନାଲ

# ଐତିହାସିକ ଟାଇଟଲ୍ ଲକ୍ଷ୍ୟରେ ଜମ୍ମୁ-କଶ୍ମୀର

ବେଙ୍ଗାଲୁରୁ, ୨୩।୨ (ଏଜେନ୍ସି): ରଣଜୀ ଟ୍ରଫିର ଚଳିତ ୯୧ତମ ସଂସ୍କରଣ ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହୋଇଛି। ମଙ୍ଗଳବାରଠାରୁ ଆଠଥରର ବିଜେତା କର୍ଣ୍ଣାଟକ ଓ ଜମ୍ମୁ-କାଶ୍ମୀର ମଧ୍ୟରେ ଫାଇନାଲ ମ୍ୟାଚ୍ ଆରମ୍ଭ ହେବାକୁଯାଉଛି। ହୁବଲୀ କ୍ରିକେଟ୍ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ। ରଣଜୀ ପଦାର୍ପଣର ୬୭ ବର୍ଷ ପରେ ପ୍ରଥମଥର ଫାଇନାଲରେ ପ୍ରବେଶ କରିଥିବା ଜମ୍ମୁ-କାଶ୍ମୀର ପାଇଁ ଏହି ମ୍ୟାଚ୍ ବେଶ୍ ଗୁରୁତ୍ୱବହନ କରୁଛି। ପାରସ ଡୋଗ୍ରାଙ୍କ ନେତୃତ୍ୱରେ ଖେଳୁଥିବା ଜମ୍ମୁ ଏଥର ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଛି। ଗ୍ରୁପ୍ ପର୍ଯ୍ୟାୟରେ ୩ଟି ମ୍ୟାଚ୍ ଜିତିଥିବା ଜମ୍ମୁ କ୍ୱାର୍ଟରରେ ପୂର୍ବ ବିଜେତା ମଧ୍ୟପ୍ରଦେଶକୁ ଏବଂ ସେମିଫାଇନାଲରେ ବେଙ୍ଗଲକୁ ହରାଇ ଫାଇନାଲରେ ପହଞ୍ଚିଛି। ଏହି ବିଜୟଧାରାକୁ ଜାରି ରଖି ଫାଇନାଲରେ ଶକ୍ତିଶାଳୀ କର୍ଣ୍ଣାଟକକୁ ଚକମା ଦେବା ସହ ପ୍ରଥମଥର ଚାମ୍ପିଅନ ହେବା ଲକ୍ଷ୍ୟରେ ଜମ୍ମୁ-କାଶ୍ମୀର ରହିଛି। ଚଳିତ ସିଜନରେ ଦ୍ରୁତ ବୋଲର ଆକିବ ନବି ଦାର୍ ଦଳ ପାଇଁ ସବୁଠୁ ସଫଳ ଖେଳାଳି ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ୧୬ଟି ଇନିଂସରୁ ୫୫ଟି ୱିକେଟ୍ ନେଇସାରିଛନ୍ତି। ତେବେ ଶକ୍ତିଶାଳୀ ବ୍ୟାଟିଂ ଲାଇନଅପ୍‌କୁ ନେଇ ଗଠିତ କର୍ଣ୍ଣାଟକ ସାମ୍ନାରେ ସେ କେଉଁଭଳି ପ୍ରଦର୍ଶନ କରୁଛନ୍ତି ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଦେବଦତ୍ତ ପଡ଼ିକଲଙ୍କ ନେତୃତ୍ୱାଧୀନ ଘରୋଇ କର୍ଣ୍ଣାଟକ ଦଳରେ ଲୋକେଶ ରାହୁଲ, ମୟଙ୍କ ଅଗରୱାଲ, କରୁଣ ନାୟାର, ସ୍ମରଣ ରବିଚନ୍ଦ୍ରନଙ୍କ ଭଳି ତାରକା ବ୍ୟାଟର୍ ରହିଛନ୍ତି। ସେହିଭଳି ପ୍ରସିଦ୍ଧ କ୍ରିଷ୍ଣା, ଶ୍ରେୟସ ଗୋପାଳ ଓ ବିଜୟ ବୈଶ୍ୟକଙ୍କ ଭଳି ବୋଲର ଜମ୍ମୁ ବ୍ୟାଟରଙ୍କୁ ଅଡୁଆରେ ପକାଇବାର ଦକ୍ଷତା ରଖିଛନ୍ତି। ରେକର୍ଡ ଉପରେ ନଜର ପକାଇଲେ ପୂର୍ବରୁ କର୍ଣ୍ଣାଟକ ଓ ଜମ୍ମୁ-କାଶ୍ମୀର ପରସ୍ପର ୪ଥର ସାମ୍ନାସାମ୍ନି ହୋଇଛନ୍ତି। ସମସ୍ତ ମ୍ୟାଚରେ କର୍ଣ୍ଣାଟକ ବିଜୟୀ ହୋଇଛି।

## ଜାତୀୟ ସବ୍‌ଜୁନିଅର ଭଲିବଲ ଲାଗି ଓଡ଼ିଶା ଦଳ

ଭୁବନେଶ୍ୱର,୨୩।୨(ସମିସ): ୪୬ତମ ଜାତୀୟ ସବ୍‌ଜୁନିଅର ଭଲିବଲ ଚାମ୍ପିଅନସିପ୍ ପଶ୍ଚିମବଙ୍ଗର ହୁଗୁଳି ଜିଲ୍ଲାରେ ଆସନ୍ତାକାଲିଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୧ରେ ଶେଷ ହେବ। ଏହି ପ୍ରତିଯୋଗିତା ଲାଗି ଓଡ଼ିଶା ଦଳ ହୁଗୁଳିରେ ପହଞ୍ଚିଛି। ଏଥିଲାଗି ମନୋନୀତ ବାଳକ ଦଳରେ ରୀତେଶ ଓଝା, ବିନାୟକ ପଢ଼ିଆରୀ, ସତୀଶ ସ୍ୱାଇଁ, ଅଭିନ ସାମଲ, ଚିନ୍ତନ ସେଠୀ, କୁମାରେଶ ସାହୁ, ଆଦିତ୍ୟ ଭୋଳ, ଶୁଭପ୍ରସାଦ ମହାନ୍ତି, ଆରୁଶ ନାୟକ, ବାରୁଦ ବେହେରା, ସୌମ୍ୟଜିତ ସାହୁ, ବାସୁଦେବ ଧଳ, ବାଦଲ ନାଏକ୍ ଓ ରାଜ ନାୟକ ସ୍ଥାନ ପାଇଛନ୍ତି। ଜ୍ଞାନେନ୍ଦ୍ରପ୍ରସାଦ ବଡ଼ାଇ ଓ ଅନୁପ କୁମାର ପରିଡ଼ା କୋଚ୍ ଓ ସହକାରୀ କୋଚ୍ ଭାବେ ଦଳ ସହ ଯାଇଛନ୍ତି।

## ଇଣ୍ଡିଆନ୍ ସୁପର ଲିଗ୍ -୧୨

# କଳିଙ୍ଗରୁ ଅଭିଯାନ ଆରମ୍ଭ କରିବ ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୨୩।୨ (ସମିସ): ବହୁ ବିଳମ୍ବରେ ଆରମ୍ଭ ହୋଇଥିବା ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସଏଲ୍)ର ଦ୍ୱାଦଶ ସଂସ୍କରଣରେ ଓଡ଼ିଶା ଫୁଟ୍‌ବଲ୍ କ୍ଲବ (ଓଏଫ୍‌ସି) ଏହାର ଦ୍ୱିତୀୟ ମ୍ୟାଚରେ ମଙ୍ଗଳବାର ଇଣ୍ଟର କାଶୀକୁ ଭେଟିବ। ଆଇକନିକ କଳିଙ୍ଗ ଷ୍ଟାଡିୟମରେ ରାତି ୭ଟା ୩୦ରେ ଏହି ମ୍ୟାଚ୍ ଆରମ୍ଭ ହେବ। ପୂର୍ବରୁ ଫେବୃଆରୀ ୧୬ରେ ପଞ୍ଜାବ ଏଫ୍‌ସି ବିପକ୍ଷରେ ଓଡ଼ିଶା ଏଫ୍‌ସି ଖେଳିବାକୁ ଥିବା ସିଜନର ପ୍ରଥମ ମ୍ୟାଚ୍ ବାତିଲ ହୋଇଯାଇଥିଲା। ତେଣୁ ଆନୁଷ୍ଠାନିକ ଭାବେ କଳିଙ୍ଗରେ ଇଣ୍ଟର କାଶୀ ବିପକ୍ଷରେ ଖେଳି ଘରୋଇ ଓଡ଼ିଶା ଏଫ୍‌ସି ଦଳ ଅଭିଯାନ ଆରମ୍ଭ କରିବ। ଘରୋଇ ଗ୍ରାଉଣ୍ଡ ଓ ଦର୍ଶକଙ୍କ ସାମ୍ନାରେ ଏହି ମ୍ୟାଚ୍ ଜିତି ସମ୍ପୂର୍ଣ୍ଣ ପଏଣ୍ଟ ହାତେଇବା ଲକ୍ଷ୍ୟରେ ଓଡ଼ିଶା ଏଫ୍‌ସି ରହିଛି। ତେବେ ଘରୋଇ ଦଳ ପାଇଁ ଏହି ମ୍ୟାଚ୍ ସେତେଟା ସହଜ ହେବ ନାହିଁ। କାହିଁକି ନା ଅନିଶ୍ଚିତତା ମଧ୍ୟରେ ରହିଥିବା ଓଡ଼ିଶା ଏଫ୍‌ସି ଗତ ୧୦ ମାସ ହେବ କୌଣସି ମ୍ୟାଚ୍ ଖେଳିନାହିଁ। ଏପରିକି ଆଇଏସଏଲ୍‌ର ଏକମାତ୍ର ଦଳ ଭାବେ ଓଡ଼ିଶା ଏଫ୍‌ସି ୨୦୨୫-୨୬ ସୁପର୍ କପ୍‌ରେ ଅଂଶଗ୍ରହଣ କରି ନ ଥିଲା। ଏବେ ମାତ୍ର ୬ ଦିନର ପ୍ରି-ସିଜନ କ୍ୟାମ୍ପ୍ ସହ ଦଳ ଇଣ୍ଟର କାଶୀ ବିପକ୍ଷରେ ଖେଳିବାକୁ ଯାଉଛି। ସେହିଭଳି ଓଏଫ୍‌ସିର ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଦଳଠାରୁ ଅଲଗା ହୋଇଯାଇଛନ୍ତି। ତାଙ୍କ ସ୍ଥାନରେ ଏବେ ଟି.ଜି. ପୁରୁଷୋତ୍ତମନ ଦଳର ମୁଖ୍ୟକୋଚ୍ ଭାର ସମ୍ଭାଳିଛନ୍ତି। ସେହିଭଳି ୬ଜଣ ବିଦେଶୀ ଖେଳାଳିଙ୍କ ମଧ୍ୟରୁ ୫ଜଣ ରିଟାୟର୍ଡ କିମ୍ବା ଅନ୍ୟ ଦଳକୁ ଚାଲିଯାଇଛନ୍ତି। ଘରୋଇ ତାରକା ଖେଳାଳିଙ୍କ ମଧ୍ୟରେ ଜେରୀ ମାୱିଆ, ଜେରୀ ଲାଲରିଜୁଆଲା, ନରେନ୍ଦର ଗେହଲଟ୍, ଆମି ରନୱାଡେ ଦଳ ଛାଡ଼ି ଅନ୍ୟ କ୍ଲବରେ ଯୋଗଦେଇଛନ୍ତି। ତେଣୁ ପ୍ରମୁଖ ଖେଳାଳିଙ୍କ ବିନା ଦଳର ପ୍ରଦର୍ଶନ ନିଶ୍ଚିତ ଭାବେ ପ୍ରଭାବିତ ହେବ ବୋଲି କୁହାଯାଉଛି।

## ଆନ୍ତଃଜିଲ୍ଲା କଳାହାଣ୍ଡି କପ୍ କ୍ରିକେଟ

# ସମ୍ବଲପୁର-ଏ'କୁ ହରାଇଲା ବଲାଙ୍ଗିର

ଭୁବନେଶ୍ୱର,୨୩।୨(ସମିସ): ଆନ୍ତଃଜିଲ୍ଲା କଳାହାଣ୍ଡି କପ୍ କ୍ରିକେଟର ଆଜି ଦୁଇଟି ମ୍ୟାଚ୍ ଖେଳାଯାଇଛି। ଏହା ମଧ୍ୟରୁ ପ୍ରଥମ ମୁକାବିଲାରେ ସମ୍ବଲପୁର-ଏ'କୁ ୧୦ ୱିକେଟରେ ପରାସ୍ତ କରିଛି ବଲାଙ୍ଗୀର। ସେହିପରି ଅନ୍ୟ ଏକ ମ୍ୟାଚ୍‌ରେ ଭୁବନେଶ୍ୱର-ଏ' ୨୨୫ ରନ୍‌ର ବୃହତ୍ ବ୍ୟବଧାନରେ ବୌଦ୍ଧ ଜିଲ୍ଲାକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଶ୍ରୀରାଜ ପଟ୍ଟନାୟକ ୧୮ ରନ୍‌ରେ ୮ ୱିକେଟ ଅକ୍ତିଆର କରି ଶ୍ରେଷ୍ଠ ବୋଲିଂ ସଫଳତା ହାସଲ କରିଛନ୍ତି।

ନିମପୁର ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଅଂଶୁମାନ ମିଶ୍ରଙ୍କ ୨୨ ରନ୍‌ରେ ୫ ୱିକେଟ ସଫଳତା ବଳରେ ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର-ଏ' ୬୨ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ବଲାଙ୍ଗୀର ୭ ଓଭର ଖେଳରେ କୌଣସି ୱିକେଟ ନ ହରାଇ ୬୬ ରନ୍ ସଂଗ୍ରହ କରିନେଇଛି। ଶୈଳେଶ ପଟ୍ଟନାୟକ ଏହା ମଧ୍ୟରୁ ୨୮ ବଲ୍ ଖେଳି ୫୦ ରନ୍ କରିଛନ୍ତି। ଏମ୍‌ଜିଏମ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ସାଂରାଶ କୁମାର ୬୨, କାର୍ତ୍ତିକ ବିଶ୍ୱାଳ ୬୧ ଓ ସୌରଭ ଗୌଡ଼ ୫୩ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଭୁବନେଶ୍ୱର-ଏ' ୮ ୱିକେଟରେ ୧୭୨ ରନ୍ କରିଥିଲା। ଜବାବରେ ଶ୍ରୀରାଜଙ୍କ ବୋଲିଂକୁ ମୁକାବିଲା କରି ନ ପାରି ବୌଦ୍ଧ ୧୨.୧ ଓଭରରେ ୪୭ ରନ୍ କରି ଅଲଆଉଟ ହୋଇଯାଇଥିଲା। ଶ୍ରୀରାଜ ୧୮ ରନ୍‌ରେ ୮ଟି ୱିକେଟ ନେଇ ଶ୍ରେଷ୍ଠ ବୋଲିଂ ସଫଳତା ହାସଲ କରିଛନ୍ତି।





# କଟକରେ ଦୁଃସାହସିକ ଜଳକ୍ରୀଡ଼ା ଶିବିର

ଭୁବନେଶ୍ୱର,୨୩।୨(ସମିସ): କଟକର ସୂର୍ଯ୍ୟ ଆଇଲାଣ୍ଡରେ ରବିବାରଠାରୁ ଆରମ୍ଭ ହୋଇଛି ଦୁଃସାହସିକ ଜଳକ୍ରୀଡ଼ା ଶିବିର। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଗତକାଲି ଉଦ୍‌ଘାଟନ କରିଥିଲେ। ବିଧାୟକ ପ୍ରକାଶ ସେଠୀ, କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ସଚିବ ବିଜୟ ସ୍ୱାଇଁ, କଟକ ଜିଲ୍ଲା କ୍ରୀଡ଼ା ଅଧିକାରୀ ଧୀରଜ ପଟ୍ଟନାୟକ ଓ ଓଲିଉଡ୍ ଅଭିନେତା ଶ୍ରୀତମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ୟାଟିଂ ଆସୋସିଏସନ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ସୂର୍ଯ୍ୟ ଆଇଲାଣ୍ଡରେ ୩ ରାତି ଓ ୪ ଦିନଧରି ହେବାକୁ ଥିବା ଏହି ଶିବିରରେ ସମ୍ବଲପୁର, ସୁନ୍ଦରଗଡ଼, ଭବାନୀପାଟଣା ଓ କଳାହାଣ୍ଡିରୁ ୧୫୦ ଜଣ ଏନ୍‌ଏସ୍‌ଏସ୍ କ୍ୟାଡେଟ ଅଂଶଗ୍ରହଣ କରୁଛନ୍ତି। ଏଥରେ ସ୍କୁବା ଡାଇଭିଂ, ସ୍ନୋରକେଲିଂ, ୱିଣ୍ଡସର୍ଫିଂ, କାୟାକିଂ, ପେଡ଼ାଲ ବୋଟିଂ ଓ ଜେଟ ସ୍କି ରାଇଡିଂରେ ଶିବିରାର୍ଥୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏହି ଉତ୍ସବରେ ଓଡ଼ିଶା ୟାଟିଂ ସଂଘ ସଭାପତି କ୍ୟାପ୍ଟେନ ସରୋଜ କୁମାର ପ୍ରଧାନ, ସମ୍ପାଦକ ସଞ୍ଜୟ କୁମାର କର, ପ୍ରତିଷ୍ଠାତା ସଦସ୍ୟ ସବୀର ବକ୍ସ, ପୀତବାସ ସାମଲ ଓ ବିଶ୍ୱଜିତ ରାୟ ପ୍ରମୁଖ ଉପସ୍ଥିତ ଥିଲେ।



## ମିଷ୍ଟର ଆଣ୍ଡ ମିସ୍ ଇଣ୍ଡିଆ ପ୍ରତିଯୋଗିତା ୨୬ରୁ

ଭୁବନେଶ୍ୱର, ୨୩।୨ (ସମିସ): ଅଲ୍‌ଓଡ଼ିଶା ବଡି ବିଲ୍ଡିଂ ଆଣ୍ଡ ଫିଟନେସ ଆସୋସିଏସନ ପକ୍ଷରୁ 'ମିଷ୍ଟର ଆଣ୍ଡ ମିସ୍ ଇଣ୍ଡିଆ-୨୦୨୬' ପ୍ରତିଯୋଗିତା ଫେବୃଆରୀ ୨୫ରୁ ଆରମ୍ଭ ହେବ। ଦୁଇଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତା ଭଞ୍ଜକଳା ମଣ୍ଡପରେ ଆୟୋଜିତ ହେବ। ଚଳିତ ବର୍ଷ ୫ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେଗୁଡ଼ିକ ହେଲା ସିନିଅର ମେନସ୍ ଫିଜିକ୍, ସିନିଅର ବଡି ବିଲ୍ଡିଂ, କ୍ଲାସିକ ବଡି ବିଲ୍ଡିଂ, ମହିଳା ବଡି ବିଲ୍ଡିଂ ଓ ଭିନ୍ନକ୍ଷମ ବିଭାଗ। ପ୍ରତ୍ୟେକ ବିଭାଗରେ ପ୍ରଥମରୁ ୫ମ ସ୍ଥାନ ମଧ୍ୟରେ ରହିଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୧୦ ହଜାର, ୭ ହଜାର, ୫ ହଜାର, ୩ ହଜାର ଓ ୨ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ସୋମବାର ଏଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବଡି ବିଲ୍ଡିଂ ଓ ଫିଟନେସ ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି।

## ବଧିର ଏସିଆ କପ୍: ଓଡ଼ିଶାର ସନ୍ତୋଷ ଟପ୍ ସ୍କୋରର

# ଶ୍ରୀଲଙ୍କାକୁ ୧ ରନରେ ହରାଇଲା ଭାରତ

ଭୁବନେଶ୍ୱର, ୨୩।୨ (ସମିସ)

କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ବଧିର ଏସିଆ କପ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଏକ ମ୍ୟାଚରେ ଭାରତ ରୋମାଞ୍ଚକ ଭାବେ ଶ୍ରୀଲଙ୍କାକୁ ୧ ରନରେ ପରାସ୍ତ କରିଛି। ଏଥିସହ ଭାରତ ଫାଇନାଲରେ ପହଞ୍ଚିଛି। ସୋମବାର ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଘରୋଇ ଭାରତ ୨୦ ଓଭରରେ ୮ ୱିକେଟ୍ ହରାଇ ୧୬୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଓଡ଼ିଆ ଖେଳାଳି ସନ୍ତୋଷ କୁମାର ମହାପାତ୍ର ସର୍ବାଧିକ ୪୨ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ବୀରେନ୍ଦ୍ର ସିଂ ଓ ସାଇ ଆକାଶ ୩୧ ରନ ଲେଖାଏ କରି ଉପଯୋଗୀ ପାଳି ଖେଳିଥିଲେ। ଶ୍ରୀଲଙ୍କା ପକ୍ଷରୁ ଏସ୍. ମଦୁରଙ୍ଗା ସବୁଠୁ ସଫଳ ବୋଲର ରହିଥିଲେ। ସେ ସର୍ବାଧିକ ୪ଟି ୱିକେଟ୍ ନେଇଥିଲେ। ଅସଙ୍କା ମଞ୍ଜୁଳ ୨ଟି ଏବଂ ଗିମାଦୁ ମାଲକମ୍‌ଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା।

ଜବାବରେ ୧୬୪ ରନର ଚ୍ୟାଲେଞ୍ଜିଂ ସ୍କୋରକୁ ପିଛା କରିଥିବା ଶ୍ରୀଲଙ୍କା ଶେଷ ବଲ୍ ପର୍ଯ୍ୟନ୍ତ ଲଢ଼େଇ କରିଥିଲା। କିନ୍ତୁ ସମାନ ୨୦ ଓଭର ଖେଳିଥିଲେ ମଧ୍ୟ ଶ୍ରୀଲଙ୍କା ୮ ୱିକେଟ୍ ହରାଇ ୧୬୩ ରନ କରି ଅଳ୍ପକେ ୧ ରନରେ ମ୍ୟାଚ୍ ହାରିଯାଇଥିଲା। ଦଳ ପକ୍ଷରୁ ଆଲାର୍ନୋଜ କାଲେପ ୩୦ ବଲରେ ୪୯ ରନର ଦ୍ରୁତ ପାଳି ଖେଳିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ସେହିଭଳି ଦିନୁକା ସଚିନ ୪୦ ଓ ମାଲକମ୍ ୩୪ ରନ କରିଥିଲେ। ଭାରତ ପକ୍ଷରୁ ଯଶବନ୍ତ ନାଇଡୁ ୪ ଓଭରରେ ମାତ୍ର ୧୨ ରନ ବ୍ୟୟ କରି ୩ଟି ୱିକେଟ ନେଇଥିଲେ। ପ୍ରନିଲ ମୋରଙ୍କୁ ୨ଟି ୱିକେଟ୍ ମିଳିଥିଲା। ପ୍ରନିଲଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ରାଜ୍ୟ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରନିଲଙ୍କୁ ପୁରସ୍କୃତ କରିଥିଲେ। ସେହିଭଳି ସିଆନ ଡିଫ୍ କ୍ରିକେଟ୍ ଆସୋସିଏସନ (ଏଡିସିଏ) ସଭାପତି ସୁମିତ ଜୈନ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।




## ଅଲିମ୍ପିଆନ୍ ଅନୁରାଧା ସମ୍ମାନିତ




ଭୁବନେଶ୍ୱର,୨୩।୨(ସମିସ): ତୋଷାଳି ସ୍ୱଦେଶୀ ମେଳା ଅବସରରେ ଓଡ଼ିଶାର ଅନ୍ୟତମ ଶ୍ରେଷ୍ଠ ମହିଳା ଆଥ୍‌ଲେଟ ତଥା ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବିଭାଗୀୟ କମିଶନର ତଥା ଶାସନ ସଚିବଗୁହା ପୁନମ କୁମାର ଆଜି ଅନୁଷ୍ଠିତ ଏକ ଉତ୍ସବରେ ଅନୁରାଧାଙ୍କୁ ମାନପତ୍ର ଓ ସ୍ମୃତିଫଳକ ଦେଇ ସମ୍ମାନିତ କରିଥିଲେ। ଓଡ଼ିଶା ସରକାରଙ୍କ ଶକ୍ତି ଓ ସୂଚନା ପ୍ରଯୁକ୍ତି ବିଭାଗର କମିଶନର ତଥା ଶାସନ ସଚିବ ବିଶାଳ ଦେବ ଏହି ଉତ୍ସବରେ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS